# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୨/୨୦୨୪ (୧୬ ପୃଷ୍ଠା) | Bhubaneswar, Tuesday, January 2/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୪୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 40 | ମୂଲ୍ୟ ₹୭/-




**ୱାର୍ନରଙ୍କ ଅବସର**

ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି ଅଷ୍ଟ୍ରେଲୀୟ ଓପନର ଡେଭିଡ୍ ୱାର୍ନର।

୧୬

୧୧

**୭୦ କୋଟି ଟଙ୍କାର ବଙ୍ଗଳା କିଣିଲେ ଜନ୍**

ବଲିଉଡ୍‌ର ଆକ୍ସନ ହିରୋ ଜନ୍ ଆବ୍ରାହମ୍ ନିକଟରେ ମୁମ୍ବାଇରେ ଏକ ୭୦ କୋଟି ଟଙ୍କାର ବଙ୍ଗଳା କିଣିଛନ୍ତି।



## ବାରିପଦା ଜେଲ୍‌ରେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

ବାରିପଦା,୧।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାର ଭଞ୍ଜପୁରସ୍ଥିତ ମଣ୍ଡଳ କାରାଗାରରେ ଜଣେ ବିଚାରାଧୀନ ବନ୍ଦୀଙ୍କ ଅସ୍ୱାଭାବିକ ମୃତ୍ୟୁକୁ ନେଇଉତ୍ତେଜନା ପ୍ରକାଶ ପାଇଛି। ଉତ୍ୟକ୍ତ ଲୋକେ କାରାଗାର ସମ୍ମୁଖରେ ରାସ୍ତା ଅବରୋଧ କରିଥିଲେ। ଖବରପାଇ ବାରିପଦା ଟାଉନ ଓ ଭଞ୍ଜପୁର ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ରବି ସିଂ(୨୧) ନାମକ ବିଚାରାଧୀନ ବନ୍ଦୀଙ୍କୁ ଜେଲ କର୍ତ୍ତୃପକ୍ଷ ବାରିପଦା ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିବା ନେଇ ଡାକ୍ତର ଘୋଷଣା କରିଥିଲେ। ସୋମବାର ମୃତଦେହ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଲୋହିତ ସାଗର ବିପଦ**



**ନୂଆବର୍ଷ ଉତ୍ସାହ:** ନୂଆବର୍ଷର ପ୍ରଥମ ଦିନରେ ବହୁ ସଂଖ୍ୟକ ଲୋକ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଗେଟ୍‌କୁ ବୁଲିବାକୁ ଆସିଛନ୍ତି। (ଫଟୋ: ଚମନ ଗୌତମ)

## ଜାନୁୟାରୀରେ ଶୀତ କମ୍

ଭୁବନେଶ୍ୱର,୧।୧(ଅସମାପିକା ସାହୁ)

ଜାନୁୟାରୀରେ ଶୀତର ପ୍ରଭାବ କମ୍ ରହିବ। ରାତିର ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବା ସମ୍ଭାବନା ଥିବାରୁ ଥଣ୍ଡା କମ୍ ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ତେବେ ଆସନ୍ତା ୪ ଓ ୫ ତାରିଖରେ କେତେକ ସ୍ଥାନରେ ହାଲୁକା ବର୍ଷା ହୋଇପାରେ ବୋଲି କୁହାଯାଇଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଆଗାମୀ ୨ ଦିନ ରାଜ୍ୟରେ ପାଗ ଶୁଖିଲା ରହିବ। ତେବେ ୪ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସ୍ୱଳ୍ପ ବର୍ଷା ହେବ। ସେହିପରି ୫ ତାରିଖରେ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ତେବେ ରାଜ୍ୟର ବାକି ଜିଲାରେ ପାଗ ଶୁଖିଲା ରହିବ। ୬ ଓ ୭ ତାରିଖଠାରୁ ସାରା ରାଜ୍ୟରେ ପାଗ ଶୁଖିଲା ରହିବ। ସେପଟେ କୁହୁଡ଼ି ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ☞ପୃଷ୍ଠା-୪

## ଦାମ ରାଉତଙ୍କ ଉପରୁ ବହିଷ୍କାର ଆଦେଶ ହଟାଇଲା ବିଜେଡି

କୁଜଙ୍ଗ,୧।୧(ମନୋଜ ପ୍ରଧାନ)

ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ରାଜନେତା ଡା. ଦାମୋଦର ରାଉତଙ୍କ ଉପରୁ ବିଜେଡି ସୋମବାର ବହିଷ୍କାର ଆଦେଶ ହଟାଇଛି। ଏନେଇ ଦଳ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଏହାପରେ ଦାମଙ୍କ ପୁଅ ତଥା ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଖୁସିବ୍ୟକ୍ତ କରିଥିବାବେଳେ ନିର୍ବାଚନମଣ୍ଡଳୀର ବିଜେଡି କର୍ମୀଙ୍କ ମଧ୍ୟରେ ନୂଆ ଉନ୍ମାଦନା ସୃଷ୍ଟି ହୋଇଛି। ଏହି ଅବସରରେ ବିଧାୟକ ରାଉତରାୟ କହିଛନ୍ତି, ତାଙ୍କ ବାପାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳକୁ ଫେରାଇ ଆଣିଛନ୍ତି। ସେ ଏବେ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ଏହି ଖୁସି ଖବର ତାଙ୍କ ଆରୋଗ୍ୟରେ ସହାୟକ ହେବ। ବାପାଙ୍କ ଉପରୁ ନିଲମ୍ବନ ନିର୍ଦ୍ଦେଶ ପ୍ରତ୍ୟାହାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିବାକୁ ସେ ପୂର୍ବରୁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଜଣାଇଥିଲେ। ଅପରପକ୍ଷେ ନୂଆ ବର୍ଷରେ ଦାମଙ୍କ ☞ପୃଷ୍ଠା-୪

# ଆବାସ ହିତାଧିକାରୀଙ୍କୁ ଆଜ୍‌ବେଷ୍ଟସ୍ ଅଡୁଆ

ଭୁବନେଶ୍ୱର,୧।୧(ସୁନିତ୍ ମିଶ୍ର)

ରାଜ୍ୟର ଲକ୍ଷାଧିକ ଗରିବ ଲୋକ ଏବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରେ ପକ୍କାଘର ଖଣ୍ଡେ ପାଇବାକୁ ଅସମର୍ଥ ହୋଇପଡ଼ିଛନ୍ତି। ରାଜ୍ୟ ସରକାରଙ୍କ ବ୍ଲକସ୍ତରୀୟ ଅଧିକାରୀ କିମ୍ବା ସରପଞ୍ଚ ଚାହିଁଲେ ବି ସେହି ହିତାଧିକାରୀମାନଙ୍କୁ ପକ୍କାଘର ଖଣ୍ଡେ ଯୋଗାଇଦେବାରେ ବିଫଳ ହେଉଛନ୍ତି। ଏହି ଯୋଜନାରେ ପକ୍କାଘର ପାଇବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୧୬ ମସିହାରେ କରାଯାଇଥିବା ନିୟମାବଳୀର କିଛି ସର୍ତ୍ତ ଏହାର ମୁଖ୍ୟ କାରଣ ହୋଇଛି। ଯେଉଁମାନଙ୍କର ଆଜ୍‌ବେଷ୍ଟସ୍ ଘର ଥିବ ସେମାନେ ଏହି ଯୋଜନାରେ ଘର ପାଇପାରିବେ ନାହିଁ ବୋଲି ନିୟମ ରହିଛି। ତେଣୁ ଯଦି କାହାର ଘର ଭିତରେ କେଉଁଠି ଖଣ୍ଡେ ମଧ୍ୟ ଆଜ୍‌ବେଷ୍ଟସ୍ ପଡିଛି ତେବେ ସେମାନଙ୍କୁ ପକ୍କାଘର ପାଇବା ତାଲିକାରୁ କାଟିଦିଆଯାଉଛି। ସେଥିପାଇଁ ଓଡ଼ିଶାରେ ଏବେ ପ୍ରାୟ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ରହିଯାଇଛନ୍ତି ଯେଉଁମାନଙ୍କ ପାଇଁ ଆଜ୍‌ବେଷ୍ଟସ୍ ଘର ଅଡୁଆ ସାଜିଛି। ଏହା ଏବେ ରାଜ୍ୟ ସରକାରଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି।

ମିଳିଥିବା ତଥ୍ୟ ମୁତାବକ, ୨୦୧୪ରୁ ବର୍ତ୍ତମାନ ସୁଦ୍ଧା ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ), ରାଜ୍ୟ ସରକାରଙ୍କ ନିଜସ୍ୱ ବିଜୁ ପକ୍କାଘର ଯୋଜନା ସମେତ ଆଉ କିଛି ଯୋଜନାରେ ରାଜ୍ୟରେ ମୋଟ ୩୩ ଲକ୍ଷ ପକ୍କାଘର ହିତାଧିକାରୀମାନଙ୍କୁ ମିଳିଥିବା ବେଳେ ତା'ର କାମ ଶେଷ ହୋଇସାରିଛି। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟରେ ୭ ଲକ୍ଷ ପକ୍କାଘର କାମ ଚାଲିଛି। ଏହିପରି ଗତ ୧୦ ବର୍ଷରେ ରାଜ୍ୟରେ ମୋଟ୍ ୪୦ ଲକ୍ଷ ପକ୍କାଘର କାର୍ଯ୍ୟାଦେଶ ଦିଆସରିଛି। ହେଲେ ଏହି ଘର ବଣ୍ଟନ ସମୟରେ ବିଭିନ୍ନ କାରଣ ସକାଶେ ପ୍ରାୟ ୧୫ ଲକ୍ଷରୁ ଅଧିକ ହିତାଧିକାରୀ ସରକାରୀ ଯୋଜନାରେ ଘର ପାଇବାରୁ ବଞ୍ଚିତ ଅଛନ୍ତି, ଯେଉଁମାନେ ନିହାତି ପାଇବା କଥା। ଏକଥା ସରକାରଙ୍କ ଉଚ୍ଚପଦସ୍ଥ ଅଧିକାରୀଙ୍କ ଜ୍ଞାତସାର ଭିତରେ ରହିଛି, ହେଲେ ସେମାନେ ଜାଣି ମଧ୍ୟ କିଛି କରିପାରୁନାହାନ୍ତି। ଜଣେ ଅଧିକାରୀଙ୍କ କହିବା କଥା, କୌଣସି ଲୋକର ଯଦି ସମ୍ପୂର୍ଣ୍ଣ ଚାଳଘର ଅଛି, କେଉଁଠୁ କିଛି ଟଙ୍କା ପାଇକି ଯଦି ନିଜ ପାଇଖାନା କିମ୍ବା ଗୋଟିଏ ରୁମ୍ ଆଜ୍‌ବେଷ୍ଟସ୍ କରିଦେଇଛି ତେବେ କାହାର ଅଭିଯୋଗକ୍ରମେ ହେଉ ବା ଜିଓଟ୍ୟାଗିଂରେ ସେମାନଙ୍କୁ ତାଲିକାରୁ କାଟିଦିଆଯାଉଛି। ତେଣୁ ସରକାରୀ ହିସାବ ଭିତରେ ସେମାନଙ୍କୁ ମଧ୍ୟ ଆଉ ରଖାଯାଉନାହିଁ। ତେଣୁ ସରକାରୀ ହିସାବରେ କେବଳ ଲକ୍ଷେ ୨୫ ହଜାର ହିତାଧିକାରୀ ବର୍ତ୍ତମାନ ଘର ପାଇବା ନେଇ ହିସାବରେ ରଖାଯାଇଛି।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)କୁ ବାଦ୍ ଦେଲେ ରାଜ୍ୟ ସରକାରଙ୍କ ନିଜସ୍ୱ ବିଜୁ ପକ୍କାଘର ଯୋଜନାରେ ମଧ୍ୟ ଏବେ କୌଣସି ହିତାଧିକାରୀଙ୍କୁ ଘର ଦିଆଯାଉନାହିଁ। ଏହି ଯୋଜନାକୁ ଏକ ପ୍ରକାର ବନ୍ଦ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ରାଜ୍ୟର ମୋଟ୍ ୩ ଲକ୍ଷ ହିତାଧିକାରୀଙ୍କୁ ଘର ମିଳିଛି। ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କେବଳ ଯେଉଁ ସ୍ଥାନରେ କୌଣସି ଘରୋଇ କମ୍ପାନୀ ପକ୍ଷରୁ କିଛି ପ୍ରକଳ୍ପ ବସିବାର ଅଛି କିମ୍ବା ସରକାରଙ୍କ ନିଜସ୍ୱ କିଛି ପ୍ରକଳ୍ପ କାମ ହେବା ପାଇଁ ଲୋକଙ୍କୁ ସ୍ଥାନାନ୍ତର କରିବାକୁ ପଡୁଛି ସେକ୍ଷେତ୍ରରେ ବିଜୁ ପକ୍କାଘର ଯୋଜନାରେ ପକ୍କାଘର ଖଣ୍ଡେ ଲେଖା ଦିଆଯାଉଛି। ଏହି ଯୋଜନା ଯୋଗୁ ରାଜ୍ୟ ସରକାରଙ୍କୁ ଅଧିକ ଆର୍ଥିକ ବୋଝ ରହିବା କାରଣରୁ ଏହାକୁ ଏକ ପ୍ରକାର ବନ୍ଦ କରିଦିଆଯାଇଛି। ଏହା ବଦଳରେ ରାଜ୍ୟ ସରକାର ଗତବର୍ଷ ମେ ୨୯ ତାରିଖରେ 'ମୋ ଘର ଯୋଜନା' ଆରମ୍ଭ କଲେ। ହେଲେ ଏହି ଯୋଜନା ଏକ ପ୍ରକାର ବିଫଳ ହେଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଏହା ଘୋଷଣା ହେବାର ୭ ମାସ ବିତିଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ରାଜ୍ୟର ☞ପୃଷ୍ଠା-୪

## ଜାପାନରେ ଭୂକମ୍ପ ପରେ ସୁନାମି ସତର୍କତା ଜାରି

ଟୋକିଓ,୧।୧

ଜାପାନରେ ସୋମବାର ୭.୬ ତୀବ୍ରତାର ଭୂକମ୍ପ ପରେ କ୍ରମାଗତ ଭାବେ ଅନେକ କମ୍ପନ ଅନୁଭୂତ ହେବା ପରେ ୫ ମିଟର ଉଚ୍ଚର ସୁନାମି ଆସିବା ନେଇ ସତର୍କ କରାଯାଇଛି। ଉପକୂଳ ଅଞ୍ଚଳର ଲୋକମାନଙ୍କୁ ଉଚ୍ଚ ସ୍ଥାନକୁ ଚାଲିଯିବା ପାଇଁ କୁହାଯାଇଥିବାବେଳେ ସୁନାମି ଭୟ ନ ଯିବା ପର୍ଯ୍ୟନ୍ତ ସେମାନେ ଘରକୁ ନ ଫେରିବା ପାଇଁ ପରାମର୍ଶ ଦିଆଯାଇଛି। ଭୂକମ୍ପ ଯୋଗୁ ଜାପାନ ମୁଖ୍ୟ ଭୂଖଣ୍ଡର ପଶ୍ଚିମ ଉପକୂଳ ହୋନ୍‌ଶୁରେ ନିଆଁ ଲାଗିବା ସହ ବହୁ ବିଲ୍ଡିଂ ଭୁଶୁଡ଼ି ପଡ଼ିଛି। ତେବେ ଭୂକମ୍ପରେ କେତେ ମୃତାହତ ହୋଇଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ। ସ୍ଥାନୀୟ ସମୟ ଅପରାହ୍ନ ୪ଟା ପରେ ଜାପାନର ଇଶିକାୱା ଓ ନିକଟବର୍ତ୍ତୀ ଅଞ୍ଚଳରେ ୧୨ରୁ ଊର୍ଦ୍ଧ୍ୱ ଭୂକମ୍ପ ହୋଇଥିବା ପାଣିପାଗ ସଂସ୍ଥା କହିଛି। ଭୁଶୁଡ଼ି ପଡ଼ିଥିବା ଘରେ ଲୋକେ ଫସିରହିଥିବା ସରକାରୀ ମୁଖପାତ୍ର ୟୋଶିମାସା ହୟାଶି କହିଛନ୍ତି। ଇଶିକାୱାର ୱାଜିମା ସହରରେ ନିଆଁ ଲାଗିଯାଇଥିବାବେଳେ ୩୦ ହଜାରରୁ ଊର୍ଦ୍ଧ୍ୱ ପରିବାରକୁ ବିଦ୍ୟୁତ ବିଚ୍ଛିନ୍ନ ହୋଇଯାଇଛି। ସୁନାମି ସତର୍କ ସୂଚନା ଜାରି ସହ ହୋନ୍‌ଶୁ ଦ୍ୱୀପର ପଶ୍ଚିମ ଉପକୂଳ ଏବଂ ମୁଖ୍ୟ ଦ୍ୱୀପ ହୋକ୍କାଇଡୋର ଉତ୍ତର ଉପକୂଳର ଲୋକମାନଙ୍କୁ ଉଚ୍ଚ ସ୍ଥାନକୁ ଯିବା ଲାଗି ପରାମର୍ଶ ଦିଆଯାଇଛି। ୫ ମିଟର ଉଚ୍ଚର ସୁନାମୀ ଆସିବ ବୋଲି ପ୍ରଥମେ କୁହାଯାଇଥିବାବେଳେ ପରେ ଏହାକୁ ୩ ମିଟରକୁ କମାଇ ଦିଆଯାଇଛି।

ସୁନାମି ସତର୍କ ସୂଚନା ପରେ ଜାପାନରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ଜରୁରୀ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ସେଠାରେ ଥିବା ଭାରତୀୟମାନେ ସହାୟତା ପାଇଁ ଉକ୍ତ କଣ୍ଟ୍ରୋଲ ରୁମ୍ ନମ୍ବରକୁ ଫୋନ୍ କରିପାରିବେ। ଏଥିପାଇଁ ଜରୁରୀ ନମ୍ବର ଏବଂ ଇମେଲ୍ ଆଇଡି ଦିଆଯାଇଛି। ଜାପାନ କର୍ତ୍ତୃପକ୍ଷଙ୍କ ଦୂତାବାସ ନିୟମିତ ଯୋଗାଯୋଗରେ ଥିବାବେଳେ ସ୍ଥାନୀୟ ପ୍ରଶାସନର ପରାମର୍ଶକୁ ଅନୁପାଳନ କରିବା ପାଇଁ ଭାରତୀୟମାନଙ୍କୁ ପରାମର୍ଶ ଦିଆଯାଇଛି।

# 'ପରିବହନ କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଆଣିବ ମେଟ୍ରୋ ରେଳ'

## ତ୍ରିଶୂଳିଆରେ ମେଟ୍ରୋ ରେଳ ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

କଟକ,୧।୧(କାର୍ତ୍ତିକ ସାହୁ)



- **ପ୍ରଥମ ପର୍ଯ୍ୟାୟରେ ୨୬ କି.ମି. ଲାଇନ ନିର୍ମାଣ**
- **ବିମାନବନ୍ଦରରୁ ତ୍ରିଶୂଳିଆ ମଧ୍ୟରେ ରହିବ ୨୦ ଷ୍ଟେଶନ**
- **ସମ୍ପ୍ରସାରିତ ଯୋଜନାରେ କଟକ, ପୁରୀ, ଖୋର୍ଦ୍ଧାକୁ ଗଡ଼ିବ ମେଟ୍ରୋ**

ଇଂରାଜୀ ନବବର୍ଷ ଅବସରରେ ସୋମବାର ମେଟ୍ରୋ ରେଳ ପ୍ରକଳ୍ପର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରୁ କଟକର ତ୍ରିଶୂଳିଆ ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ତ୍ରିଶୂଳିଆ ନିକଟ ରତାଗଡ଼ ଲେଙ୍କାସାହିରେ ଅନୁଷ୍ଠିତ ବର୍ଣ୍ଣାଢ୍ୟ ସମାରୋହରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ମେଟ୍ରୋରେଳ ପ୍ରକଳ୍ପ ଦ୍ୱାରା ପରିବହନ କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆସିବ ବୋଲି କହିଥିଲେ। ପୁରୁଣା ରାଜଧାନୀ କଟକ ସହିତ ନୂଆ ରାଜଧାନୀ ଭୁବନେଶ୍ୱରର ସମ୍ପର୍କ ଆହୁରି ମଜଭୁତ ହେବ। ମୁଁ ପ୍ରତିଜ୍ଞା କରିଥିଲି ଆଜି ତାକୁ ପାଳନ କରୁଛି କହି ଉପସ୍ଥିତ ଦର୍ଶକଙ୍କୁ ଆପଣମାନେ ଖୁସି ତ ବୋଲି ପଚାରିଥିଲେ। ସଭାସ୍ଥଳ ଯାଏ ରୋଡ୍ ଶୋ'ରେ ଆସିବା ସମୟର କଥା ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଲେ ଯେ, ଏଠାକୁ ଆସିବା ବେଳେ ରାସ୍ତାରେ ହଜାର ହଜାର ଲୋକଙ୍କ ଶୁଭେଚ୍ଛା ପାଇଲି। ସେମାନଙ୍କ ଆନନ୍ଦ ମୋତେ ବହୁତ ଖୁସି ଦେଇଛି। ନୂଆବର୍ଷ ଅବସରରେ ଏହି ଖୁସି, ଏହି ଆନନ୍ଦ ସବୁଦିନେ ଜାରି ରହୁ ବୋଲି ମହାପ୍ରଭୁଙ୍କ ନିକଟରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥନା କରିଥିଲେ। ରାଜ୍ୟର ବିକାଶର ପର୍ବ ଆପଣମାନଙ୍କ ସହଯୋଗରେ ଆହୁରି ଆଗକୁ ବଢ଼ିବ। ମେଟ୍ରୋରେଳ ପ୍ରକଳ୍ପ ବିଷୟରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ, ଭୁବନେଶ୍ୱର ବିମାନବନ୍ଦରଠାରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ୨୬କି.ମି. ମଧ୍ୟରେ ୨୦ଟି ଷ୍ଟେଶନ ନିର୍ମାଣ ହେବ। ଏଥିରେ ପ୍ରାୟ ୬ହଜାର କୋଟି ଟଙ୍କା ବିନିଯୋଗ ହେବ, ଯାହା ଓଡ଼ିଶା ସରକାର ଏକକ ଭାବେ ବହନ କରିବେ। ରାଜ୍ୟ ସରକାରଙ୍କ ଏହା ହେଉଛି ସର୍ବାଧିକ ଅର୍ଥ ବିନିଯୋଗ ପ୍ରକଳ୍ପ। ଆସନ୍ତା ୪ବର୍ଷ ମଧ୍ୟରେ ଏହି ପ୍ରକଳ୍ପ ଶେଷ ହେବ। ୫-ଟି ଅଧୀନସ୍ଥ ରୂପାନ୍ତରଣର ଏହା ଏକ ଶିଳ୍ପ। ପରବର୍ତ୍ତୀ ସମୟରେ ମେଟ୍ରୋରେଳ ପ୍ରକଳ୍ପ ଖୋର୍ଦ୍ଧା, ପୁରୀ ଓ କଟକକୁ ସମ୍ପ୍ରସାରିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, କଟକ ମେୟର ସୁବାସ ସିଂହ, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମନ୍ତ୍ରୀ ଉଷା ଦେବୀ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ☞ପୃଷ୍ଠା-୪

## ଏକ୍ସପୋସାଟ୍ କକ୍ଷପଥରେ ସ୍ଥାପନ



ଶ୍ରୀହରିକୋଟା,୧।୧(ପି.ଟି.)

**ବ୍ଲାକ୍‌ହୋଲ୍ ଉପରେ ଅଧ୍ୟୟନ କରିବ**

**୨୦୨୪ର ବଡ଼ ଅଭ୍ୟାରମ୍ଭ ପାଇଁ ବୈଜ୍ଞାନିକଙ୍କୁ ଧନ୍ୟବାଦ ଜଣାଇଲେ ମୋଦି**

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ସୋମବାର ଏହାର ଏକ୍ସ-ରେ' ପୋଲାରାଇମିଟର ସାଟେଲାଇଟ୍ (ଏକ୍ସ୍ପୋସାଟ୍)କୁ ସଫଳତାର ସହ ଉତ୍କ୍ଷେପଣ କରିଛି। ଏହା ବ୍ଲାକ୍ ହୋଲ୍ ଭଳି ମହାକାଶୀୟ ବସ୍ତୁଗୁଡ଼ିକ ସମ୍ପର୍କରେ ଅନେକ ତଥ୍ୟ ପ୍ରଦାନ କରିବ। ଇସ୍ରୋର ନିର୍ଭରଯୋଗ୍ୟ ପୋଲାର ସାଟେଲାଇଟ୍ ଲଞ୍ଚ୍ ଭେହିକିଲ୍ (ପିଏସ୍‌ଏଲ୍‌ଭି) ଏହାର ସି୫୮ ମିଶନରେ ଏକ୍ସପୋସାଟ୍‌କୁ ୬୫୦ କିଲୋମିଟର ଦୂରରେ ଥିବା ପୃଥିବୀର ନିମ୍ନତମ କକ୍ଷପଥରେ ସ୍ଥାପନ କରିଛି। ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରର ପ୍ରଥମ ଲଞ୍ଚ୍ ପ୍ୟାଡ୍‌ରୁ ପୂର୍ବାହ୍ନ ୯ଟା ୧୦ ମିନିଟ୍‌ରେ ଉତ୍କ୍ଷେପଣ କରାଯାଇଥିଲା। ☞ପୃଷ୍ଠା-୪

# ତାରିଣୀଙ୍କ ସୁନାବେଶ ଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ



ଦର୍ଶନ ପାଇଁ ଧାଡ଼ିରେ ଛିଡ଼ା ହୋଇଥିବା ଶ୍ରଦ୍ଧାଳୁ।

ଘଟଗାଁ,୧।୧
(ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁବାସିନୀ ମା' ତାରିଣୀ ପୀଠ ସୋମବାର ଇଂରାଜୀ ନବବର୍ଷର ୧ମ ଦିନରେ ଭକ୍ତମୟ ହୋଇଯାଇଥିଲା। ସକାଳ ୫ଟାରୁ ଦର୍ଶନ ଆରମ୍ଭ ହୋଇଥିବା ବେଳେ ଲକ୍ଷାଧିକ ଶ୍ରଦ୍ଧାଳୁ ମା'ଙ୍କ ସୁନାବେଶ ଦର୍ଶନ କରିଥିଲେ। ରାତି ୮ଟା ପର୍ଯ୍ୟନ୍ତ ଦର୍ଶନ ପାଇଁ ଲମ୍ବାଧାଡ଼ି ଲାଗି ରହିଥିଲା। ନବବର୍ଷ ଅବସରରେ ମନ୍ଦିର ପ୍ରଶାସନ ପକ୍ଷରୁ ମା'ଙ୍କର ପ୍ରିୟ ଭୋଗ ନଡ଼ିଆ ଲଡୁ ଭକ୍ତଙ୍କୁ ବଣ୍ଟା ଯାଇଥିଲା।

ସକାଳେ ମା'ଙ୍କ ସୁନାବେଶ ଦର୍ଶନ ପାଇଁ ଭକ୍ତଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ଭୋର ୩ଟାରୁ ଭକ୍ତମାନେ ଲମ୍ବାଧାଡ଼ିରେ ଛିଡ଼ା ହୋଇଥିଲେ। ଏହାକୁ ନଜରରେ ରଖି ଭୋର ମା'ଙ୍କର ସମସ୍ତ ନୀତିକାନ୍ତି, ମାଜଣା, ମଙ୍ଗଳ ଆଳତି ଶେଷହେବା ପରେ ଦର୍ଶନ ଓ ପୂଜା ପାଇଁ ଭୋର ୫ଟାରେ ମୁଖ୍ୟ ଫାଟକ ଖୋଲାଯାଇଥିଲା। ଭକ୍ତମାନେ ୪ ଗୋଟି ଧାଡ଼ିରେ ଭୋଗଡାଲା ଧରି ବ୍ୟାରିକେଡ୍ ଦେଇ ପ୍ରବେଶ କରିଥିବା ବେଳେ ୨ଟି ସାଧାରଣ ଧାଡ଼ିରେ ସାଧାରଣ ଦର୍ଶନ କରିଥିଲେ। ଦିନ ୧୦ଟା ପରେ ଶ୍ରଦ୍ଧାଳୁଙ୍କର ଏପରି ଭିଡ଼ ହୋଇଥିଲା ଯେ, ମା'ଙ୍କର ଦିନ ୧ଟାରେ ପହଡ଼ ହୋଇ ନ ଥିଲା। ଭୋଗଡାଲା ଧାଡ଼ି ଓ ଦର୍ଶନଧାଡ଼ି ଜାତୀୟ ରାଜପଥ ପର୍ଯ୍ୟନ୍ତ ଲମ୍ବି ଯାଇଥିଲା। ୩୦ରୁ ଊର୍ଦ୍ଧ୍ୱ ସେବାୟତ ପୂଜକ ଉପସ୍ଥିତ ରହି ପୂଜା କରିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଧାଡ଼ିରେ ଶ୍ରଦ୍ଧାଳୁ ଠିଆହୋଇ ରହିଥିଲେ। ଜଣେ ବଦାନ୍ୟ ବ୍ୟକ୍ତି ଭକ୍ତମାନଙ୍କୁ ଅନ୍ନପ୍ରସାଦ ବିତରଣ କରିଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ୩ଟି ବସ ଦ୍ୱାରା ମାଗଣା ସେବା ଯୋଗାଇ ଦିଆଯାଇଥିବା ବେଳେ ଏଥିରେ ଭକ୍ତମାନେ ଯିବା ଆସିବା ସମ୍ଭବ ହୋଇ ନ ଥିବାରୁ ଅସନ୍ତୋଷ ଦେଖାଦେଇଥିଲା।

## ଦିବା ପହଡ଼ ହେଲାନି













# ରୌପ୍ୟ ଅଳଙ୍କାରରେ ମା' ସମଲେଶ୍ୱରୀ

ସମ୍ବଲପୁର,୧।୧(ବି.ଶଙ୍କର)

ନବବର୍ଷ ସମସ୍ତଙ୍କ ସକାଶେ ମଙ୍ଗଳମୟ ହେଉ। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହେଉ। ଏଭଳି କିଛି କାମନା କରି ସୋମବାର ଲକ୍ଷାଧିକ ଭକ୍ତ ରୌପ୍ୟ ଅଳଙ୍କାରରେ ଝଟକୁଥିବା ସମ୍ବଲପୁର ଅଧିଷ୍ଠାତ୍ରୀ ମା' ସମଲେଇଙ୍କୁ ଦର୍ଶନ କରିଛନ୍ତି।

ନିର୍ଘଣ୍ଟ ସମୟାନୁସାରେ ଦେବୀଙ୍କଠାରେ ପ୍ରାତଃ ୫ଟାରେ ମଙ୍ଗଳ ଆଳତି ଓ ନୀତିକାନ୍ତି ହୋଇଥିଲା। ସକାଳ ୬ଟାରେ ଭକ୍ତମାନଙ୍କ ଦର୍ଶନ ସକାଶେ ମୁଖ୍ୟ ଦ୍ୱାର ଖୋଲାଯାଇଥିଲା। ଦିବା ୧୧.୪୫ରୁ ୧୨ଟା୧୫ ପର୍ଯ୍ୟନ୍ତ ଦେବୀଙ୍କଠାରେ ଅନ୍ନ ଭୋଗ ନୀତି ହୋଇଥିଲା। ସନ୍ଧ୍ୟା ୭ଟା ୪୫ରୁ ୮ଟା୩୦ ପର୍ଯ୍ୟନ୍ତ ସନ୍ଧ୍ୟା ଆଳତି, ରାତ୍ର ୯ଟାରୁ ୯ଟା୨୦ ପର୍ଯ୍ୟନ୍ତ ରାତ୍ର ଅନ୍ନ ଭୋଗ, ରାତ୍ର ୧୦ଟାରେ ମା'ଙ୍କ ପହଡ଼ ନୀତି ସହ ଦର୍ଶନ ବନ୍ଦ ହୋଇଥିଲା। ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ୭୫ କେଜି ଓଜନରେ ରୌପ୍ୟ ନିର୍ମିତ ପରଭା ଓ ଛତରରେ ଦେବୀଙ୍କୁ ଆଭୂଷଣ କରାଯାଇଥିଲା। ନୂତନ ଅଳଙ୍କାରରେ ସଜ୍ଜିତା ମା' ସତେଯେପରି ଝଟକୁଥିଲେ। ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ସମେତ ଅନ୍ୟ ପୂଜକମାନେ ଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ।

ମନ୍ଦିର ଟ୍ରଷ୍ଟ ସଭାପତି ସଞ୍ଜୟ କୁମାର ବାବୁ ସୂଚନା ଦେଇ କହିଛନ୍ତି, ଦେବୀଙ୍କ ନୂତନ ପରଭା ଓ ଛତର ଟ୍ରଷ୍ଟ ବୋର୍ଡ ପ୍ରୟାସରେ ନିର୍ମିତ ହୋଇଛି। ଏଥିସକାଶେ ଭକ୍ତମାନେ ମଧ୍ୟ ସହଯୋଗ କରିଛନ୍ତି। ନବବର୍ଷରେ ନୂଆ ଆଭୂଷଣରେ ଦେବୀଙ୍କୁ ଦର୍ଶନ କରିବା ଏକ ନିଆରା ଅନୁଭୂତି ଦିଏ। ତେଣୁ ରାଜ୍ୟ ଓ ରାଜ୍ୟ ବାହାରୁ ଭକ୍ତମାନଙ୍କ ସମାଗମ ହୋଇଥିଲା। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଧାଡି ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ଏଥିସହ ବିଭିନ୍ନ ସ୍ଥାନରେ ପାନୀୟ ଜଳ ବ୍ୟବସ୍ଥା ହୋଇଥିବା ସେ କହିଥିଲେ। ଭକ୍ତ ସୁମିତ୍ରା ମିତ୍ର କହିଛନ୍ତି, ପ୍ରତିବର୍ଷ ନବବର୍ଷରେ ମା' ସମଲେଇଙ୍କ ଦର୍ଶନ କରିବାକୁ ଆସିଥାଏ। ଚଳିତବର୍ଷ ମଧ୍ୟ ପରିବାର ସହ ବିଶ୍ୱରେ କେମିତି ଶାନ୍ତି ସ୍ଥାପନ ହୋଇପାରିବ ସେ ନେଇ ମା'ଙ୍କଠାରେ ପୂଜାର୍ଚ୍ଚନା କରିଛି।

## ନବବର୍ଷରେ ମା'ଙ୍କୁ ଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ



ରୌପ୍ୟ ଅଳଙ୍କାର ଆଭୂଷଣରେ ମା' ସମଲେଇ।

# ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ

## ପ୍ରଶାସନର ଆକଳନକୁ ଟପିଲେ



ନୂଆବର୍ଷ ପ୍ରଥମ ଦିନରେ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼।

ପୁରୀ,୧।୧(ଅଜିତ ମହାନ୍ତି)

ନୂତନ ବର୍ଷର ପ୍ରଥମ ଦିନରେ ସୋମବାର ଶ୍ରୀକ୍ଷେତ୍ର ଜନସମୁଦ୍ର ପାଲଟିଛି। ମହାପ୍ରଭୁଙ୍କ ଦର୍ଶନ ସହ ସମୁଦ୍ରସ୍ନାନ ତଥା ବେଳାଭୂମି ବୁଲାବୁଲି କରିବା ପାଇଁ ପୁରୀରେ ରେକର୍ଡସଂଖ୍ୟକ ଅର୍ଥାତ ପ୍ରାୟ ୫ଲକ୍ଷ ଭକ୍ତଙ୍କ ସମାଗମ ହୋଇଥିବା ଆକଳନ କରାଯାଇଛି। ପ୍ରଶାସନର ନିୟମ ମାନି ଭକ୍ତମାନେ ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ କରି ସ୍ୱତନ୍ତ୍ର ଏସି ଶେଡ୍ ଦେଇ ଶ୍ରୀମନ୍ଦିରକୁ ଯାଇ ଦାରୁଦିଅଁଙ୍କ ଦର୍ଶନ କରିଥିଲେ।

ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ମାର୍କେଟଛକଠାରୁ ବ୍ୟାରିକେଡ୍ ବ୍ୟବସ୍ଥା କରିଥିବାବେଳେ ବଗଲା ଧର୍ମଶାଳା ପର୍ଯ୍ୟନ୍ତ ଭକ୍ତଙ୍କ ଲମ୍ବାଧାଡ଼ି ଦେଖିବାକୁ ମିଳିଥିଲା। ମାର୍କେଟ ଛକଠାରୁ ମରିଚିକୋଟ ଛକ ପର୍ଯ୍ୟନ୍ତ ଭକ୍ତମାନେ ଘଣ୍ଟାଘଣ୍ଟା ଧରି ଲମ୍ବାଧାଡ଼ିରେ ଠିଆ ହୋଇ ଯନ୍ତ୍ରଣା ଅନୁଭବ କରିଥିବାବେଳେ ମରିଚିକୋଟ ଛକଠାରୁ ନିର୍ମିତ ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ ଶେଡ୍‌ରେ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଏବଂ ପୁରୀ ଏସ୍‌ପି ବିଶାଲ୍ ସିଂ ସମସ୍ତ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଜେନା ମହାପ୍ରଭୁଙ୍କୁ ଦର୍ଶନ କରି ଆଶିଷ ନେଇଥିଲେ। ଡିସେମ୍ବର ୩୧ରେ ମହାପ୍ରଭୁଙ୍କ ରାତ୍ର ପହୁଡ଼ ହେବ ନାହିଁ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାସ ପୂର୍ବରୁ ସୂଚନା ଦେଇଥିଲେ। ତେବେ ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲରୁ ନିନ୍ଦା କରାଯିବା ପରେ ପ୍ରଶାସନ ପକ୍ଷରୁ ରାତ୍ରପହୁଡ଼ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ତେଣୁ ୩୧ ତାରିଖ ରାତି ୯ଟା ୩୫ରେ ମହାପ୍ରଭୁଙ୍କ ରାତ୍ରପହୁଡ଼ କରାଯାଇଥିବାବେଳେ ପୁନର୍ବାର ୧୨.୪୨ରେ ସିଂହଦ୍ୱାର ଫିଟି ଦର୍ଶନ ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ରାତିରୁ ଭକ୍ତଙ୍କ ଧାଡ଼ି ଲାଗିଥିଲା। ବର୍ଷ ଆରମ୍ଭରେ ମହାପ୍ରଭୁଙ୍କ ଦର୍ଶନ କରି ବେଶ୍ ଆନନ୍ଦିତ ଥିବା ଏବଂ ଏସିଶେଡ୍‌ର ଅତ୍ୟାଧୁନିକ ସୁବିଧା ସେମାନଙ୍କ କଷ୍ଟକୁ ଲାଘବ କରିପାରିଛି ବୋଲି ଅନେକ ଭକ୍ତ କହିଛନ୍ତି। ଭକ୍ତଙ୍କ ସୁବିଧା ପାଇଁ ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରାଯିବା ସହ ଫିଡ୍‌ବ୍ୟାକ ସେଣ୍ଟର କରାଯାଇଥିଲା। ସେଠାରେ ଭକ୍ତମାନେ ସେମାନଙ୍କ ଅନୁଭୂତି କହିଥିଲେ। ଦର୍ଶନ ବ୍ୟବସ୍ଥା ଭଲ ଥିବା ଅନେକ ଭକ୍ତ ମତ ଦେଇଛନ୍ତି। ସେହିପରି ବେଳାଭୂମିରେ ବର୍ଷର ପ୍ରଥମ ସୂର୍ଯ୍ୟୋଦୟ ଦେଖି ପର୍ଯ୍ୟଟକମାନେ ଖୁସି ହୋଇଥିଲେ।

- ମହାପ୍ରଭୁଙ୍କ ଦର୍ଶନ ସହ ବେଳାଭୂମି ଭ୍ରମଣ
- ଯନ୍ତ୍ରଣା ଲାଘବ କଲା ସ୍ୱତନ୍ତ୍ର ଏସି ଶେଡ୍




# ଧନୁତୀର ନାକରେ ଗଳି ନାବାଳକ ଗୁରୁତର

## ଦୁଇଘଣ୍ଟା ପରେ ବାହାରିଲା ତୀର

ମାଲକାନଗିରି, ୧।୧
(ଦୁର୍ଯ୍ୟୋଧନ ପାତ୍ର)

ଘରେ ଥିବା ଏକ ଧନୁତୀର ଧରି ଖେଳୁଥିବା ବେଳେ ଅସାବଧାନତାରୁ ଜଣେ ନାବାଳକଙ୍କ ନାକରେ ଗଳି ଯିବାରୁ ସେ ଗୁରୁତର ହୋଇ ପଡିଥିଲେ। ଦୁଇଘଣ୍ଟା ପରିଶ୍ରମ ପରେ ମାଲକାନଗିରି ଜିଲା ହସ୍ପିଟାଲ ସର୍ଜରି ବିଶେଷଜ୍ଞ ସପନ କୁମାର ଧିଣ୍ଡା ଅପରେଶନ କରି ନାକରୁ ତୀର ବାହାର କରିଥିଲେ।

ପ୍ରକାଶ ଯେ, ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଆନ୍ଦାଗୁଡା ଗ୍ରାମର ଜଗନ୍ନାଥ ପୂଜାରୀଙ୍କ ପୁଅ ନନ୍ଦ(୯) ରବିବାର ସନ୍ଧ୍ୟାରେ ଘରେ ଥିବା ଏକ ଧନୁ ତୀର ଆଣି ଦାଣ୍ଡରେ ଖେଳୁଥିଲେ। ସେ ଧନୁରେ ତୀର ଯୋଖୁଥିବା ବେଳେ ଅସାବଧାନତାରୁ ତାଙ୍କ ନାକ ପୁଡ଼ାରେ ପଶି ଯାଇଥିଲା। ସେ ଚିତ୍କାର କରିବାରୁ ପରିବାର ଲୋକେ ତୀର ବାହାର କରିବାକୁ ବହୁ ଚେଷ୍ଟା କରିଥିଲେ, କିନ୍ତୁ ତାହା ନାକରୁ ବାହାରି ନ ଥିଲା। ପରିବାର ଲୋକେ ନନ୍ଦଙ୍କୁ ଜିଲା ହସ୍ପିଟାଲକୁ ରବିବାର ରାତିରେ ଆଣି ଚିକିତ୍ସା କରିଥିଲେ। ଡାକ୍ତର ଧିଣ୍ଡା ଦୁଇଘଣ୍ଟା ପରିଶ୍ରମ ପରେ ନାକରୁ ତୀରଟିକୁ ବାହାର କରିଥିଲେ। ନାବାଳକ ଜଣକ ବର୍ତ୍ତମାନ ସୁସ୍ଥ ଥିବା ଜଣାପଡିଛି।



# ବିବାହ ଭୋଜି ଖାଇ ମୃତ୍ୟୁ ପରେ ଛନକା

ସୁନ୍ଦରଗଡ଼,୧।୧
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ସବ୍‌ଡେଗା ବ୍ଲକ ଦେଓଗାଁରେ ବିବାହ ଭୋଜି ଖାଇ ଜଣଙ୍କର ମୃତ୍ୟୁ ଘଟିବା ପରେ ଲୋକଙ୍କ ମଧ୍ୟରେ ଏବେ ଛନକା ପଶିଛି। ଏହି ଘଟଣାରେ ୨୬ରୁ ଊର୍ଦ୍ଧ୍ୱ ଅସୁସ୍ଥ ହୋଇ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନାଯୋଗ୍ୟ, ଗତ ୨୭ରେ ଉକ୍ତ ଗ୍ରାମର ବିନୀତ ତିର୍କୀଙ୍କ ବିବାହ ଉତ୍ସବରେ ଭୋଜି ଖାଇ ଜଣଙ୍କ ପରେ ଜଣେ ଅସୁସ୍ଥ ହୋଇପଡ଼ିଥିଲେ। ଅସୁସ୍ଥଙ୍କ ସଂଖ୍ୟା ୩୦ରେ ପହଞ୍ଚିବା ପରେ ଗତ ୨୯ରେ ଦୀପକ ମିଞ୍ଜଙ୍କ ମୃତ୍ୟୁ ଘଟିଥିଲା। ଚିକିତ୍ସିତ ହେଉଥିବା ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଠିକ୍ ଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଧରଣୀ ରଞ୍ଜନ ଶତପଥୀ ସୂଚନା ଦେବାସହ ଭୟଭୀତ ନ ହେବାକୁ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ ପ୍ରକାଶ କରିଛନ୍ତି। ଏହି ଭୋଜିରେ ରାଉରକେଲାର କିଛି ଲୋକ ସାମିଲ ହୋଇଥିବାରୁ ହଇଜା ସଂକ୍ରମଣ ହୋଇଥିବା ନେଇ ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି।









# ଅବ୍ୟବସ୍ଥାରୁ ବାହାର ବେପାରୀ ଭରସାରେ ଚାଷୀ

ଭୁବନେଶ୍ୱର,୧।୧(ଅନିଲ ଦାସ)

ଖରା ବର୍ଷା ଖାଇ ମୁଣ୍ଡ ଝାଳ ତୁଣ୍ଡରେ ମାରି କ୍ଷେତ୍ରରେ ଧାନ ଫଳାଉଛି ଚାଷୀ। ଧାନ ଗଣ୍ଡାକ ଠିକ୍ ଦାମ୍‌ରେ ବିକିଲେ ବର୍ଷ ସାରା ପରିବାର ଖର୍ଚ୍ଚ ମେଣ୍ଟିବ। ହେଲେ ଚାଷୀର ସେହି ଆଶା ସରକାରୀ ବ୍ୟବସ୍ଥାର ଅବ୍ୟବସ୍ଥାରେ ଘାଣ୍ଟି ହେଉଛି। ସରକାରୀ ମଣ୍ଡିକୁ ଧାନ ନ ନେଇ ଚାଷୀ ବାହାର ରାଜ୍ୟର ବ୍ୟବସାୟୀ କିମ୍ବା ସ୍ଥାନୀୟ ମିଲରଙ୍କୁ ବିକିବାକୁ ବାଧ୍ୟ ହେଉଛନ୍ତି। ରାଜ୍ୟର ବିଭିନ୍ନ ଜିଲାରୁ ଏଭଳି ଚିତ୍ର ସାମ୍ନାକୁ ଆସୁଛି।

ପ୍ୟାକ୍ସ, ଲାମ୍ପ୍ସ, ପାଣି ପଞ୍ଚାୟତ, ମହିଳା ଏସ୍‌ଏଚ୍‌ଜି ଆଦି ସଂସ୍ଥା ଜରିଆରେ ଚାଷୀଙ୍କଠାରୁ ଯୋଗାଣ ବିଭାଗ ଧାନ କିଣିବାକୁ ବ୍ୟବସ୍ଥା ହୋଇଛି। ରାଜ୍ୟ ସରକାର ୨୦୨୩-୨୪ ଖରିଫ ଋତୁରେ ୭୯ ଲକ୍ଷ ମେଟ୍ରିକ ଟନ୍ ଧାନ କିଣିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଜଣେ ଚାଷୀ ଏକର ପିଛା ଜଳସେଚିତ ଅଞ୍ଚଳ ପାଇଁ ୧୯ କୁଇଣ୍ଟାଲ ଓ ଅଣ ଜଳସେଚିତ ଅଞ୍ଚଳରେ ଏକର ପିଛା ୧୩ କୁଇଣ୍ଟାଲ ଧାନ ବିକ୍ରି କରିପାରିବେ। ଧାନ କିଣା କୁଇଣ୍ଟାଲ ପିଛା ସର୍ବନିମ୍ନ ମୂଲ୍ୟ (ଏମ୍‌ଏସ୍‌ପି) ୨୧୮୩ ଟଙ୍କା ଧାର୍ଯ୍ୟ କରାଯାଇଛି। ଚାଷୀମାନେ ଟୋକନ ପାଇବା ପରେ ଧାନ ବିକ୍ରି କରିବେ। ଅନ୍‌ଲାଇନ ଜରିଆରେ ଚାଷୀଙ୍କ ଆକାଉଣ୍ଟକୁ ୪୮ ଘଣ୍ଟା ମଧ୍ୟରେ ପ୍ରାପ୍ୟ ପହଞ୍ଚିବ। ଯୋଗାଣ ବିଭାଗ ସୂଚନା ଅନୁଯାୟୀ ଏ ପର୍ଯ୍ୟନ୍ତ ୨୩ଟି ଜିଲାରେ ଧାନ ମଣ୍ଡି ଖୋଲା ହୋଇଛି। ଅଧିକାଂଶ ଜିଲାରେ ବିକ୍ରି ଆରମ୍ଭ ହୋଇନାହିଁ। ଉପକୂଳ ଓଡ଼ିଶାର ୭ଟି ଜିଲାରେ ଏ ପର୍ଯ୍ୟନ୍ତ ମଣ୍ଡି ଖୋଲି ନାହିଁ। ଅନ୍ୟପକ୍ଷରେ ମଣ୍ଡି, ମିଲର ଏବଂ ଧାନ ସଂଗ୍ରହକାରୀ ସଂସ୍ଥା ଚାଷୀକୁ କଲବଲ କରିବାକୁ ପଛାଉ ନାହାନ୍ତି। କଷ୍ଟ ଅର୍ଜିତ ଧାନରୁ ମନଇଚ୍ଛା କାଟି ନେଉଥିବାରୁ ଚାଷୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଉଛି। ଅଭିଯୋଗ କଲେ ମଧ୍ୟ କେହି ଶୁଣିବାକୁ ନାହାନ୍ତି। ସରକାରୀ ବ୍ୟବସ୍ଥାରେ ଘାଣ୍ଟି ଚକଟି ହେବା ଅପେକ୍ଷା ବାହାର ରାଜ୍ୟ ଚାଷୀ କିମ୍ବା ବେପାରୀକୁ କମ୍ ମୂଲ୍ୟରେ ଧାନ ବିକିବାକୁ ଚାଷୀ ଅଧିକ ପସନ୍ଦ କରୁଛନ୍ତି। ବାହାର ବେପାରୀ କିମ୍ବା ମିଲର ଚାଷୀଙ୍କଠାରୁ ସିଧାସଳଖ ଧାନ ଉଠାଉଥିବା ବେଳେ ସରକାରୀ ବ୍ୟବସ୍ଥାରେ ଚାଷୀଙ୍କୁ ମଣ୍ଡି କିମ୍ବା ଧାନ ମିଲ୍‌କୁ ନେବାକୁ ପଡୁଛି। ଗସ୍ତ ଖର୍ଚ୍ଚ ଅଧିକ ହେବା ସହିତ ଧାନ କଟନୀ ଛଟନୀ ଚାଷୀଙ୍କ ମନୋବଳକୁ ଭାଙ୍ଗି ଦେଉଛି। କେବଳ ସେତିକି ନୁହେଁ, ଚାଷୀ ଧାନ ଭର୍ତ୍ତି ଅଖାକୁ ମଧ୍ୟ ଫେରି ପାଉ ନାହାନ୍ତି କିମ୍ବା ଏ ବାବଦ ଅର୍ଥ ମଧ୍ୟ ମିଳୁ ନାହିଁ।

କେନ୍ଦ୍ରାପଡ଼ା ଜିଲା ରାଜନଗର ଚାଷୀ ଧୀରେନ ସ୍ୱାଇଁ କହିଛନ୍ତି ଯେ, ଜିଲାରେ ଏ ପର୍ଯ୍ୟନ୍ତ ଧାନ ମଣ୍ଡି ଖୋଲିନାହିଁ କିମ୍ବା ଟୋକନ ମିଳିନାହିଁ। ଗତ ବର୍ଷ ଟୋକନ ପାଇ ମଧ୍ୟ ମିଲ୍ ଓ ପ୍ୟାକ୍ସରେ କୁଇଣ୍ଟାଲ ପିଛା ୫% ଧାନ ମନଇଚ୍ଛା କାଟି ଦିଆଯାଉଛି। ପ୍ୟାକ୍ସ ଯେଉଁ ମିଲର କିମ୍ବା ଧାନ ମଣ୍ଡିକୁ ନେବାକୁ କହିବେ ଚାଷୀ ସେଠାକୁ ଖର୍ଚ୍ଚାନ୍ତ ହୋଇ ନେବାକୁ ପଡୁଛି। ଅଭିଯୋଗ କଲେ ମଧ୍ୟ କହି ଶୁଣୁ ନାହାନ୍ତି। ଅନ୍ୟ କୌଣସି ଉପାୟ ନ ଥିବାରୁ ବାଧ୍ୟ ହୋଇ ଧାନ ବିକିଥିଲୁ। ସରକାର ଠିକ୍ ସମୟରେ ଧାନ କିଣୁ ନ ଥିବାରୁ କମ୍ ଦର ହେଉ ପଛକେ ବାହାର ବେପାରୀଙ୍କୁ ଦେଇ ସାଙ୍ଗେ ସାଙ୍ଗେ ପଇସା ପାଉଛୁ। ପ୍ୟାକ୍ସ ଓ ମିଲ ମାଲିକ ମଧ୍ୟରେ ଦଲାଲ ରହି ଚାଷୀଙ୍କୁ ହଇରାଣ କରୁଛନ୍ତି। ଧାନ ବିକିବା ପରେ ମଧ୍ୟ ପଇସା ପାଇବାକୁ ଅନେକ ଦିନ ଅପେକ୍ଷା କରିବାକୁ ପଡୁଛି।

ରାଜ୍ୟ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ କହିଛନ୍ତି ଯେ, ରାଜ୍ୟରେ ଚାଷୀ ଧାନର ଅଭାବୀ ବିକ୍ରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସରକାର ବିଳମ୍ବରେ ମଣ୍ଡି ଖୋଲିବା, ପ୍ରଶାସନ ଓ ମିଲର ମଧ୍ୟରେ ଥିବା ମଧୁ ଚନ୍ଦ୍ରିକା ଯୋଗୁ ଚାଷୀ ବାଧ୍ୟ ହୋଇ ବାହାର ବେପାରୀଙ୍କୁ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଅଖା ଓ ପରିବହନ ଖର୍ଚ୍ଚରେ ମହା ଦୁର୍ନୀତି ହେଉଛି। ଚାଷୀଙ୍କଠାରୁ ୫ରୁ ୧୦ କିଲୋ ଯାଏ ଧାନ କାଟି ଦିଆଯାଉଛି। ଧାନ ବିକିବା ନେଇ ସୀମା ଧାର୍ଯ୍ୟ କରାଯାଇଥିବାରୁ ବଳକା ଧାନ ଚାଷୀ କମ୍ ମୂଲ୍ୟରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଅନ୍ୟପକ୍ଷରେ ଧାନ କୁଇଣ୍ଟାଲ ଉତ୍ପାଦନ କରିବାକୁ ଚାଷୀ ୨୭୦୦ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସରକାର ୨୧୮୩ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟରେ କିଣୁଛନ୍ତି। ଚାଷୀଙ୍କର ୫ ରୁ ୬ ଶହ ଟଙ୍କା କ୍ଷତି ହେଉଛି। ଚାଷୀଙ୍କର ଆୟ କେମିତି ବଢ଼ିବ ବୋଲି ସେ କହିଛନ୍ତି।

ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ରାଜ୍ୟର ୨୩ଟି ଜିଲାରେ ଧାନ ମଣ୍ଡି ଖୋଲାଯାଇଛି। ଆସନ୍ତା ୬ ତାରିଖରେ ଆଉ ୪ଟି ଜିଲାରେ ଧାନ ମଣ୍ଡି ଖୋଲିବ। ଅଭାବୀ ବିକ୍ରି ରୋକିବାକୁ ସୀମାନ୍ତରେ ଚେକିଂ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଦଲାଲି ରୋକିବାକୁ ଯୋଗାଣ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରାଯାଇଛି।

# ସ୍ୱାମୀଙ୍କୁ ଝୁରି ଜୀବନ ହାରିଲେ ସ୍ତ୍ରୀ

## ହାଇଟେକ୍ ହସ୍ପିଟାଲ ବିସ୍ଫୋରଣରେ ଏସି ଟେକ୍ନିସିଆନଙ୍କ ମୃତ୍ୟୁ ଘଟଣା

ଭୁବନେଶ୍ୱର, (ସତ୍ୟଜିତ୍ ରାଉତ)/ଜଟଣୀ, ୧।୧(ରବୀନ୍ଦ୍ରନାଥ ମହାକୁଡ଼)

ଦୁଇ ବର୍ଷ ତଳେ ବିବାହ ହୋଇଥିଲା। ହସଖୁସିରେ ଚାଲିଥିଲା ଛୋଟିଆ ସଂସାର। ହେଲେ ଏହି ସଂସାର ଅଧାବାଟରେ ରହିଯାଇଛି। ନୂଆବର୍ଷ ପାଇଁ ଚାରିଆଡେ ଉତ୍ସାହ ଲାଗି ରହିଥିବାବେଳେ ଆଗପଛ ହୋଇ ଚାଲିଯାଇଛି ଦୁଇଟି ଜୀବନ। ଭୁବନେଶ୍ୱର ହାଇଟେକ୍ ହସ୍ପିଟାଲରେ ଘଟିଥିବା ବିସ୍ଫୋରଣରେ ଆହତ ଏସି ଟେକ୍ନିସିଆନ ଦିଲୀପ ସାମନ୍ତରାୟ (୩୪)ଙ୍କର ରବିବାର ମୃତ୍ୟୁ ଘଟିଥିବାବେଳେ ସ୍ୱାମୀଙ୍କୁ ଝୁରି ଝୁରି ସୋମବାର ସକାଳେ ସ୍ତ୍ରୀ ମଧ୍ୟ ଜୀବନ ହାରିଛନ୍ତି। ସେ ହେଲେ ସୌମ୍ୟାଶ୍ରୀ ଜେନା (୨୪)। ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅନ୍ତର୍ଗତ ନୂଆଗାଁସ୍ଥିତ ବାପ ଘରେ ସୌମ୍ୟାଶ୍ରୀ ଫ୍ୟାନ୍‌ରେ ଦଉଡ଼ି ଦ୍ୱାରା ଝୁଲି ଆତ୍ମହତ୍ୟା କରିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏପଟେ ମୃତ ଦିଲୀପଙ୍କ ମା' ଘରେ ଏକା ହୋଇଯାଇଛନ୍ତି। ଦିଲୀପ ଓ ସୌମ୍ୟାଶ୍ରୀଙ୍କର କୌଣସି ସନ୍ତାନ ନ ଥିବାରୁ ଏବେ ତାଙ୍କ ପରିବାର ଉଚ୍ଛନ୍ନ ହୋଇଯାଇଛି। ଏକମାତ୍ର ପୁଅ ଦିଲୀପଙ୍କ ଅକାଳ ବିୟୋଗରେ ମା' ଦୁଃଖରେ ଭାଙ୍ଗି ପଡ଼ିଥିଲେ। ଦିନକ ପରେ ବୋହୂଙ୍କ ମୃତ୍ୟୁ କଥା ଶୁଣି ସେ ପୂରା ହତବାକ୍ ହୋଇଯାଇଛନ୍ତି। ଏହି ଘଟଣାରେ ସୌମ୍ୟାଶ୍ରୀଙ୍କ ବାପା ସ୍ୱରାଜ କେଶରୀ ଜେନାଙ୍କ ରିପୋର୍ଟ ଆଧାରରେ ଜଟଣୀ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧/୨୦୨୪) ରୁଜୁ କରାଯାଇ ତଦନ୍ତ କରାଯାଉଛି।

ସୂଚନା ଅନୁଯାୟୀ, ହାଇଟେକ୍ ହସ୍ପିଟାଲ ଛାତ ଉପରେ ଏଜେନ୍ସି ଦ୍ୱାରା ଏସି ମେଣ୍ଟେନାନ୍ସ କାମ ଚାଲିଥିବାବେଳେ ଶୁକ୍ରବାର ଅପରାହ୍ନ ପ୍ରାୟ ୫ଟାରେ ଏହି ଅଘଟଣ ଘଟିଥିଲା। କମ୍ପ୍ରେସର୍‌ରେ ସମସ୍ୟା ଯୋଗୁ ତାହା ଫାଟିଯାଇଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ସେଠାରେ କାର୍ଯ୍ୟରତ ଏସି ଟେକ୍ନିସିଆନ ତଥା ଖୋର୍ଦ୍ଧା ଜିଲା ଜଟଣୀ ହରିରାଜପୁର ବଅଙ୍ଗ ଗ୍ରାମର ଦିଲୀପଙ୍କ ସମେତ ୪ ଜଣ ଏଜେନ୍ସି କର୍ମଚାରୀ ଆହତ ହୋଇଥିଲେ। ଦିଲୀପ ଅଧିକ ଗୁରୁତର ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରବିବାର ଦିଲୀପଙ୍କର ମୃତ୍ୟୁ ହୋଇଥିଲା।



ମୃତ ସୌମ୍ୟାଶ୍ରୀ ଓ ସ୍ୱାମୀ ଦିଲୀପ।

# ପଦ୍ମପୁର ଜିଲା ଗଠନ ଦାବିରେ ଅଭିନବ ପ୍ରତିବାଦ

## ଉପଜିଲାପାଳ ଶବ୍ଦକୁ ଜିଲାପାଳ ଲେଖିଲେ

ପଦ୍ମପୁର,୧।୧(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନ ସମୟରେ ପ୍ରଚାର ପାଇଁ ଆସିଥିବାବେଳେ ୨୦୨୩ ଡିସେମ୍ବର ଶେଷସୁଦ୍ଧା ପଦ୍ମପୁରକୁ ନୂତନ ଜିଲା ମାନ୍ୟତା ପ୍ରଦାନ ନେଇ ମୁଖ୍ୟମନ୍ତ୍ରୀ ସବୁଜ ସଙ୍କେତ ଦେଇଥିଲେ। ଫଳରେ ଗତବର୍ଷ ଶେଷସୁଦ୍ଧା ପଦ୍ମପୁର ଜିଲା ମାନ୍ୟତା ପାଇବ ବୋଲି ଅଞ୍ଚଳବାସୀ ଆଶା କରିଥିଲେ। ସେହିପରି ଜିଲାପାଳଙ୍କ ଅଫିସ ନିର୍ମାଣ ନେଇ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି)ଙ୍କ ଦ୍ୱାରା ଜାଗା ଚିହ୍ନଟ, ପଦ୍ମପୁରରେ ପ୍ରଥମଥର ପାଇଁ ଅତିରିକ୍ତ ଜିଲାପାଳ ନିଯୁକ୍ତି ପରେ ପଦ୍ମପୁରବାସୀଙ୍କ ଆଶା ଦୃଢ଼ୀଭୂତ ହୋଇଥିଲା। କିନ୍ତୁ ରବିବାର ୨୦୨୩ ବିଦାୟ ନେଇଗଲା ପଛେ ପଦ୍ମପୁରକୁ ନୂତନ ଜିଲା ମାନ୍ୟତା ମିଳିଲାନି। ଫଳରେ ପଦ୍ମପୁର ଅଞ୍ଚଳବାସୀଙ୍କୁ ନିରାଶ ହେବାକୁ ପଡ଼ିଛି ଏବଂ ଏହାକୁ ନେଇ ପୁଣି ଅସନ୍ତୋଷ କୁହୁଳିଛି।

ଏହି କ୍ରମରେ ସୋମବାର ପଦ୍ମପୁର ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ନୂତନ ଜିଲା ମାନ୍ୟତା ନେଇ ରାଜ୍ୟ ସରକାରଙ୍କ ସେଭଳି ଆଭିମୁଖ୍ୟର ଅଭିନବ ପ୍ରତିବାଦ କରିଛି। ସ୍ଥାନୀୟ କଚେରି ପରିସରରେ ଅନୁଷ୍ଠିତ ସଭାରେ କୃଷକ ସଙ୍ଗଠନର ଶତାଧିକ ସଦସ୍ୟ ଯୋଗଦେଇ ଜିଲା ମାନ୍ୟତା ମିଳି ନ ଥିବାରୁ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଏହାପରେ ଏକ ଶୋଭାଯାତ୍ରାରେ ସେମାନେ ସ୍ଥାନୀୟ ଉପଜିଲାପାଳଙ୍କ ଅଫିସକୁ ଯାଇଥିଲେ। ସେଠାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଫଳକରୁ 'ଉପ' ଶବ୍ଦକୁ ଲିଭାଇ ଦେଇଥିଲେ। ଫଳରେ ସେହି ଫଳକରେ ଜିଲାପାଳଙ୍କ କାର୍ଯ୍ୟାଳୟ, ପଦ୍ମପୁର ରହିଥିବା ଦେଖିବାକୁ ମିଳିଛି। ରାଜବୋଡ଼ାସମ୍ବର କୃଷକ ସଙ୍ଗଠନର ଆବାହକ ଅଶୋକ ସାହୁ, ଆଇନ ପରାମର୍ଶଦାତା ଅଜିତ ଶତପଥୀ, ଚାଷୀନେତା ରମେଶ ମହାପାତ୍ର ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।




ଉପଜିଲାପାଳଙ୍କ ଅଫିସ ସମ୍ମୁଖ ଫଳକରୁ 'ଉପ' ଶବ୍ଦକୁ ଲିଭାଯାଉଛି।

# କାରଣ ଖୋଜିବାକୁ ଆସିଲେ କେନ୍ଦ୍ରୀୟ ଟିମ୍

## ରାଉରକେଲାରେ ଝାଡ଼ାବାନ୍ତି ବ୍ୟାପିବା ଘଟଣା

ରାଉରକେଲା,୧।୧(ସଙ୍ଗୀତା ଜେନା)

ରାଉରକେଲା ଓ ଆଖପାଖ ଅଞ୍ଚଳରେ ଝାଡ଼ାବାନ୍ତି ଯୋଗୁ ୧୫ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ହାନି ହୋଇଛି। ତେବେ ଏହି ଘଟଣାର ପ୍ରକୃତ କାରଣ ଖୋଜିବା ପାଇଁ ସୋମବାର ଏକ କେନ୍ଦ୍ରୀୟ ଅନୁଧାନକାରୀ ଟିମ୍ ଆସି ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ପହଞ୍ଚିଛି। କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗଠିତ ଏହି ଟିମ୍‌ରେ ୫ଜଣ ସଦସ୍ୟ ରହିଛନ୍ତି। ସେମାନେ ହେଲେ କଲିକତାସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଲେରା ଆଣ୍ଡ ଏଣ୍ଟେରିକ୍ ଡିଜିଜ୍‌ର ବୈଜ୍ଞାନିକ ଡା. ଆଲୋକ ଚକ୍ରବର୍ତ୍ତୀ, ଭୁବନେଶ୍ୱର ଏମ୍ସର ଇଣ୍ଟରନାଲ ମେଡ଼ିସିନ୍ ପ୍ରଫେସର ଡା. ରଶ୍ମିରଞ୍ଜନ ମହାନ୍ତି, ରାଜ୍ୟ ଆଞ୍ଚଳିକ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣର ନିର୍ଦ୍ଦେଶକ ଡା. ଏନ୍. ଏମ୍. ସୋମଲକର, ସର୍ବଭାରତୀୟ ସ୍ୱଚ୍ଛତା ଓ ଜନସ୍ୱାସ୍ଥ୍ୟର ବିଶେଷଜ୍ଞ ଡା. ସୁମନ୍ତୋ ପାଲ, ଜାତୀୟ ରୋଗ ନିରାକରଣ ଓ ନିୟନ୍ତ୍ରଣ ମାଇକ୍ରୋବାୟୋଲୋଜିଷ୍ଟ ଡା. ଇରନମ୍ ତବସୁମ୍। ତେବେ ସକାଳେ ଏହି ଟିମ୍‌ର ୩ଜଣ ସଦସ୍ୟ ରାଉରକେଲାରେ ପହଞ୍ଚି ପ୍ରାଥମିକ ଅନୁସନ୍ଧାନ କରିଥିଲେ। ପରେ ସେମାନେ ଆର୍‌ଜିଏଚ୍ କର୍ତ୍ତୃପକ୍ଷଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରିଥିଲେ। ରୋଗୀମାନଙ୍କ ଭର୍ତ୍ତି ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ସମସ୍ତ ବିବରଣୀ ସେମାନେ ସଂଗ୍ରହ କରିଥିଲେ। ଏଥିରେ ନିୟୋଜିତ ଡାକ୍ତର ଓ କାରଣ ଅନ୍ୱେଷଣକାରୀଙ୍କ ତଥ୍ୟ ସଂଗ୍ରହ କରାଯାଇଥିଲା। ତେବେ ଆଉ ୨ଜଣ ସଦସ୍ୟ ଆସି ପହଞ୍ଚିବା ପରେ ମଙ୍ଗଳବାରଠାରୁ ସମ୍ପୂର୍ଣ୍ଣ ଟିମ୍ ଅନୁଧ୍ୟାନ କାର୍ଯ୍ୟରେ ନିୟୋଜିତ ହେବେ ବୋଲି ଆର୍‌ଜିଏଚ୍ ମ୍ୟାନେଜର ମୋହିତ ଶ୍ରୀବାସ୍ତବ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ରାଉରକେଲା, ରାଜଗାଙ୍ଗପୁର, ବଣେଇ, ରାଏବୋଗା ଆଦି ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବା ପରେ ଗତ ଡିସେମ୍ବର ୮ ତାରିଖରୁ ବହୁ ସଂକ୍ରମିତ ଚିକିତ୍ସା ପାଇଁ ଆର୍‌ଜିଏଚ୍‌ରେ ଭର୍ତ୍ତି ହୋଇଥିଲେ। ୧୫ ଶହରୁ ଊର୍ଦ୍ଧ୍ୱ ସଂକ୍ରମିତ ସରକାରୀ ଡାକ୍ତରଖାନା ସମେତ ବିଭିନ୍ନ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ତେବେ ସରକାରୀ ସ୍ତରରେ ମୃତ୍ୟୁସଂଖ୍ୟା ୯ ଦର୍ଶାଯାଇଥିବା ବେଳେ ବେସରକାରୀ ଭାବେ ଏଡି ସଂଖ୍ୟା ୧୫ରୁ ଊର୍ଦ୍ଧ୍ୱ ବୋଲି କୁହାଯାଇଛି। ତେବେ ଝାଡ଼ାବାନ୍ତିର କାରଣ କଲେରା ବ୍ୟାକ୍ଟେରିଆ ବୋଲି ରିପୋର୍ଟ ଆସିବା ପରେ ଉଭୟ କଂଗ୍ରେସ ଓ ଭାଜପା ଏହାକୁ ନେଇ ପ୍ରତିବାଦ କରିଥିଲେ। ଅନ୍ୟପକ୍ଷେ ହଇଜା ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହାର ଅନୁଧ୍ୟାନ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ।












# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତରକି ଥିବୁ ତେରକୁ
ଚଉଦ ପନ୍ଦର ଅଳିଆ ମେଣ୍ଟିବ
ସତ ଉପୁଜିବ ସତରକୁ ।**

ଭବିଷ୍ୟତ ଘଟଣା ଉପରେ ଅଚ୍ୟୁତାନନ୍ଦଙ୍କ ମାଳିକାର ଏକ ଅଂଶ, ଯାହାକି ସତ୍ୟଯୁଗର ଆଗମନ ଏବଂ କଳିଯୁଗର ଅବସାନ ଘଟିବା ଉପରେ ଏକ ସମ୍ୟକ ସୂଚନା ପ୍ରଦାନ କରାଯାଇଛି ।

**ତେରା ମେରା ରାଜି
କ୍ୟା କରେଗା ପାଜି ।**

ଉଭୟଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଥିଲେ ବାହାର ଲୋକ କୌଣସି କ୍ଷତି ଘଟାଇପାରି ନ ଥାନ୍ତି । ଉଭୟେ ପରସ୍ପର ପ୍ରତି ସମର୍ଥନ ତଥା ସମ୍ମତି ଜ୍ଞାପନ କରୁଥିବାବେଳେ ସେଠାରେ ଅନ୍ୟର ସମର୍ଥନ ପାଇଁ କୌଣସି ଅପେକ୍ଷା କରିବାର ପ୍ରୟୋଜନ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

# ପାଣିରେ ଭାଙ୍ଗିଗଲା ମାଟିହାଣ୍ଡି ଭେଳା

**କୁମ୍ଭକ୍ଷେତ୍ରରେ ଅଘଟଣ**

**ଫସି ରହିଲେ ୧୫ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ**

ନୀଳଗିରି, ୧।୧ (ପ୍ରଶାନ୍ତ ବିଶ୍ୱାଳ)



ନୂଆବର୍ଷରେ ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସିଆଡ଼ିମାଳ ପଞ୍ଚାୟତ ବାବନ୍ଧ ଗ୍ରାମରେ ଥିବା ବୁଗାଲିବନ୍ଧ ଜଳାଶୟ ମଧ୍ୟରେ ପୁଣି ଅଘଟଣ ଘଟିଛି । ଜଳାଶୟ ମଧ୍ୟରେ ଥିବା ଟାପୁ 'କୁମ୍ଭକ୍ଷେତ୍ର'କୁ ସୋମବାର ୧୫ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ମାଟିହାଣ୍ଡି ଭେଳାରେ ଯାଉଥିବା ବେଳେ ହଠାତ୍ ତାହା ଭାଙ୍ଗିଯାଇଥିଲା । ଫଳରେ ପର୍ଯ୍ୟଟକମାନେ ଜଳାଶୟ ମଧ୍ୟରେ ଫସି ରହିଥିଲେ । ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ । ଏହି ଘଟଣାକୁ ନେଇ ଉତ୍ତେଜନା ଦେଖାଦେଇଥିବା ବେଳେ ନୀଳଗିରି ପୋଲିସ, ଜିଲା ଅଗ୍ନିଶମ ବାହିନୀ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମାରାଣ୍ଡି ଏବଂ ନୀଳଗିରି ତହସିଲଦାର ଦୀପ୍ତିମୟୀ ବେହେରା ଘଟଣାସ୍ଥଳରେ ପହଞ୍ଚି ପର୍ଯ୍ୟଟକମାନଙ୍କୁ ଆଶ୍ୱାସନା ଦେବା ସହ ପରିସ୍ଥିତି ଅନୁଧ୍ୟାନ କରିଥିଲେ ।

ସୂଚନା ଅନୁଯାୟୀ, କୁଲଡ଼ିହା ଅଭୟାରଣ୍ୟ ପାଦଦେଶରେ ବୁଗାଲିବନ୍ଧ କ୍ଷୁଦ୍ର ଜଳାଶୟ ମଧ୍ୟରେ ଥିବା ଟାପୁରେ ବାଲେଶ୍ୱରର ଚିତ୍ରଶିଳ୍ପୀ କେଶୁ ଦାଶ କୁମ୍ଭକ୍ଷେତ୍ର ନାମରେ ଏକ ସଂସ୍ଥା ପ୍ରସ୍ତୁତ କରିଛନ୍ତି । ଉକ୍ତ ଅଞ୍ଚଳରେ ଏକ ପର୍ଯ୍ୟଟନକ୍ଷେତ୍ର ସୃଷ୍ଟି କରି ପାରମ୍ପରିକ କଳା, ସଂସ୍କୃତି, ଚାଲିଚଳଣିକୁ ପ୍ରଚାର ପ୍ରସାର କରିବା ଉଦ୍ଦେଶ୍ୟରେ ଶିଳ୍ପୀ କେଶୁ ଦାସ କୁଲଡିହା ଅଭୟାରଣ୍ୟ, ସଂରକ୍ଷିତ ଜଙ୍ଗଲ ଓ କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବା କିଛି ଜାଗାକୁ ଲିଜ୍ ସୂତ୍ରରେ ନେଇ ଏକ ଇକୋ ଟୁରିଜିମ୍ ନିର୍ମାଣ କରିଛନ୍ତି । ଯେଉଁଥିରେ ଜଉକଣ୍ଢେଇଙ୍କ କଳାକୃତି ଦେଖିବା ସହିତ ବିଭିନ୍ନ ଆଦିବାସୀ କଳାକୃତି, ରାତ୍ରିରହଣି ପାଇଁ ଟେଣ୍ଟ ଓ ଏକ ହୋଟେଲ ଖୋଲାଯାଇଛି । ପର୍ଯ୍ୟଟକମାନଙ୍କୁ ମାଟି ହାଣ୍ଡି ଓ ବାଉଁଶରେ ନିର୍ମିତ ଭେଳାରେ ଉକ୍ତ ସ୍ଥାନକୁ ଯିବା ପାଇଁ ପଡ଼ିଥାଏ । ତେବେ ପ୍ରଶାସନଠାରୁ ଅନୁମତି ନ ନେଇ ଗଭୀର ଜଳାଶୟରେ ମାଟିହାଣ୍ଡି ଭଳି ଭେଳାରେ ପର୍ଯ୍ୟଟକଙ୍କୁ କିଭଳି ବିନା କୌଣସି ଲାଇଫ୍ ଜ୍ୟାକେଟରେ ବୁଲିବା ପାଇଁ ଅନୁମତି ଦିଆଯାଉଥିଲା ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କେତେକ ପ୍ରକୃତିପ୍ରେମୀ ଏହାକୁ ନିନ୍ଦା କରିବା ସହିତ ଇକୋସେନସିଟିଭ ଜୋନରେ କିପରି ହୋଟେଲ ଓ ରାତ୍ରିରହଣି ଟେଣ୍ଟ ଖୋଲାଯାଉଛି ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି । ଅକାତ କାତ ପାଣିରେ ମାଟିହାଣ୍ଡିରେ ଭେଳା ନିର୍ମାଣ କରି ନୌବିହାର କରାଯାଉଥିଲା । ସେହିପରି ପୂର୍ବରୁ ଥରେ ଉକ୍ତ ଭେଳା ବୁଡ଼ିଥିବା ବେଳେ ପର୍ଯ୍ୟଟକ ଅଳ୍ପକେ ରକ୍ଷା ପାଇଯାଇଥିଲେ । ଲୋକଙ୍କ ମଧ୍ୟରେ ସାହସ ଯୋଗାଇବା ପାଇଁ ଏହି ହାଣ୍ଡି ଭେଳାରେ ନୀଳଗିରି ବ୍ଲକ ଓ ଜିଲା ପ୍ରଶାସନର ୨ ଅଧିକାରୀ ବିନା ସେଫ୍ଟି ଜ୍ୟାକେଟରେ ନୌବିହାର କରି ଏହାକୁ ପ୍ରଶ୍ରୟ ଦେଇଥିଲେ । ଜିଲାପାଳ ଉକ୍ତ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

**ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ**

# ଉଦ୍‌ଘାଟନ ପୂର୍ବରୁ ସମାଲୋଚନା

- **ନିର୍ବାଚନ ପରାଜୟ ଆଶଙ୍କା ଘାରୁନି ତ: ନରସିଂହ**
- **ଏହା ଏକ ନିର୍ବାଚନୀ ପ୍ରଚାର ମାତ୍ର: ମୁକେଶ**

ବଲାଙ୍ଗୀର, ୧।୧ (ବୀରେନ୍ଦ୍ର କୁମାର ଝାଙ୍କର)

ଜାନୁୟାରୀ ୩ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗୀର ଜିଲା ଗସ୍ତରେ ଆସି ବହୁ ପ୍ରତୀକ୍ଷିତ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ଉଦ୍‌ଘାଟନ କରିବେ । ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ତେବେ ଏହି ଚର୍ଚ୍ଚିତ ଜଳସେଚନ ପ୍ରକଳ୍ପର ଉଦ୍‌ଘାଟନକୁ ନେଇ ଜିଲାର ୨ ବିଧାୟକ କେତୋଟି ପ୍ରଶ୍ନ ପଚାରିବା ପରେ ସମଗ୍ର ଘଟଣାକ୍ରମ ପୁଣି ଥରେ ଚର୍ଚ୍ଚାକୁ ଆସିଛି ।

ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ସୋମବାର ଗଣମାଧ୍ୟମରେ ପ୍ରଶ୍ନ କରିଛନ୍ତି ଯେ, ସୁକ୍‌ତେଲ ଡ୍ୟାମ୍‌ରେ ଏବେ ପାଣି ନାହିଁ । ଚାଷୀଙ୍କ ଜମିକୁ ଦେବାକୁ ପ୍ରକଳ୍ପରେ ପାଣି ନାହିଁ । କିନ୍ତୁ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପର ଉଦ୍‌ଘାଟନ କରିବାକୁ ଯାଉଛନ୍ତି । ଏଥିରୁ ଜଣାପଡୁଛି ଯେ, ମୁଖ୍ୟମନ୍ତ୍ରୀ ବୋଧେ ବିଚଳିତ । ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଏହାକୁ ଉଦ୍‌ଘାଟନ କରିବାକୁ କେହି ମନା କରୁନାହିଁ । ନିର୍ବାଚନ ପାଖେଇ ଆସିବା ବେଳକୁ ଯେଉଁ ପ୍ରକଳ୍ପ ପୂର୍ବରୁ ଉଦ୍‌ଘାଟନ ସରିଛି ତାକୁ ମଧ୍ୟ ପୁଣି ଥରେ ଉଦ୍‌ଘାଟନ କରୁଛନ୍ତି । ଏଥିରୁ କ'ଣ ଜଣାପଡୁଛି । ପ୍ରକଳ୍ପ ସମ୍ପୂର୍ଣ୍ଣ ନ ହୋଇ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ ଅର୍ଥ ସେ ଛାନିଆ ହେଉନାହାନ୍ତି ତ, ତାଙ୍କୁ ନିର୍ବାଚନ ପରାଜୟ ଆଶଙ୍କା ଘାରୁନି ତ ବୋଲି ସେ ପ୍ରଶ୍ନ କରିଛନ୍ତି ।

ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମଧ୍ୟ ଗଣମାଧ୍ୟମରେ ନିଜ ପ୍ରତିକ୍ରିୟା ରଖି ପ୍ରକଳ୍ପ ସମ୍ପୂର୍ଣ୍ଣ ନହୋଇ ଏହାର ଉଦ୍‌ଘାଟନକୁ ନେଇ ମୁଖ୍ୟମନ୍ତ୍ରୀ ତରତର ହେବାକୁ ପ୍ରଶ୍ନ କରିଛନ୍ତି । ସେ କହିଛନ୍ତି ଯେ, ଲୋୟର ସୁକ୍‌ତେଲ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇନାହିଁ । ଏବେ ଡ୍ୟାମ୍‌ରେ ପାଣି ନାହିଁ । ଏଠାରେ କେନାଲ କାମ କେବେ ସରିବ ତାର ଡିପିଆର୍ ମଧ୍ୟ ପ୍ରସ୍ତୁତ ହୋଇନାହିଁ । କେବଳ ନିର୍ବାଚନୀ ପ୍ରଚାର ପାଇଁ ଏହାର ଲୋକାର୍ପଣ କରିବେ ବୋଲି ସେ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଯେଉଁ ଅଞ୍ଚଳର ଲୋକମାନେ ସେମାନଙ୍କ ଭିଟାମାଟି ଛାଡିଲେ ସେଇ ଅଞ୍ଚଳର ଅନେକ ଗାଁକୁ ପାଣି ମାଡୁନାହିଁ । ଏଣୁ ସେଠାକୁ କିଭଳି ପାଣି ମାଡିବ ତା'ର ବ୍ୟବସ୍ଥା କରିବାକୁ ସେ କହିଛନ୍ତି । ସୁକ୍‌ତେଲ ପ୍ରକଳ୍ପ ଉଦ୍‌ଘାଟନ ପୂର୍ବରୁ ବଲାଙ୍ଗୀର ବିଧାୟକ ମିଶ୍ର ଓ ଲୋଇସିଂହା ବିଧାୟକ ଡ ମହାଲିଙ୍ଗ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଓ ଉଦ୍‌ଘାଟନକୁ ନେଇ ସିଧା ପ୍ରଶ୍ନ କରିବା ନୂଆ ବିତର୍କ ସୃଷ୍ଟି କରିଛି । ଆସନ୍ତା ୩ ତାରିଖରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଆସି ଜିଲାବାସୀଙ୍କୁ ଲୋୟର ସୁକ୍‌ତେଲ ପ୍ରକଳ୍ପ ଉଦ୍‌ଘାଟନ କରି ଯେଉଁ ନୂଆବର୍ଷ ଭେଟି ଦେବା କାର୍ଯ୍ୟକ୍ରମ ରହିଛି ତାକୁ ନେଇ ସିଧା ପ୍ରଶ୍ନ ଉଠାଇଛନ୍ତି ।

୨୦୦୧ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋୟର ସୁକ୍‌ତେଲ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାକୁ ପ୍ରାୟ ୨୩ବର୍ଷ ସମୟ ଲାଗିଯାଇଛି । ଯେଉଁ ସ୍ଥାନରେ ମୁଖ୍ୟମନ୍ତ୍ରୀ ଲୋୟର ସୁକ୍‌ତେଲ ପ୍ରକଳ୍ପ ଉଦ୍‌ଘାଟନ କରିବାକୁ ଆସନ୍ତା ୩ ତାରିଖ ଆସିବେ ଆଜକୁ ୨୩ବର୍ଷ ତଳେ ଲୋକଙ୍କ ପ୍ରବଳ ବିରୋଧ ଯୋଗୁ ସେହି ସ୍ଥାନରେ ଶିଳାନ୍ୟାସ କରି ନ ପାରି ସେଠାରୁ ପ୍ରାୟ ୫ କିଲୋମିଟର ଦୂର ବାନ୍ଧନଘୋର ପଡିଆରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ହେଲେ କାମ ଆରମ୍ଭ ହୋଇ ନ ଥିଲା । ୨୦୦୫ ମସିହାରେ ତତ୍କାଳୀନ ଲୋଇସିଂହ ବିଧାୟକ ତଥା ଏବର ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ସ୍ପିଲ୍‌ୱେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହାପରେ ମଧ୍ୟ ଡ୍ୟାମ୍ ବିରୋଧୀଙ୍କ ପ୍ରତିରୋଧ ଯୋଗୁ ଏହି ପ୍ରକଳ୍ପ ଦୀର୍ଘ ୨୩ ବର୍ଷ ଧରି ଅତି ମନ୍ଥର ଗତିରେ ଚାଲିଥିଲା । ତେବେ ଶେଷ ଦୁଇବର୍ଷରେ ଏହି ପ୍ରକଳ୍ପ କାମ କ୍ଷୀପ୍ରତର ହୋଇଥିଲା । ଏହି ପ୍ରକଳ୍ପରେ ୨୯ଟି ଗାଁ ପ୍ରଭାବିତ ହୋଇଛି । ଏହି ୨୯ଟି ଗାଁର ପ୍ରାୟ ୭ ହଜାର ପରିବାର ଜୀବନ ଜୀବିକା, ଭିଟାମାଟି ହରାଇଛନ୍ତି ଏବଂ ଅନ୍ୟ ୫ ହଜାର ପରିବାରଙ୍କ କେବଳ ଭିଟାମାଟି ପ୍ରଭାବିତ ହୋଇଛି ।

# ରାଜଧାନୀବାସୀଙ୍କୁ ରାତିଅଧିଆ ସ୍ୱପ୍ନ ଦେଖାଉଛନ୍ତି ସରକାର: ଭାଜପା

ଭୁବନେଶ୍ୱର, ୧।୧ (ସୁନିତ୍ ମିଶ୍ର)

ରାଜ୍ୟ ସରକାର ଓ ଶାସକ ଦଳ ନେତାମାନେ ରାତିଅଧିଆ ଅବାସ୍ତବ ସ୍ୱପ୍ନ ଦେଖି ଦେଇ ଭୁବନେଶ୍ୱର ତଥା ରାଜ୍ୟବାସୀଙ୍କୁ ବୁଝାଇବା ପାଇଁ ଚେଷ୍ଟା କରୁଛନ୍ତି । ବିକାଶ ନୁହେଁ, ରାଜଧାନୀବାସୀଙ୍କୁ ରାଜ୍ୟ ସରକାର ଗୋଲାପୀ ଚିତ୍ର ଓ ନିର୍ବାଚନ ଭେଳିକି ଦେଖାଉଛନ୍ତି । ମେଟ୍ରୋ ଟ୍ରେନ ପାଇଁ ବଜେଟ୍‌ରେ ରାଜ୍ୟ ସରକାର କୌଣସି ଆର୍ଥିକ ବ୍ୟବସ୍ଥା କରିନାହାନ୍ତି । ଶାସକ ଦଳର ନୂଆ ନେତା 'ଖୁଣ୍ଟ' ଓ 'ଷ୍ଟେଶନ' ଗଣିଦେଲେ ମେଟ୍ରୋ ହୁଏ ନାହିଁ । ତାହା ପାଇଁ ଠିକ ଯୋଜନା ଏବଂ ଆବଶ୍ୟକୀୟ ଟଙ୍କା ଜରୁରୀ । ମେଟ୍ରୋ ପାଇଁ ପ୍ରଥମେ ଯୋଜନା କରି ବ୍ୟୟବରାଦ କରନ୍ତୁ । ନିର୍ବାଚନ ପରିପ୍ରେକ୍ଷୀରେ ଅତୀତରେ ଅନେକ ଯୋଜନାର ଶୁଭାରମ୍ଭ ଏ ସରକାର କରିଥିଲେ, ଯାହା ପରବର୍ତ୍ତୀ ସମୟରେ 'ମହାଆଡ଼ମ୍ବରରେ ଲଘୁ କ୍ରିୟା' ସଦୃଶ ହୋଇ ରହିଗଲା । ପ୍ରଚାରସର୍ବସ୍ୱ ସରକାର ନିର୍ବାଚନ ଭେଳିକି ଭୁବନେଶ୍ୱର ତଥା ରାଜ୍ୟବାସୀଙ୍କୁ ଦେଖାଇବାରୁ କ୍ଷାନ୍ତ ରୁହନ୍ତୁ ବୋଲି ଭାଜପା ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲିକ କହିଛନ୍ତି ।

**ପ୍ରଥମ ପୃଷ୍ଠାରୁ...**

## ଆବାସ ହିତାଧିକାରୀଙ୍କୁ...

ମାତ୍ର ୫୭୩ ଜଣ ହିତାଧିକାରୀ ଏହି ଯୋଜନାରେ ବ୍ୟାଙ୍କରୁ ଟଙ୍କା ପାଇଛନ୍ତି । ରାଜ୍ୟର ସର୍ବମୋଟ୍ ୨୫୯୯ ଜଣ ହିତାଧିକାରୀଙ୍କ ନାମ ମଞ୍ଜୁରୀ ତାଲିକାରେ ରହିଛି । ଏଥିରୁ ଏହି ଯୋଜନାର ସଫଳତା କଥା ଜଣାପଡୁଛି । ସେହିପରି କେନ୍ଦ୍ରର ଆବାସ ଯୋଜନାକୁ ରାଜ୍ୟ ସରକାର ନିଜ ଲୋଗୋ ଜରିଆରେ ପ୍ରଚାର କରୁଥିବା ଅଭିଯୋଗରେ କେନ୍ଦ୍ର ସରକାର ଏହି ଯୋଜନାକୁ ପ୍ରାୟ ୨ ବର୍ଷ ୨୦୨୦-୨୧ ଏବଂ ୨୦୨୨-୨୩ରେ ବନ୍ଦ ରଖିଲେ । ପ୍ରଥମେ କେନ୍ଦ୍ର ସରକାର ୨୦୨୧ ମସିହାରେ ରାଜ୍ୟକୁ ୮ ଲକ୍ଷ ୧୭ ହଜାର ପକ୍କାଘର ଲାଗି ମଞ୍ଜୁରୀ ଦେଲେ । ଏହାପରେ ସେଥିରୁ ୩୦ ହଜାର ହିତାଧିକାରୀଙ୍କୁ ପୁଣି ବାଦ୍ ଦେଲେ । ଏହାପରେ ୨୦୨୨ ମସିହାରେ ଫନୀ କ୍ଷତିଗ୍ରସ୍ତଙ୍କ ଲାଗି ଲକ୍ଷେ ୪୨ ହଜାର ଘର ଦେବାକୁ ମଞ୍ଜୁରୀ ଦେଲେ । ହେଲେ ସେଥିରୁ ୪୦ ହଜାର ହିତାଧିକାରୀ ଘର ପାଇପାରିଲେ ନାହିଁ, ସେହି ଟଙ୍କା ଫେରିଗଲା । ଏହିପରି ବର୍ତ୍ତମାନ ସୁଦ୍ଧା ୮ ଲକ୍ଷ ୮୮ ହଜାର ୭୭୮ଟି ଘର ରାଜ୍ୟ ସରକାରଙ୍କୁ ଦେବାକୁ ମଞ୍ଜୁରୀ ମିଳିଛି । ହେଲେ ସମୟ ଭିତରେ ଯଦି ହିତାଧିକାରୀମାନେ ଘର ନିର୍ମାଣ ନ ସାରନ୍ତି ତେବେ ମଧ୍ୟ ସେମାନଙ୍କ ଟଙ୍କା ଫେରିଯିବା ଭୟ ରହିଛି । ଅନ୍ୟପଟେ ରାଜ୍ୟରେ ଯେତିକି ଶ୍ରମିକ ଅଛନ୍ତି, ଏକକାଳୀନ ବର୍ଷକୁ ୫ ଲକ୍ଷ ଆବାସ ଘର ହୋଇପାରିବ ବୋଲି ସରକାରୀ ତଥ୍ୟରୁ ଜଣାପଡ଼ିଛି । ହେଲେ ଏସବୁ ଭିତରେ ୨୦୨୪ ସାଧାରଣ ନିର୍ବାଚନକୁ ଆଉ ସମୟ ବେଶି ନ ଥିବାରୁ ଆବାସ ତାଲିକାରୁ ବାଦ୍ ପଡ଼ିଥିବା ବା ପକ୍କାଘର ପାଇବାରୁ ବଞ୍ଚିତ ଥିବା ୧୫ ଲକ୍ଷ ଘର କିପରି ରାଜ୍ୟ ସରାକର ଦେବେ ତାହା ଏକ ବଡ଼ ସମସ୍ୟା ପାଲଟିଛି । ମୋ ଘର ଯୋଜନା କାମ ଦେଉ ନ ଥିବାବେଳେ ଏପଟେ ଯଦି ସରକାର ନିଜସ୍ୱ ବିଜୁ ପକ୍କାଘର ଯୋଜନାରେ ଘର ଦେବାକୁ ଚେଷ୍ଟା କରନ୍ତି ତେବେ ସମସ୍ୟା ଆହୁରି ଜଟିଳ ହୋଇଯିବା ସମ୍ଭାବନା ଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି ।

ପଞ୍ଚାୟତିରାଜ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସ କହିଛନ୍ତି, ଏସ୍‌ଇସିସି ସର୍ଭେ ଅନୁଯାୟୀ ପ୍ରାୟ ଲକ୍ଷେ ଲୋକ ଘର ପାଇନାହାନ୍ତି । ତା'ଠାରୁ ମଧ୍ୟ ଅଧିକ ଲୋକ ଅଛନ୍ତି, ଯେଉଁମାନେ ଘର ପାଇବାରୁ ବଞ୍ଚିତ ଅଛନ୍ତି । ସେମାନଙ୍କ କ୍ଷେତ୍ରରେ ଆଉ ଥରେ ସର୍ଭେ କରାଯିବ । କେନ୍ଦ୍ର ସରକାର ତାଙ୍କ ସର୍ତ୍ତାବଳୀ ବଦଳାଇବେ କି କ'ଣ କରିବେ ସେମାନେ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି ।

## ବାରିପଦା ଜେଲ୍‌ରେ...

ବ୍ୟବଚ୍ଛେଦ ପୂର୍ବରୁ ପରିବାର ଲୋକେ ପହଞ୍ଚି ରବିଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରି ନ ଥିଲେ । ମୃତଦେହ ବ୍ୟବଚ୍ଛେଦ କରିବାକୁ ନ ଦେଇ ଉତ୍ୟକ୍ତ ଲୋକେ ଜେଲ ସମ୍ମୁଖ ରାସ୍ତାକୁ ଅବରୋଧ କରିଥିଲେ । ରେଡକ୍ରସ୍ ପାଣ୍ଠିରୁ ମୃତକଙ୍କ ପରିବାର ବର୍ଗଙ୍କୁ ୧୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ ସହିତ ଶବ ସତ୍କାର ନିମନ୍ତେ ଜେଲ କର୍ତ୍ତୃପକ୍ଷ ସହାୟତା ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା । ଉଲ୍ଲେଖଯୋଗ୍ୟ,ଗତ ୨୦ ତାରିଖରେ ମଦ କାରବାର ଅଭିଯୋଗରେ ବାରିପଦା ସଦର ମହୁଲିଆ ଅଞ୍ଚଳର ରବିଙ୍କୁ ଅବକାରୀ ବିଭାଗ ଗିରଫ ପରେ କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା । ତେବେ ବାରିପଦା ମଣ୍ଡଳ କାରାଗାରରେ ୧୦ଦିନ ରହିବା ପରେ ତାଙ୍କର ହଠାତ ମୃତ୍ୟୁ ହେବା ନେଇ ସନ୍ଦେହ ପ୍ରକାଶ ପାଇଛି । ମୃତ୍ୟୁର କାରଣ ଜଣାପଡ଼ି ନ ଥିବାରୁ ପରିବାର ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ରିପୋର୍ଟ ଲେଖା ହେବା ସୁଦ୍ଧା ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ ।

## ଜାନୁୟାରୀରେ ଶୀତ...

ସୂଚନା ଜାରି କରିଛି । ୨ ତାରିଖରେ କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ସୋନପୁର, କୋରାପୁଟ, ବଲାଙ୍ଗିର, ବୌଦ୍ଧ, ଅନୁଗୋଳ, ଦେବଗଡ଼, ସୁନ୍ଦରଗଡ଼, କଟକ ଓ ଜଗତ୍‌ସିଂହପୁର ଜିଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ଘନ କୁହୁଡି ହେବାର ସମ୍ଭାବନା ରହିଛି । ସେହିଭଳି ୩ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳରେ ଘନକୁହୁଡ଼ି ଅନୁଭୂତ ହେବ । ଏଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି । ସେପଟେ ସୋମବାର କୋରାପୁଟରେ ସର୍ବନିମ୍ନ ୭.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।

## ଏକ୍ସପୋସାଟ୍ କକ୍ଷପଥରେ...

୨୫ ଘଣ୍ଟାର ଅବଗଣନା ପରେ ୪୪.୪ ମିଟର ଲମ୍ବ ରକେଟ ଏକ୍ସପୋସାଟ୍‌କୁ ନେଇ ମହାକାଶକୁ ଯାଇଥିଲା । ମହାକାଶର ଅତ୍ୟଧିକ ଏକ୍ସ-ରେ' ଉତ୍ସର ଧ୍ରୁବୀକରଣ ଉପରେ ଅନୁଧ୍ୟାନ କରିବା ଏହି ସାଟେଲାଇଟ୍‌ର ଲକ୍ଷ୍ୟ । ମହାକାଶୀୟ ଉତ୍ସଗୁଡ଼ିକର ବିକିରଣ ବ୍ୟବସ୍ଥା ଏବଂ ଜ୍ୟାମିତିକୁ ଅଧ୍ୟୟନ କରିବାରେ ଏକ୍ସ-ରେ' ପୋଲାରାଇଜେଶନ ଗୁରୁତ୍ୱପୂର୍ଣ୍ଣ ଉପକରଣ ଭାବେ କାର୍ଯ୍ୟ କରିବ । ଏକ୍ସପୋସାଟ୍ କକ୍ଷପଥରେ ଅବସ୍ଥାପିତ ହେବା ପରେ ବୈଜ୍ଞାନିକମାନେ ପିଓଇଏମ୍ ଅଭିଜ୍ଞତା ପାଇଁ କକ୍ଷ ଅବନତି ମ୍ୟାନେଭର କରାଇ ଏହାର କକ୍ଷକୁ ୩୫୦ କିଲୋମିଟର ଉଚ୍ଚତାକୁ ହ୍ରାସ କରିଥିଲେ । ଏହି ଅବସରରେ ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ ସମସ୍ତଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଛନ୍ତି । ପୂର୍ବରୁ ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ୨୦୨୧ ଡିସେମ୍ବରରେ ଅନୁରୂପ ଭାବେ ଇମେଜିଂ ଏକ୍ସ-ରେ' ପୋଲାରାଇମେଟ୍ରି ଏକ୍ସପ୍ଲୋରର ମିଶନ କରିଥିଲା । ୨୦୨୪ ଆରମ୍ଭରେ ଇସ୍ରୋର ଏହି ସଫଳ ଉତ୍‌କ୍ଷେପଣକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୈଜ୍ଞାନିକମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେମାନେ ୨୦୨୪ର ବଡ଼ ଶୁଭାରମ୍ଭ କରିଥିବା ମୋଦି କହିଛନ୍ତି । ମହାକାଶ କ୍ଷେତ୍ରରେ ଏହା ଭାରତର କ୍ଷମତା ବଢ଼ାଇବ ବୋଲି ସେ ମତ ଦେଇଛନ୍ତି । କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟ ଇସ୍ରୋର ସଫଳ ଏକ୍ସପୋସାଟ୍ ଉତ୍‌କ୍ଷେପଣକୁ ପ୍ରଶଂସା କରିଛନ୍ତି । ଏଭଳି ସଫଳ ମିଶନ ଜନସାଧାରଣଙ୍କ ମଧ୍ୟରେ ବୈଜ୍ଞାନିକ ସ୍ୱଭାବକୁ ଅନ୍ତର୍ନିବେଶ କରାଇବ ବୋଲି ଖାର୍ଗେ କହିଛନ୍ତି ।

## ଦାମ ରାଉତଙ୍କ ଉପରୁ...

ଉପରୁ ନିଲମ୍ବନ ପ୍ରତ୍ୟାହାର କରାଯିବାପରେ ପାରାଦୀପ, ଏରସମା ଓ ତିର୍ତ୍ତୋଲର ବିଜେଡି କର୍ମୀମାନେ ବାଣ ଫୁଟାଇବା ସହ ମିଠା ବାଣ୍ଟି, ଶୋଭାଯାତ୍ରା କରିଛନ୍ତି । ସୂଚନାଯୋଗ୍ୟ, ଦଳ ବିରୋଧୀ କାର୍ଯ୍ୟ ଦର୍ଶାଇ ୨୦୧୮ ସେପ୍ଟେମ୍ବର ୧୨ରେ ଡାକ୍ତର ରାଉତଙ୍କୁ ବିଜୁ ଜନତା ଦଳରୁ ବହିଷ୍କାର କରାଯାଇଥିଲା । ପରେ ଦାମ ଭାଜପାରେ ଯୋଗଦେଇ ୨୦୧୯ରେ ଏରସମା-ବାଲିକୁଦା ନିର୍ବାଚନମଣ୍ଡଳୀରୁ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ । ଏହାର କିଛି ମାସ ପରେ ସେ ଭାଜପାରୁ ଇସ୍ତଫା ଦେଇ ବିଜେଡିକୁ ଫେରିବାର ବାଟ ଚାହିଁ ବସିଥିଲେ ।

ଏହି ଅବସରରେ କୁଜଙ୍ଗ ପଞ୍ଚାୟତ ସଭାଗୃହରେ ବ୍ଲକ ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା । ଏଥିରେ ବ୍ଲକ ବିଜେଡି ସଭାପତି ନରେନ୍ଦ୍ର ପରିଡ଼ା ଅଧ୍ୟକ୍ଷତା କରିଥିଲେ । ଏମ୍‌ପି ରାଜଶ୍ରୀ ମଲ୍ଲିକଙ୍କ ପ୍ରତିନିଧି ସୁଜଳ ସ୍ୱାଇଁ ଏଥିରେ ଯୋଗଦେଇ କହିଥିଲେ, ଦାମବାବୁ ସର୍ବଦା ପାରାଦୀପ ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପାଇଁ ଶକ୍ତିର ଉତ୍ସ ଥିଲେ ଓ ରହିଥିବେ । ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ କହିଥିଲେ, ଦାମବାବୁଙ୍କୁ ଦଳକୁ ଫେରାଇଆଣିବା ଆଗାମୀ ନିର୍ବାଚନରେ ଦଳ ପାଇଁ ସହାୟକ ହେବ । ଏନେଇ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ କୃତଜ୍ଞତା ଜଣାଯାଇଥିଲା । ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଯୁବନେତା ଶୁଭ୍ରକାନ୍ତ ସାମନ୍ତରାୟ, ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ମାନଭଞ୍ଜନ ମଲ୍ଲ, ସରପଞ୍ଚ ଧ୍ରୁବ ଚରଣ ନାୟକ, ସଂଗ୍ରାମ ରାଉତରାୟ, ବ୍ଲକ ଯୁବ ବିଜେଡି ସଭାପତି ଅରୁ ପ୍ରସାଦ ମହାନ୍ତି, ପ୍ରଭାସ ଗୋଚ୍ଛାୟତ, ପୂର୍ବତନ ସମିତି ସଭ୍ୟ କବିରଞ୍ଜନ ବେହେରା, ପ୍ରହ୍ଲାଦ ସ୍ୱାଇଁଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

## ପରିବହନ କ୍ଷେତ୍ରରେ...

ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ନିରାମୟ ଉପଦେଷ୍ଟା ରଞ୍ଜନ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ମେଟ୍ରୋରେଳ ପ୍ରକଳ୍ପର ଶିଳାନ୍ୟାସ ନିମନ୍ତେ ମୁଖ୍ୟମନ୍ତ୍ରୀ ରୋଡ୍ ଶୋ'ରେ ନବୀନ ନିବାସରୁ ବାହାରି ବିମାନବନ୍ଦର ଛକରୁ ସଚିବାଳୟ ମାର୍ଗ, କ୍ୟାପିଟାଲ ହସ୍‌ପିଟାଲ୍ ଛକ, ଜୟଦେବ ବିହାର ଛକ, ରେଳ ସଦନ, ପଟିଆ, କିଟ୍ ଛକ, ନନ୍ଦନକାନନ ରାସ୍ତା ଦେଇ ତ୍ରିଶୂଳିଆ ଯିବା ବେଳେ ଲୋକଙ୍କୁ ଭେଟି ଶୁଭେଚ୍ଛା ଗ୍ରହଣ କରିଥିଲେ ।

### ମେଟ୍ରୋରେଳ ପ୍ରକଳ୍ପ ସୂଚନା

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୩ ଏପ୍ରିଲ ୧ରେ ରାଜ୍ୟର ପ୍ରଥମ ମେଟ୍ରୋ ରେଳ ପ୍ରକଳ୍ପ ନେଇ ଘୋଷଣା କରିଥିଲେ । ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ବିମାନବନ୍ଦରରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ୨୬ କିଲୋମିଟର ମେଟ୍ରୋ ରେଳ ଲାଇନ ନିର୍ମାଣ ହେବ । ଏଥିରେ ବିମାନବନ୍ଦର, କ୍ୟାପିଟାଲ ହସ୍‌ପିଟାଲ, ରାଜମହଲ୍, ବାଣୀବିହାର, ଆଚାର୍ଯ୍ୟ ବିହାର, ଜୟଦେବ ବିହାର, ପଟିଆ ସମେତ ୨୦ଟି ଷ୍ଟେଶନ ରହିବ । ଏହି ପ୍ରକଳ୍ପ ଆଗାମୀ ୪ବର୍ଷ ମଧ୍ୟରେ ଶେଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଏଥିପାଇଁ ୬,୨୫୫ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେଶନ ମେଟ୍ରୋରେଳ ପ୍ରକଳ୍ପର ଡିପିଆର ପ୍ରସ୍ତୁତ କରିଛି । ଏଥିପାଇଁ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେଶନ ଓ ଦିଲ୍ଲୀ ମେଟ୍ରୋରେଳ କର୍ପୋରେଶନ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କର୍ମକ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ ସାଧନ କରିବେ । ବୁଧ ସହ ଶୁକ୍ର ସଂଯୋଗରୁ ସନ୍ତାନ ସନ୍ତତିଙ୍କ ଯୋଗୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ । ବ୍ୟୟ ବୃଦ୍ଧିଜନିତ ଅର୍ଥସଙ୍କଟରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଆନୁଷ୍ଠାନିକ କାମରେ ମୁଖ୍ୟ ଭୂମିକା ନିର୍ବାହକରି ସମ୍ମାନ ଲାଭ ସହ ପ୍ରଶଂସିତ ହୋଇପାରନ୍ତି ।

**ବୃଷ** – ଶୁକ୍ରଙ୍କ ପ୍ରଭାବରୁ ବିଳାସପ୍ରିୟ ହେବେ ଓ ବୈଷୟିକ ସୁଖ, ସମୃଦ୍ଧି ଦିଗରେ ମନ ବଳାଇପାରନ୍ତି । କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ । ପରିଜନଙ୍କ ସହ ଭ୍ରମଣ ଯୋଗୁ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ । ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତ ବୋଧ କରିପାରନ୍ତି ।

**ମିଥୁନ** – ଷଷ୍ଠାଧିପତିଙ୍କ କ୍ଷେତ୍ରରେ ରାଶ୍ୟାଧିପ ବୁଧଙ୍କ ସ୍ଥିତି ରୋଗ, ଋଣ ଓ ଶତ୍ରୁତା ବୃଦ୍ଧି କରିବ । ଶାରୀରିକ କ୍ଲେଶ ଓ ତର୍କବିତର୍କରୁ ମନାନ୍ତର ଆଶଙ୍କା ସୃଷ୍ଟି ହେବ । ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ ଏବଂ ଅଟକି ରହିଯାଇଥିବା କାର୍ଯ୍ୟ ତ୍ୱରାନ୍ୱିତ ହେବ । ବ୍ୟବସାୟ, ପରିବହନରେ ରହିଥିବା ସମସ୍ୟା ସହଜରେ ସମାଧାନ ହୋଇଯିବ ।

**କର୍କଟ** – ଧନ ସ୍ଥାନସ୍ଥ ଚନ୍ଦ୍ରଙ୍କ ପ୍ରତି ଦୁଃସ୍ଥାନସ୍ଥ ଶନିଙ୍କ ଦୃଷ୍ଟି ହେତୁ ଅର୍ଥାଭାବ କିମ୍ବା ତଜ୍ଜନିତ ସମସ୍ୟା ଦେଖାଦେଇପାରେ । ମାନସିକ ଅସ୍ଥିରତା ମଧ୍ୟରେ କାମ କରିବାକୁ ବାଧ୍ୟହେବେ । ସ୍ତ୍ରୀଙ୍କ ପରାମର୍ଶ ଅନୁସାରେ କାମ କଲେ ସମସ୍ୟା ସମାଧାନ ହୋଇପାରିବ । ସଭାସମିତି, ସଙ୍ଗଠନ କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିପାରେ ।

**ସିଂହ** – ଚନ୍ଦ୍ରଙ୍କ ପ୍ରତି ଶୁଭଗ୍ରହ ଦୃଷ୍ଟିରୁ ଉନ୍ନତ ଚିନ୍ତା ଓ ସୁପରିକଳ୍ପିତ ଯୋଜନାକୁ ବାସ୍ତବମୁଖୀ କରାଇବାରେ ସମର୍ଥ ହେବେ । ଫାଇଲ୍ କାମ ବୃଦ୍ଧି ଯୋଗୁ ଘରକଥା ବୁଝିବାକୁ ସମୟ ପାଇବେ ନାହିଁ । ଆବଶ୍ୟକତା ପୂରଣ ଲାଗି ଧାର ଉଧାର କରିବାକୁ ପଡ଼ିପାରେ । ସାହିତ୍ୟ ଚର୍ଚ୍ଚା, ଗବେଷଣା, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ ।

**କନ୍ୟା** – ପାପଗ୍ରହଙ୍କ କୁପ୍ରଭାବରୁ ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱରେ ପଡ଼ିବେ ଏବଂ ବୁଧ ପ୍ରଭାବରୁ ବିବାଦୀୟ ହୋଇପାରନ୍ତି । ବ୍ୟବସାୟ ବାଣିଜ୍ୟ ଏବଂ ବୃତ୍ତିଗତ ଧନ୍ଦାରେ କେତେକ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ । ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ । ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି ।

**ତୁଳା** – ଅନୁକୂଳ ଗ୍ରହ ପ୍ରଭାବରୁ ସମସ୍ୟା ସମାଧାନ ହେବା ସାଙ୍ଗକୁ ସ୍ଥଗିତ କାର୍ଯ୍ୟ ତ୍ୱରାନ୍ୱିତ ହେବ । ଅଯଥା କାମରେ ମୁଣ୍ଡ ପୂରାନ୍ତୁ ନାହିଁ । ପରିବାରରେ ଜମିଜମା କିମ୍ବା ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ । ବ୍ୟବସାୟିକ ସ୍ଥିତି ବହୁତ ଭଲ ରହିବ ଏବଂ ଆନୁଷ୍ଠାନିକ କାମରେ ମଧ୍ୟ ପ୍ରଶଂସା ମିଳିବ ।

**ବିଛା** – ଶାରୀରିକ ଏବଂ ମାନସିକ ସ୍ଥିତି ଭଲ ରହିବା ସହ କୌଣସି କର୍ମାରମ୍ଭ କରିପାରନ୍ତି । ଯାତ୍ରା, ବାଣିଜ୍ୟ, ରଚନାତ୍ମକ କାର୍ଯ୍ୟ ଓ ଜମିଜମା କାରବାର ପାଇଁ ଦିନଟି ଭଲ । ସମ୍ପର୍କର ଦୂରତ୍ୱ ବଢ଼ିଯାଇଥିବାରୁ ଭଲ କଥା କହିଲେ ମଧ୍ୟ ବନ୍ଧୁ ଭୁଲ୍ ଦୃଷ୍ଟିକୋଣରୁ ବିଚାରକରିବେ । ଅଭାବ ଅସୁବିଧା ରହିବ ନାହିଁ ଏବଂ ଭ୍ରମଣ ଓ ବନ୍ଧୁମିଳନରୁ ଖୁସି ରହିବେ ।

**ଧନୁ** – ରାଶିରେ ମଙ୍ଗଳଜନିତ ଆପଣ ଧୈର୍ଯ୍ୟଶୀଳ ହେବେ କିନ୍ତୁ ବିଶେଷ ଭ୍ରମଣ ଓ ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ । ବନ୍ଧୁଙ୍କ ସହାୟତାରେ ବକେୟା ଆଦାୟରେ ସକ୍ଷମ ହେବେ । ପରିବାରରେ ସୁଖଶାନ୍ତି ରାଜୁତିକରିବ । କାର୍ଯ୍ୟଦକ୍ଷତାକୁ ନେଇ ପଡ଼ୋଶୀ ଭୂରି ଭୂରି ପ୍ରଶଂସା କରିପାରନ୍ତି ।

**ମକର** – ବିଶେଷ କିଛି ଅସୁବିଧା ନ ଥିଲେ ମଧ୍ୟ କୌଣସି ପୁରୁଣା କଥା, ସମସ୍ୟା ଓ ବିବାଦୀୟ କଥା ଚିନ୍ତାକରିବେ । ଆର୍ଥିକ ଉନ୍ନତି ସାଙ୍ଗକୁ ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ସଫଳ ହେବେ । ବାକ୍ ଅସଂଯମ ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ । ଶାରୀରିକ ସୁସ୍ଥତା ଫେରି ଆସିବାରୁ ଆଶ୍ୱସ୍ତି ଲାଭ କରିବେ ।

**କୁମ୍ଭ** – ସ୍ୱଭାବସ୍ଥ ଶନିଶ୍ଚର ହେତୁ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ । ଆନୁଷ୍ଠାନିକ କ୍ଷେତ୍ରରେ ଗୁରୁଦାୟିତ୍ୱ ବହନକରି ବ୍ୟସ୍ତ ହୋଇପାରନ୍ତି । ଆଦୌ ଭଲ ସମ୍ପର୍କ ନ ଥିବା ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ । ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି ।

**ମୀନ** – ସପ୍ତମସ୍ଥ କେତୁ ପ୍ରଭାବରେ ଯାତ୍ରା, ବାଣିଜ୍ୟ କିମ୍ବା ଅର୍ଥ ସମ୍ପର୍କକୁ ନେଇ ପାରିବାରିକ କ୍ଷେତ୍ରକୁ ଅଶାନ୍ତ କରିପାରେ । ବିଶିଷ୍ଟ ବ୍ୟକ୍ତିଙ୍କ ସମର୍ଥନରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ । ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି । ବନ୍ଧୁ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି ।

ଆଜି ଜାନୁୟାରୀ ୨ ତାରିଖ, ପୌଷ କୃଷ୍ଣ ଷଷ୍ଠୀ ମଙ୍ଗଳବାର । ରାଶି ନକ୍ଷତ୍ର-ଦିବା ଘ.୧୧।୪୧ ମି. ଗତେ ଉତ୍ତରାଫାଲ୍‌ଗୁନୀ/ସିଂହ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ସକାଳ ଘ.୦୬।୨୫ ଗତେ, ଘ.୦୭।୦୮ ମଧ୍ୟେ, ଘ.୦୯।୦୭ ଗତେ, ଘ.୧୧।୨୮ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୨।୩୨ ମି. ଗତେ, ଘ.୦୩।୫୪ ମଧ୍ୟେ ରାହୁକାଳ ।



ଅଲ୍ ନ୍ୟୁଜ୍ ପେପର ସପ୍ଲାୟର୍ସ ସୋସିଆଲ ଆଣ୍ଡ୍ ୱେଲ୍‌ଫେୟାର ଆସୋସିଏଶନର କର୍ମକର୍ତ୍ତାମାନେ ସୋମବାର ଭୁବନେଶ୍ୱର ରସୁଲଗଡ଼ ଶିଳ୍ପାଞ୍ଚଳସ୍ଥିତ ଧରିତ୍ରୀର ମୁଖ୍ୟ କାର୍ଯ୍ୟାଳୟଠାରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀଙ୍କୁ ଭେଟି ନୂଆବର୍ଷ ଶୁଭେଚ୍ଛା ଜଣାଉଛନ୍ତି। ଏହି ଅବସରରେ ଆସୋସିଏଶନ୍‌ର ସରୋଜ କୁମାର ସାହୁ, ପ୍ରହ୍ଲାଦ ଜେନା, ଗୋବର୍ଦ୍ଧନ ପାଲ, ରବି ଜେନା, ପ୍ରସନ୍ନ ସାହୁ, ସୁଶାନ୍ତ ନାୟକ, ପି. ସତ୍ୟନାରାୟଣ, କୃଷ୍ଣ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। (ଫଟୋ: ମନୋରଞ୍ଜନ ମିଶ୍ର)

# ୬ରୁ 'ବିଏସ୍‌କେୱାଇ ନବୀନ କାର୍ଡ' ଆବେଦନ

ଭୁବନେଶ୍ୱର, ୧।୧
(ଅସମାପିକା ସାହୁ)

- ୧୬ଯାଏ ସଚେତନ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ
- ବିଏସ୍‌କେୱାଇରୁ ବଞ୍ଚିତ ଲୋକେ ଆବେଦନ କରିପାରିବେ

'ବିଏସ୍‌କେୱାଇ ନବୀନ କାର୍ଡ' ଲାଗି ଆସନ୍ତା ୬ ତାରିଖରୁ ଅନ୍‌ଲାଇନ ପଞ୍ଜୀକରଣ ଆରମ୍ଭ ହେବ। ୧୬ ତାରିଖ ଯାଏ ଆବେଦନ କରିହେବ। ଅନ୍‌ଲାଇନ୍ ପଞ୍ଜୀକରଣ ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ସୋମବାର ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି।

ଚିଠିରେ ଲେଖାଯାଇଛି, ମୁଖ୍ୟମନ୍ତ୍ରୀ ବିଏସ୍‌କେୱାଇ ନବୀନ କାର୍ଡ ମାଧ୍ୟମରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)କୁ ବ୍ୟାପକ କରିବା ପାଇଁ ଘୋଷଣା କରିଛନ୍ତି। ଯେଉଁମାନେ ବିଏସ୍‌କେୱାଇରେ ଅନ୍ତର୍ଭୁକ୍ତ ହୋଇନାହାନ୍ତି ବା ବିଏସ୍‌କେୱାଇ କାର୍ଡ ପାଇନାହାନ୍ତି ସେମାନେ ନାମ ପଞ୍ଜୀକରଣ କରିପାରିବେ। ସରକାରୀ କର୍ମଚାରୀ, ସରକାରୀ ପେନ୍‌ସନ ଉପଭୋକ୍ତା ଓ କରଦାତାମାନେ ଏଥିଲାଗି ଯୋଗ୍ୟ ବିବେଚିତ ହେବେ ନାହିଁ। ଯୋଗ୍ୟ ବ୍ୟକ୍ତିମାନେ www.bskynabin.odisha.gov.in ପୋର୍ଟାଲରେ ଆବେଦନ କରିପାରିବେ। ଅନ୍‌ଲାଇନ୍‌ରେ କିପରି ଆବେଦନ କରିବେ ସେନେଇ ଲୋକଙ୍କ ମଧ୍ୟରେ ସଚେତନତା କରିବାକୁ କୁହାଯାଇଛି। ଆବେଦନ ପାଇଁ ଉଭୟ ଇଂଲିଶ ଏବଂ ଓଡ଼ିଆ ଫର୍ମ ରହିଛି। ଏଗୁଡ଼ିକ ନିଜ ଜିଲାର ସୋସିଆଲ ମିଡିଆ ହ୍ୟାଣ୍ଡେଲ ଏବଂ ୱେବ୍‌ସାଇଟ୍‌ରେ ଶେୟାର କରିବା ପାଇଁ କୁହାଯାଇଛି। ସେହିଭଳି ଜିଲାସ୍ତରରେ ଏବଂ ଉପଖଣ୍ଡ ସ୍ତରରେ ମିଶନ ଶକ୍ତି, ପଞ୍ଚାୟତିରାଜ ବିଭାଗ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ଗଣଶିକ୍ଷା ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜନସଚେତନତା କାର୍ଯ୍ୟକ୍ରମ କରାଯିବ। ଏଥିସହିତ ଗ୍ରାମପଞ୍ଚାୟତ ସ୍ତରରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନତା କରାଯିବ। ଏସବୁ କାର୍ଯ୍ୟକ୍ରମ ପାଇଁ ପ୍ରତ୍ୟେକ ଜିଲା ନିମନ୍ତେ ୧ଲକ୍ଷ ଟଙ୍କା ଦିଆଯିବ। ଯଦି ଅଧିକ ଆବଶ୍ୟକ ପଡ଼େ , ତେବେ ରାଜ୍ୟ ସ୍ୱାସ୍ଥ୍ୟ ଆସ୍ୟୁରାନ୍ସ ସୋସାଇଟିରୁ ଟଙ୍କା ଦିଆଯିବ। ଏହି ସଚେତନତା ଅଭିଯାନ ୧୬ତାରିଖ ପର୍ଯ୍ୟନ୍ତ ଜାରି ରଖିବାକୁ ଚିଠିରେ ଉଲ୍ଲେଖ ରହିଛି।

ବିଏସ୍‌କେୱାଇ ନବୀନ କାର୍ଡରେ ଅନ୍ତର୍ଭୁକ୍ତ ପରିବାର ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳା ସଦସ୍ୟଙ୍କ ଲାଗି ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ବ୍ୟବସ୍ଥା ରହିଛି। ହିତାଧିକାରୀମାନେ ତାଲିକାଭୁକ୍ତ ଘରୋଇ ହସ୍ପିଟାଲରେ ନିର୍ଦ୍ଧାରିତ ଗୁରୁତର ବା କ୍ରିଟିକାଲ ରୋଗଗୁଡ଼ିକ ଲାଗି ଦେୟମୁକ୍ତ ଚିକିତ୍ସା ପାଇପାରିବେ। ଆସନ୍ତା ମେ ୧ରୁ ଏହି ସୁବିଧା ମିଳିବ।

# ଭିମ୍‌ସାରରେ ବିଜୟିନୀଙ୍କ ଏକୋଇଶିଆ ପାଳନ

ସମ୍ବଲପୁର,୧।୧
(ପ୍ରମୋଦ ବହିଦାର)



ଶିଶୁକନ୍ୟାର ଏକୋଇଶିଆ ଓ ନାମକରଣ ଉତ୍ସବ।

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଲାରିପାଲି ଜଙ୍ଗଲ ମଧ୍ୟରେ ଥିବା ଏକ ପରିତ୍ୟକ୍ତ ବୋର୍‌ୱେଲରୁ ଗତ ଡିସେମ୍ବର ୧୨ରେ ସୁରକ୍ଷିତ ଉଦ୍ଧାର ହୋଇଥିବା ଶିଶୁକନ୍ୟାର ନୂଆବର୍ଷରେ ନାମକରଣ କରାଯାଇଛି। ଚିକିତ୍ସାଧୀନ ଶିଶୁକନ୍ୟା ସୁସ୍ଥ ହେବା ପରେ ସୋମବାର ଭିମ୍‌ସାର ଏସ୍‌ଏନ୍‌ସିୟୁରେ ଏକୋଇଶିଆ ପାଳନ କରାଯାଇଛି। ଏହି ଅବସରରେ ଶିଶୁକନ୍ୟାକୁ ବିଜୟିନୀ ନାମରେ ନାମକରଣ କରାଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଶିଶୁକନ୍ୟାର ମାତାପିତାଙ୍କ ସମ୍ପର୍କରେ ଜଣାପଡ଼ି ନ ଥିବା ବେଳେ ପୋଲିସ ପକ୍ଷରୁ ଏହାର ତଦନ୍ତ ଜାରି ରହିଛି। ଶିଶୁଟି ସୁସ୍ଥ ହୋଇ ସମ୍ପୂର୍ଣ୍ଣ ବିପଦମୁକ୍ତ ଥିବାବେଳେ ଓଜନ କମ୍ ରହିଛି। ଅନ୍ତତଃ ୨ କେଜି ଓଜନର ହେଲା ପରେ ତାକୁ ଡାକ୍ତରଖାନାରୁ ଛୁଟି ମିଳିବ ବୋଲି ଭିମ୍‌ସାର କର୍ତ୍ତୃପକ୍ଷ କହିଛନ୍ତି। ଶିଶୁକନ୍ୟାର ନାମକରଣ ଉତ୍ସବ ପାଇଁ ଭିମ୍‌ସାର ଏସ୍‌ଏନ୍‌ସିୟୁକୁ ଫୁଲ, ବେଲୁନ ଆଦିରେ ସଜ୍ଜିତ କରାଯାଇଥିଲା। ହୋମ ଓ ପୂଜାର୍ଚ୍ଚନା ସହିତ ବିଧିପୂର୍ବକ ଶିଶୁକନ୍ୟାର ନାମକରଣ କରାଯାଇଛି। ଭିମ୍‌ସାର କର୍ତ୍ତୃପକ୍ଷଙ୍କ ସହିତ ଏସ୍‌ଏନ୍‌ସିୟୁ ବିଭାଗର ସମସ୍ତ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ନର୍ସ ଓ କର୍ମଚାରୀଙ୍କ ଗହଣରେ କେକ୍ କଟାଯାଇ ଉତ୍ସବ ପାଳନ କରାଯାଇଥିଲା। ନିଶ୍ଚିତ ମୃତ୍ୟୁକୁ ପରାସ୍ତ କରିଥିବାରୁ ଶିଶୁକନ୍ୟାର ନାମ ବିଜୟିନୀ ରଖାଯାଇଥିବା ଭିମ୍‌ସାର କର୍ତ୍ତୃପକ୍ଷ କହିଛନ୍ତି।

ଏ ସମ୍ପର୍କରେ ଭିମ୍‌ସାର ଭେଷଜ ବିଶେଷଜ୍ଞ ଡା. ଶଙ୍କର ରାମଚନ୍ଦାନୀ କହିଛନ୍ତି, କନ୍ୟାସନ୍ତାନ ହେଉଛନ୍ତି ସମାଜ ପାଇଁ ଅମୂଲ୍ୟ ରତ୍ନ। ସେମାନଙ୍କୁ ଅଲୋଡ଼ା ଭାବୁଥିବା ଲୋକେ ସମାଜ ପାଇଁ ପ୍ରକୃତରେ ଅଲୋଡ଼ା। ଉଦ୍ଧାର ହୋଇଥିବା ଶିଶୁକନ୍ୟାର କେହି ମାତାପିତା ନ ଥିବାରୁ ସେ ହେଉଛି ଭିମ୍‌ସାରର କନ୍ୟା। ତା'ର ଚିକିତ୍ସାଠାରୁ ଆରମ୍ଭ କରି ସମସ୍ତ ଦାୟିତ୍ୱ ଭିମ୍‌ସାର ନିର୍ବାହ କରୁଥିବା ବେଳେ ସୋମବାର କନ୍ୟାଟି ୨୧ଦିନ ପୂରଣ କରିଛି। ତେଣୁ ଶିଶୁକନ୍ୟାର ଏକୋଇଶିଆ ପାଳନ ସହ ମୃତ୍ୟୁକୁ ଜୟ କରିଥିବାରୁ ତା'ର ନାମ ବିଜୟିନୀ ରଖାଯାଇଛି ବୋଲି ସେ କହିଛନ୍ତି। ଶିଶୁକନ୍ୟାକୁ ଚିକିତ୍ସା କରୁଥିବା ଶିଶୁରୋଗ ବିଶେଷଜ୍ଞ ତଥା ଏସ୍‌ଏନ୍‌ସିୟୁ ଇନ୍‌ଚାର୍ଜ ଡା. ସଂଯୁକ୍ତା ପଣ୍ଡା କହିଛନ୍ତି, ଶିଶୁକନ୍ୟା ମୁମୂର୍ଷୁ ଅବସ୍ଥାରେ ଏସ୍‌ଏନ୍‌ସିୟୁରେ ଭର୍ତ୍ତି ହୋଇଥିଲା। ତେବେ ସେ ଏବେ ସୁସ୍ଥ ହୋଇ ସମ୍ପୂର୍ଣ୍ଣ ବିପଦମୁକ୍ତ ହୋଇପାରିଛି। ମୁଖ୍ୟ ଚିକିତ୍ସକ ଶିଶୁରୋଗ ବିଶେଷଜ୍ଞ ପ୍ରଫେସର ଡା. ସୁବାସ ଚନ୍ଦ୍ର ମାଝି କହିଛନ୍ତି, ଶିଶୁକନ୍ୟାକୁ ସୁରକ୍ଷିତ ଉଦ୍ଧାରଠାରୁ ଆରମ୍ଭ କରି ଭିମ୍‌ସାରରେ ଚିକିତ୍ସା ପର୍ଯ୍ୟନ୍ତ ସହଯୋଗ କରିଥିବା ଜିଲା ପ୍ରଶାସନ, ପୋଲିସ, ଦମକଳ ବାହିନୀ, ଚିକିତ୍ସକ ଦଳ, ସମସ୍ତ ନର୍ସ, ସ୍ୱାସ୍ଥ୍ୟକର୍ମୀ, ଆଟେଣ୍ଡାଣ୍ଟ, କର୍ମଚାରୀ ପର୍ଯ୍ୟନ୍ତ ସମସ୍ତେ ଧନ୍ୟବାଦର ପାତ୍ର। ଆଜି ସେ ସୁସ୍ଥ ହେବା ଦଳଗତ ପ୍ରୟାସର ଫଳ ବୋଲି ସେ କହିଛନ୍ତି।

ଧରିତ୍ରୀ DHARITRI Oriya daily
ଆବଶ୍ୟକ କରୁଛି
ପ୍ଲମ୍ବର
ପ୍ରାର୍ଥୀ ପ୍ଲମ୍ବିଂରେ ଆଇ.ଟି.ଆଇ. କିମ୍ବା ଡିପ୍ଲୋମା ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତି କମ୍‌ରେ ୨ ବର୍ଷରୁ ଅଧିକ ଅଭିଜ୍ଞତା ଥିବ ଓ ତାଙ୍କ ବୟସ ୪୦ ବର୍ଷରୁ କମ୍ ହୋଇଥିବା ବାଞ୍ଛନୀୟ । ସେ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଫିଟ୍ ଥିବା ଆବଶ୍ୟକ ।
ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦
ଇ-ମେଲ: recruitment@dharitri.com
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ ।

# ପିକ୍‌ନିକ୍ ପାଇଁ ଏସ୍‌ଓପି

**ଆର୍‌ଟିଓରୁ ଗାଡ଼ି ମାଲିକ ନେବେ ଅନୁମତି**

ଭୁବନେଶ୍ୱର,୧।୧(ଅନିଲଦାସ)

ରାଜ୍ୟରେ ଏବେ ପିକ୍‌ନିକ୍ ଋତୁ ଚାଲିଛି। ପର୍ଯ୍ୟଟନ ସ୍ଥଳଗୁଡ଼ିକରେ ଭିଡ଼ ଜମୁଛି। ଜାନୁୟାରୀ ମାସ ସାରା ବିଭିନ୍ନ ସ୍ଥାନକୁ ଲୋକମାନେ ବଣଭୋଜି କରିବାକୁ ଯିବେ। ପିକ୍‌ନିକ୍ ଯାଉଥିବା ଯାନବାହନଗୁଡ଼ିକ ଅନେକ ସମୟରେ ଦୁର୍ଘଟଣା ଗ୍ରସ୍ତ ହେଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସଡ଼କ ଓ ପରିବହନ ବିଭାଗ ପକ୍ଷରୁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁଅର (ଏସଓପି) ଜାରି କରାଯାଇଛି।

ଏସଓପି ଅନୁସାରେ ମଦ୍ୟପାନ କରି ଗାଡ଼ି ଚଳାଇଲେ ଡ୍ରାଇଭରଙ୍କୁ ତୁରନ୍ତ ଗିରଫ କରାଯାଇ ଲାଇସେନ୍ସ ବାତିଲ କରାଯିବ। ଦୂର ସ୍ଥାନକୁ ପିକ୍‌ନିକ୍ ପାଇଁ ଯାଉଥିଲେ ଡ୍ରାଇଭର ସମେତ ଆଉ ଜଣେ ଆସିଷ୍ଟାଣ୍ଟ ରଖିବାକୁ ପରାମର୍ଶ ଦିଆଯାଇଛି। ଯାନବାହନ ମାଲିକମାନଙ୍କୁ ସମ୍ପୃକ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆରଟିଓ)ରୁ ସ୍ୱତନ୍ତ୍ର ଅନୁମତି ନେବାକୁ ପଡ଼ିବ। ପ୍ରତ୍ୟେକ ପିକ୍‌ନିକ୍ ସ୍ପଟ୍ ନିକଟରେ ପରିବହନ ବିଭାଗ କର୍ମଚାରୀ ନିୟୋଜିତ ରହିବେ। ଯେଉଁ ଯାନଗୁଡ଼ିକର ଫିଟ୍‌ନେସ୍ ସାର୍ଟିଫିକେଟ୍ ବଳବତ୍ତର ଅଛି, କେବଳ ସେହି ଗାଡ଼ିଗୁଡ଼ିକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ପିକ୍‌ନିକ୍ ପାଇଁ ଅନୁମତି ମିଳିବ। ପ୍ରମୁଖ ପିକ୍‌ନିକ୍ ସ୍ପଟ୍ ଗୁଡ଼ିକରେ ଦୁର୍ଘଟଣାଜନିତ ସଚେତନତା କରାଯିବ। ବିପଜ୍ଜନକ କିମ୍ବା ଆପତ୍ତିଜନକ ସାମଗ୍ରୀ ପରିବହନ ରୋକିବା ପାଇଁ ପିକ୍‌ନିକ୍ ସ୍ପଟ୍, ତୀର୍ଥ ସ୍ଥାନଗୁଡ଼ିକ ନିକଟରେ ଯାନବାହନଗୁଡ଼ିକର କଡ଼ାକଡ଼ି ଯାଞ୍ଚ କରାଯିବ। ଓଭରଲୋଡିଂ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପରିବହନ ବିଭାଗ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସହିତ ନିୟମିତ ଯୋଗାଯୋଗ କରିବ। ପିକ୍‌ନିକ୍ ସ୍ପଟ୍‌ଗୁଡ଼ିକରେ ସଡ଼କ ସୁରକ୍ଷା ବାର୍ତ୍ତା ଏବଂ ପ୍ରଶଂସାପତ୍ର, ପାମ୍ପଲେଟ୍ ଆକାରରେ ବଣ୍ଟନ କରାଯିବ।












ତୁମର କର୍ତ୍ତବ୍ୟ ହେଲା- ତୁମେ ସର୍ବଦା ସଚେତନ ରହିବ ଯେ, ତୁମର ସଚେତନ ଅନ୍ତରାତ୍ମା ହିଁ ତୁମକୁ ଶାସନ କରିବା ଉଚିତ। ତୁମର ନିମ୍ନପ୍ରକୃତିରୁ ଉଦ୍ଭୁତ କୌଣସି କୁତ୍ସିତ ପ୍ରବେଗ ହାତରେ ତୁମେ କ୍ରୀଡା ପୁତ୍ତଳିକା ହେବା ଉଚିତ ନୁହେଁ। -ଶ୍ରୀମା

# ଲୋହିତ ସାଗର ବିପଦ

କୋଭିଡ୍-୧୯ ମହାମାରୀ ପରେ ବିଶ୍ୱର କ୍ଷତିଗ୍ରସ୍ତ ଅର୍ଥ ବ୍ୟବସ୍ଥା ପୂର୍ବାବସ୍ଥାକୁ ଫେରୁଥିବାବେଳେ ବିଭିନ୍ନ ସ୍ଥାନରେ ଯୁଦ୍ଧ ଆରମ୍ଭ ହେବା ଏବଂ ଚରମ ପାଣିପାଗ ସ୍ଥିତି ଏଥିରେ ବାଧା ସୃଷ୍ଟିକରି ଆସୁଛି। ୨୪ ଫେବୃୟାରୀ ୨୦୨୨ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରେ ୭ ଅକ୍ଟୋବର ୨୦୨୩ରୁ ଗାଜାରେ ଇସ୍ରାଏଲ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ମୁଖ୍ୟତଃ ହମାସ୍ ଉଗ୍ରବାଦୀଙ୍କୁ ମୂଳପୋଛ କରିବା ଲାଗି ଇସ୍ରାଏଲ ଆକ୍ରମଣ ତୀବ୍ର କରିଛି। ଇସ୍ରାଏଲକୁ ପାଶ୍ଚାତ୍ୟ ସମର୍ଥନ କରିବା ସହ ଅସ୍ତ୍ରଶସ୍ତ୍ର ଯୋଗାଇଦେଉଛି। ଏଭଳି ସ୍ଥିତିକୁ ଲକ୍ଷ୍ୟକରି ଇରାନ ସମର୍ଥିତ ୟେମେନ୍‌ର ହୁତି ଉଗ୍ରବାଦୀମାନେ ଇସ୍ରାଏଲ ବିରୋଧରେ ଯୁଦ୍ଧ ଆରମ୍ଭ କରିଦେଇଛନ୍ତି। ଚିନ୍ତାର ବିଷୟ ହେଉଛି, ହୁତି ଉଗ୍ରବାଦୀମାନେ ଲୋହିତ ସାଗରରେ ପଣ୍ୟବାହୀ ଜାହାଜଗୁଡ଼ିକ ଉପରେ ଆକ୍ରମଣ କରିଦେଇଛନ୍ତି। ନଭେମ୍ବର ୧୯ରୁ ଏଯାବତ୍ ଉଗ୍ରବାଦୀମାନେ ଲୋହିତ ସାଗରରେ ଛୋଟ ବଡ଼ ନେଇ ୨୩ଟି ଆକ୍ରମଣ କରିସାରିଲେଣି। ଡିସେମ୍ବର ଶେଷଭାଗରେ ଭାରତର ୨ଟି ଓ ଡେନ୍ମାର୍କର ମାଏର୍ସ୍କ ହାଙ୍ଗ୍‌ଝୋଉ ଜାହାଜ ଉପରେ ଲଗାତର ଆକ୍ରମଣ କରିଛି। ଉଲ୍ଲେଖନୀୟ ଯେ,ବିଶ୍ୱ ବାଣିଜ୍ୟର ପାଖାପାଖି ୧୨% ଏବଂ ବିଶ୍ୱରେ ମୋଟ ପାଣିଜାହାଜ ପରିବହନର ୩୦% ଏହି ସାଗରରେ ହୋଇଥାଏ। ଏହି ବାଟ ଦେଇ ଅଶୋଧିତ ତୈଳ, ପାମ୍ ଅଏଲ ଭଳି ବିଭିନ୍ନ ଖାଇବାତେଲ, ଖାଦ୍ୟଶସ୍ୟ, ମେଶିନ ଓ ବୈଦ୍ୟୁତିକ ସରଞ୍ଜାମ, ଗାଡ଼ି, ହସ୍ତକଳା ସାମଗ୍ରୀ, ପୋଷାକ ଏବଂ ଚମଡ଼ା ଇତ୍ୟାଦି କାରବାର ହୋଇଥାଏ। ଏହାର ବାର୍ଷିକ ମୂଲ୍ୟ ଅନେକ ଶହ ବିଲିୟନ ଡଲାର। ଏଣୁ ଲୋହିତ ସାଗରରେ କୌଣସି ପ୍ରକାର ବାଣିଜ୍ୟିକ ବାଧା ଯୋଗୁ ଖାଦ୍ୟଶସ୍ୟ ଓ ତୈଳ ଦର ବୃଦ୍ଧିର ଆଶଙ୍କା ରହିଛି। କ୍ଷୁଧା ସଙ୍କଟ ମଧ୍ୟ ଦେଖାଦେବା ସମ୍ଭାବନା ଅଛି। ସ୍ମରଣଯୋଗ୍ୟ, ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଆରମ୍ଭରୁ କୃଷ୍ଣ ସାଗରରେ ବାଣିଜ୍ୟିକ କଟକଣା ବିଶ୍ୱରେ ଖାଦ୍ୟଶସ୍ୟ ଅଭାବ ଓ ମୂଲ୍ୟ ବୃଦ୍ଧି ଭଳି ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥିଲା। ମୁଖ୍ୟତଃ ଦକ୍ଷିଣ ଆଫ୍ରିକୀୟ ଓ ନିମ୍ନ ଆୟବର୍ଗର ଅନେକ ଦେଶ ଅତ୍ୟଧିକ କ୍ଷତିଗ୍ରସ୍ତ ହୋଇଥିଲେ, ଯାହା ଏଯାବତ ସମ୍ପୂର୍ଣ୍ଣ ଭରଣା ହୋଇପାରିନାହିଁ। ତେବେ ୨୦୨୩ର ଦ୍ୱିତୀୟାର୍ଦ୍ଧରେ ରୁଷିଆ କଟକଣା କୋହଳର କରି ଯାଞ୍ଚ ବ୍ୟବସ୍ଥା ସର୍ତ୍ତରେ ବାଣିଜ୍ୟକୁ ଅନୁମତି ଦେବା ଯୋଗୁ ସ୍ଥିତିରେ ସୁଧାର ଆସିବାରେ ଲାଗିଛି। ହେଲେ ବର୍ତ୍ତମାନ ଲୋହିତ ସାଗରରେ ହେଉଥିବା ଆକ୍ରମଣକୁ ରୋକା ନ ଗଲେ ବିଶ୍ୱ ବାଣିଜ୍ୟ ପୁନଃ ପ୍ରଭାବିତ ହେବା ସହ ଅର୍ଥ ବ୍ୟବସ୍ଥା ନକାରାତ୍ମକ ପରିଣାମ ସ୍ୱାମ୍ନା କରିବ ବୋଲି ଅର୍ଥନୀତିଜ୍ଞମାନେ ସତର୍କ କରିଦେଇଛନ୍ତି। କେବଳ ହୁତି ନୁହେଁ, ଲେବାନନ୍‌ର ହିଜ୍‌ବୁଲା ଓ ଇରାକରେ ଇରାନ ପ୍ରୋତ୍ସାହିତ ଉଗ୍ରବାଦୀମାନେ ମଧ୍ୟ ସକ୍ରିୟ ହୋଇଯାଇଛନ୍ତି। ବିଶ୍ୱରେ ବୃହତ୍ ଶକ୍ତିଗୁଡ଼ିକ ଦ୍ୱାରା ସୃଷ୍ଟି କରାଯାଉଥିବା ଯୁଦ୍ଧ ସ୍ଥିତିରୁ ସେମାନେ ଫାଇଦା ଉଠାଇବାକୁ ଚାହୁଁଛନ୍ତି। କାରଣ ଏସବୁ ଉଗ୍ରବାଦୀଙ୍କ ନିକଟରେ ବାଲିଷ୍ଟିକ୍ ମିଶାଇଲ ଓ ଅତ୍ୟାଧୁନିକ ଡ୍ରୋନ୍ ରହିଛି। ମାନବତା ପ୍ରତି ବିପଦ ସୃଷ୍ଟି କରୁଥିବା ଏଭଳି ଉଗ୍ରବାଦୀଙ୍କ କବଳରୁ ବାଣିଜ୍ୟ ପଥକୁ ମୁକ୍ତକରିବା ଜରୁରୀ ହୋଇପଡ଼ିଛି। ଏହାକୁ ଲକ୍ଷ୍ୟ କରି ଲୋହିତ ସାଗରରେ ଆମେରିକା ହୁତି ଉଗ୍ରବାଦୀଙ୍କ ଉପରେ କରିଥିବା ଆକ୍ରମଣରେ ୧୦ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ତେବେ ଆମେରିକା ନେତୃତ୍ୱରେ ପ୍ରସ୍ତାବିତ ବହୁଦେଶୀୟ ନୌସେନା ଦ୍ୱାରା ଗଠିତ ଅପରେଶନ ପ୍ରସ୍‌ପରିଟି ଗାର୍ଡିଅନ(ଓପିଜି) ହୁଏତ କିଛି ସମାଧାନର ବାଟ ବାହାର କରିପାରେ ବୋଲି ପ୍ରତିରକ୍ଷା ବିଶେଷଜ୍ଞ କହିଛନ୍ତି।

**ଭାରତର ବାଣିଜ୍ୟ ସ୍ୱାର୍ଥକୁ ବିଚାରକୁ ନେଲେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରୁ ଚାଇନାର ପ୍ରଭାବ ହ୍ରାସ କରିବା ଲାଗି ଆମେରିକା ନେତୃତ୍ୱରେ ଯେଭଳି ଚତୁଃରାଷ୍ଟ୍ରୀୟ ସାମରିକ ମେଣ୍ଟ କ୍ୱାଡ୍ ଗଠନ କରାଯାଇଛି ସେହିଭଳି ଲୋହିତ ସାଗରରେ ଉଗ୍ରବାଦୀଙ୍କ ଦାଦାଗିରିକୁ ଓପିଜି ମାଧ୍ୟମରେ ପ୍ରତିହତ କରାଯିବା ଜରୁରୀ। ଭାରତ ବୁଝିବିଚାରି ଏଥିରେ ଯୋଗଦେବାର ଆବଶ୍ୟକତା ଥିବା ମନେହୁଏ।**

ଭାରତର ସମୁଦ୍ର ପଥରେ ବାଣିଜ୍ୟିକ କାରବାରକୁ ଦେଖିଲେ ଭାରତ ମହାସାଗର ଓ ଲୋହିତ ସାଗରର ଭୂମିକା ଅଧିକ। ଏକ ଆକଳନରୁ ଜଣାପଡ଼ିଛି ଯେ ୟୁରୋପ, ଆଫ୍ରିକୀୟ ଓ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକୁ ଭାରତ ପ୍ରାୟ ୨୨୫-୨୩୦ ବିଲିୟନ ଡଲାର ମୂଲ୍ୟର ଜିନିଷ ରପ୍ତାନି କରେ। କିନ୍ତୁ ଦକ୍ଷିଣ ଲୋହିତ ସାଗରରେ ଭାରତୀୟ ପଣ୍ୟବାହୀ ଜାହାଜ ଉପରେ ଆକ୍ରମଣ ଏବେ ଭାରତ ମହାସାଗର ଓ ଲୋହିତ ସାଗରରେ ବାଣିଜ୍ୟ ପ୍ରତି ଗମ୍ଭୀର ବିପଦ ସୃଷ୍ଟି କରିଛି। ଚାଇନାର ବାଣିଜ୍ୟିକ କାରବାର ମଧ୍ୟ ଲୋହିତ ସାଗର ଉପରେ ଅଧିକ ନିର୍ଭରଶୀଳ। କିନ୍ତୁ ଆମେରିକାର ପ୍ରସ୍ତାବିତ ଓପିଜିରେ ତାହା ସାମିଲ ହୋଇନାହିଁ। ଇରାନ ବି ଦୂରେଇ ରହିଛି। ତେବେ ଭାରତର ବାଣିଜ୍ୟ ସ୍ୱାର୍ଥକୁ ବିଚାରକୁ ନେଲେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରୁ ଚାଇନାର ପ୍ରଭାବ ହ୍ରାସ କରିବା ଲାଗି ଆମେରିକା ନେତୃତ୍ୱରେ ଯେଭଳି ଚତୁଃରାଷ୍ଟ୍ରୀୟ ସାମରିକ ମେଣ୍ଟ କ୍ୱାଡ୍ ଗଠନ କରାଯାଇଛି ସେହିଭଳି ଲୋହିତ ସାଗରରେ ଉଗ୍ରବାଦୀଙ୍କ ଦାଦାଗିରିକୁ ଓପିଜି ମାଧ୍ୟମରେ ପ୍ରତିହତ କରାଯିବା ଜରୁରୀ। ଭାରତ ବୁଝିବିଚାରି ଏଥିରେ ଯୋଗଦେବାର ଆବଶ୍ୟକତା ଥିବା ମନେହୁଏ।

# ଋଣଯନ୍ତାରୁ ମୁକ୍ତିର ଉପାୟ



ଅନନ୍ତ ଚରଣ ସ୍ୱାଇଁ

ଋଣ ଯନ୍ତା ଏକ ପ୍ରକାର ଆର୍ଥିକ ସ୍ଥିତିକୁ ଇଙ୍ଗିତ କରିଥାଏ। ଏହା ହେଉଛି ଏକ ପରିସ୍ଥିତି, ଯେଉଁଠାରେ ଜଣେ ବ୍ୟକ୍ତି କିମ୍ବା କମ୍ପାନୀ ନିଜର ଋଣ ପରିଶୋଧ କରିବାକୁ ଅସମର୍ଥ ହୋଇଥାଆନ୍ତି। ଫଳରେ ପୁରୁଣା ଋଣ ପରିଶୋଧ କରିବା ପାଇଁ ବାଧ୍ୟ ହୋଇ ଅଧିକ ସୁଧରେ ଆଉ ଏକ ଋଣ କରିଥାଆନ୍ତି। ଏହି ପ୍ରକ୍ରିୟା କ୍ରମାଗତ ଲାଗିରହେ। ଋଣ ପରିଚାଳନା ନିଜ ନିୟନ୍ତ୍ରଣରୁ ବାହାରକୁ ଚାଲିଯାଏ। ଋଣ ଭାରରୁ ମୁକ୍ତି ମିଳେ ନାହିଁ। ସାରା ଜୀବନ ଋଣର ଚକ୍ରବ୍ୟୂହ ଭିତରେ ରହି ହନ୍ତସନ୍ତ ହେବାକୁ ପଡେ। ସୁବିଧାରେ ମିଳୁଥିବା ଋଣ, ଏହାର ଦୁରୁପଯୋଗ, ଖର୍ଚ୍ଚ ନିୟନ୍ତ୍ରଣରେ ବିଫଳତା, କ୍ରେଡିଟ କାର୍ଡର ମନମୁଖି ବ୍ୟବହାର ଋଣ ଯନ୍ତାରେ ପଡ଼ିବାର ପଥ ପରିଷ୍କାର କରିଥାଏ।

ମୂଷାମାନଙ୍କ ଉପଦ୍ରବରୁ ରକ୍ଷା ପାଇବା ପାଇଁ ଯନ୍ତାର ବ୍ୟବହାର ବିଷୟରେ ସମସ୍ତେ ଅଳ୍ପବହୁତେ ଅବଗତ। ମୂଷା ଆପେ ଆପେ ଯନ୍ତା ଭିତରେ ପଡ଼ି ନ ଥାଏ। ମୂଷାଙ୍କୁ ଆକୃଷ୍ଟ କରିବା ପାଇଁ ଯନ୍ତା ଭିତରେ ସାଦିଷ୍ଟ ଖାଦ୍ୟଦ୍ରବ୍ୟ ରଖାଯାଏ। ଏହି ଖାଦ୍ୟ ଖାଇବା ପାଇଁ ମୂଷା ଯନ୍ତା ଭିତରକୁ ଯାଇ ଆଉ ବାହାରକୁ ବାହାରିପାରେ ନାହିଁ। ଶେଷରେ ମୃତ୍ୟୁମୁଖରେ ପଡ଼ିଥାଏ। ଠିକ୍ ସେହିପରି ଋଣ ଯନ୍ତାରେ କେହି ଆପେ ଆପେ ପଡ଼ି ନ ଥାଏ। ବିଭିନ୍ନ ପ୍ରକାର ସୁବିଧା ସୁଯୋଗର ଦୃଷ୍ଟାନ୍ତ ଦେଇ ଗ୍ରାହକଙ୍କୁ ଆକୃଷ୍ଟ କରି ଋଣ ଦିଆଯାଏ। ଋଣଟି ମୁଖ୍ୟତଃ ପୁରୁଣା ଋଣର ପରିଶୋଧ କିମ୍ବା ଅନ୍ୟ ଦରକାରୀ ବା ଅଦରକାରୀ ଖର୍ଚ୍ଚରେ ଲାଗିଥାଏ। ସହଜରେ ମିଳୁଥିବା ଏହି ଋଣର ପରିଶୋଧ ପାଇଁ ମାସିକ କିସ୍ତି ପ୍ରଥମେ ଗ୍ରାହକୁ ବୋଝ ପରି ଲାଗେ ନାହିଁ। ପରେ ଏପରି ଏକ ସମୟ ଆସେ ଉଭୟ ଋଣ ରାଶି ଓ ଋଣ ପରିଶୋଧ ପାଇଁ ମାସିକ କିସ୍ତି କ୍ରମେ ବଢ଼ି ଚାଲେ। ଗୋଟିଏ ଋଣ ପରିଶୋଧ ପାଇଁ ଅନ୍ୟ ଏକ ଋଣ କରିବାକୁ ପଡ଼େ। ଯେତେ ଶୁଝିଲେବି ଋଣ ସରେ ନାହିଁ। ଏପରି ସ୍ଥିତିକୁ ଋଣ ଯନ୍ତା କୁହାଯାଏ। ଥରେ ଋଣ ଯନ୍ତାରେ ପଡ଼ିଗଲେ, ସେଠାରୁ ବାହାରିବା କଷ୍ଟକର।

ଏବେ ଋଣଟିଏ ସହଜରେ ମିଳିପାରୁଛି। ଫଳରେ ଏହାର ବ୍ୟବହାର ଓ ଅପବ୍ୟବହାର ଅନେକ ଗୁଣ ବଢ଼ିଯାଇଛି। କ୍ରେଡିଟ କାର୍ଡର ବହୁଳ ବ୍ୟବହାର ଏବଂ ଏହାର ଜଟିଳ ସର୍ତ୍ତାବଳୀକୁ ଠିକ୍ କରି ନ ବୁଝିବା ହେତୁ ଅନେକ ବ୍ୟକ୍ତି ଋଣ ଯନ୍ତାରେ ପଡ଼ିଯାଆନ୍ତି। କ୍ରେଡିଟ କାର୍ଡ ହେଉଛି ଋଣ ନେବାର ଏକ ମାଧ୍ୟମ। କାର୍ଡଧାରୀମାନେ ପୂର୍ବ ନିର୍ଦ୍ଧାରିତ ସୀମା ରାଶି ମଧ୍ୟରେ ଏହା ବ୍ୟବହାର କରିପାରିବେ। ଯେତେବେଳେ ପାଖରେ ଟଙ୍କା ନଥାଏ ବା ଟଙ୍କାର ଅଭାବ ଥାଏ ସେତେବେଳେ ଜରୁରୀ ଖର୍ଚ୍ଚ ଭରଣା ପାଇଁ କ୍ରେଡିଟ କାର୍ଡ କାମରେ ଆସେ। କ୍ରେଡିଟ କାର୍ଡରେ ବ୍ୟବହୃତ କ୍ରୟ ରାଶି ଆମ ନିଜର ନୁହେଁ। ଏହା ଏକ ବନ୍ଧକ ବିହୀନ ଋଣ। ଏହାକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପରିଶୋଧ ନ କଲେ କାର୍ଡ ପ୍ରଦାନକାରୀ ସଂସ୍ଥା ବିଳମ୍ବ ଶୁଳ୍କ ଓ ଅଧିକ ଉଚ୍ଚ ହାରରେ (୨୪% ରୁ ୫୪%)ସୁଧ ନେଇଥାଆନ୍ତି। ଫଳରେ ଉପଭୋକ୍ତା ସୁଧ ଦେଇ ଦେଇ ନୟାନ୍ତ ହୋଇଯାଏ ଏବଂ ଋଣ ଚକ୍ରବ୍ୟୂହ ଭିତରେ ଫସିଯାଏ। ଏପରି ଋଣ ଯନ୍ତାରୁ ମୁକ୍ତି ପାଇବା ଅନେକ କଷ୍ଟସାଧ୍ୟ।



ସମାଜରେ ଅନେକ ବ୍ୟକ୍ତି ଋଣ ଯନ୍ତାରେ ଘାଣ୍ଟି ହେବାର ଦୃଷ୍ଟାନ୍ତ ରହିଛି। ଆର୍ଥିକ କାରବାର ଲକ୍ଷଣରୁ ହିଁ ଋଣ ଯନ୍ତାରେ ପଡ଼ିବାର ସୂଚନା ମିଳିଥାଏ। ଏସବୁ ଲକ୍ଷଣ ଦେଖାଦେବା ମାତ୍ରକେ ସେଥିପ୍ରତି ସତର୍କ ଓ ସାବଧାନ ରହିବା ବୁଦ୍ଧିମତ୍ତାର ପରିଚୟ।।

(୧) ଋଣ ପରିଶୋଧର ମାସିକ କିସ୍ତି ନିଜ ମାସିକ ଆୟର ୫୦ ପ୍ରତିଶତରୁ ଅଧିକ ହେବା ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା। ଏପରି ସ୍ଥିତି ଲାଗିରହିଲେ ଖୁବ୍ ଶୀଘ୍ର ଋଣ ଜାଲରେ ଛନ୍ଦି ହେବାର ସମ୍ଭାବନା ଅଧିକ।

(୨) ମାସିକ ସ୍ଥିର ଖର୍ଚ୍ଚ ବା ବାଧ୍ୟତାମୂଳକ ଖର୍ଚ୍ଚ ( ଘରଭଡ଼ା, ବିଦ୍ୟାଳୟ ଶୁଳ୍କ, ବିଦ୍ୟୁତ ଓ ପାଣି ବିଲ୍, ଖାଦ୍ୟ ଇତ୍ୟାଦି), ଯେଉଁ ଖର୍ଚ୍ଚକୁ କମାଇ ହେବ ନାହିଁ, ତାହା ନିଜ ଆୟର ୫୦% ଭିତରେ ସୀମିତ ରହିବା ଆବଶ୍ୟକ। ଏହି ଖର୍ଚ୍ଚ ଆୟର ୭୦% ଅତିକ୍ରମ କଲେ ଋଣ ଜାଲରେ ପଡ଼ିଯିବାର ଏହା ଚେତାବନୀ।

(୩) କ୍ରେଡିଟ କାର୍ଡର ସୀମା ବାରମ୍ବାର ଶେଷ ହେବା, କ୍ରେଡିଟ କାର୍ଡର ସମ୍ପୂର୍ଣ୍ଣ ଦେୟ ନ ଦେଇ ପାରିବା; ଅନେକ ଋଣ କରିବା ହେଉଛି ଋଣ ଜାଲରେ ପଡ଼ିବାର ଲକ୍ଷଣ।

(୪) କ୍ରମାଗତ ସଞ୍ଚୟ ପାଇଁ ଟଙ୍କାର ଅଭାବ ଋଣ ଯନ୍ତାରେ ପଡ଼ିବାର ସମ୍ଭାବନା ସୃଷ୍ଟି କରେ।

(୫) ପ୍ରେରଣା କ୍ରୟର ମାନସିକତା ଦ୍ୱାରା ଅନାବଶ୍ୟକ ବସ୍ତୁ କିଣିବାରେ ଅନେକ ଅର୍ଥ ଲାଗିଥାଏ। ପୂର୍ବପ୍ରସ୍ତୁତି ନ ଥାଇ ହଠାତ କୌଣସି ଜିନିଷ ପ୍ରତି ଆକର୍ଷିତ ହେବା ଓ ଏହାର ବ୍ୟବହାରିକ ଦିଗକୁ ଦୃଷ୍ଟି ନ ଦେଇ ଏହାକୁ କିଣିବା ହେଉଛି ପ୍ରେରଣା କ୍ରୟ। ଏପରି ଖର୍ଚ୍ଚର ଭରଣା ପାଇଁ ଅଧିକରୁ ଅଧିକ ଋଣ କରିବାକୁ ପଡ଼େ। ଶେଷରେ ଏପରି ପରିସ୍ଥିତି ଆସେ ଯେ, ଋଣ ପରିଶୋଧ କରିବା ସମ୍ଭବ ହୋଇ ନ ଥାଏ ଏବଂ ଋଣ ଜାଲରେ ବ୍ୟକ୍ତି ଛନ୍ଦି ହୋଇଯାଏ।

(୬) ଋଣ ଓ ସମ୍ପତ୍ତିର ଅନୁପାତ । ଋଣ ଓ ସମ୍ପତ୍ତିର ଅନୁପାତରୁ ବ୍ୟକ୍ତିର ଆର୍ଥିକ ସ୍ଥିତି ବିଷୟରେ ଜଣାପଡ଼ିଥାଏ। ମନେକର ଜଣଙ୍କର ମୋଟ ଋଣ ୩୦ ଲକ୍ଷ ଟଙ୍କା ଏବଂ ତାଙ୍କର ଟ୧୫ ଲକ୍ଷର ସମ୍ପତ୍ତି ଅଛି। ତେବେ ଋଣ ଓ ସମ୍ପତ୍ତିର ଅନୁପାତ ହେଉଛି : ୩୦/୧୫= ୨ /୦। ବିଶେଷଜ୍ଞମାନଙ୍କ ମତରେ ଏହି ଅନୁପାତ ୦/୫ ରୁ କମ୍ ହେବା ଦରକାର। ଅର୍ଥାତ ସମ୍ପତ୍ତିର ମୁଖ୍ୟ ଋଣର ଦୁଇଗୁଣରୁ ଅଧିକ ହେବା ଦରକାର , ନ ହେଲେ ବ୍ୟକ୍ତି ଋଣ ଯନ୍ତାରେ ପଡ଼ିବାର ସମ୍ଭାବନା ଅଧିକ।

ଋଣ ଯନ୍ତାରେ ପଡ଼ିଥିଲେ କିମ୍ବା ପଡ଼ିବାକୁ ଯାଉଥିଲେ ସେଥିରୁ ରକ୍ଷା ପାଇବାର ଉପାୟ ବାହାର କରିବା ବୁଦ୍ଧିମତ୍ତାର ପରିଚୟ। ଆୟଠାରୁ ବ୍ୟୟ ଅଧିକ ହେଲେ ଚଳିବା ପାଇଁ ଋଣ କରିବାକୁ ପଡ଼େ। ଯେହେତୁ ଋଣ ପରିଶୋଧ କରିବା ପାଇଁ ଆବଶ୍ୟକ ସମ୍ବଳ ପାଖରେ ନ ଥାଏ, ଦିନକୁ ଦିନ ଏହି ଋଣ ବଢ଼ି ଚାଲେ ଓ ବ୍ୟକ୍ତି ଋଣ ଯନ୍ତାରେ ଆବଦ୍ଧ ହୋଇଯାଏ। ଏଣୁ ଖର୍ଚ୍ଚକୁ ନିଜ ଆୟ ମଧ୍ୟରେ ସୀମିତ ରଖିପାରିଲେ ଋଣ ଜାଲରେ ପଡ଼ିବାର ସମ୍ଭାବନା ନ ଥାଏ।

ଅଧିକା ଋଣ ନେବା ବନ୍ଦ କରିବା ସହ ଅନେକ ଋଣ ଥିଲେ, ପ୍ରଥମେ ଅଧିକ ସୁଧ ଲାଗୁଥିବା ଋଣ (କ୍ରେଡିଟ କାର୍ଡ ଦେୟ)ଗୁଡ଼ିକ ପରିଶୋଧ କରିଦେଲେ, ଋଣ ବୋଝ କିଛି ମାତ୍ରାରେ ଊଣା ହେବ ଏବଂ ଧୀରେ ଧୀରେ ଆର୍ଥିକ ସୁଧାର ଆସିବ।

ଜୀବନଶୈଳୀରେ ପରିବର୍ତ୍ତନ, ଅନାବଶ୍ୟକ ଦ୍ରବ୍ୟ ପ୍ରତି ଅନାସକ୍ତ, କ୍ରେଡିଟ କାର୍ଡ ଖର୍ଚ୍ଚ ଉପରେ ନିୟନ୍ତ୍ରଣ, ଖର୍ଚ୍ଚର ପ୍ରାଥମିକତା ଓ ବିଶ୍ଳେଷଣ,ଋଣ ଉପରେ କମ୍ ନିର୍ଭରଶୀଳ ଓ ଅଯଥା ଖର୍ଚ୍ଚରେ ମନ ନ ଦେଲେ ଋଣ ଯନ୍ତାରୁ ନିଜକୁ ଦୂରେଇ ରଖିହେବ।

ମୋ:୭୩୮ ୧୩୬୬୭୭୭

# ବିଷକୁମ୍ଭମ୍ ପୟୋମୁଖମ୍



ହରିଶଙ୍କର ମିଶ୍ର

ଆମ ଓଡ଼ିଆରେ ଗୋଟିଏ କଥା ଅଛି 'ମଧୁର ବିନୟ ବଚନ। କହି ତୋଷିବ ଜନମନ'। ବିଜ୍ଞ ଜନମାନେ କୁହନ୍ତି, ଆମ ଜିହ୍ୱାରେ ଅମୃତ ଓ ବିଷ ଉଭୟ ରହିଥାଏ। କଥାକୁ ଠିକ୍ ଢଙ୍ଗରେ ପ୍ରୟୋଗକଲେ ଶତ୍ରୁ ନିଜର ହୋଇପାରେ। ସେଥିରୁ ବିଚ୍ୟୁତ ହେଲେ ମିତ୍ର ଶତ୍ରୁ ହୋଇଥାଏ। ମଧୁର ବଚନ କହିବାରେ କେହି କୃପଣ ଭାବ ନ ଦେଖାଇବା ପାଇଁ ମଧ୍ୟ ସେମାନେ ପରାମର୍ଶ ଦେଇଛନ୍ତି। ଏହି ମଧୁର ବଚନ କେବଳ ସାମାଜିକ ସଂହତି ପାଇଁ ଉପଯୋଗୀ ଥିବାବେଳେ ଏବେ ଏହା ଅନେକଙ୍କ ପାଇଁ ଏଭଳି ଅନୁସରଣୀୟ ହୋଇଯାଇଛି ଯେ ସେମାନେ କେଉଁ କଥାଶୈଳୀ ମାଧ୍ୟମରେ କାହାକୁ ପ୍ରଭାବିତ କରିପାରିବେ ସେଥିପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସ୍ପଷ୍ଟ ହେଉଛି। ଆମ ଦେଶର ବିଚିତ୍ର ଗଣତନ୍ତ୍ର ବ୍ୟବସ୍ଥାରେ ଜନସଂଖ୍ୟାର ୩୦ ଶତାଂଶ ଭୋଟରଙ୍କ ସମର୍ଥନ ପାଇଥିବା ବ୍ୟକ୍ତି ମଧ୍ୟ ପଞ୍ଚାୟତରୁ ପାର୍ଲାମେଣ୍ଟର ସଭ୍ୟ ହେବାକୁ ଯୋଗ୍ୟ ହୋଇଥାଆନ୍ତି। ନିର୍ବାଚନ ପରେ କ୍ଷମତା ପାଉଥିବା ବ୍ୟକ୍ତିଙ୍କ ସହ ତାଙ୍କର ରାଜନୈତିକ ଦଳର ତଳୁ ଉପର ସ୍ତର ଯାଏ ଥିବା ବ୍ୟକ୍ତିମାନେ କ୍ଷମତାର ଯଥେଷ୍ଟ ଉପଯୋଗ ଓ ଉପଭୋଗ କରୁଥିବା ସମସ୍ତେ ଜାଣନ୍ତି। କିନ୍ତୁ ସେଇ ନିର୍ବାଚିତ ପ୍ରତିନିଧିମାନେ ନିଜକୁ ସମ୍ପୂର୍ଣ୍ଣ ଦେଶ , ରାଜ୍ୟ ବା ନିର୍ବାଚିତ କରିଥିବା ସମଗ୍ର ଅଞ୍ଚଳବାସୀଙ୍କ ପାଇଁ ନିଜକୁ ସମର୍ପଣ କରୁଥିବା କହିବାରେ ସାମାନ୍ୟ ଦ୍ୱିଧା ପ୍ରକାଶ କରନ୍ତି ନାହିଁ। ଆମ ରାଜ୍ୟର ଲୋକସଂଖ୍ୟା ୨୦୧୧ ଜନ ଗଣନାରେ ୪ କୋଟି ୨୦ଲକ୍ଷ ଥିଲା। ୨୦୨୧ରେ କରୋନା ସଂକ୍ରମଣ ଯୋଗୁ ଜନଗଣନା ହୋଇ ନ ଥିଲେ ବି ଗାଣିତିକ ବୃଦ୍ଧି ଆଧାରରେ ଏହି ବର୍ଷରେ ୪କୋଟି ୭୦ଲକ୍ଷ, ୨୦୨୨ରେ ୪କୋଟି ୭୫ ଲକ୍ଷ ଏବଂ ତାହା ୨୦୨୩ ରେ ୪କୋଟି ୭୯ ଲକ୍ଷ ଆକଳନ କରାଯାଇଛି। କିନ୍ତୁ ଆମ ରାଜ୍ୟର ପ୍ରତ୍ୟେକ ରାଜନୈତିକ ଦଳୀୟ ନେତା ୨୦୧୯ର ଜନସଂଖ୍ୟା ଆଧାରରେ ରାଜନୈତିକ ଭାଷଣ ମାଧ୍ୟମରେ ସାଢ଼େ ୪କୋଟି ଓଡ଼ିଆଙ୍କୁ ସେମାନଙ୍କର ସମ୍ପତ୍ତି ଏବଂ ସେମାନଙ୍କ ସ୍ୱାର୍ଥ ସୁରକ୍ଷାକୁ ପ୍ରାଥମିକତା ଦେଉଥିବା ଘୋଷଣା କରିଥାଆନ୍ତି।

ରାଜ୍ୟର ସୀମାନ୍ତ ଅଞ୍ଚଳ ପଡ଼ୋଶୀ ରାଜ୍ୟ କବଳିତ ହେଉଥିବା ବେଳେ ରାଜ୍ୟର ପ୍ରତ୍ୟେକ ଇଞ୍ଚ ଜାଗା ସୁରକ୍ଷିତ ରହିଛି ଏବଂ ପଡ଼ୋଶୀ ରାଜ୍ୟ ବିଦ୍ୟାଳୟରେ ଓଡ଼ିଆ ଭାଷା ଉଚ୍ଛେଦ ସତ୍ତ୍ୱେ ପ୍ରତ୍ୟେକ ଓଡ଼ିଆ ଭାଷାଭାଷୀଙ୍କ ଭାଷା ସୁରକ୍ଷା ପାଇଁ ସମ୍ପୂର୍ଣ୍ଣ ସଚେତନ ବୋଲି କହିବା କେବଳ ସତ୍ୟର ଅପଳାପ- ଏହା କହି ଲୋକଙ୍କୁ ପ୍ରଭାବିତ କରାଯିବା ସେଇ ମଧୁର ବଚନର ନମୁନା। ଆମ ରାଜ୍ୟର ଖଣିଜ ସମ୍ପଦକୁ ଈଶ୍ୱରଙ୍କ ବରଦାନ ଏବଂ ଏହାର ଠିକ୍ ଉପଯୋଗ କରାଯାଇପାରିଲେ ଆମେ ଏକ ବିକଶିତ ଓ ଦେଶରେ ଶ୍ରେଷ୍ଠ ରାଜ୍ୟ ଗଠନ କରିପାରିବା ବୋଲି ଯେଉଁମାନେ ମଧୁରବାଣୀରେ ଆମକୁ ସ୍ୱପ୍ନ ଦେଖାନ୍ତି ସେଇମାନେ ରାଜ୍ୟର ଖଣି-ପାଣି-ଜଙ୍ଗଲ ଲୁଟିରେ ମହାନାୟକ ହୁଅନ୍ତି। ଦାଦନ ଓ ଦୁର୍ନୀତିରେ ପ୍ରତିଷ୍ଠିତ ମାନ୍ୟତା ପାଇଥିବା ରାଜ୍ୟରେ ଦୁର୍ନୀତିର ଶୂନ୍ୟ ସହନଶୀଳତା ଓ ଜଣେ କେହି ଦାଦନ ଶ୍ରମିକ ରହିବେ ନାହିଁ ବା କାହାରିକୁ ଖାଦ୍ୟ ଓ ଚିକିତ୍ସା ବିନା ମରିବାକୁ ଦିଆଯିବ ନାହିଁ ପରି ବଚନ ନିଶ୍ଚିତ ଶ୍ରୁତିମଧୁର। ୨୦୨୨ ପରେ ରାଜ୍ୟରେ ଗୋଟିଏ ଚାଳଘର ରହିବ ନାହିଁ ବୋଲି ହୋଇଥିବା ଘୋଷଣା କେତେଜଣ ବ୍ୟକ୍ତିଙ୍କୁ ଆମୋଦିତ ସହ ସେମାନଙ୍କ ମନରେ ନୂତନ ଘର ପ୍ରାପ୍ତି ଆଶା ସଞ୍ଚାର କରିଥିଲା। କିନ୍ତୁ ଆଜି ରାଜ୍ୟର ଅଧିକାଂଶ ଅଞ୍ଚଳରେ ଥିବା ଚାଳଘର ବୋଧହୁଏ ଦୃଷ୍ଟିଗୋଚର ହେଉନାହିଁ।



ପୁରୀରେ ଐତିହ୍ୟ କରିଡର ନାମରେ ବହୁ ଶତାଧିକ ବର୍ଷର ଐତିହ୍ୟ ଧ୍ୱଂସ ପାଇଁ ନୀଳନକ୍ସା ତିଆରି, ସେଥିପାଇଁ ଆବଶ୍ୟକ ଜାଗା ପାଇଁ ସ୍ଥିତିବାନ୍ ସ୍ୱତ୍ୱକୁ ଏଡ଼ାଇ ଦଖଲରେ ଥିବା ବ୍ୟକ୍ତିମାନଙ୍କୁ ଜମି ଓ ଘର ମୂଲ୍ୟର ବହୁଗୁଣ ଅର୍ଥ କୋଟି କୋଟି ଟଙ୍କାରେ ଏବଂ ବିକଳ୍ପ ଜାଗା ପ୍ରଦାନ କରାଗଲା। ଏହା ସତ୍ତ୍ୱେ ପୁରୀର ବିକାଶ ଅତୁଳନୀୟ ଓ ଐତିହାସିକ ବୋଲି ପ୍ରଶଂସା ସାଉଁଟିବାର ପ୍ରଚେଷ୍ଟା ମୂଳରେ କଥାର ମାଧୁର୍ଯ୍ୟ ହିଁ ମୁଖ୍ୟ ମାଧ୍ୟମ। ସ୍କୁଲରୁ ଅଧାରେ ପାଠ ଛାଡୁଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ଓଡ଼ିଶାରେ ୧ ନମ୍ବର ବୋଲି ତଥ୍ୟଭିତ୍ତିକ ପ୍ରମାଣ ପ୍ରକାଶ ସତ୍ତ୍ୱେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଓ ଶୈକ୍ଷିକ ଦକ୍ଷତା ବୃଦ୍ଧି ପରିବର୍ତ୍ତେ ସ୍କୁଲ ରୂପାନ୍ତରଣର ଅଭିନବ ପ୍ରକ୍ରିୟା ସଭିଙ୍କୁ ଆଶ୍ଚର୍ଯ୍ୟ କରିଛି। ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଶିକ୍ଷକ ଏଂ ଅଧ୍ୟାପକ ଅଭାବରୁ ପରୀକ୍ଷା ପୂର୍ବରୁ ପାଠ୍ୟକ୍ରମ ସରି ନ ଥିବାରୁ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନେ ଚିନ୍ତିତ ଅଛନ୍ତି। କିନ୍ତୁ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବା ପାଇଁ ବ୍ୟବସ୍ଥା ମଧ୍ୟ ଅଭିନବ ମଧୁର ବାର୍ତ୍ତା। ଆଗାମୀ ଫେବୃୟାରୀରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନର ନୂତନ ପ୍ରୟାସ ଶ୍ରୁତିମଧୁର ହୋଇପାରେ। ରାଜ୍ୟରେ ନାରୀ ନିର୍ଯାତନା ଏବଂ ଅନେକ ରହସ୍ୟମୟ ହତ୍ୟାର ନଥି ଭିନ୍ନ ଦିଗକୁ ନେବାରେ ଦକ୍ଷତା ଯୋଗୁ ତୁଳନାତ୍ମକ ପରିସଂଖ୍ୟାନ ମାଧ୍ୟମରେ କମ୍ ଆପରାଧିକ ରାଜ୍ୟ ଭାବେ ଉପସ୍ଥାପନା ମଧୁର ବଚନ ହୋଇଛି। ଏଠାରେ କିନ୍ତୁ ଅମୃତ ବା ମଧୁର ବଚନ ଯେଉଁ ଉଦ୍ଦେଶ୍ୟରେ କୁହାଯାଏ ତା'ର ଘୋର ଉଲ୍ଲଂଘନ ଏବଂ ସ୍ୱାର୍ଥ ସାଧନ ପାଇଁ ପ୍ରୟୋଗ ହେଉଥିବା ନିଶ୍ଚିତ ହେଉଛି। ବିଜ୍ଞଜନମାନେ ମଧ୍ୟ ଏହି ଚେତାବନୀ ଦେଇଛନ୍ତି ଯେ ସବୁଦିନ ପାଇଁ ସୁଲୋକଙ୍କୁ ପ୍ରଭାବିତ କରାଯାଇ ନ ପାରେ। ଯେଉଁଦିନ ମଧୁର ବଚନ ମାୟାରୁ ମୁକ୍ତହୋଇ ଜନତା ଜନାର୍ଦ୍ଦନ ବାସ୍ତବତାକୁ ଅନୁଭବ କରିବେ ସେଦିନ ମଧୁର ବଚନ ନିଶ୍ଚିତ 'ବିଷକୁମ୍ଭମ୍ ପୟୋମୁଖମ୍' ବା ପାଟିରେ ମଧୁର ଅନ୍ତରେ ଜହରର ପର୍ଦ୍ଦାଫାଶ ହୋଇଯିବ, ଏଥିରେ ସନ୍ଦେହ ନାହିଁ।

ଗୁଣ୍ଡିଚା ବିହାର, ପୁରୀ
ମୋ:୭୯୭୮୭୮୫୪୭୮

## ଏଇ ଭାରତରେ

ଆଉ ଦିନ କେଇଟା ପରେ ଆମ୍ବ ବଉଳର ବାସ୍ନାରେ ସବୁଆଡ଼ ମହକିବ। ତେବେ ଆମ ଚାରିପାଖରେ ଅତି ବେଶିରେ ଆମେ ୧୦ଟି କିମ୍ବା ୨୦ଟି କିସମର ଆମ୍ବ ଦେଖିବାକୁ ପାଉ। କିନ୍ତୁ ଗୁଜରାଟ ଜୁନାଗଡ଼ସ୍ଥିତ ଭାଲ୍‌ଚାଲେ ଗାଁର ଏକ ଆମ୍ବ ଫାର୍ମରେ ୨୦୦ରୁ ଅଧିକ କିସମର ଆମ୍ବ ଫଳୁଛି। ଏହି ଫାର୍ମ ୧୨.୫ ଏକର ଜମିରେ କରାଯାଇଛି। ନୁର୍ ଅଲି ଭିରା ଝରିଆ ଏହି ଫାର୍ମ କରିଛନ୍ତି ଓ ଏହାର ନାମ ହେଉଛି ଅନିଲ୍ ମ୍ୟାଙ୍ଗୋ ଫାର୍ମ ଆଣ୍ଡ୍ ନର୍ସରି। ସେ ୧୯୮୫ରେ ୧୦ ଏକର ଜମି କିଣି ଫାର୍ମ ଆରମ୍ଭ କରିଥିଲେ ଓ ପରେ ଅବଶିଷ୍ଟ ଜମି ଏଥିରେ ଯୋଡ଼ିଛନ୍ତି। ସେ ସମୟରେ ନୁର ପ୍ରଥମେ ଅନେକ କିସମର ପ୍ରାୟ ୧୦,୦୦୦ ଚାରା ବିକ୍ରି କରିଥିଲେ। ପରେ ୧୯୯୬ରେ ଆଉ ୧୪ଟି କିସମ ଆମ୍ବ ଗଛ ଲଗାଇଥିଲେ। ତାଙ୍କ ପୁଅ ଶାମସୁଦ୍ଦିନ ଦେଶରେ ବିଭିନ୍ନ କୃଷି ବିଶ୍ୱବିଦ୍ୟାଳୟ ଯାଇ ବହୁ କିସମର ଚାରା ସଂଗ୍ରହ କରିଥିଲେ। ଏବେ ୨୩୦ କିସମ ଆମ୍ବ ଗଛ ସେ ସଂଗ୍ରହ କରି ତାଙ୍କ ବଗିଚାରେ ଲଗାଇଛନ୍ତି। ଅଧିକାଂଶ କିସମର ଆମ୍ବ ଆମେରିକା, ଅଷ୍ଟ୍ରେଲିଆ, ଥାଇଲାଣ୍ଡ, ୟୁରୋପ ଓ ଇସ୍ରାଏଲରୁ ସଂଗ୍ରହ କରିଛନ୍ତି। ଟାକୁଆ ବିହୀନ ଆମ୍ବ ସିନ୍ଧୁ ୧୧୭ ଏବେ ଫାର୍ମର ମୁଖ୍ୟ ଆକର୍ଷଣ। ପୂରା ଫାର୍ମରେ ସିଞ୍ଚନ ଜଳସେଚନ କରାଯାଇଛି। ବର୍ଷକୁ ସେ ୨ ଲକ୍ଷ ଚାରା ବିକ୍ରି କରିଛନ୍ତି।

## ଚିରନ୍ତନୀ

ଦୁନିଆ ଭିତରେ ତୁମେଟି ଚାଲିବା ଜାଣ
ସେ ଯେଉଁ ଆଘାତେ ଥରି ଉଠେ ତବ ପ୍ରାଣ,
ବାଜେ ନାହିଁ ସେ ତ ପଶୁପକ୍ଷୀ ତରୁପରେ
ବାଜି ଉଠେ ଯାହା ମଣିଷ କୁଡିଆ ଘରେ।
-(ତୁମେଟି ଚାଲିବା ଜାଣ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | 2 |
| | 2 | 4 | | 6 | 8 | 9 | | 1 |
| | | | | 1 | | | | 5 |
| | | 9 | | 7 | | | | |
| | 8 | | 5 | | 6 | 7 | | |
| 4 | 7 | | | | | 1 | 3 | |
| | 9 | | | | 7 | | | |
| | 4 | | | | 9 | | 2 | |
| | | | 6 | | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 3 | 5 | 8 | 6 | 9 | 7 | 1 |
| 7 | 6 | 8 | 2 | 1 | 9 | 3 | 4 | 5 |
| 5 | 1 | 9 | 3 | 7 | 4 | 2 | 6 | 8 |
| 9 | 7 | 2 | 6 | 5 | 1 | 4 | 8 | 3 |
| 8 | 5 | 1 | 4 | 3 | 2 | 6 | 9 | 7 |
| 3 | 4 | 6 | 7 | 9 | 8 | 5 | 1 | 2 |
| 2 | 8 | 7 | 9 | 4 | 5 | 1 | 3 | 6 |
| 1 | 9 | 5 | 8 | 6 | 3 | 7 | 2 | 4 |
| 6 | 3 | 4 | 1 | 2 | 7 | 8 | 5 | 9 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଟର୍ମିନାଲ ଇଲ୍‌ନେସ୍‌ର ମିଥ୍ୟା ଡାକ୍ତରୀ ପ୍ରମାଣପତ୍ର

ମହାଶୟ,

ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱରଙ୍କ ପତ୍ର ନଂ-୨୮୬୧୨, ତା.୨୭.୧୦.୨୦୨୩ ଅନୁଯାୟୀ ଚଳିତବର୍ଷର ନିୟମିତ ପ୍ରଧାନଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷକମାନଙ୍କର ବଦଳି ପ୍ରକ୍ରିୟା ନିମନ୍ତେ ଅନ୍‌ଲାଇନ ମାଧ୍ୟମରେ ତା.୧୫.୧୨.୨୦୨୩ ପର୍ଯ୍ୟନ୍ତ ଦରଖାସ୍ତ ଗ୍ରହଣ କରାଯାଇଥିଲା। ମାତ୍ର କେତେକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅନ୍ୟ ଜିଲାକୁ ତଥା ନିଜ ଜିଲା ମାଧ୍ୟମରେ ସୁବିଧାରେ ଓ ସହଜରେ ବଦଳି ହେବା ନିମନ୍ତେ ଚଞ୍ଚକତା ପୂର୍ବକ ଡାକ୍ତରଙ୍କ ଲେଖାଥିବା ଟର୍ମିନାଲ ଇଲ୍‌ନେସ୍‌ର ନକଲି ତଥା ମିଥ୍ୟା ଚିକିତ୍ସା ପ୍ରମାଣପତ୍ର ଆଣି ଆବେଦନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ବେଆଇନ । ଏଣୁ ଏହି କ୍ଷେତ୍ରରେ ଆବେଦନ କରିଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଡାକ୍ତରୀ ପ୍ରମାଣପତ୍ରକୁ ଠିକ୍ ଭାବେ ତର୍ଜମା କରି ଆବେଦନକୁ ଗ୍ରହଣ କରାଯାଉ। କିନ୍ତୁ ଅସାଧୁ ଉପାୟକୁ ଅବଲମ୍ବନ କରୁଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଚିହ୍ନଟ କରି ଆଇନ ଅନୁଯାୟୀ ଉପଯୁକ୍ତ ଶାସ୍ତିବିଧାନ କରାଯାଉ। ସେହି ଅସାଧୁ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କର ଏକ ନାମ ତାଲିକା ପ୍ରସ୍ତୁତ କରି ପରବର୍ତ୍ତୀ ସମୟରେ ସମ୍ପୂର୍ଣ୍ଣ ରୂପେ ବଦଳି ପ୍ରକ୍ରିୟାରୁ (ଉଭୟ ଆନ୍ତଃ ଜିଲା ଓ ଜିଲା ଭିତରେ) ନିବୃତ୍ତ ରଖାଯାଉ।

-ସୁବ୍ରତ କୁମାର ପ୍ରଧାନ, ଧାମରା, ଭଦ୍ରକ

## 'ମୋ ବସ' ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ

ରାଜଧାନୀ ଭୁବନେଶ୍ୱର ଭିତରେ ଅନେକ ରୁଟରେ 'ମୋ ବସ' ଚାଲିଛି। ଏହାଦ୍ୱାରା ବହୁ ଯାତ୍ରୀ ଉପକୃତ ହେଉଛନ୍ତି । କିନ୍ତୁ ବେଳେବେଳେ 'ମୋ ବସ' ଚାଳକମାନଙ୍କର ମନମୁଖୀ ଓ ବିଶୃଙ୍ଖଳା କାର୍ଯ୍ୟ ପାଇଁ ଅନେକ ଲୋକ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବାର ଅଭିଯୋଗ ଆସୁଛି । ସରକାରୀ ଗାଡ଼ି, ସରକାର ସବୁ ସମ୍ଭାଳିବେ କହି 'ମୋ ବସ' ଗାଡ଼ି ଚାଳକ ଯେଉଁଭଳି ଦୁର୍ଘଟଣା ଘଟାଉଛନ୍ତି ସେଥିପ୍ରତି ସରକାରଙ୍କ ନିୟନ୍ତ୍ରଣ ରହିବା ନିହାତି ଆବଶ୍ୟକ। ଏହାଛଡା ବୟସ୍କ ଯାତ୍ରୀଙ୍କ କ୍ଷେତ୍ରରେ ମଧ୍ୟ 'ମୋ ବସ' ଡ୍ରାଇଭର ମାନେ ଅତି ଦାୟିତ୍ୱହୀନ ବ୍ୟବହାର କରୁଥିବା ଦେଖାଯାଉଛି । ବୟସାଧିକ୍ୟ ଯୋଗୁଁ ବସରେ ଚଢିବା ଓହ୍ଲାଇବାରେ ସମସ୍ୟା ହେବା ସ୍ୱାଭାବିକ। କିନ୍ତୁ ଚଢିବା ପୂର୍ବରୁ କବାଟ ବନ୍ଦ କରିଦେବା, ଓହ୍ଲାଇବା ପୂର୍ବରୁ ବସ ଚାଲୁ କରିବା ଦ୍ୱାରା ବୟୋଜ୍ୟେଷ୍ଠମାନେ ଅଧିକ ସମୟରେ ଆହତ ହେଉଥିବା ଦେଖାଯାଉଛି। ଏ ସମ୍ପର୍କରେ ପଚାରିଲେ ଡ୍ରାଇଭରମାନେ ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ଆଳ ଦେଖାଇ ଦୁର୍ବ୍ୟବହାର କରୁଛନ୍ତି । ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଆବଶ୍ୟକ।

ଦିପ୍ତିମୟୀ ନାୟକ
ଅନ୍ଧାରୁଆ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପରାଜିତଙ୍କ ଉପରେ ଭରସିବ କି ଭାଜପା

## ଅନୁଗୋଳ ବିଧାନସଭା ଆସନ

ଅନୁଗୋଳ, ୧।୧
(ଅମିତ କୁମାର ସାମଲ)


ଦିଲୀପ ପ୍ରଧାନ


ପ୍ରତାପ ଚନ୍ଦ୍ର ପ୍ରଧାନ


ଦିଲେଶ୍ୱର ପ୍ରଧାନ

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି, ଅନୁଗୋଳ ଜିଲାରେ ରାଜନୈତିକ ପାଣିପାଗ ସେତିକି ଉଷ୍ମ ହେବାରେ ଲାଗିଛି। ଜିଲାର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀରୁ ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ୟତମ। ଏଥିରେ ଅନୁଗୋଳ ସହର ସହ ପୌରାଞ୍ଚଳ ଆସୁଥିବାବେଳେ ଅନୁଗୋଳ ବ୍ଲକର ୨୩ଟି ପଞ୍ଚାୟତ, ବଣ୍ଟରପାଳ ବ୍ଲକର ୧୩ଟି ପଞ୍ଚାୟତ ସହ ନାଲ୍କୋ ଟାଉନଶିପ୍ ଭୋଟର ରହୁଛନ୍ତି। ୨୦୦୦ ମସିହାଠାରୁ ଏହି ଆସନରେ ବିଜେଡି ପ୍ରାର୍ଥୀ ଜୟଯୁକ୍ତ ହେଉଥିବାରୁ ଭାଜପା ଓ କଂଗ୍ରେସ ନେତା ଚିନ୍ତିତ ଅଛନ୍ତି। ୧୯୫୧ରୁ ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ହୋଇଥିଲେ ମଧ୍ୟ ଭାଜପା ଅଦ୍ୟାବଧି ଏଠାରେ ଖାତା ଖୋଲିପାରି ନ ଥିବାରୁ ୨୦୨୪ରେ ଏହାର ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ଆଶା ବାନ୍ଧିଛି।

ଭାଜପା ଶିବିରରେ ଏବେଠାରୁ ପ୍ରାର୍ଥୀଙ୍କୁ ନେଇ ଅଙ୍କକଷା ଆରମ୍ଭ ହେଲାଣି। ଦୌଡ଼ରେ ପ୍ରତାପ ଚନ୍ଦ୍ର ପ୍ରଧାନ(ନିଲୁ)ଙ୍କ ସହ ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନ ଓ ଅନୁଗୋଳ ପୌରପାଳିକାର ଚେୟାରମ୍ୟାନ ପ୍ରାର୍ଥୀ ହୋଇ ପରାଜିତ ହୋଇଥିବା ଦିଲୀପ ପ୍ରଧାନ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଦଳ କାହାକୁ ଟିକେଟ୍ ପ୍ରଦାନ କରିବ କିମ୍ବା କେଉଁ ନୂଆ ମୁହଁ ନିର୍ବାଚନ ରଣଭୂମିକୁ ଆଣିବ, ତାହା ଏବେଠାରୁ କହିବା ମୁସ୍କିଲ। ତେବେ ଅନୁଗୋଳ ବିଧାନସଭା କ୍ଷେତ୍ରରେ ନିଲୁ ଟିକେଟ୍ ପାଇଁ ଅଧିକ ଦାବିଦାର ଥିବା ତାଙ୍କ ସମର୍ଥକମାନେ କହିଲୁଛନ୍ତି। କାରଣ ସେ ତୃଣମୂଳସ୍ତରରେ କର୍ମୀଙ୍କ ସହ ଯୋଡ଼ି ହେବା ସହିତ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି। ପୁଣି ଆଲୋଚନା ହେଉଛି, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଖାସ୍ ଅନୁଗତ ନିଲୁ। ୨୦୧୯ରେ ସେ ଭାଜପାରୁ ପ୍ରାର୍ଥୀ ହୋଇ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ ମଧ୍ୟ ୮,୮୨୩ ଖଣ୍ଡ ଭୋଟ୍‌ରେ ପରାଜିତ ହୋଇଥିଲେ। ଅନୁଗୋଳ ପୌରାଞ୍ଚଳରେ ସେ ୪ଶହ ଭୋଟ୍‌ରେ ଆଗୁଆ ରହିଥିଲେ ମଧ୍ୟ ପଞ୍ଚଗଡ଼ ଭୋଟର ତାଙ୍କୁ ପଛକୁ ଠେଲି ଦେଇଥିଲେ। ଚଳିତ ନିର୍ବାଚନରେ ଭୋଟର ତାଙ୍କୁ ଗ୍ରହଣ କରିବେ ନା ନୂଆ ମୁହଁକୁ ପସନ୍ଦ କରିବେ ତାହାକୁ ନେଇ ସାଧାରଣରେ ଆଲୋଚନା ହେଉଛି। କାରଣ ନିଲୁ ୨୦୧୪ ସାଧାରଣ ନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ଏହାପରେ ଭାଜପାକୁ ଅମଳ ନେତା ଭାବେ ଆସି ହଠାତ୍ ନିଜର ପତିଆରା ଜାହିର କରି ଟିକେଟ୍ ପାଇଯାଇଥିଲେ। ଏସବୁ ସତ୍ତ୍ୱେ ସେ ପରାଜିତ ହୋଇଥିଲେ।

ସେହିପରି ଅନୁଗୋଳ ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନଙ୍କୁ ମଧ୍ୟ ଅନ୍ୟତମ ପ୍ରଭାବୀ ନେତା ବୋଲି କୁହାଯାଉଛି। ସେ ଲଗାତର ଦୁଇଥର ଜିଲାର ନେତୃତ୍ୱ ନେଇଥିବାରୁ ଉପର ମହଲରେ ତାଙ୍କର ବେଶ୍ ହାତ ଥିବା ଏଥିରୁ ବୁଝାପଡୁଛି। ଦଳର ନେତୃମଣ୍ଡଳୀ ତାଙ୍କ ଉପରେ ମଧ୍ୟ ଆସ୍ଥା ରଖିଥିବା ଚର୍ଚ୍ଚା ହେଉଛି। ସେ ମଧ୍ୟ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କର ଅନୁଗତ ତାଲିକାରେ ଅଛନ୍ତି ବୋଲି କର୍ମୀଙ୍କ ମହଲରେ ଆଲୋଚନା ହେଉଛି। ବିଭିନ୍ନ ଅଞ୍ଚଳରେ ତାଙ୍କର ସଙ୍ଗଠନ ଟାଣ ରହିଥିବାରୁ ସେ ଟିକେଟ ପାଇବା ପାଇଁ ଦାବିଦାର ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି।

ଅନୁରୂପ ଭାବେ ଭାଜପାର ଅନୁଗୋଳ ପୌରାଧ୍ୟକ୍ଷ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ ମଧ୍ୟ ଦିଲୀପ ପ୍ରଧାନଙ୍କର ଦଳରେ ଖାଦି ରହିଥିବା ଜଣାଶୁଣା। ସେ ୨୦୧୯ ସାଧାରଣ ନିର୍ବାଚନର କିଛି ଦିନ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ନାଲି ଆଖି ଦେଖାଇ ସେ ଚର୍ଚ୍ଚାକୁ ଆସିଥିଲେ। ଧର୍ମେନ୍ଦ୍ର ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ନାଲ୍କୋ ଅଞ୍ଚଳକୁ ଯାଉଥିବାବେଳେ ସେଠାରେ ଦିଲୀପ କୌଣସି କାରଣରୁ ଭାଜପା ଦଳ କାହାର ପୈତୃକ ସମ୍ପତ୍ତି ନୁହେଁ ବୋଲି କହିଥିଲେ। ଏହା ସତ୍ତ୍ୱେ ଦିଲୀପ ପୌର ନିର୍ବାଚନରେ ଭାଜପାର ପୌରାଧ୍ୟକ୍ଷ ପ୍ରାର୍ଥୀ ହୋଇଥିଲେ। ସେତେବେଳେ ଅଳ୍ପ ଭୋଟ ବ୍ୟବଧାନରେ ସେ ପରାଜିତ ହୋଇଥିଲେ ମଧ୍ୟ ବିଧାନସଭା ନିର୍ବାଚନରେ ରଣଭୂମିକୁ ଓହ୍ଲାଇଲେ ନିଶ୍ଚିତ ବିଜୟୀ ହେବେ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ଏବେ ଦେଖିବା ବାକି ରହିଲା ଭାଜପା ପରାଜିତଙ୍କୁ ଭରସୁଛି ନା ନୂଆଙ୍କ ଉପରେ ଆସ୍ଥା ରଖୁଛି।

# ରାସେଶ୍ୱରୀଙ୍କୁ ନେଇ ବିଜେଡିର ଅଙ୍କକଷା

## ଚର୍ଚ୍ଚାରେ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀ

ସମ୍ବଲପୁର, ୧।୧
(ଭବାନୀ ଶଙ୍କର ଭୋଇ)

ସାଧାରଣ ନିର୍ବାଚନ ପାଇଁ ସବୁ ଦଳର ନେତା ଓ କର୍ମୀ ଏବେ ଚଳଚଞ୍ଚଳ। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ବିଧାନସଭା କ୍ଷେତ୍ର କଥା ଦେଖିଲେ ଡିସେମ୍ବର ୨୯ରେ ବିଜେଡିର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ସମ୍ବଲପୁର ଜିଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସ (ବବି) ସମ୍ବଲପୁରରେ ସମୀକ୍ଷା ବୈଠକ କରିଥିଲେ। ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀ ସମେତ ଜିଲାର ଚାରୋଟିଯାକ ବିଧାନସଭା ସିଟ୍‌ରେ ବିଜେଡି କିପରି ବିଜୟୀ ହେବ, ସେନେଇ ଦଳୀୟ ନେତାଙ୍କୁ ବିଜୟମନ୍ତ୍ର ଦେଇଥିବା କୁହାଯାଉଛି। ଆସନ୍ତା ୧୨ ତାରିଖରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସମ୍ବଲପୁର ଗସ୍ତରେ ଆସୁଥିବା ବେଳେ ଜାନୁୟାରୀ ୨୭ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମଧ୍ୟ ଗସ୍ତ କାର୍ଯ୍ୟକ୍ରମ ରହିଛି । ଏହାକୁ କିଭଳି ସଫଳ କରାଯିବ, ସେନେଇ ବିଜେଡିର ସାଙ୍ଗଠନିକ ବୈଠକରେ ଯୋଜନା ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି।

ସମ୍ବଲପୁର ବିଧାନସଭା କ୍ଷେତ୍ରରେ ୨୦୧୪ ସାଧାରଣ ନିର୍ବାଚନରେ ପ୍ରଥମ ଥର ଡ. ରାସେଶ୍ୱରୀ ପାଣିଗ୍ରାହୀ ବିଜୟୀ ହୋଇ ବିଜେଡିର ଖାତା ଖୋଲିଥିଲେ। ହେଲେ ୨୦୧୯ ନିର୍ବାଚନରେ ସେ ଭାଜପାର ବରିଷ୍ଠ ନେତା ତଥା ଏବକାର ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କଠାରୁ ପ୍ରାୟ ପାଞ୍ଚ ହଜାର ଭୋଟରେ ପରାସ୍ତ ହୋଇଯାଇଥିଲେ । ଏହାପରେ ମଧ୍ୟ ଡ. ରାସେଶ୍ୱରୀ ସମ୍ବଲପୁରର ବିଜେଡି ସଂଗଠନକୁ ସକ୍ରିୟ ରଖି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଆସୁଛନ୍ତି। ତେବେ ୨୦୨୪ ନିର୍ବାଚନରେ ତାଙ୍କୁ ଦଳ ଟିକେଟ ନ ଦେଇ ବିଜେଡି ଜିଲା ସଭାପତି ଥିବା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀଙ୍କୁ ଟିକେଟ ଦେବା ନେଇ ଚର୍ଚ୍ଚା ଜୋର ଧରିଛି। ହେଲେ ରାସେଶ୍ୱରୀ ନିଜେ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିବା ଜଣାପଡ଼ିବାରୁ ସମ୍ବଲପୁରରେ ହୋଇଥିବା ବିଜେଡିର ସାଙ୍ଗଠନିକ ବୈଠକ ପରେ ତାଙ୍କୁ ଭୁବନେଶ୍ୱର ଡକରା ହୋଇଥିବା ଜଣାପଡ଼ିଛି। ସେଠାରେ କୁଆଡ଼େ ଦଳର ପ୍ରମୁଖ ନେତାମାନେ ତାଙ୍କୁ ସମ୍ବଲପୁରରୁ ଆଗାମୀ ନିର୍ବାଚନରେ ଆଉ ଥରେ ଟିକେଟ ଦିଆଯାଉ ନ ଥିବା ସ୍ପଷ୍ଟ କରିଥିଲେ ବୋଲି ଦଳୀୟ ମହଲରେ ଚର୍ଚ୍ଚା ହେଉଛି। ତେବେ ରାସେଶ୍ୱରୀଙ୍କ ଟିକେଟ କଟାଯାଉଥିଲେ ହେଁ ତାଙ୍କୁ ନିର୍ବାଚନ ପରେ ଭଲ ପଦବୀରେ ଥଇଥାନ କରାଯିବା ନେଇ ପ୍ରତିଶ୍ରୁତି ଦିଆଯାଇଥିବା କୁହାଯାଉଛି।


ଡ. ରାସେଶ୍ୱରୀ ପାଣିଗ୍ରାହୀ

ଅନ୍ୟପକ୍ଷରେ ୨୦୦୯ରେ ସମ୍ବଲପୁର ସିଟ୍‌ରୁ ବିଜେଡି-ଏନ୍‌ସିପି ମେଣ୍ଟରୁ ପ୍ରାର୍ଥୀ ହୋଇଥିବା ସିଦ୍ଧାର୍ଥ ଦାସ ଚାରିବର୍ଷ ଧରି ବିଜେଡିର ଜିଲା ସଭାପତି ରହି ସଙ୍ଗଠନରେ ସମର୍ଥକ ସୃଷ୍ଟି କରିସାରିଛନ୍ତି । ତେଣୁ ସେ ମଧ୍ୟ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ଟିକେଟ ପାଇଁ ଆଶାୟୀ ଅଛନ୍ତି। ଏମାନଙ୍କୁ ଛାଡ଼ି ବିଜେଡିରେ ଆହୁରି ଅନେକ ଯୁବ ଏବଂ ପ୍ରବୀଣ ନେତା ଟିକଟ ପାଇବା ଆଶାରେ ରହିଛନ୍ତି ।

ରାଜନୈତିକ ପାଣିପାଗ ଦେଖିଲେ ସମ୍ବଲପୁରରେ ୨୦୨୪ ନିର୍ବାଚନରେ ଭାଜପା ଏବଂ ବିଜେଡି ମଧ୍ୟରେ କଡ଼ା ଟକ୍କର ହେବା ଅନୁମାନ କରାଯାଉଥିବାରୁ ପ୍ରାର୍ଥୀ ଚୟନ ଜୟ ପରାଜୟର ଏକ ପ୍ରମୁଖ କାରଣ ହେବ ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ଯାହାଙ୍କୁ ବିଜେଡି ପକ୍ଷରୁ ଟିକଟ ମିଳିବ, ସେ କେମିତି ଦଳୀୟ ନେତାଙ୍କୁ ଏକଜୁଟ କରି ଦଳକୁ ଜିତାଇବାରେ ସମର୍ଥ ହେବେ, ତାହା ଏବେ ଆଲୋଚନାର ବିଷୟ ପାଲଟିଛି।

# କଂଗ୍ରେସର ପୁରୁଣା, ଭାଜପାର ନୂଆ, ବିଜେଡିର ନାହିଁ

## ବଲାଙ୍ଗୀର ଦଳୀୟ କାର୍ଯ୍ୟାଳୟ

ବଲାଙ୍ଗୀର, ୧।୧
(ବୀରେନ୍ଦ୍ର କୁମାର ଝାଙ୍କର)

୨୦୨୪ ନିର୍ବାଚନ ମୁଣ୍ଡ ଉପରେ। ଏବେ ରାଜନୈତିକ ଦଳଗୁଡିକର ବିଭିନ୍ନ ପ୍ରସଙ୍ଗକୁ ନେଇ ଚାଲିଛି ସରଗରମ ଆଲୋଚନା। ପ୍ରାଦେଶିକସ୍ତରରୁ ଗ୍ରାମାଞ୍ଚଳ ପ୍ରାୟ ସବୁଠି ନିର୍ବାଚନୀ କଥା। ଏଭଳି ସମୟରେ ତିନି ପ୍ରମୁଖ ଦଳ କଂଗ୍ରେସ, ଭାଜପା ଓ ବିଜେଡିର ଦଳୀୟ କାର୍ଯ୍ୟାଳୟ ମଧ୍ୟ ଚର୍ଚ୍ଚାର ପରିସରକୁ ଆସୁଛି।

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପାଖରେ କଂଗ୍ରେସ ଦଳର ପୁରୁଣା ପାର୍ଟି ଅଫିସ ରହିଛି। ସ୍ୱାଧୀନତା ପରେ କଂଗ୍ରେସ ଦଳ କ୍ଷମତାକୁ ଆସିବାରୁ ଏହା ନିର୍ମିତ ହୋଇଥିଲା। ସେଇ କୋଠାଟିକୁ ଇତିମଧ୍ୟରେ ଭାଙ୍ଗିଦିଆଯାଇ ନୂଆ କାର୍ଯ୍ୟାଳୟ ପାଇଁ ଯୋଜନା ରହିଥିଲେ ମଧ୍ୟ ନିର୍ମାଣ ହୋଇନାହିଁ। କଂଗ୍ରେସ କାର୍ଯ୍ୟାଳୟର ପାଚେରି ଘେରା ଭିତରେ ଏବେ ଏକ ଛୋଟ ଘର ଅଛି। ସେଠାରେ କେବେ କେମିତି ଦଳୀୟ ନେତାଙ୍କ ଜୟନ୍ତୀ, ଶ୍ରାଦ୍ଧଦିବସ ପାଳନ ସହ ଛୋଟବଡ଼ ମିଟିଂ ହୋଇଥାଏ। ତେବେ ଏହି କାର୍ଯ୍ୟାଳୟ ବିଧିବଦ୍ଧ ଭାବେ କାର୍ଯ୍ୟ କରୁଛି ବୋଲି କୁହାଯାଇପାରିବ ନାହିଁ। ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରାଙ୍କୁ କଂଗ୍ରେସ ଜିଲା କାର୍ଯ୍ୟାଳୟର ସ୍ଥିତି କ'ଣ ବୋଲି ପଚରାଯିବାରୁ ନୂଆ କୋଠା ତିଆରି ହେବ ବୋଲି କହିଛନ୍ତି। ବରିଷ୍ଠ ନେତା ନରସିଂହ ମିଶ୍ର ଲଗାତର ଦୁଇଥର ଜିତି ବଲାଙ୍ଗୀର ବିଧାୟକ ହୋଇଛନ୍ତି। ଅନ୍ୟତମ ଟାଣୁଆ ନେତା ସନ୍ତୋଷ ସିଂ ସାଲୁଜା ମଧ୍ୟ କଣ୍ଟାବାଞ୍ଜି ବିଧାୟକ ଅଛନ୍ତି। ବଲାଙ୍ଗୀରର ପୂର୍ବତନ ଲୋକ ସଭା ସଦସ୍ୟ ଶରତ ପଟ୍ଟନାୟକ ଏବେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି। ତଥାପି ଦଳୀୟ ଅଫିସର ନୂଆ କୋଠା ବଲାଙ୍ଗୀରରେ ତିଆରି ହୋଇପାରିନାହିଁ। କୌଣସି ବଡ଼ଧରଣର ବୈଠକ କରିବାକୁ ହେଲେ ହୋଟେଲ ବା ଅନ୍ୟ ବିକଳ୍ପ ବ୍ୟବସ୍ଥା କରିବାକୁ ପଡୁଛି।


ଉଦ୍‌ଘାଟନୀ ଅପେକ୍ଷାରେ ଥିବା ଭାଜପାର ନୂଆ ଜିଲା କାର୍ଯ୍ୟାଳୟ।

ବହୁ ବାଦବିବାଦ ପରେ ବଲାଙ୍ଗୀର ସହର ପଥରଚେପା ଛକ ନିକଟ ବଲାଙ୍ଗୀର-ପାଟଣାଗଡ଼ ୪୨ ନମ୍ବର ରାଜ୍ୟ ରାଜପଥ କଡ଼ରେ ସୁଦୃଶ୍ୟ ଦୁଇମହଲା ବିଶିଷ୍ଟ ଭାଜପା ଜିଲା କାର୍ଯ୍ୟାଳୟ ନିର୍ମାଣ ସରିଛି। ଖୁବ୍‌ଶୀଘ୍ର ଏହାକୁ ଉଦ୍‌ଘାଟନ କରାଯିବ ବୋଲି ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି କହିଛନ୍ତି। ଏଇ କାର୍ଯ୍ୟାଳୟ ଉଦ୍‌ଘାଟନ ପରେ ଦଳୀୟ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି କୁହାଯାଉଛି। କିନ୍ତୁ ରାଜନେତାଙ୍କ ଗତିବିଧି ଦେଖିଲେ ଏହି କାର୍ଯ୍ୟାଳୟ କେବେ କାର୍ଯ୍ୟକ୍ଷମ ହେବ ତାହାକୁ ନେଇ ସନ୍ଦେହ କରାଯାଉଛି। କାରଣ ଜିଲା ସଭାପତି ମହାନ୍ତି କଣ୍ଟାବାଞ୍ଜିରେ ରହୁଛନ୍ତି। ଅନ୍ୟତମ ପ୍ରମୁଖ ନେତା କନକବର୍ଦ୍ଧନ ସିଂଦେଓ ଏବଂ ତାଙ୍କ ସ୍ତ୍ରୀ ଲୋକ ସଭା ସଦସ୍ୟା ସଙ୍ଗୀତା କୁମାରୀ ସିଂଦେଓ ପାଟଣାଗଡ଼ ଖମାରରେ ରହନ୍ତି। ଏପରି ସ୍ଥଳେ ବଲାଙ୍ଗୀର ପାର୍ଟି ଅଫିସ କିଭଳି ପରିଚାଳିତ ହେବ, ତାହାକୁ ନେଇ ମଧ୍ୟ ଅନେକ ପ୍ରଶ୍ନ ଉଠୁଛି। ବିଶେଷକରି ଜିଲା ସଦର ମହକୁମାରେ ଥିବା ଭାଜପା ନେତାଙ୍କ ମଧ୍ୟରେ ସେଭଳି କେହି ଟାଣୁଆ ନ ଥିବାରୁ ବିଭିନ୍ନ ସମୟରେ ବଲାଙ୍ଗୀର ନଗର ପରିପ୍ରେକ୍ଷୀରେ ଭାଜପା ତୃତୀୟ ସ୍ଥାନରେ ରହିଆସିଛି। ଏପରି ସ୍ଥଳେ ନୂଆ ଦଳୀୟ ପାର୍ଟି ଅଫିସ ଉଦ୍‌ଘାଟିତ ହୋଇ ନିର୍ବାଚନୀ ବର୍ଷରେ ଦଳକୁ କେତେ ଆଗକୁ ନେବ ଏବଂ କର୍ମୀ ନେତାଙ୍କୁ କେତେ ସକ୍ରିୟ କରିବ ଦେଖିବାକୁ ବାକି ରହିଛି।

ଦଳୀୟ ପାର୍ଟି ଅଫିସ କ୍ଷେତ୍ରରେ ସବୁଠୁ ଚର୍ଚ୍ଚାରେ ରହିଛି ବିଜେଡି। ଦଳ ପ୍ରତିଷ୍ଠା ହେବା ଦିନଠାରୁ ଏବଂ ଦୀର୍ଘ ୨୪ବର୍ଷ କାଳ ନିରନ୍ତର କ୍ଷମତାରେ ରହିଥିଲେ ମଧ୍ୟ ବଲାଙ୍ଗୀର ଜିଲା ସଦର ମହକୁମାରେ ପାର୍ଟି ଅଫିସ ହୋଇପାରିନାହିଁ। ଏନେଇ ଜିଲା ବିଜେଡି ସଭାପତି ରହିଥିବା ଟିଟିଲାଗଡ଼ ବିଧାୟିକା ତଥା ମନ୍ତ୍ରୀ ଟୁକୁନୀ ସାହୁଙ୍କୁ ପଚାରିବାରୁ ଖୁବ୍ ଶୀଘ୍ର ଦଳର ଜିଲା ପାର୍ଟି ଅଫିସ ପାଇଁ ଫଣ୍ଡିଂ କରାଯିବ ଓ ଭଲ ସ୍ଥାନ ଚିହ୍ନଟ କରାଯାଇ ଗୃହ ନିର୍ମାଣ ହେବ ବୋଲି କହିଛନ୍ତି। ଜମି ଚିହ୍ନଟ ପାଇଁ ଦଳ ତରଫରୁ କୁହାଯାଇଛି ବୋଲି ସେ କହିଛନ୍ତି। ଦେଖିବାକୁ ଗଲେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଦୀର୍ଘବର୍ଷ ଧରି ଦଳରେ ପ୍ରଭାବଶାଳୀ ନେତା ଭାବେ କ୍ଷମତାରେ ରହିଥିଲେ। ଏବେ ମନ୍ତ୍ରୀ ଟୁକୁନୀ ସାହୁ ଓ ପାଟଣାଗଡ଼ ବିଧାୟକ ସରୋଜ ମେହେର କ୍ଷମତାରେ ରହିଛନ୍ତି। ଜିଲା ସଦର ମହକୁମାରେ ବିଜେଡିର ଦଳୀୟ କାର୍ଯ୍ୟାଳୟ ନ ଥିବାରୁ ବୈଠକ ପାଇଁ ଅସୁବିଧା ହେଉଛି ଏବଂ କର୍ମୀମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ରାଜ ପରିବାର ସଦସ୍ୟ କ୍ଷମତାରେ ଥିଲେ ଶୈଳଶ୍ରୀ ପ୍ୟାଲେସରେ ଦଳୀୟ କାର୍ଯ୍ୟାଳୟ ଚାଲେ। କ୍ଷମତାରୁ ଗଲେ ତାହା ବନ୍ଦ ରହିଥାଏ। ଟୁକୁନି ଜିଲା ସଭାପତି ଭାବେ ଦଳୀୟ କାର୍ଯ୍ୟାଳୟ ହେବ ବୋଲି ଯାହା କହୁଛନ୍ତି, ତାହା କେବେ ଫଳବତୀ ହେବ ସ୍ଥାନୀୟ ବିଜେଡି ନେତା ଓ କର୍ମୀଙ୍କୁ ଅପେକ୍ଷା କରିବାକୁ ପଡ଼ିବ।


କଂଗ୍ରେସର ବଲାଙ୍ଗୀର ଜିଲା କାର୍ଯ୍ୟାଳୟ।


**ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା, ବରଗଡ଼**

**ଟେଣ୍ଡର ବିଜ୍ଞପ୍ତି**

ନଂ. ୫୩୦୮ ତା: ୨୧।୧୨।୨୦୨୩

ବରଗଡ଼ ଧନୁଯାତ୍ରା ନିମନ୍ତେ ଜର୍ଜ ହାଇସ୍କୁଲ ପଡ଼ିଆରେ ମୀନାବଜାର, ଦୋଳି, ଝୁଲା ଏବଂ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ପାଇଁ ତଥା ପାର୍କିଂ ଇତ୍ୟାଦି ପାଇଁ ଅନ୍ୟାନ୍ୟ ଉପଯୋଗୀ ପଡ଼ିଆଗୁଡ଼ିକ ଟେଣ୍ଡର ମାଧ୍ୟମରେ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ସର୍ତ୍ତାବଳୀ ସହ ଯୋଗାଇ ଦିଆଯିବ।

ଉପ-ଜିଲ୍ଲାପାଳ, ବରଗଡ଼ଙ୍କ କାର୍ଯ୍ୟାଳୟରେ ଅଫିସ ସମୟ ମଧ୍ୟରେ (ସକାଳ ୧୧.୦୦ ଘଟିକାରୁ ଅପରାହ୍ନ ୦୪.୦୦ ଘଟିକା ସୁଦ୍ଧା) ୦୧।୦୧।୨୦୨୪ଠାରୁ ୦୪।୦୧।୨୦୨୪ (ଛୁଟଦିନ ବ୍ୟତୀତ) ଟ.୫୦୦୦.୦୦ (ପାଞ୍ଚ ହଜାର ଟଙ୍କା ମାତ୍ର)/ (ପାର୍କିଂ ପାଇଁ ଟ.୩୦୦୦.୦୦ (ତିନି ହଜାର ଟଙ୍କା ମାତ୍ର) ବିନିମୟରେ ଟେଣ୍ଡର କାଗଜପତ୍ର ଯୋଗାଇ ଦିଆଯିବ। ଇଚ୍ଛୁକ ନିଲାମଧାରୀମାନେ ସମ୍ପୃକ୍ତ ସ୍ଥାନମାନଙ୍କର ପ୍ରସ୍ତୁତ ନକ୍ସା, ପ୍ଲାନ ଏବଂ ସର୍ତ୍ତାବଳୀ ଉପ-ଜିଲ୍ଲାପାଳ, ବରଗଡ଼ଙ୍କ କାର୍ଯ୍ୟାଳୟରେ ନୋଟିସ୍ ବୋର୍ଡରେ ଦେଖିପାରିବେ।

ଉକ୍ତ ଟେଣ୍ଡର କାଗଜପତ୍ର, ନିଜର ସର୍ବୋଚ୍ଚ ଡାକ ମୂଲ୍ୟ ସହ ପୂରଣ କରି ଏକ ଜଉମୁଦ ଲଫାପାରେ ପୂରାଇ ତା୦୧।୦୧।୨୦୨୪ଠାରୁ ତା୦୫।୦୧।୨୦୨୪ ଅପରାହ୍ନ ୧.୦୦ ଘଟିକା ମଧ୍ୟରେ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା ନିର୍ଦ୍ଦିଷ୍ଟ ଟେଣ୍ଡର ବାକ୍ସରେ ପକାଇବେ। ତାହା ସମସ୍ତଙ୍କ ଉପସ୍ଥିତିରେ ତା୦୫।୦୧।୨୦୨୪ରିଖ ଅପରାହ୍ନ ୨.୩୦ ଘଟିକା ସମୟରେ ଖୋଲାଯାଇ ନିୟମାନୁଯାୟୀ ଚୁକ୍ତି ସମ୍ପାଦନ କରାଯିବ। ଯଦି ଉକ୍ତ ଦିନ ଏହି ଟେଣ୍ଡର ପ୍ରକ୍ରିୟା ଚୂଡ଼ାନ୍ତ ହୋଇପାରିବ ନାହିଁ ତେବେ, ଦ୍ୱିତୀୟ ଦିବସ ତା୦୮।୦୧।୨୦୨୪ ଅପରାହ୍ନ ୫.୦୦ଘଟିକା ସମୟରେ ଏହି ଟେଣ୍ଡର ପ୍ରକ୍ରିୟା ଚୂଡ଼ାନ୍ତ କରାଯିବ ଏବଂ ସେହିଦିନ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ ଟେଣ୍ଡର ଫର୍ମ ନିର୍ଦ୍ଦିଷ୍ଟ ବାକ୍ସରେ ଦାଖଲ କରିପାରିବେ। ପ୍ରକାଶ ଥାଉକି, କୌଣସି କାରଣ ନ ଦର୍ଶାଇ ଯେକୌଣସି ପକ୍ଷଙ୍କ ଡାକ ମୂଲ୍ୟକୁ କିମ୍ବା ସମ୍ପୂର୍ଣ୍ଣ ଟେଣ୍ଡରକୁ ରଦ୍ଦ କରିବାର କ୍ଷମତା ଅଧିକାରୀଙ୍କର ରହିଅଛି। ସବିଶେଷ ବିବରଣୀ ଜିଲ୍ଲା Website: **http://baragarh.nic.in**ରେ ମଧ୍ୟ ଉପଲବ୍ଧ ହେବ।

ସ୍ୱା./- ଉପ-ଜିଲ୍ଲାପାଳ ତଥା ଆବାହକ
ଜମି-ଆବଣ୍ଟନ କମିଟି
ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼



**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଆର୍‌ଏମ୍/ଇଏନ୍‌ଜିଜି, ଦ.ପୂ. ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ, ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ. ୧ । ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ସାଉଥ୍-୨୩-୨୪-୫୧, ତାରିଖ: ୦୧।୦୧।୨୦୨୪ । କାର୍ଯ୍ୟର ନାମ:** ଡିଇଏନ୍ (ସାଉଥ୍)/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ଡାଙ୍ଗୋଆପୋଷୀ (ପିଡିଏସ୍)ଠାରେ ନୂଆ କ୍ରିଉ ଓ ଗାର୍ଡ ବୁକିଂ ଲବି ଓ କ୍ରିଉ ରେଷ୍ଟିଂ ସୁବିଧାର ନିର୍ମାଣ । **ଟେଣ୍ଡର ମୂଲ୍ୟ: ₹୩,୨୬,୪୦,୪୮୨.୫୮ । ଇଏମ୍‌ଡି: ₹୩,୧୩,୨୦୦। ଖୋଲାଯିବା ତାରିଖ: ୨୩।୦୧।୨୦୨୪ । କ୍ର.ସଂ. ୨ । ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ସାଉଥ୍-୨୩-୨୪-୫୨, ତାରିଖ: ୦୧।୦୧।୨୦୨୪ । କାର୍ଯ୍ୟର ନାମ:** ଚକ୍ରଧରପୁର ଡିଭିଜନରେ ଡିଇଏନ୍ (ସାଉଥ୍)ଙ୍କ କ୍ଷେତ୍ରାଧିକାର ଅଧୀନରେ ୧୬ ଗୋଟି ମ୍ୟାନ୍‌ଡ ଲେଭଲ୍ କ୍ରସିଂ ସର୍ଫେସ୍‌ର ଉନ୍ନତୀକରଣ। **ଟେଣ୍ଡର ମୂଲ୍ୟ: ₹୧,୯୯,୬୫,୧୦୦.୮୪ । ଇଏମ୍‌ଡି: ₹୨,୪୯,୮୦୦। ଖୋଲାଯିବା ତାରିଖ: ୨୨।୦୧।୨୦୨୪ । ଟେଣ୍ଡର ଫର୍ମ ମୂଲ୍ୟ: ₹୦ (କ୍ର.ସଂ. ୧ ଓ ୨ ପାଇଁ ପ୍ରତ୍ୟେକ) ।** ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ପୂର୍ବରୁ ସମସ୍ତ ସମ୍ପର୍କିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ: ରେଲ୍‌ୱେ ବୋର୍ଡ ପତ୍ର ସଂ. ୨୦୨୦/ସିଇ-।/ସିଟି/୩ଇ/ଜିସିସି/ପଲିସି, ତାରିଖ ୧୬।୦୭।୨୦୨୦) (PR-980)



# ODISHA PUBLIC SERVICE COMMISSION

**ADVERTISEMENT No.25 OF 2023-24**

**Recruitment to the posts of Post Graduate Teachers in Group-B, for 50 Nos. of Government Higher Secondary Schools and 106 Nos. of Upgraded Higher Secondary Schools of the State under the Department of School & Mass Education.**

**WEBSITE - http://opsc.gov.in**

**No. D-:-** Online applications are invited from the prospective candidates through the proforma application to be made available on the Website of the Commission (http://opsc.gov.in) for recruitment to 1375 (One thousand three hundred seventy five) posts of Post Graduate Teachers in Group-B, for 50 Nos. of Government Higher Secondary Schools and 106 Nos. of Upgraded Higher Secondary Schools of the State under the Department of School & Mass Education carrying the scale of pay at Level-10, Cell-01 of the Pay Matrix under ORSP Rules, 2017 with usual Dearness and other allowances as prescribed by the Government of Odisha from time to time.

The posts are temporary and likely to be made permanent.

**2. VACANCY POSITION:** As per requisition filed by the Department of School & Mass Education, Government of Odisha, out of a total of 1375 (461-w) vacancies in 23 different disciplines, 308 (104-w) posts are reserved for ST Category', 220 (74-w) posts are reserved for SC Category, 155 (51-w) posts are reserved for SEBC Category & 692 (232-w) posts are reserved for UR Category.

Moreover, 53 posts are reserved for Persons with Disability (whose permanent disability is 40% & more), 41 posts are reserved for Ex-Servicemen and 14 posts are reserved for Sports Persons.

**3. AGE:** A candidate must not be below the age of 21 (Twenty one) years and above 38 (thirty eight) years [for Fresh Candidates] as on the 1st day of January 2023 i.e. he/she must have been born not earlier than 2nd January, 1985 and not later than 1st January, 2002.The maximum age limit will be 45 (Forty five) years for in-service candidates from the feeder cadre (TGT for Government High Schools under the School & Mass Education Department of Odisha) as on the 1st day of January 2023.

**4. EDUCATIONAL QUALIFICATION:**

A candidate must:-

**(i)** have Master's Degree in subject concerned from a recognized University with at least 50% marks in aggregate and have possessed two years Post Graduate Master's Course or integrated six years Post Graduate Master's Course from Regional College of Education recognized by the NCERT in the concerned subject with minimum 50% marks in aggregate; **(ii)** have B.Ed. or equivalent degree recognized by the National Council for Teacher Education, New Delhi as equivalent with B.Ed. from a recognized University. Provided that B.Ed. qualification shall not be the mandatory eligibility criteria for the post of PGT in the subjects where B.Ed. course is not offered. **(iii)** Degree or Diploma in Computer Application is desirable qualification subject to production of the certificate in support of above qualification obtained from a recognized University or College or Institution having affiliation to a recognized University.

**N.B.:-** B.Ed. qualification for subjects other than Botany, Chemistry, English. Economics, Geography, History, Hindi, Mathematics, Odia, Physics, Political Science, Sanskrit and Zoology shall not be mandatory eligibility criteria for the post of Post Graduate Teacher.

**5. METHOD OF SELECTION:**

The competitive examination for recruitment to the posts of Post Graduate Teachers will be conducted in the following successive stages;- Written examination (MCQ pattern) & Personality Test and Interview (Viva Voce test). There shall be negative marking for wrong answers/ response. For each wrong answer/response, 25% of marks allotted to that particular question shall be deducted.

The link for registration and submission of online application shall be available from **31.01.2024** to **02.03.2024** (Note: 02.03.2024 is the last date for submission of Registered Online Application).

The candidates are advised to visit the Website of the Commission at **http://opsc.gov.in** for detailed information for applying to the above post.

**CUTTACK**
**DATE: 30.12.2023**

**Sd./- SECRETARY**
**ODISHA PUBLIC SERVICE COMMISSION**
**CUTTACK**

OIPR-12002/11/0131/2324

**ସଂକ୍ଷେପରେ**

## ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର

ଭବାନୀପାଟଣା,୧।୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ସୋମବାର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଓ ଏସ୍‌ପି ଅଭିଲାଷ ଜୀଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନଶୁଣାଣି ଶିବିରରେ ମୋଟ ୩୬ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୩୦ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୬ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ୬ଟି ଅଭିଯୋଗର ସମାଧାନ ତତ୍‌କ୍ଷଣାତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଜଣଙ୍କୁ ସହାୟତା ମଞ୍ଜୁର କରାଯାଇଥିଲା। ସଦର ବ୍ଲକର ରିଶି ଗାଁ ପଞ୍ଚାୟତର ତପସିନୀ ବାଗଙ୍କୁ ୫୦୦୦ ଟଙ୍କା ଓ ନିଲା ଦେଇଙ୍କୁ ୨୦୦୦ ଟଙ୍କା, କୋକସରା ବ୍ଲକ ଆମପାଣିର ବୈଜୟନ୍ତି ସୁନାଙ୍କୁ ୫୦୦୦ ଟଙ୍କା, ଜୁନାଗଡ଼ ବ୍ଲକର ଛୋରିଆଗଡ ଗ୍ରାମର ସଚ୍ଚିଦାନନ୍ଦ ନାଏକଙ୍କୁ ୫୦୦୦ ଟଙ୍କା ସହାୟତା କରାଯାଇଥିଲା।

# ପରିବର୍ତ୍ତନ ହେଲା ନାମ, ପୂରଣ ହେଲାନି ପଦବୀ

ଭବାନୀପାଟଣା,୧।୧(ଉତ୍ତମ କୁମାର ଦାଶ)



ଭବାନୀପାଟଣାରେ ଥିବା ବିଶ୍ୱବିଦ୍ୟାଳୟ।

**କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ**

- କୌଣସି ବିଭାଗରେ ନାହାନ୍ତି ପ୍ରଫେସର
- ଅତିଥି ଅଧ୍ୟାପକ ଭରସାରେ ଚାଲିଛି ଶିକ୍ଷାଦାନ

ଭବାନୀପାଟଣା ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ରାଜ୍ୟ ସରକାର ୨୦୨୦ ସେପ୍ଟେମ୍ବର ୧ରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଭାବରେ ଘୋଷଣା କରିଥିଲେ। ଏହି ବିଶ୍ୱବିଦ୍ୟାଳୟ ଅଧିନରେ କଳାହାଣ୍ଡି ଓ ନୂଆପଡ଼ା ଜିଲାର ୫୦ଟି କଲେଜ ରହିଥିଲା। ଏହାର ୩ ବର୍ଷ ପରେ ଗତ ନଭେମ୍ବର ୧ରେ ମୁଖ୍ୟମନ୍ତ୍ରୀ କଳାହାଣ୍ଡି ଗସ୍ତରେ ଆସିଥିଲେ। ଏହି ସମୟରେ ଭବାନୀପାଟଣାସ୍ଥିତ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ ଖେଳ ପଡିଆରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କଳାହାଣ୍ଡି ବିଶ୍ୱବିଦ୍ୟାଳୟକୁ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ନାମରେ ଘୋଷଣା କରିଥିଲେ। ଡିସେମ୍ବର ୨୯ରେ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟର ନାମ ପରିବର୍ତ୍ତନ ହୋଇ ବିଧିବଦ୍ଧ ଭାବେ ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟରେ ନାମିତ ହୋଇଥିଲା। ଏ ସଂକ୍ରାନ୍ତରେ ଉଚ୍ଚ ଶିକ୍ଷାବିଭାଗର ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିଲେ। ଫଳରେ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ ଏବେ ମା' ମାଣିକେଶ୍ୱରୀ ବିଦ୍ୟାଳୟ ନାମରେ ନାମିତ ହୋଇଛି। ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟର ନାମ ପରିବର୍ତ୍ତନ ହୋଇଥିବାବେଳେ ଅନ୍ୟପଟେ ବିଶ୍ୱ ବିଦ୍ୟାଳୟ ଆରମ୍ଭରୁ ଅନେକ ପ୍ରଫେସର, ଅଧ୍ୟାପକ ପଦବୀ ଖାଲି ପଡିଛି। ଯାହାକୁ ନେଇ ଜିଲାର ଶିକ୍ଷାବିତ୍, ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁସାରେ ବର୍ତ୍ତମାନ ବିଶ୍ୱବିଦ୍ୟାଳୟରେ ନୃତତ୍ତ୍ୱ, ଉଦ୍ଭିଦ ବିଜ୍ଞାନ, ରାସାୟନ ବିଜ୍ଞାନ, ବାଣିଜ୍ୟ, ଅର୍ଥନିତୀ, ଶିକ୍ଷା, ଇଂରାଜୀ, ଭୂଗୋଳ, ଇତିହାସ, ଗଣିତ, ଓଡିଆ, ପଦାର୍ଥ ବିଜ୍ଞାନ, ରାଜନୀତି ବିଜ୍ଞାନ, ସଂସ୍କୃତ, ସାମାଜିକ ବିଜ୍ଞାନ, ଜୀବବିଜ୍ଞାନ ଆଦି ୧୬ଟି ବିଭାଗରେ ଜଣେ ବି ପ୍ରଫେସର ନାହାନ୍ତି। ୩୨ ଜଣ ଆସୋସିଏଟ୍ ପ୍ରଫେସର ପଦବୀ ମଧ୍ୟରୁ କେବଳ ନୃତତ୍ତ୍ୱ ବିଭାଗରେ ୨ ଜଣ ଅଛନ୍ତି। ଅନ୍ୟ ୧୫ଟି ବିଭାଗରେ କେହି ଆସୋସିଏଟ୍ ପ୍ରଫେସର ନାହାନ୍ତି। ୬୪ଟି ଆସିଷ୍ଟାଣ୍ଟ ପ୍ରଫେସର ପଦବୀରୁ ୨୭ଜଣ ଅଛନ୍ତି। ସେହିପରି ୧୪ଜଣ କନିଷ୍ଠ ଅଧ୍ୟାପକ ଓ ୫୭ ଜଣ ଅତିଥି ଅଧ୍ୟାପକ ରହିଛନ୍ତି। ଅତିଥି ଅଧ୍ୟାପକ ଭରସାରେ ବିଶ୍ୱ ବିଦ୍ୟାଳୟର ଶିକ୍ଷାଦାନ ଚାଲିଛି। ପ୍ରଫେସର ଓ ଅନ୍ୟ ପଦବୀ ନିମନ୍ତେ ନିଯୁକ୍ତି ପ୍ରକ୍ରିୟା ଚାଲୁରହିଛି। ହେଲେ ନିଯୁକ୍ତିକୁ ନେଇ ସୁପ୍ରିମକୋର୍ଟରେ ମାମଲା ଚାଲୁଥିବାରୁ ନୂତନ ନିଯୁକ୍ତି ପ୍ରକ୍ରିୟା ବିଳମ୍ବ ହୋଇଛି ବୋଲି ବିଶ୍ୱ ବିଦ୍ୟାଳୟର କୁଳ ସଚିବ ପିତାମ୍ବର ଭୋଇ ପ୍ରକାଶ କରିଛନ୍ତି।

# ଦିବ୍ୟାଙ୍ଗମାନଙ୍କ ଗହଣରେ ବଟବୃକ୍ଷ ରୋପଣ କରି ନୂତନବର୍ଷ ପାଳନ


ବଟ ବୃକ୍ଷ ରୋପଣ କରାଯାଉଛି।

ନୂଆପଡା,୧।୧ ( ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ପଣ୍ଡରାପଥର ଠାରେ ଥିବା ମଦର ଟେରେସା ସେବା ସଙ୍ଗଠନର ନିଆରା ପ୍ରୟାସ। ଦିବ୍ୟାଙ୍ଗମାନଙ୍କୁ ନେଇ ବଟବୃକ୍ଷ ରୋପଣ କରି ନୂତନବର୍ଷ ପାଳନ କରିଛନ୍ତି। ସଙ୍ଗଠନ ତରଫରୁ ଜାନୁୟାରୀ ୧ରେ ନୂତନ ବର୍ଷରେ ବଟ ବୃକ୍ଷକୁ ନାମ ସଂକୀର୍ତ୍ତନ ଦଳ ସହ ଏକ ଶୋଭାଯାତ୍ରାରେ ବାହାର କରି ଗ୍ରାମ ପରିକ୍ରମା କରାଯାଇଥିଲା। ବଟବୃକ୍ଷକୁ ବନ୍ଦାପନା ସହ ପୂଜା ଅର୍ଚ୍ଚନା କରାଯାଇ ଗ୍ରାମ, ଜିଲା ରାଷ୍ଟ୍ରର ମଙ୍ଗଳ କାମନା କରିଥିଲେ। ମଦର ଟେରେସା ସେବା ସଙ୍ଗଠନର ନିଆରା ପ୍ରୟାସ ଜାରି ରହିଛି। ଏହି କାର୍ଯ୍ୟକ୍ରମ ମଦର ଟେରେସା ସଙ୍ଗଠନ ସମ୍ପାଦକ ଶେଷଦେବ ପ୍ରଧାନୀ ପରିଚାଳନା କରିଥିଲେ। ସତ୍ୟବ୍ରତ ବରାଳ, କୁଳପଦ୍ମ ପଣ୍ଡା, ନବାସିନୀ ଧରୁଆ, ଚନ୍ଦନ ଠାକୁର ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ । ସଙ୍ଗଠନ କାର୍ଯ୍ୟକର୍ତ୍ତା ତେଜୁରାମ ନାଏକ, ବିରଞ୍ଚି ରାଉତ, ଦୟା ଦାସ, କିଶୋର ଦାସ, ଭିବେ ତାଣ୍ଡି, ରଘୁନାଥ ଦାସ, ଦୁର୍ନ ସଗରିଆ, ଦୋଳମଣୀ ମାଝି, ଲବ ସୁନାନୀ, ଗୁରୁବାରୁ ମାଝୀ, ଲୀଳାମ୍ବର ରାଉତ ଓ ଗ୍ରାମବାସୀ, ଦିବ୍ୟାଙ୍ଗମାନେ ଯୋଗଦେଇ ବଟ ବୃକ୍ଷ ରୋପଣ ଅଭିଯାନରେ ସାମିଲ ହୋଇଥିଲେ।

# ଚାଷୀମାରଣ ନୀତି ବିରୋଧରେ ୪ରେ କଳାହାଣ୍ଡି ବନ୍ଦ

କୋକସରା,୧।୧(ଦୁଷ୍ମନ୍ତ କୁମାର ପାଟଯୋଷୀ)

କଳାହାଣ୍ଡି ଜିଲାରେ ଧାନ ଓ କପାର ଅଭାବୀ ବିକ୍ରିକୁ ନେଇ ଭାଜପା ପକ୍ଷରୁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସକରାତ୍ମକ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହାର ପ୍ରତିବାଦରେ ଆଗାମୀ ୪ ତାରିଖରେ ଭାଜପା ପକ୍ଷରୁ କଳାହାଣ୍ଡି ବନ୍ଦ ଡାକରା ଦିଆଯାଇଛି। କଳାହାଣ୍ଡି ଭାଜପା ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର ସୋମବାର ଏକ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି। ଜାନୁୟାରୀ ୪ରେ ଚାଷୀଙ୍କୁ ଉଚିତ ପ୍ରାପ୍ୟ ଦାବିରେ କଳାହାଣ୍ଡି ବନ୍ଦ ଡାକରା ଦିଆଯାଇଥିବାରୁ ସମସ୍ତେ ସହଯୋଗ କରିବାକୁ ନିବେଦନ କରାଯାଇଛି। ବନ୍ଦ ପାଳନ ନେଇ ସୋମବାର କୋକସରା ବ୍ଲକ କୁସୁମଖୁଣ୍ଟିଠାରେ ବରିଷ୍ଠ ଭାଜପା ନେତା ଜନାର୍ଦ୍ଦନ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କୋକସରା ବ୍ଲକ ମୋଟେର, କୋକସରା, ଆମପାଣି ମଣ୍ଡଳର କର୍ମକର୍ତ୍ତା ଯୋଗଦେଇଥିଲେ। ୪ ତାରିଖରେ ବନ୍ଦ ପାଳନକୁ ସଫଳ ରୂପାୟନ ନେଇ ଆଲୋଚନା ହୋଇଛି। ଏହି ପ୍ରସ୍ତୁତି ବୈଠକରେ ବରିଷ୍ଠ ଭାଜପା ନେତା ପୂର୍ବତନ ବ୍ଲକ ସଭାପତି ନୀଳକଣ୍ଠ ମାଝି, କୋକସରା ମଣ୍ଡଳ ପ୍ରଭାରୀ ଗରୁଡ଼ଧ୍ୱଜ ମାଝି, କୋକସରା ମଣ୍ଡଳ ସଭାପତି ଦୁର୍ଗା ପ୍ରଧାନୀ, ସାଧାରଣ ସମ୍ପାଦକ ତ୍ରିନାଥ ଶବର, ମଣ୍ଡଳ ସମ୍ପାଦକ ମନୋଜ କୁମାର ନାଏକ, ମଣ୍ଡଳ କାର୍ଯ୍ୟକାରିଣୀ ସଦସ୍ୟ ନରେନ୍ଦ୍ର ପ୍ରଧାନୀ,ପୂର୍ବତନ ମଣ୍ଡଳ ସଭାପତି ପ୍ରମୋଦ କୁମାର ପଣ୍ଡା, ଦୈତାରି ବାରିକ, ଉପସଭାପତି ଗୋପାଳ ଅଗ୍ରୱାଲ, ରାଧେଶ୍ୟାମ ଗୋପାଳ, ଅମିନ ରଣା, ଭାବଗ୍ରାହୀ ପୂଝାରି, ମଣିରାମ ପୋଡ଼ ଓ ଅନ୍ୟ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।


କୁସୁମଖୁଣ୍ଟିଠାରେ ବୈଠକରେ ଉପସ୍ଥିତ ଭାଜପା ନେତା ।

# କଳାହାଣ୍ଡି ବିକାଶ ପରିଷଦ ପକ୍ଷରୁ କ୍ରାନ୍ତି ଦିବସ



ଟାଉନ ହଲଠାରେ ଅନୁଷ୍ଠିତ କ୍ରାନ୍ତି ଦିବସରେ ଅତିଥି।

ଭବାନୀପାଟଣା,୧।୧(ଉତ୍ତମ କୁମାର ଦାଶ)

- ଦେଶକୁ ବିକାଶ ପଥରେ ଆଗେଇ ନେବାକୁ ଆହ୍ୱାନ
- ସାମାଜିକ, ଆର୍ଥିକ ଓ ନୈତିକ କ୍ରାନ୍ତି ସାମ୍ପ୍ରତିକ ସମୟର ଆବଶ୍ୟକତା

ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କର ଭାରତ ସ୍ୱାଧୀନତା ସଂଗ୍ରାମରେ କ୍ରାନ୍ତିକାରୀ ଭୂମିକାକୁ ସ୍ମରଣ କରିବା ନିମନ୍ତେ ଡିସେମ୍ବର ୩୧କୁ କଳାହାଣ୍ଡି ବିକାଶ ପରିଷଦ ପକ୍ଷରୁ କ୍ରାନ୍ତି ଦିବସ ଭାବରେ ପାଳନ କରାଯାଇଛି। ଭବାନୀପାଟଣା ଟାଉନ ହଲଠାରେ ପୂର୍ବାହ୍ନ ୧୦ଟାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଚଳିତ ଥର ୨ୟ କ୍ରାନ୍ତି ଦିବସ ପାଳନ କାର୍ଯ୍ୟକ୍ରମରେ ପୂଜ୍ୟ ସ୍ୱାମୀ ଜୀବନମୁକ୍ତାନନ୍ଦ ପୁରୀ ଜୀ ମୁଖ୍ୟ ଅତିଥି, ଡାକ୍ତର ରାଧାକୃଷ୍ଣ ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରିଷଦର ଅଧ୍ୟକ୍ଷା ଡ. ସୁନୀତି ମୁଣ୍ଡ ନିଜ ବକ୍ତବ୍ୟରେ କ୍ରାନ୍ତି ଦିବସ ଏବଂ କ୍ରାନ୍ତି ଯାତ୍ରାର ମହତ୍ତ୍ୱ ଉପରେ ଆଲୋକପାତ କରି କହିଥିଲେ ଯେ, ସ୍ୱାଧୀନତା ପରବର୍ତ୍ତୀ ସମୟରେ ଦେଶ ଅନେକ କ୍ଷେତ୍ରରେ ବହୁ ଆଗକୁ ବଢିଛି। ତଥାପି ଆମେ ଦାରିଦ୍ର୍ୟ, ରୋଗ, ଶୋକ, ଅସମାନତା, ଅଶିକ୍ଷା, କୁସଂସ୍କାର, ଲିଙ୍ଗଗତ ବୈଷମ୍ୟ, ପାତରଅନ୍ତର ଭାବରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇପାରି ନାହୁଁ। ଆମକୁ ଆମର ନ୍ୟାଯ୍ୟ ଅଧିକାର ହାସଲ ସହିତ ଏକ ବିକଶିତ ରାଷ୍ଟ୍ର ଗଠନ ଦିଗରେ କାର୍ଯ୍ୟ କରିବାକୁ ହେବ। ଆର୍ଥିକ, ସାମାଜିକ, ନୈତିକ ଆଦି ସବୁକ୍ଷେତ୍ରରେ ଆମକୁ କ୍ରାନ୍ତି ଆଣିବାକୁ ହେବ। ଏହି ଅବସରରେ ବିଭିନ୍ନ ସମାଜ ମୁଖ୍ୟ ତଥା ୫୦ରୁ ଅଧିକ ଅନୁଷ୍ଠାନର ନେତୃତ୍ୱଙ୍କୁ 'ନେତୃତ୍ୱ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ୩୦ଟି କଲେଜର ଯୁବ ନେତୃତ୍ୱଙ୍କୁ ମଧ୍ୟ 'ଯୁବ ନେତୃତ୍ୱ' ସମ୍ମାନରେ ସମ୍ମାନିତ କରାଯାଇଥିଲା।

ସମାଜର ବିକାଶ ପାଇଁ ମଙ୍ଗ ଧରିଥିବା ନେତୃମଣ୍ଡଳୀଙ୍କ ମଧ୍ୟରୁ ଜଗନ୍ନାଥ ମୁଣ୍ଡ, ବୃଷଭ ରାଉତ, କେଶବ ମେହେର, ହୃଦାନନ୍ଦ ପଟେଲ, ସଂଯୁକ୍ତା ବେହେରା, ଶଙ୍କର ମେହେର, ପଦ୍ମ ମହାରଣା, ସୋନମ ଜୈନ, ସ୍ୱରନ ସିଂ, ଜୟନାରାୟଣ ବାବୁ, ଶାନ୍ତନୁ ମୁଣ୍ଡ, ଅଶୋକ ମୁଣ୍ଡ, ଡା.ଜଳନ୍ଧର ମେହେର, ଗଣେଶ ପ୍ରସାଦ ଅଗ୍ରୱାଲ, ଶାନ୍ତନୁ ବେହେରା, ତରୁଣ ମହାପାତ୍ର, ପ୍ରଦୀପ ଦି ମାଝି, ଜୟନ୍ତ ମୁଣ୍ଡ, ସ୍ନେହଲତା ଷଡଙ୍ଗୀ, ସୁଦେଷ୍ଣା ପଣ୍ଡା, ଅଂଶୁମାନ ଜେନା, ଲୋଚନ ସାହୁ, ଅଶୋକ ସିଂହ, ସୂର୍ଯ୍ୟନାରାୟଣ ନନ୍ଦ, ପ୍ରଶାନ୍ତ ନାୟକ, ପ୍ରଶାନ୍ତ ଠାକୁର, କାର୍ତ୍ତିକ ପୁଞ୍ଜି, ଗଣେଷ କୁମାର, ପ୍ରଦୀପ ସାହୁ, ସରୋଜ ନନ୍ଦ, ନୃପରାଜ ସାହୁ, ଦୋଳଗୋବିନ୍ଦ ସାହୁ, ମଳୟ ମୁଣ୍ଡ, ଜଗନ୍ନାଥ ତ୍ରିପାଠୀ, ଧବଳେଶ୍ୱର ଠାକୁର, ଉମେଶ ଶତପଥି, ଶଶୀଭଉଣୀ, ଗୌର ପଣ୍ଡା, ତ୍ରିନାଥ ମୁଣ୍ଡ, ଚକ୍ରଧର ଠାକୁର ପ୍ରମୁଖ ଉପସ୍ଥିତ ଥିଲେ। ୩୦ଟି କଲେଜ ଛାତ୍ରୀଛାତ୍ରଙ୍କୁ 'ଯୁବ ନେତୃତ୍ୱ' ସମ୍ମାନ ପ୍ରଦାନ କରି ଆଗାମୀ ଦିନରେ ରାଷ୍ଟ୍ର ହିତ ପାଇଁ ନେତୃତ୍ୱ ନେବା ନିମନ୍ତେ ପ୍ରସ୍ତୁତ ହେବାକୁ ପ୍ରୋତ୍ସାହନ ଦିଆଯାଇଥିଲା।

ଜଗନ୍ନାଥ ତ୍ରିପାଠୀ, ସୁରେନ୍ଦ୍ର ପଣ୍ଡା ଏବଂ ତାଙ୍କ ଟିମ୍ ସଙ୍ଗୀତ ପରିବେଷଣ କରିଥିଲେ। ବେଦପାଠ କରିଥିଲେ ସ୍ନେହଲତା ଷଡଙ୍ଗୀ। ମଞ୍ଚ ପରିଚାଳନା କରିଥିଲେ ସତ୍ୟନାରାୟଣ ମହାପାତ୍ର ଓ ବନଶ୍ରୀ ଦାଶ। ଶେଷରେ କ୍ରାନ୍ତି ଶୋଭାଯାତ୍ରା ଟାଉନ ହଲରୁ ବାହାରି ନଗର ପରିକ୍ରମା କରି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କାର୍ଯ୍ୟାଳୟରେ ଶେଷ ହୋଇଥିଲା।

# ଗୁରୁକୁଳ ହରିପୁରର ବାର୍ଷିକ ମହୋତ୍ସବ ଉଦ୍‌ଯାପିତ

ନୂଆପଡ଼ା,୧।୧ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ଜୁନାନି ଗୁରୁକୁଳ ହରିପୁର ଠାରେ ତ୍ରିଦିବସୀୟ ୧୪ତମ ବାର୍ଷିକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗୁରୁକୁଳ ଆଚାର୍ଯ୍ୟ ସୁଦର୍ଶନ ଦେବଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂଜ୍ୟ ସ୍ୱାମୀ ମୁକ୍ତାନନ୍ଦ ସରସ୍ୱତୀ, ସ୍ୱାମୀ ବିଶୁଦ୍ଧାନନ୍ଦ ସରସ୍ୱତୀ, ଡ. ଜଳନ୍ତ କୁମାର ଶାସ୍ତ୍ରୀ, ଆଚାର୍ଯ୍ୟ ବାମଦେବ ଜୀ ପ୍ରମୁଖ ବୈଦିକ ବିଦ୍ୱାନ, ସାଧୁସନ୍ଥ, ଦାର୍ଶନିକ ଯୋଗଦେଇଥିଲେ। ଗୁରୁକୁଳ ହରିପୁରର ପ୍ରତିଷ୍ଠାତା ଆଚାର୍ଯ୍ୟ ଡ. ସୁଦର୍ଶନ ଦେବ, ଆଚାର୍ଯ୍ୟ ଦିଲୀପ କୁମାର ଜିଜ୍ଞାସୁ, ଉପାଚାର୍ଯ୍ୟ ରାଜେନ୍ଦ୍ର ବର୍ଣ୍ଣୀଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଶାରୀରିକ ଆସନ, ବ୍ୟାୟାମ, ଧନୁଚାଳନା, ମଲ୍ଲଖମ୍ଭ ଆଦି ଅଦ୍ଭୁତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶ୍ରାବଣ ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥିବା ଚତୁର୍ବେଦ ପାରାୟଣ ମହାଯଜ୍ଞର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ଏହି ପବିତ୍ର ଅବସରରେ ଆର୍ଯ୍ୟ ସମାଜ ଶହୀଦ ନଗର ଭୁବନେଶ୍ୱରର ବରିଷ୍ଠ ସଦସ୍ୟ ସୂର୍ଯ୍ୟ ନାରାୟଣ ରାଓ ବାନପ୍ରସ୍ଥ ଦୀକ୍ଷାରେ ଦୀକ୍ଷିତ ହୋଇଥିଲେ। ଏଥି ସହିତ ଅନେକ ସମର୍ପିତ ଭାଇଭଉଣୀ ବୈଦିକ ଧର୍ମରେ ଦୀକ୍ଷିତ ହୋଇ ଯଜ୍ଞୋପବୀତ ଧାରଣ କରିଥିଲେ। ନିଜ କ୍ଷେତ୍ରରେ ବୈଦିକ ମାନବୀୟ ଧର୍ମର ପ୍ରଚାର ପ୍ରସାର କରୁଥିବା ଅନେକ ବାନପ୍ରସ୍ଥୀ, ସନ୍ନ୍ୟାସୀ ଓ ପ୍ରଚାରକଙ୍କୁ ଗୁରୁକୁଳ ତରଫରୁ ସମ୍ମାନିତ କରାଯାଇଥିଲା। ଗୁରୁକୁଳୀୟ ବ୍ରହ୍ମଚାରୀଙ୍କ ଦ୍ୱାରା ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମ, ଶାସ୍ତ୍ର ସ୍ମରଣ କାର୍ଯ୍ୟକ୍ରମ ଅତ୍ୟନ୍ତ ଆଦୃତ ହୋଇଥିଲା।


ଜଣେ ଶିକ୍ଷାବିତ୍‌ଙ୍କୁ ସମ୍ମାନିତ କରାଯାଉଛି।

# ଜୟଦୁର୍ଗା ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ

କୋକସରା, ୧।୧(ଦୁଷ୍ମନ୍ତ କୁମାର ପାଟଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ଓଲମା ଗ୍ରାମର ଜୟଦୁର୍ଗା ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଜୟ ଦୁର୍ଗା ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ବିଦ୍ୟାଧର ମୁଣ୍ଡ, ବ୍ରହ୍ମାନନ୍ଦ ମାଝୀ, ଯୁବକ ଲାଲ ପଣ୍ଡା, ଧର୍ମାନନ୍ଦ ପଣ୍ଡା, ପ୍ରତାପ କିଶୋର ପଣ୍ଡାଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି କୋବିଦ ଚନ୍ଦ୍ର ମାଝି ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଭାଜପା ନେତା ଜନାର୍ଦ୍ଦନ ପଣ୍ଡା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷାବିତ ଅଚ୍ୟୁତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଭାଜପା ଜିଲା ସାଧାରଣ ସମ୍ପାଦକ ସୁଧୀର ରଞ୍ଜନ ପାଟଯୋଶୀ, ଜିଲା ପରିଷଦ ସଭ୍ୟ ବାନେର ଅଙ୍ଗଦ ମାଝି, ସମାଜସେବୀ ବସନ୍ତ ନାଗ ପ୍ରମୁଖ ଯୋଗଦେଇ ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସୁବର୍ଣ୍ଣ ଜୟନ୍ତୀ ପାଳନ କୌଣସି ଅନୁଷ୍ଠାନ ପାଇଁ ଗର୍ବ ଓ ଗୌରବର କଥା। ଏଥିପାଇଁ ଦୀର୍ଘ ବର୍ଷର ପରିଶ୍ରମ ରହିଛି। ଆଗକୁ ଏହି ଅନୁଷ୍ଠାନ ଶତ ବାର୍ଷିକ ପାଳନ କରୁ ବୋଲି ଅତିଥିମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା ଅନୁଷ୍ଠାନର ସମ୍ପାଦକ ତ୍ରିନାଥ ଶବର କରିଥିଲେ। ଉପେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ରେକର୍ଡ ଡ୍ୟାନ୍ସ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ କୋଷାଧ୍ୟକ୍ଷ ପବିତ୍ରଚରଣ ମାଝି, ଉପଦେଷ୍ଟା କମିଟି ନିତ୍ୟାନନ୍ଦ ଶବର, ସଞ୍ଜୀବ କୁମାର ପଣ୍ଡା, ବିପ୍ରଚରଣ ଶବର, ରାଜେନ୍ଦ୍ର ମାଝି, ବଳଦେବ ମାଝି, ଉମାକାନ୍ତ ମାଝି, ପ୍ରମୋଦ ପଣ୍ଡା, ଭୁପେନ୍ଦ୍ର ଶବର, ସୁମନ୍ତ ଅଗସ୍ତି, ଶାନ୍ତନୁ ପଣ୍ଡା, ଚକ୍ରଧର ଶବର, ଅମୂଲ୍ୟ ଅଗସ୍ତି, ବିଶେଷ କୁମାର ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


ଜୟଦୁର୍ଗା ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶୁଭାରମ୍ଭ କରାଯାଉଛି।

# ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ତିଖାଲି ଡ୍ୟାମ୍

ଖଡ଼ିଆଳ, ୧।୧(ସୁଜିତ କୁମାର ପ୍ରଧାନ)


ଖଡ଼ିଆଳ ତିଖାଲି ଡ୍ୟାମରେ ପର୍ଯ୍ୟଟକ ନୌକାବିହାର କରୁଛନ୍ତି।

ନୂଆପଡା ଜିଲାରେ ରହିଛି ଅନେକ ପର୍ଯ୍ୟଟନସ୍ଥଳ। ସେଥିରୁ ଅନେକ ମନୋରମ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ରହିଛି। ବର୍ତ୍ତମାନ ପର୍ଯ୍ୟଟନ ସମୟରେ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରୁଛି ଓଡ଼ିଶା ସରକାରଙ୍କ ଦ୍ୱାରା ନିର୍ମିତ ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଖଡ଼ିଆଳ ତିଖାଲି ଡ୍ୟାମ। ନୂଆବର୍ଷରେ ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଆସିଥିଲେ। ନୂଆପଡ଼ା ଜିଲା ଖଡ଼ିଆଳ ସହରଠାରୁ ମାତ୍ର ୧୫ କିଲୋମିଟର ଦୂରରେ ଅବସ୍ଥିତ। ରାୟପୁର ଯିବାକୁ ଥିବା ଜାତୀୟ ରାଜପଥ ୩୫୩ର ନୂଆପଡା ଯିବା ବାଟର ସାନମହେଶ୍ୱର ପଞ୍ଚାୟତର ଡାହାଣ ପାର୍ଶ୍ୱରେ ରହିଛି ତିଖାଲି ଡ୍ୟାମ। ସୁନ୍ଦର ନଦୀକୁ ବନ୍ଧ ପକାଇ ତିଖାଲି ଡ୍ୟାମ ନିର୍ମାଣ କରାଯାଇଛି। ସୁନ୍ଦର ନଦୀର ଜଳ ତିଖାଲି ଡ୍ୟାମ ଦେଇ ତଳକୁ ତଳ ବୋହିଯାଉଛି। ପ୍ରାକୃତିକ ସୌନ୍ଦର୍ଯ୍ୟମୟ ତିଖାଲି ଡ୍ୟାମକୁ ଦେଖୁ ଦେଖୁ ଲୋକେ ବିମୋହିତ ହୋଇଥାନ୍ତି। ସେଲ୍ଫି ନେବାକୁ, ଫଟୋ ଉଠାଇବାକୁ ପର୍ଯ୍ୟଟକ ଆଗ୍ରହ ହୋଇଥାନ୍ତି। ବର୍ତ୍ତମାନ ପଶ୍ଚିମ ଓଡ଼ିଶାରେ ତିଆରି ହେଉଥିବା ଅଧିକାଂଶ ଚଳଚ୍ଚିତ୍ରର ନୃତ୍ୟଗୀତ, ସମ୍ବଲପୁରୀ ଆଲବମ ଏଠାରେ ସୁଟିଂ କରାଯାଉଛି। ତିଖାଲି ଡ୍ୟାମକୁ ଆସିବାକୁ ଖଡ଼ିଆଳ ପାର୍ଶ୍ୱରୁ ଅଟୋର ମଧ୍ୟ ସୁବ୍ୟବସ୍ଥା ରହିଛି। ୩୫୩ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ରହିଥିବାରୁ ଏଠାକୁ ଆସିବାକୁ କୌଣସି ସମସ୍ୟା ନାହିଁ। ଜାତୀୟ ରାଜପଥ ଉପରୁ ତିଖାଲି ଡ୍ୟାମର ବିଶାଳ ଜଳରାଶି ଦେଖାଯାଉଛି। ତିଖାଲି ଡ୍ୟାମର ପ୍ରବେଶ ପଥରେ ସୁନ୍ଦର ଗେଟ, ଜଳେଶ୍ୱର ଶିବ ମନ୍ଦିର, ସୁନ୍ଦର ତୋରଣ, ବଡ ପାର୍କିଂ ବ୍ୟବସ୍ଥା, ବଡ ଘାସ ଗାଲିଚା, ଡ୍ୟାମ ଭିତରକୁ ଯିବାକୁ ସୁନ୍ଦର ରାସ୍ତା, ସୁନ୍ଦର ବଗିଚା, ନୌକା ବିହାର ସ୍ଥଳ ରହିଛି। ଏହା ସହ ସନ୍ଧ୍ୟା ସମୟରେ ଆଲୋକୀକରଣ, ପାର୍କିଂ ପାର୍ଶ୍ୱରେ ସୁନ୍ଦର ଦୋକାନ, ସଫା ଓ ସୁନ୍ଦର ଭୋଜି ସ୍ଥଳ, ଭୋଜି ସ୍ଥଳରେ ପାନୀୟ ଜଳର ସୁବ୍ୟବସ୍ଥା, ମନୋରମ ପାର୍କରେ ପିଲାଙ୍କ ଖେଳିବା ବ୍ୟବସ୍ଥା ସହିତ ଆହୁରି ଅନେକ ସୁବ୍ୟବସ୍ଥା କାରଣରୁ ତିଖାଲି ଡ୍ୟାମ ତାର ସୌନ୍ଦର୍ଯ୍ୟ ବୃଦ୍ଧି କରିଚାଲିଛି। କେବଳ ଏତିକି ନୁହେଁ, ପୋଲିସ ସୁରକ୍ଷା ବ୍ୟବସ୍ଥା ସହିତ ପ୍ରଶାସନର ପର୍ଯ୍ୟଟନସ୍ଥଳ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ସ୍ଥଳକୁ ଶୃଙ୍ଖଳିତ କରି ରଖିଛି। ତିଖାଲି ଡ୍ୟାମକୁ ଶୀତଋତୁରେ ସର୍ବାଧିକ ପର୍ଯ୍ୟଟକ ଆସୁଥିଲେ ମଧ୍ୟ ବର୍ଷତମାମ ଏହି ଡ୍ୟାମକୁ ପର୍ଯ୍ୟଟକ ଆସିଥାନ୍ତି। ବିଶେଷକରି ନଭେମ୍ବର ଓ ଡିସେମ୍ବରର ପ୍ରତ୍ୟେକ ରବିବାର କିମ୍ବା ଛୁଟି ଦିନରେ ହଜାର ହଜାର ପର୍ଯ୍ୟଟକ ଆସି ତିଖାଲି ଡ୍ୟାମର ମଜା ନେଉଥିବା ଦେଖାଯାଉଛି। ଆଗାମୀ ଦିନରେ ତିଖାଲି ଡ୍ୟାମ ଓଡ଼ିଶାର ବିଶିଷ୍ଟ ପର୍ଯ୍ୟଟନ କ୍ଷେତ୍ରରେ ସ୍ଥାନ ପାଇବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

## ସଂକ୍ଷେପରେ

### ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର

ଭବାନୀପାଟଣା,୧।୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ସୋମବାର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଓ ଏସ୍‌ପି ଅଭିଳାଷ ଜୀଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନଶୁଣାଣି ଶିବିରରେ ମୋଟ ୩୬ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୩୦ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୬ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ୬ଟି ଅଭିଯୋଗର ସମାଧାନ ତତ୍‌କ୍ଷଣାତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଜଣଙ୍କୁ ସହାୟତା ମଞ୍ଜୁର କରାଯାଇଥିଲା। ସଦର ବ୍ଲକର ରିଶି ଗାଁ ପଞ୍ଚାୟତର ତପସିନୀ ବାଗଙ୍କୁ ୫୦୦୦ ଟଙ୍କା ଓ ନିଳା ଦେଇଙ୍କୁ ୨୦୦୦ ଟଙ୍କା, କୋକସରା ବ୍ଲକ ଆମପାଣିର ବୈଜୟନ୍ତି ସୁନାଙ୍କୁ ୫୦୦୦ ଟଙ୍କା, ଜୁନାଗଡ଼ ବ୍ଲକର ଛୋରିଆଗଡ ଗ୍ରାମର ସଚ୍ଚିଦାନନ୍ଦ ନାଏକଙ୍କୁ ୫୦୦୦ ଟଙ୍କା ସହାୟତା କରାଯାଇଥିଲା।

### ଗୁରୁକୁଳ ହରିପୁରର ବାର୍ଷିକ ମହୋତ୍ସବ ଉଦ୍‌ଯାପିତ

ନୂଆପଡ଼ା,୧।୧ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ଜୁନାନି ଗୁରୁକୁଳ ହରିପୁର ଠାରେ ତ୍ରିଦିବସୀୟ ୧୪ତମ ବାର୍ଷିକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗୁରୁକୁଳ ଆଚାର୍ଯ୍ୟ ସୁଦର୍ଶନ ଦେବଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂଜ୍ୟ ସ୍ୱାମୀ ମୁକ୍ତାନନ୍ଦ ସରସ୍ୱତୀ, ସ୍ୱାମୀ ବିଶୁଦ୍ଧାନନ୍ଦ ସରସ୍ୱତୀ, ଡ. ଜଳନ୍ତ କୁମାର ଶାସ୍ତ୍ରୀ, ଆଚାର୍ଯ୍ୟ ବାମଦେବ ଜୀ ପ୍ରମୁଖ ବୈଦିକ ବିଦ୍ୱାନ, ସାଧୁସନ୍ଥ, ଦାର୍ଶନିକ ଯୋଗଦେଇଥିଲେ। ଗୁରୁକୁଳ ହରିପୁରର ପ୍ରତିଷ୍ଠାତା ଆଚାର୍ଯ୍ୟ ଡ. ସୁଦର୍ଶନ ଦେବ, ଆଚାର୍ଯ୍ୟ ଦିଲୀପ କୁମାର ଜିଜ୍ଞାସୁ, ଉପାଚାର୍ଯ୍ୟ ରାଜେନ୍ଦ୍ର ବର୍ଣ୍ଣୀଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଶାରୀରିକ ଆସନ, ବ୍ୟାୟାମ, ଧନୁଚାଳନା, ମଲ୍ଲଖମ୍ଭ ଆଦି ଅଦ୍ଭୁତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶ୍ରାବଣ ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥିବା ଚତୁର୍ବେଦ ପାରାୟଣ ମହାଯଜ୍ଞର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ଏହି ପବିତ୍ର ଅବସରରେ ଆର୍ଯ୍ୟ ସମାଜ ଶହୀଦ ନଗର ଭୁବନେଶ୍ୱରର ବରିଷ୍ଠ ସଦସ୍ୟ ସୂର୍ଯ୍ୟ ନାରାୟଣ ରାଓ ବାନପ୍ରସ୍ଥ ଦୀକ୍ଷାରେ ଦୀକ୍ଷିତ ହୋଇଥିଲେ। ଏଥି ସହିତ ଅନେକ ସମର୍ପିତ ଭାଇଭଉଣୀ ବୈଦିକ ଧର୍ମରେ ଦୀକ୍ଷିତ ହୋଇ ଯଜ୍ଞୋପବୀତ ଧାରଣ କରିଥିଲେ। ନିଜ କ୍ଷେତ୍ରରେ ବୈଦିକ ମାନବୀୟ ଧର୍ମର ପ୍ରଚାର ପ୍ରସାର କରୁଥିବା ଅନେକ ବାନପ୍ରସ୍ଥୀ, ସନ୍ନ୍ୟାସୀ ଓ ପ୍ରଚାରକଙ୍କୁ ଗୁରୁକୁଳ ତରଫରୁ ସମ୍ମାନିତ କରାଯାଇଥିଲା। ଗୁରୁକୁଳୀୟ ବ୍ରହ୍ମଚାରୀଙ୍କ ଦ୍ୱାରା ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମ, ଶାସ୍ତ୍ର ସ୍ମରଣ କାର୍ଯ୍ୟକ୍ରମ ଅତ୍ୟନ୍ତ ଆଦୃତ ହୋଇଥିଲା।

# ଭୁଖା ନାଟକରେ ଦଳିତଙ୍କ ସ୍ୱର

## ସୋନପୁର କଲେଜରେ ଆଲୋଚନାଚକ୍ର

ସୋନପୁର,୧।୧(ମୃତ୍ୟୁଞ୍ଜୟ ଶତପଥୀ)



ସାହିତ୍ୟ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ବୃନ୍ଦ ।

ସୋନପୁର କଲେଜ ଓଡିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଭୁଖା ନାଟକରେ ଦଳିତଙ୍କ ସ୍ୱର ଶୀର୍ଷକ ଏକ ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚକଭାବେ ବଲାଙ୍ଗୀର ସରକାରୀ ମହାବିଦ୍ୟାଳୟର ଅଧ୍ୟାପକ ଡ. କୌତୁକ ପନ୍ଦର ଯୋଗଦାନ କରିଥିଲେ। ଡ. ପନ୍ଦର ଭୁଖା ନାଟକକୁ ବିଭିନ୍ନ ଦୃଷ୍ଟିକୋଣରୁ ପର୍ଯ୍ୟାଲୋଚନା କରିବା ସହ ଦଳିତ ଶୋଷିତଙ୍କ ନିଚ୍ଛକ ଜୀବନ ଚିତ୍ର ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥିଭାବେ ସୁଗାୟିକା ନୁର ବେଗମ୍ ଭୁଖା ଚଳଚ୍ଚିତ୍ରର ସଙ୍ଗୀତ ଗାନ କରି ସମସ୍ତଙ୍କ ମନ ମୋହିଥିଲେ। ଡ. ଜଗନ୍ନାଥ ସାହୁ ଅନ୍ୟତମ ଅତିଥି ଭାବେ ଯୋଗଦେଇ ନାଟକ ଜରିଆରେ ଦଳିତଙ୍କ ବେଦନାକୁ ଉପସ୍ଥାପନା ଓ ସମାଜ ପାଇଁ ଏହାର ବାର୍ତ୍ତା ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀ ରୁବି ବେହେରା ଓ ଛାତ୍ର ଦେବପ୍ରିୟ ହାତୀ ନିବନ୍ଧ ପାଠ କରିଥିଲେ। ଅଧ୍ୟାପିକା ଡ. ଇତିଶ୍ରୀ ଦାସ ଓ ଅଧ୍ୟାପକ ଡ. ମୀନକେତନ କୁମ୍ଭାର ବିଷୟ ବସ୍ତୁ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ସରୋଜ ଜଗଦଲା ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ଚନ୍ଦ୍ରକାନ୍ତି ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ।

# ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ତିଖାଲି ଡ୍ୟାମ୍

ଖଡ଼ିଆଳ, ୧।୧(ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲାରେ ରହିଛି ଅନେକ ପର୍ଯ୍ୟଟନସ୍ଥଳ। ସେଥିରୁ ଅନେକ ମନୋରମ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ରହିଛି। ବର୍ତ୍ତମାନ ପର୍ଯ୍ୟଟନ ସମୟରେ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରୁଛି ଓଡ଼ିଶା ସରକାରଙ୍କ ଦ୍ୱାରା ନିର୍ମିତ ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଖଡ଼ିଆଳ ତିଖାଲି ଡ୍ୟାମ। ନୂଆବର୍ଷରେ ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଆସିଥିଲେ। ନୂଆପଡ଼ା ଜିଲା ଖଡ଼ିଆଳ ସହରଠାରୁ ମାତ୍ର ୧୫ କିଲୋମିଟର ଦୂରରେ ଅବସ୍ଥିତ। ରାୟପୁର ଯିବାକୁ ଥିବା ଜାତୀୟ ରାଜପଥ ୩୫୩ର ନୂଆପଡା ଯିବା ବାଟର ସାନମହେଶ୍ୱର ପଞ୍ଚାୟତର ଡାହାଣ ପାର୍ଶ୍ୱରେ ରହିଛି ତିଖାଲି ଡ୍ୟାମ। ସୁନ୍ଦର ନଦୀକୁ ବନ୍ଧ ପକାଇ ତିଖାଲି ଡ୍ୟାମ ନିର୍ମାଣ କରାଯାଇଛି। ସୁନ୍ଦର ନଦୀର ଜଳ ତିଖାଲି ଡ୍ୟାମ ଦେଇ ତଳକୁ ତଳ ବୋହିଯାଉଛି। ପ୍ରାକୃତିକ ସୌନ୍ଦର୍ଯ୍ୟମୟ ତିଖାଲି ଡ୍ୟାମକୁ ଦେଖୁ ଦେଖୁ ଲୋକେ ବିମୋହିତ ହୋଇଥାନ୍ତି। ସେଲ୍ଫି ନେବାକୁ, ଫଟୋ ଉଠାଇବାକୁ ପର୍ଯ୍ୟଟକ ଆଗ୍ରହ ହୋଇଥାନ୍ତି। ବର୍ତ୍ତମାନ ପଶ୍ଚିମ ଓଡ଼ିଶାରେ ତିଆରି ହେଉଥିବା ଅଧିକାଂଶ ଚଳଚ୍ଚିତ୍ରର ନୃତ୍ୟଗୀତ, ସମ୍ବଲପୁରୀ ଆଲବମ ଏଠାରେ ସୁଟିଂ କରାଯାଉଛି। ତିଖାଲି ଡ୍ୟାମକୁ ଆସିବାକୁ ଖଡ଼ିଆଳ ପାର୍ଶ୍ୱରୁ ଅଟୋର ମଧ୍ୟ ସୁବ୍ୟବସ୍ଥା ରହିଛି। ୩୫୩ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ରହିଥିବାରୁ ଏଠାକୁ ଆସିବାକୁ କୌଣସି ସମାସ୍ୟା ନାହିଁ। ଜାତୀୟ ରାଜପଥ ଉପରୁ ତିଖାଲି ଡ୍ୟାମର ବିଶାଳ ଜଳରାଶି ଦେଖାଯାଉଛି। ତିଖାଲି ଡ୍ୟାମର ପ୍ରବେଶ ପଥରେ ସୁନ୍ଦର ଗେଟ, ଜଳେଶ୍ୱର ଶିବ ମନ୍ଦିର, ସୁନ୍ଦର ତୋରଣ, ବଡ ପାର୍କିଂ ବ୍ୟବସ୍ଥା, ବଡ ଘାସ ଗାଲିଚା, ଡ୍ୟାମ ଭିତରକୁ ଯିବାକୁ ସୁନ୍ଦର ରାସ୍ତା, ସୁନ୍ଦର ବଗିଚା, ନୌକା ବିହାର ସ୍ଥଳ ରହିଛି। ଏହା ସହ ସନ୍ଧ୍ୟା ସମୟରେ ଆଲୋକୀକରଣ, ପାର୍କିଂ ପାର୍ଶ୍ୱରେ ସୁନ୍ଦର ଦୋକାନ, ସଫା ଓ ସୁନ୍ଦର ଭୋଜି ସ୍ଥଳ, ଭୋଜି ସ୍ଥଳରେ ପାନୀୟ ଜଳର ସୁବ୍ୟବସ୍ଥା, ମନୋରମ ପାର୍କରେ ପିଲାଙ୍କ ଖେଳିବା ବ୍ୟବସ୍ଥା ସହିତ ଆହୁରି ଅନେକ ସୁବ୍ୟବସ୍ଥା କାରଣରୁ ତିଖାଲି ଡ୍ୟାମ ତାର ସୌନ୍ଦର୍ଯ୍ୟ ବୃଦ୍ଧି କରିଚାଲିଛି। କେବଳ ଏତିକି ନୁହେଁ, ପୋଲିସ ସୁରକ୍ଷା ବ୍ୟବସ୍ଥା ସହିତ ପ୍ରଶାସନର ପର୍ଯ୍ୟଟନସ୍ଥଳ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ସ୍ଥଳକୁ ଶୃଙ୍ଖଳିତ କରି ରଖିଛି। ତିଖାଲି ଡ୍ୟାମକୁ ଶୀତଋତୁରେ ସର୍ବାଧିକ ପର୍ଯ୍ୟଟକ ଆସୁଥିଲେ ମଧ୍ୟ ବର୍ଷତମାମ ଏହି ଡ୍ୟାମକୁ ପର୍ଯ୍ୟଟକ ଆସିଥାନ୍ତି। ବିଶେଷକରି ନଭେମ୍ବର ଓ ଡିସେମ୍ବରର ପ୍ରତ୍ୟେକ ରବିବାର କିମ୍ବା ଛୁଟି ଦିନରେ ହଜାର ହଜାର ପର୍ଯ୍ୟଟକ ଆସି ତିଖାଲି ଡ୍ୟାମର ମଜା ନେଉଥିବା ଦେଖାଯାଉଛି। ଆଗାମୀ ଦିନରେ ତିଖାଲି ଡ୍ୟାମ ଓଡ଼ିଶାର ବିଶିଷ୍ଟ ପର୍ଯ୍ୟଟନ କ୍ଷେତ୍ରରେ ସ୍ଥାନ ପାଇବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

# ନବବର୍ଷରେ ଆଧ୍ୟାତ୍ମିକ ଚେତନା ଜାଗୃତି ଲକ୍ଷ୍ୟ

## ୨୪ତମ ଆଞ୍ଚଳିକ ମହାନଦୀ ବାଲି ଉତ୍ସବ

ସୋନପୁର,୧।୧(ମୃତ୍ୟୁଞ୍ଜୟ ଶତପଥୀ)



ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ମହାରାଜ, ମହନ୍ତ ବଂଶୀଧର ଦାଶ ଶ୍ରଦ୍ଧାଳୁଙ୍କୁ ଆଶିର୍ବଚନ ପ୍ରଦାନ କରୁଛନ୍ତି।

୨୪ତମ ଆଞ୍ଚଳିକ ମହାନଦୀ ବାଲି ଆଧ୍ୟାତ୍ମିକ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ନୂତନବର୍ଷରେ ଆଞ୍ଚଳବାସୀଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା ଜାଗୃତି ଲକ୍ଷ୍ୟରେ ହିକୁଡିସ୍ଥିତ ସୋନପୁର ସରକାରୀ ଶିଳ୍ପ ପ୍ରତିଷ୍ଠାନ (ଆଇଟିଆଇ) ଖେଳ ପଡିଆରେ ଏହି କାର୍ଯ୍ୟକ୍ରମ ୨ଦିନ ଧରି ଆୟୋଜିତ ହୋଇଥିଲା। ରବିବାର ଅଖଣ୍ଡ ତୁଳସୀ ରାମାୟଣ ପାରାୟଣ ହୋଇଥିଲା। ସୋମବାର ସକାଳେ ସାମୂହିକ ହନୁମାନ ଚାଳିଶା ପଠନ ପରେ ଓଡ଼ିଆ ରାମଚରିତ ମାନସର ସୁନ୍ଦରାକାଣ୍ଡ ପାରାୟଣ, ବିଶ୍ୱର ମଙ୍ଗଳ ସକାଶେ ହୋମଯଜ୍ଞ ଓ ପ୍ରାର୍ଥନା ହୋଇଥିଲା। ମଧ୍ୟାହ୍ନରେ ପ୍ରବଚନ ହୋଇଥିଲା। ପୂଜାର କର୍ତ୍ତା ଥିଲେ ବ୍ୟୋମକେଶ ତ୍ରିପାଠୀ। ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ ପଣ୍ଡିତ ସଞ୍ଜୟ ତ୍ରିପାଠୀ, ଇପ୍‌ସିତ ମିଶ୍ର ବ୍ୟାସ ଭାବେ ପୁରାଣ ଗାନ କରିଥିଲେ। ବୃନ୍ଦାବନର ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ମହାରାଜ ଓ ପୁରୀ ରାମଜୀ ମଠର ମହନ୍ତ ବଂଶୀଧର ଦାଶ ଶ୍ରଦ୍ଧାଳୁଙ୍କୁ ଆଶିର୍ବଚନ ପ୍ରଦାନ କରିଥିଲେ। ଉଭୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ମହୋତ୍ସବ କମିଟିର ପରିଚାଳନାରେ ଏହି ଧାର୍ମିକ କାର୍ଯ୍ୟକ୍ରମ ସଫଳ ହୋଇଥିଲା। ଆସନ୍ତା ବର୍ଷ ମହୋତ୍ସବର ରୌପ୍ୟଜୟନ୍ତୀ ଅବସରରେ ୫ ଦିନ ଧରି କାର୍ଯ୍ୟକ୍ରମ ମହାସମାରୋହରେ ଆୟୋଜିତ ହେବ। ଏଥିପାଇଁ ସୋମବାର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।

# ଜୟଦୁର୍ଗା ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ

କୋକସରା, ୧।୧(ଦୁଷ୍ମନ୍ତ କୁମାର ପାଢୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ଓଲମା ଗ୍ରାମର ଜୟଦୁର୍ଗା ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଜୟ ଦୁର୍ଗା ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ବିଦ୍ୟାଧର ମୁଣ୍ଡ, ବ୍ରହ୍ମାନନ୍ଦ ମାଝୀ, ଯୁବକ ଲାଲ ପଣ୍ଡା, ଧର୍ମାନନ୍ଦ ପଣ୍ଡା, ପ୍ରତାପ କିଶୋର ପଣ୍ଡାଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି କୋବିଦ ଚନ୍ଦ୍ର ମାଝି ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଭାଜପା ନେତା ଜନାର୍ଦ୍ଦନ ପଣ୍ଡା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷାବିତ ଅଚ୍ୟୁତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଭାଜପା ଜିଲା ସାଧାରଣ ସମ୍ପାଦକ ସୁଧୀର ରଞ୍ଜନ ପାଟଯୋଶୀ, ଜିଲା ପରିଷଦ ସଭ୍ୟ ବାନେର ଅଙ୍ଗଦ ମାଝି, ସମାଜସେବୀ ବସନ୍ତ ନାଗ ପ୍ରମୁଖ ଯୋଗଦେଇ ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସୁବର୍ଣ୍ଣ ଜୟନ୍ତୀ ପାଳନ କୌଣସି ଅନୁଷ୍ଠାନ ପାଇଁ ଗର୍ବ ଓ ଗୌରବର କଥା। ଏଥିପାଇଁ ଦୀର୍ଘ ବର୍ଷର ପରିଶ୍ରମ ରହିଛି। ଆଗକୁ ଏହି ଅନୁଷ୍ଠାନ ଶତ ବାର୍ଷିକ ପାଳନ କରୁ ବୋଲି ଅତିଥିମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା ଅନୁଷ୍ଠାନର ସମ୍ପାଦକ ତ୍ରିନାଥ ଶବର କରିଥିଲେ। ଉପେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ରେକର୍ଡ ଡ୍ୟାନ୍ସ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ କୋଷାଧ୍ୟକ୍ଷ ପବିତ୍ରଚରଣ ମାଝି, ଉପଦେଷ୍ଟା କମିଟି ନିତ୍ୟାନନ୍ଦ ଶବର, ସଞ୍ଜୀବ କୁମାର ପଣ୍ଡା, ବିପ୍ରଚରଣ ଶବର, ରାଜେନ୍ଦ୍ର ମାଝି, ବଳଦେବ ମାଝି, ଉମାକାନ୍ତ ମାଝି, ପ୍ରମୋଦ ପଣ୍ଡା, ଭୁପେନ୍ଦ୍ର ଶବର, ସୁମନ୍ତ ଅଗସ୍ତି, ଶାନ୍ତନୁ ପଣ୍ଡା, ଚକ୍ରଧର ଶବର, ଅମୂଲ୍ୟ ଅଗସ୍ତି, ବିଶେଷ କୁମାର ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଚାଷୀମାରଣ ନୀତି ବିରୋଧରେ ୪ରେ କଳାହାଣ୍ଡି ବନ୍ଦ

କୋକସରା,୧।୧(ଦୁଷ୍ମନ୍ତ କୁମାର ପାଢୋଷୀ)



କୁସୁମଖୁଣ୍ଟିଠାରେ ବୈଠକରେ ଉପସ୍ଥିତ ଭାଜପା ନେତା ।

କଳାହାଣ୍ଡି ଜିଲାରେ ଧାନ ଓ କପାର ଅଭାବୀ ବିକ୍ରିକୁ ନେଇ ଭାଜପା ପକ୍ଷରୁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସକରାତ୍ମକ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହାର ପ୍ରତିବାଦରେ ଆଗାମୀ ୪ ତାରିଖରେ ଭାଜପା ପକ୍ଷରୁ କଳାହାଣ୍ଡି ବନ୍ଦ ଡାକରା ଦିଆଯାଇଛି। କଳାହାଣ୍ଡି ଭାଜପା ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର ସୋମବାର ଏକ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି। ଜାନୁୟାରୀ ୪ରେ ଚାଷୀଙ୍କୁ ଉଚିତ ପ୍ରାପ୍ୟ ଦାବିରେ କଳାହାଣ୍ଡି ବନ୍ଦ ଡାକରା ଦିଆଯାଇଥିବାରୁ ସମସ୍ତେ ସହଯୋଗ କରିବାକୁ ନିବେଦନ କରାଯାଇଛି। ବନ୍ଦ ପାଳନ ନେଇ ସୋମବାର କୋକସରା ବ୍ଲକ କୁସୁମଖୁଣ୍ଟିଠାରେ ବରିଷ୍ଠ ଭାଜପା ନେତା ଜନାର୍ଦ୍ଦନ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କୋକସରା ବ୍ଲକ ମୋଟେର, କୋକସରା, ଆମପାଣି ମଣ୍ଡଳର କର୍ମକର୍ତ୍ତା ଯୋଗଦେଇଥିଲେ। ୪ ତାରିଖରେ ବନ୍ଦ ପାଳନକୁ ସଫଳ ରୂପାୟନ ନେଇ ଆଲୋଚନା ହୋଇଛି। ଏହି ପ୍ରସ୍ତୁତି ବୈଠକରେ ବରିଷ୍ଠ ଭାଜପା ନେତା ପୂର୍ବତନ ବ୍ଲକ ସଭାପତି ନୀଳକଣ୍ଠ ମାଝି, କୋକସରା ମଣ୍ଡଳ ପ୍ରଭାରୀ ଗରୁଡ଼ଧ୍ୱଜ ମାଝି, କୋକସରା ମଣ୍ଡଳ ସଭାପତି ଦୁର୍ଗା ପ୍ରଧାନୀ, ସାଧାରଣ ସମ୍ପାଦକ ତ୍ରିନାଥ ଶବର, ମଣ୍ଡଳ ସମ୍ପାଦକ ମନୋଜ କୁମାର ନାଏକ, ମଣ୍ଡଳ କାର୍ଯ୍ୟକାରିଣୀ ସଦସ୍ୟ ନରେନ୍ଦ୍ର ପ୍ରଧାନୀ, ପୂର୍ବତନ ମଣ୍ଡଳ ସଭାପତି ପ୍ରମୋଦ କୁମାର ପଣ୍ଡା, ଦୈତାରି ବାରିକ, ଉପସଭାପତି ଗୋପାଳ ଅଗ୍ରୱାଲ, ଅମିନ ରଣା ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ




କ୍ରୀଡା ଉତ୍ସବରେ କୃତୀ ଖେଳାଳିମାନଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଡୁଙ୍ଗୁରିପାଲି, ୧।୧(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ବିଭିନ୍ନ ଜୋନରେ ବ୍ଲକସ୍ତରୀୟ ଚାଲିଥିବା କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ସରକାରଙ୍କ ନୂଆ-ଓ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଗତ ୨୦ ତାରିଖରୁ ଆରମ୍ଭ ହୋଇଥିବା କ୍ରୀଡା ଉତ୍ସବରେ କ୍ରିକେଟ, ଫୁଟବଲ, ହକି, ଭଲିବଲ, କବାଡି, ଖୋଖୋ ଆଦି ଖେଳର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ଲକର ୨୬ ପଞ୍ଚାୟତର ୧୯୭ ଖେଳାଳି ଅଂଶଗ୍ରହଣ କରିଥିଲେ । ଡୁଙ୍ଗୁରିପାଲି କଲେଜ ପଡିଆରେ ବିଡିଓ ରୋହିତ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ରୀଡା ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ସମ୍ମାନୀତ ଅତିଥି ରାମପୁର ତହସିଲଦାର ରାମକୃଷ୍ଣ ମିଶ୍ର ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ପୁରୁଷ ଖୋ ଖୋରେ ୟୁଜିଏଚଏସ ଲିଙ୍ଗମାର୍ଣ୍ଣି, ମହିଳା ଖୋଖୋରେ ଚନ୍ଦଲି ଷ୍ଟାର, ପୁରୁଷ କବାଡିରେ ରାମପୁର କବାଡି ଆସୋସିଏଶନ, ମହିଳା କବାଡିରେ ଆରକେ ଗାର୍ଲସ ହାଇସ୍କୁଲ ଡୁଙ୍ଗୁରିପାଲି, ଭଲିବଲରେ ଚେରୁପାଲି, କ୍ରିକେଟରେ ଶୁଖା ଓ ଫୁଟବଲରେ ୟଙ୍ଗଷ୍ଟାର କ୍ଲବ ବଲେନପାଲି ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବକୁ ଏବିଡ଼ିଓ ଆନନ୍ଦ ଚନ୍ଦ୍ର ମିଶ୍ର ପରିଚାଳନା କରିଥିଲେ । ବ୍ଲକ ବିଏସଏସଓ ପ୍ରବୀଣ ରଥ ଓ ବ୍ଲକ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ପ୍ରଭୁଦତ୍ତ ନାୟକ ସଂଯୋଜନା କରିଥିଲେ। ବ୍ଲକ ଖେଳ କମିଟିର ଧର୍ମେନ୍ଦ୍ର ବିଶ୍ୱାଳ ଓ ବିଭୁଦତ୍ତ ରାଜହଂସ କ୍ରୀଡା ଉତ୍ସବର ବିଭିନ୍ନ ଦାୟିତ୍ୱ ପରିଚାଳନା କରିଥିଲେ ।

# ନବବର୍ଷକୁ ସ୍ୱାଗତ ପାଇଁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

ଅମରପାଲି,୧।୧(ପୀତାମ୍ବର ସାହୁ)



ପିତାମହୁଲ ସୁନ୍ଦରାକାଣ୍ଡ ପାରାୟଣରେ ଉପସ୍ଥିତ ଶ୍ରଦ୍ଧାଳୁ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ନବବର୍ଷକୁ ସ୍ୱାଗତ ପାଇଁ ଉତ୍ସାହ ଓ ଉଦ୍ଦୀପନାର ପରିବେଶ। କେଉଁଠି ଭୋଜିଭାତର ଆସର ତ ଆଉ କେଉଁଠି ନାଚ ଗୀତର ମାହୋଲ। ତେବେ ଏ ସବୁ ଭିତରେ ଅନେକେ ମନ୍ଦିର ଯାଇ ଦିଅଁ ଦର୍ଶନ କରିଛନ୍ତି ତ ଆଉ କେଉଁଠି ଭଜନ କୀର୍ତ୍ତନ କରି ନବବର୍ଷ ପାଳନ କରିଛନ୍ତି। ନବବର୍ଷର ମଧ୍ୟରାତ୍ରରେ ଯୁବକମାନେ ଏକାଠି ହୋଇ କେକ କାଟି ନାଚ ଗୀତ କରି ସ୍ୱାଗତ କରିଥିଲେ। ସକାଳୁ ସକାଳୁ ଅଞ୍ଚଳର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଖଣ୍ଡହତା ପଞ୍ଚାୟତର ସୁନାରିବେର୍ଣ୍ଣି ମନ୍ଦିରରେ ଜଳାଶାୟୀ କରାଯିବା ସହିତ ନାମ ସଙ୍କୀର୍ତ୍ତନ କରାଯାଇଥିଲା। ପିତାମହୁଲ ଗ୍ରାମରେ ପୂର୍ବାହ୍ନରୁ ଅପରାହ୍ନ ପର୍ଯ୍ୟନ୍ତ ହୋଇଥିଲା ସୁନ୍ଦରାକାଣ୍ଡ ପାରାୟଣ। ଏଥିରେ ଗଗନ ବିହାରୀ ମିଶ୍ର ବ୍ୟାସଭାବେ ପାରାୟଣ ପଠନ କରିଥିଲେ। ବୈଦ୍ୟନାଥ କର୍ଣ୍ଣ ସପତ୍ନିକ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ବୈଦିକ ବ୍ରାହ୍ମଣ ମାନଙ୍କ ଦ୍ୱାରା ଗୋପାଳ ସହସ୍ର ନାମ, ବିଷ୍ଣୁ ସହସ୍ରନାମ, ଶ୍ରୀମଦ୍ ଭଗବତ ଗୀତା ଓ ହନୁମାନ ଚାଳିଶା ପାଠ ହୋଇଥିଲା। କର୍ତ୍ତାଭାବେ ଗୋପିନାଥ ଚାନ୍ଦ ଓ ତାଙ୍କ ଧର୍ମପତ୍ନୀ ଅନୁପମା ଚାନ୍ଦ କାର୍ଯ୍ୟ ତୁଲାଇଥିଲେ। ପ୍ରସିଦ୍ଧ ଶୈବପୀଠ ଚମ୍ପାମାଳ ଚମ୍ପେଶ୍ୱର ମହାଦେବ ମନ୍ଦିର, ଗୋଧନେଶ୍ୱର ମନ୍ଦିର, ଦୁର୍ଗା ମନ୍ଦିର, ପଥରଘାଟ ହନୁମାନ ବାଟିକା, ବାଗବର ଚନ୍ଦ୍ର ମଣି ମଠ ତଥା ବିଭିନ୍ନ ସ୍ଥାନରେ ସୁନ୍ଦର କାଣ୍ଡ ପାରାୟଣ, ଆଧ୍ୟାତ୍ମିକ କାର୍ଯ୍ୟ ଓ ଭଜନ ସମାରୋହର ଆୟୋଜନ କରାଯାଇଥିଲା। ବହଳପଦର ମଠରେ ରାମାୟଣ ପାଠ, ମେଣ୍ଟିଲିପାଲି ଗ୍ରାମରେ ନବାହ ପାରାୟଣର ପୂର୍ଣ୍ଣାହୁତି କରାଯାଇଥିଲା। ଠେଙ୍ଗୋ ଡ୍ୟାମରେ ଶହ ଶହ ଭୋଜି ପାର୍ଟିର ସମାଗମ ହୋଇଥିଲା।

# କୋସଲ ଜ୍ୟୋତିର୍ବିଜ୍ଞାନ ପଣ୍ଡିତ ମହାସଭା

ସୋନପୁର,୧।୧(ମୃତ୍ୟୁଞ୍ଜୟ ଶତପଥୀ)




ଭାଗ୍ୟଜ୍ୟୋତି ପରମେଶ୍ୱରୀ ପଞ୍ଜିକାକୁ ଅତିଥି ବୃନ୍ଦ ଲୋକାର୍ପଣ କରୁଛନ୍ତି ।

## ପଞ୍ଜିକା ଲୋକାର୍ପିତ, ୮ଜ୍ୟୋତିର୍ବିଦ୍ ସମ୍ବର୍ଦ୍ଧିତ

ସୁବର୍ଣ୍ଣପୁର ଗୋପାଳଜୀ ମନ୍ଦିର ପରିସରରେ କୋସଲ ଜୋତିର୍ବିଜ୍ଞାନ ପଣ୍ଡିତ ମହାସଭାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଜ୍ୟୋତିର୍ବିଦ୍ ମେଡେନ କୁମାର ବିଶି ସଭାରେ ଅଧ୍ୟକ୍ଷତା କରିଥିଲେ। ରାମଜୀ ମଠ ପୁରୀର ମହନ୍ତ ମହାରାଜ ଗୁରୁ ବଂଶୀଧର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲାରେ ପଣ୍ଡିତ ମହାସଭା, ରାଜ୍ୟସ୍ତରୀୟ ଜ୍ୟୋତିଷ ସମ୍ମିଳନୀ, ପ୍ରତିଭା ସମ୍ମାନ ଓ ରାଜ୍ୟସ୍ତରୀୟ ଭାଗ୍ୟଜ୍ୟୋତି ପରମେଶ୍ୱରୀ ପଞ୍ଜିକା ୨୦୨୪-୨୫ର ଲୋକାର୍ପଣ ଉତ୍ସବ ଆୟୋଜିତ ହେଉଥିବାରୁ ଜ୍ୟୋତିର୍ବିଜ୍ଞାନୀ ଓ ଧର୍ମଶାସ୍ତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ। ମୁଖ୍ୟବକ୍ତାଭାବେ ବରିଷ୍ଠ ଜ୍ୟୋତିର୍ବିଦ୍ ଯୋଗେନ୍ଦ୍ର ହୋତା, ସମ୍ମାନିତ ଅତିଥି କୋସଲ ଜ୍ୟୋତିର୍ବିଜ୍ଞାନ ପଣ୍ଡିତ ମହାସଭାର ସଭାପତି ଗୁଣସାଗର ପଣ୍ଡା, ଉପସଭାପତି ତ୍ରିଲୋଚନ ରାଉତ, ଭାଗ୍ୟଜ୍ୟୋତି ଜ୍ୟୋର୍ତିଗବେଷଣା କେନ୍ଦ୍ର କଟକର ପ୍ରକାଶକ ରଞ୍ଜନ କୁମାର ସେନାପତି ଯୋଗ ଦେଇଥିଲେ। ଅତିଥି ବୃନ୍ଦ ଭାଗ୍ୟଜ୍ୟୋତି ପରମେଶ୍ୱରୀ ପାଞ୍ଜିକା, ଭାଗ୍ୟଜ୍ୟୋତି ବୈଦିକ ମୁହୂର୍ତ୍ତ ଓ ଜ୍ୟୋତିର୍ବିଦ୍ ପଣ୍ଡିତ ପ୍ରଭାକର ତ୍ରିପାଠୀଙ୍କ ରଚିତ ସ୍ତ୍ରୀ ଜନ୍ମ ଫଳ ମଞ୍ଜୁଷାକୁ ଲୋକାର୍ପିତ କରିଥିଲେ। ଶ୍ୟାମା ଓଁ ପ୍ରସାଦ ମିଶ୍ର ଓ ପ୍ରକାଶ ପୂଜାରୀ ମଞ୍ଚ ପରିଚାଳନା କରିଥିଲେ। ଦେବ ପୂଜନ, ଗୁରୁ ପୂଜନ, ଶାନ୍ତି ପାଠ, ବେଦ ପଠନ ଓ ପଣ୍ଡିତ ମହାସଭା ପରେ ଭାଗ୍ୟଜ୍ୟୋତି ଜ୍ୟୋର୍ତି ଗବେଷଣା କେନ୍ଦ୍ର କଟକ ପକ୍ଷରୁ ଜ୍ୟୋତିର୍ବିଦ୍ ସୁବର୍ଣ୍ଣପୁର ଜିଲା ଘୋଡାଧାର ଗ୍ରାମର ସନ୍ତୋଷ କୁମାର ପୂଜାହାରୀ, ବଲାଙ୍ଗୀର ପିପିଲି ଗ୍ରାମର ବ୍ୟାସଦେବ ମିଶ୍ର, ସୁବର୍ଣ୍ଣପୁର ଜିଲା ଉମାଦେଇପାଲିର ଗୌର ଚରଣ ନନ୍ଦ, ଗୌଡଗାଡର ଦେବାର୍ଚ୍ଚନ ଦାଶ, ସିଣ୍ଡୋଲର ଉପେନ୍ଦ୍ର ଚାନ୍ଦ, ମହଦାର କାମପାଳ ନାୟକ, ବରଗଡ ଜିଲା ଡାଣ୍ଡୋଇ ଗ୍ରାମର ଯଦୁମଣି ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଜ୍ୟୋତିର୍ବିଦ ପଣ୍ଡିତ କ୍ଷମାନିଧି ପଣ୍ଡା ସ୍ମୃତି ସମ୍ମାନ ୨୦୨୩ ଉଲୁଣ୍ଡା ବ୍ଲକ ବିଶିପଡାର ଜ୍ୟୋତିର୍ବିଦ୍ୟା ବାଚସ୍ପତି ମେଡେନ୍ କୁମାର ବିଶିଙ୍କୁ ପ୍ରଦାନ କରାଯାଇଛି। ପଣ୍ଡିତ ଯଦୁମଣି ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୧୦ଟି ଜିଲାରୁ ଜ୍ୟୋତିର୍ବିଦ୍ ଏବଂ କର୍ମକାଣ୍ଡୀ ଯୋଗ ଦେଇଥିଲେ। ପ୍ରତ୍ୟପଞ୍ଚ ଅନୁଷ୍ଠାନର ସମ୍ପାଦକ ବ୍ରଜେନ୍ଦ୍ର କୁମାର ବିଶି, ଶ୍ରଦ୍ଧାକର ଦାଶ ମହେଶ ପୂଜାହାରୀ, ରାମ ମହାପାତ୍ର ଓ ପ୍ରଫୁଲ୍ଲ ମେହେର କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର

ଭବାନୀପାଟଣା,୧।୧(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ସୋମବାର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଓ ଏସ୍‌ପି ଅଭିଲାଷ ଜୀଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନଶୁଣାଣି ଶିବିରରେ ମୋଟ ୩୬ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୩୦ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୬ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ୬ଟି ଅଭିଯୋଗର ସମାଧାନ ତତ୍‌କ୍ଷଣାତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଜଣଙ୍କୁ ସହାୟତା ମଞ୍ଜୁର କରାଯାଇଥିଲା। ସଦର ବ୍ଲକର ରିଶିଗାଁ ପଞ୍ଚାୟତର ତପସିନୀ ବାଗଙ୍କୁ ୫୦୦୦ ଟଙ୍କା ଓ ନିଲା ଦେଈଙ୍କୁ ୨୦୦୦ ଟଙ୍କା, କୋକସରା ବ୍ଲକ ଆମପାଣିର ବୈଜୟନ୍ତି ସୁନାଙ୍କୁ ୫୦୦୦ ଟଙ୍କା, ଜୁନାଗଡ଼ ବ୍ଲକର ଛୋରିଆଗଡ ଗ୍ରାମର ସଚ୍ଚିଦାନନ୍ଦ ନାଏକଙ୍କୁ ୫୦୦୦ ଟଙ୍କା ସହାୟତା କରାଯାଇଥିଲା।

### ଗୁରୁକୁଳ ହରିପୁରର ବାର୍ଷିକ ମହୋତ୍ସବ ଉଦ୍‌ଯାପିତ

ନୂଆପଡ଼ା,୧।୧ (ମକାରୁ ବେମାଲ): ନୂଆପଡ଼ା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ଜୁନାନି ଗୁରୁକୁଳ ହରିପୁର ଠାରେ ତ୍ରିଦିବସୀୟ ୧୪ତମ ବାର୍ଷିକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗୁରୁକୁଳ ଆଚାର୍ଯ୍ୟ ସୁଦର୍ଶନ ଦେବଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂଜ୍ୟ ସ୍ୱାମୀ ମୁକ୍ତାନନ୍ଦ ସରସ୍ୱତୀ, ସ୍ୱାମୀ ବିଶୁଦ୍ଧାନନ୍ଦ ସରସ୍ୱତୀ, ଡ. ଜଳନ୍ତ କୁମାର ଶାସ୍ତ୍ରୀ, ଆଚାର୍ଯ୍ୟ ବାମଦେବ ଜୀ ପ୍ରମୁଖ ବୈଦିକ ବିଦ୍ୱାନ, ସାଧୁସନ୍ଥ, ଦାର୍ଶନିକ ଯୋଗଦେଇଥିଲେ। ଗୁରୁକୁଳ ହରିପୁରର ପ୍ରତିଷ୍ଠାତା ଆଚାର୍ଯ୍ୟ ଡ. ସୁଦର୍ଶନ ଦେବ, ଆଚାର୍ଯ୍ୟ ଦିଲୀପ କୁମାର ଜିଜ୍ଞାସୁ, ଉପାଚାର୍ଯ୍ୟ ରାଜେନ୍ଦ୍ର ବର୍ଣ୍ଣୀଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଶାରୀରିକ ଆସନ, ବ୍ୟାୟାମ, ଧନୁଚାଳନା, ମଲ୍ଲଖମ୍ବ ଆଦି ଅଭୂତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶ୍ରାବଣ ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥିବା ଚତୁର୍ବେଦ ପାରାୟଣ ମହାଯଜ୍ଞର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ଏହି ପବିତ୍ର ଅବସରରେ ଆର୍ଯ୍ୟ ସମାଜ ଶହୀଦ ନଗର ଭୁବନେଶ୍ୱରର ବରିଷ୍ଠ ସଦସ୍ୟ ସୂର୍ଯ୍ୟ ନାରାୟଣ ରାଓ ବାନପ୍ରସ୍ଥ ଦୀକ୍ଷାରେ ଦୀକ୍ଷିତ ହୋଇଥିଲେ। ଏଥି ସହିତ ଅନେକ ସମର୍ପିତ ଭାଇଭଉଣୀ ବୈଦିକ ଧର୍ମରେ ଦୀକ୍ଷିତ ହୋଇ ଯଜ୍ଞୋପବୀତ ଧାରଣ କରିଥିଲେ। ନିଜ କ୍ଷେତ୍ରରେ ବୈଦିକ ମାନବୀୟ ଧର୍ମର ପ୍ରଚାର ପ୍ରସାର କରୁଥିବା ଅନେକ ବାନପ୍ରସ୍ଥୀ, ସନ୍ନ୍ୟାସୀ ଓ ପ୍ରଚାରକଙ୍କୁ ଗୁରୁକୁଳ ତରଫରୁ ସମ୍ମାନିତ କରାଯାଇଥିଲା।

### ଜୟଦୁର୍ଗା ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ

କୋକସରା, ୧।୧(ଦୁଷ୍ମନ୍ତ କୁମାର ପାଟଯୋଷୀ): କଳାହାଣ୍ଡି ଜିଲା କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ଓଲମା ଗ୍ରାମର ଜୟଦୁର୍ଗା ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଜୟ ଦୁର୍ଗା ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ବିଦ୍ୟାଧର ମୁଣ୍ଡ, ବ୍ରହ୍ମାନନ୍ଦ ମାଝୀ, ଯୁବକ ଲାଲ ପଣ୍ଡା, ଧର୍ମାନନ୍ଦ ପଣ୍ଡା, ପ୍ରତାପ କିଶୋର ପଣ୍ଡାଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି କୋବିଦ ଚନ୍ଦ୍ର ମାଝି ସଭାପତିତ୍ୱ କରିଥିଲେ।

### ଇବ୍‌ଭ୍ୟାଲି କୋଇଲା କ୍ଷେତ୍ରରେ ନୂତନ ଜିଏମ୍‌ଙ୍କ ଯୋଗଦାନ

ବ୍ରଜରାଜନଗର,୧।୧(ବିଜୟ ବରାଡ଼): ଝାରସୁଗୁଡା ଜିଲା ବ୍ରଜରାଜନଗର ମହାନଦୀ କୋଇଲା କମ୍ପାନୀ ଅଧିନ ଇବ୍‌ଭ୍ୟାଲି କୋଇଲା କ୍ଷେତ୍ରରେ ରବିବାର ନୂତନ ଜିଏମ୍ ଭାବରେ ଅୱଦ୍ଧ କିଶୋର ପାଣ୍ଡେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଦାୟିତ୍ୱରେ ଥିବା ଆର୍‌ଏସ୍ ଗୁପ୍ତା ଅବସର ଗ୍ରହଣ କଲାପରେ ମହାନଦୀ କୋଇଲା କମ୍ପାନୀ ମୁଖ୍ୟ କାର୍ଯ୍ୟାଳୟରେ ଥିବା ଜେନେରାଲ ମ୍ୟାନେଜର ଅୱଦ୍ଧ ପାଣ୍ଡେଙ୍କୁ ବଦଳି କରାଯାଇଛି। ଅୱଦ୍ଧ ପୂର୍ବରୁ ଇବଭ୍ୟାଲି କୋଇଲା କ୍ଷେତ୍ରର ଷ୍ଟାଫ ଅଫିସର ପ୍ରୋଜେକ୍ଟ ଆଣ୍ଡ ପ୍ଲାନିଂ ଦାୟିତ୍ୱରେ ୨୦୧୬ ସେପ୍ଟେମ୍ବରରୁ ୨୦୧୭ ମେ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ଲଖନପୁର କୋଇଲା ଖଣିରେ ପ୍ରୋଜେକ୍ଟ ଅଫିସର ଭାବରେ ୨୦୧୯ ଅକ୍ଟୋବର ପର୍ଯ୍ୟନ୍ତ ସୂଚାରୁରୂପେ କାର୍ଯ୍ୟ ତୁଲାଇଛନ୍ତି।




ସୁନ୍ଦରଗଡ଼ ଜିଲା ସଂସ୍କୃତି ପରିଷଦ, ଓରମାସ୍ ଏବଂ ଜିଲା ପ୍ରଶାସନ ଆନୁକୂଲ୍ୟରେ ସୋମବାର ୭୭ତମ ସୁନ୍ଦରଗଡ଼ ପ୍ରତିଷ୍ଠା ଦିବସ ଜିଲା ମହୋତ୍ସବ ଯତ୍ରା-୨୦୨୪ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବଜୀବନ ନାଟ୍ୟ ପରିଷଦର କଳାକାରଙ୍କ ସମ୍ବଲପୁରୀ ନୃତ୍ୟ ଏବଂ ସାଂସ୍କୃତିକ ଶୋଭାଯାତ୍ରାରେ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଛି।

# ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ

ସୁନ୍ଦରଗଡ,୧।୧(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଜିଲା ଟାଙ୍ଗରପାଲି ବ୍ଲକ ମୁଣ୍ଡାଗାଁ ଜୟ ଦୁର୍ଗା କ୍ଲବ ଆନୁକୂଲ୍ୟରେ ୨ଦିନିଆ ଅଷ୍ଟମ ଭୋପାଳ ଚନ୍ଦ୍ର ପଟେଲ ମେମୋରିଆଲ ବ୍ୟାଡମିଣ୍ଟନ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପୂର୍ବତନ ସଦର ବିଧାୟକ ଯୋଗେଶ କୁମାର ସିଂ ଯୋଗଦେଇଥିଲେ। ସ୍ୱର୍ଗତ ଭୋପାଳ ଚନ୍ଦ୍ର ପଟେଲଙ୍କ ସହଧର୍ମିଣୀ ସ୍ୱର୍ଣ୍ଣକାନ୍ତି ପଟେଲ ସ୍ୱାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ୮ ବର୍ଷ ଧରି ପ୍ରତିଯୋଗିତାକୁ ବଜାୟ ରଖିଥିବାରୁ କ୍ଲବର ସଦସ୍ୟଙ୍କୁ ଧନ୍ୟବାଦ୍ ଦେଇଥିଲେ। ଅନୁଗୋଳ, ବଲାଙ୍ଗୀର, ସୋନପୁର, ରାଉରକେଲା, ଝାରସୁଗୁଡ଼ା, ବେଲପାହାଡ଼, ସବ୍‌ଡେଗା ପ୍ରାନ୍ତରୁ ୪୮ ଖେଳାଳିଙ୍କ ମଧ୍ୟରେ ଚିତ୍ତାକର୍ଷକ ଖେଳ ହୋଇଥିଲା। ରେଫରୀ ମହମ୍ମଦ ମମତାଜ ଖେଳ ପରିଚାଳନା କରିଥିବା ବେଳେ ପୂର୍ଣ୍ଣ ଚନ୍ଦ୍ର ପଟେଲ ଆଙ୍କରିଂ କରୁଥିଲେ। କନିଷ୍ଠ ବର୍ଗରେ ଅନୁଗୁଳ ଜିଲାର ସୌରଭ ରଞ୍ଜନ ନାୟକ ଏବଂ ଏ. ସାମନ୍ତ ଚାମ୍ପିୟନ ହୋଇଥିବା ବେଳେ ରାୟଗଡା ଜିଲାର ଆଶୁତୋଷ ସାହୁ ଏବଂ ସୋମ୍ୟଜିତ ପଟ୍ଟନାୟକ ରନର୍ସ ହୋଇଥିଲେ। ବରିଷ୍ଠ ବର୍ଗରେ ଅନୁଗୁଳ ଜିଲାର ଅମ୍ଲାନ କେଶରୀ ଗଡ଼ନାୟକ ଏବଂ ତନ୍ମୟ କୁମାର ସାହୁ ଚାମ୍ପିୟନ ହୋଇଥିବା ବେଳେ ରାଉରକେଲାର ଅମିତ ରଞ୍ଜନ ପରିଡ଼ା ଏବଂ ରାହୁଲ କୁମାର ରନର୍ସ ହୋଇଥିଲେ। କନିଷ୍ଠ ବର୍ଗରେ ସୌରଭ ରଞ୍ଜନ ନାୟକ ଓ ବରିଷ୍ଠ ବର୍ଗରେ ତନ୍ମୟ କୁମାର ସାହୁଙ୍କୁ ବେଷ୍ଟ ଖେଳାଳୀ ଭାବେ ଚୟନ କରି ଟ୍ରଫି ପ୍ରଦାନ କରଯାଇଥିଲା। ଚାମ୍ପିୟନ ଟିମ୍‌କୁ ୭୦୦୦/- ଟଙ୍କା ସହିତ ଟ୍ରଫି ଓ ରନର୍ସ ଟମ୍‌କୁ ୫୦୦୦/- ଟଙ୍କା ସହିତ ଟ୍ରଫି ପ୍ରଦାନ କରଯାଇଥିଲା। କଲ୍ୟାଣ ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖେଳ ଅନୁଷ୍ଠିତ ହୋଇଥିଲା। କ୍ଲବର ଅଜୟ ପଟେଲ, ପ୍ରମୋଦ ପଟେଲ, ବେଗଲାଲ ପଟେଲ, ନିଖିଲ ପଟେଲ, ଅରୁଣ ପଟେଲ, ପ୍ରଦୀପ୍ତ ପଟେଲ, ସଂଗ୍ରାମ ପଟେଲ ପ୍ରମୁଖ ସହଯୋଗ କରିଥିଲେ।




ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

# ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ତିଖାଲି ଡ୍ୟାମ୍

ଖଡ଼ିଆଳ, ୧।୧(ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲାରେ ରହିଛି ଅନେକ ପର୍ଯ୍ୟଟନସ୍ଥଳ। ସେଥିରୁ ଅନେକ ମନୋରମ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ରହିଛି। ବର୍ତ୍ତମାନ ପର୍ଯ୍ୟଟନ ସମୟରେ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରୁଛି ଓଡ଼ିଶା ସରକାରଙ୍କ ଦ୍ୱାରା ନିର୍ମିତ ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଖଡ଼ିଆଳ ତିଖାଲି ଡ୍ୟାମ। ନୂଆବର୍ଷରେ ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଆସିଥିଲେ। ନୂଆପଡ଼ା ଜିଲା ଖଡ଼ିଆଳ ସହରଠାରୁ ମାତ୍ର ୧୫ କିଲୋମିଟର ଦୂରରେ ଅବସ୍ଥିତ। ରାୟପୁର ଯିବାକୁ ଥିବା ଜାତୀୟ ରାଜପଥ ୩୫୩ର ନୂଆପଡା ଯିବା ବାଟର ସାନମହେଶ୍ୱର ପଞ୍ଚାୟତର ଡାହାଣ ପାର୍ଶ୍ୱରେ ରହିଛି ତିଖାଲି ଡ୍ୟାମ। ସୁନ୍ଦର ନଦୀକୁ ବନ୍ଧ ପକାଇ ତିଖାଲି ଡ୍ୟାମ ନିର୍ମାଣ କରାଯାଇଛି। ସୁନ୍ଦର ନଦୀର ଜଳ ତିଖାଲି ଡ୍ୟାମ ଦେଇ ତଳକୁ ତଳ ବୋହିଯାଉଛି। ପ୍ରାକୃତିକ ସୌନ୍ଦର୍ଯ୍ୟମୟ ତିଖାଲି ଡ୍ୟାମକୁ ଦେଖୁ ଦେଖୁ ଲୋକେ ବିମୋହିତ ହୋଇଥାନ୍ତି। ସେଲ୍ଫି ନେବାକୁ, ଫଟୋ ଉଠାଇବାକୁ ପର୍ଯ୍ୟଟକ ଆଗ୍ରହ ହୋଇଥାନ୍ତି। ବର୍ତ୍ତମାନ ପଶ୍ଚିମ ଓଡ଼ିଶାରେ ତିଆରି ହେଉଥିବା ଅଧିକାଂଶ ଚଳଚ୍ଚିତ୍ରର ନୃତ୍ୟଗୀତ, ସମ୍ବଲପୁରୀ ଆଲବମ ଏଠାରେ ସୁଟିଂ କରାଯାଉଛି। ତିଖାଲି ଡ୍ୟାମକୁ ଆସିବାକୁ ଖଡ଼ିଆଳ ପାର୍ଶ୍ୱରୁ ଅଟୋର ମଧ ସୁବ୍ୟବସ୍ଥା ରହିଛି। ୩୫୩ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ରହିଥିବାରୁ ଏଠାକୁ ଆସିବାକୁ କୌଣସି ସମାସ୍ୟା ନାହିଁ। ଜାତୀୟ ରାଜପଥ ଉପରୁ ତିଖାଲି ଡ୍ୟାମର ବିଶାଳ ଜଳରାଶି ଦେଖାଯାଉଛି। ତିଖାଲି ଡ୍ୟାମର ପ୍ରବେଶ ପଥରେ ସୁନ୍ଦର ଗେଟ, ଜଳେଶ୍ୱର ଶିବ ମନ୍ଦିର, ସୁନ୍ଦର ତୋରଣ, ବଡ ପାର୍କିଂ ବ୍ୟବସ୍ଥା, ବଡ ଘାସ ଗାଲିଚା, ଡ୍ୟାମ ଭିତରକୁ ଯିବାକୁ ସୁନ୍ଦର ରାସ୍ତା, ସୁନ୍ଦର ବଗିଚା, ନୌକା ବିହାର ସ୍ଥଳ ରହିଛି।

# ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅଧ୍ୟାପିକା, ଅଧ୍ୟାପକ ଓ ଅନ୍ୟମାନେ।

ସୁନ୍ଦରଗଡ,୧।୧(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. କୁମୁଦିନୀ ରାଉତରାୟ ରବିବାର ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷଠାରେ ଏକ ସଭାରେ ଆୟୋଜନ କରାଯାଇ ଅଧ୍ୟକ୍ଷା ଡ. ରାଉତରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ଇନ୍ଦିରା ଗଡନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଦାୟୀ ଅଧ୍ୟକ୍ଷାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ କୁମାର ଅମାତ, ମହାବିଦ୍ୟାଳୟ ଅଧ୍ୟାପକ ଡ. ସଞ୍ଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ତାଙ୍କ ସହିତ ବିତାଇଥିବା ନିଜର ଅନୁଭୂତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଦାୟିତ୍ୱକାଳ ତାଙ୍କ ଜୀବନର ସ୍ୱର୍ଣ୍ଣିମ ସମୟ ବୋଲି କହିବା ସହ ସମସ୍ତଙ୍କ ସହଭାଗୀତାରେ ମହାବିଦ୍ୟାଳୟର ଉନ୍ନତି ସମ୍ଭବ ହୋଇ ପାରିଛି ବୋଲି ଡ. ରାଉରତରାୟ ତାଙ୍କ ଭାଷଣରେ କହିଛନ୍ତି। ଅଧ୍ୟାପିକା ସୁସ୍ମିତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ସଡ଼କ ସୁରକ୍ଷା: ୩୫ରୁ ଉର୍ଦ୍ଧ୍ୱଙ୍କୁ ଜରିମାନା



ସୋମବାର ସନ୍ଧ୍ୟାରେ ଆମ୍ବାଗନ ଛକରେ ଯାନବାହନ ଯାଞ୍ଚ କରାଯାଉଛି।

ରାଉରକେଲା,୧।୧(ସଙ୍ଗୀତା ଜେନା)

ରାଉରକେଲା ସହରରେ ସୋମବାରଠାରୁ ସଡ଼କ ସୁରକ୍ଷା ସପ୍ତାହ ଆରମ୍ଭ ହୋଇଛି। ଏହି କ୍ରମରେ ପରିବହନ ଓ ଟ୍ରାଫିକ ବିଭାଗ ପକ୍ଷରୁ ସଡ଼କ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଯମରାଜ ବେଶଧାରୀ ହେଲମେଟ୍ ଧାରଣ କରି ନ ଥିବା ଗାଡ଼ି ଚାଳକଙ୍କୁ ସଚେତନ କରିଥିଲେ। ସେହିପରି ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ଛକରେ ଯାଞ୍ଚ କରାଯାଇଥିଲା। ଏଥିରେ ୩୫ରୁ ଉର୍ଦ୍ଧ୍ୱ ନିୟମ ଖିଲାପକାରୀଙ୍କଠାରୁ ଜରିମନା ଆଦାୟ କରାଯାଇଥିଲା। ଏହି ଅବସରରେ ସଚେତନତା ରଥ ସହର ପରିକ୍ରମା କରିଥିଲା।

## କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଡୁଙ୍ଗୁରିପାଲି,୧।୧(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ବିଭିନ୍ନ ଜୋନରେ ବ୍ଲକସ୍ତରୀୟ ଚାଲିଥିବା କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ସରକାରଙ୍କ ନୂଆ-ଓ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଗତ ୨୦ ତାରିଖରୁ ଆରମ୍ଭ ହୋଇଥିବା କ୍ରୀଡା ଉତ୍ସବରେ କ୍ରିକେଟ, ଫୁଟବଲ, ହକି, ଭଲିବଲ, କବାଡି, ଖୋଖୋ ଆଦି ଖେଳର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ୨୬ ପଞ୍ଚାୟତର ୧୯୭ ଖେଳାଳି ଅଂଶଗ୍ରହଣ କରିଥିଲେ। ଡୁଙ୍ଗୁରିପାଲି କଲେଜ ପଡିଆରେ ବିଡିଓ ରୋହିତ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ରୀଡା ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ସମ୍ମାନୀତ ଅତିଥି ରାମପୁର ତହସିଲଦାର ରାମକୃଷ୍ଣ ମିଶ୍ର ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ନଅ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉଦ୍‌ଯାପିତ

କୁଆଁରମୁଣ୍ଡା,୧।୧(ମହେନ୍ଦ୍ର କୁମାର ସାହୁ)

କୁଆଁରମୁଣ୍ଡା ଗାୟତ୍ରୀ ପୀଠରେ ନଅ କୁଣ୍ଡୀୟ ଯଜ୍ଞ ରବିବାର ଅନୁଷ୍ଠିତ ହୋଇଯାଇଛି। ସକାଳ ୯ରୁ ମଙ୍ଗଳ କଳସ ଶୋଭାଯାତ୍ରା, ସନ୍ଧ୍ୟାରେ ଯୁଗ ସଙ୍ଗୀତ, ପ୍ରବଚନ ଓ ଦୀପଯଜ୍ଞ ଅନୁଷ୍ଠିତ ହୋଇଥିଲା ବେଳେ ସୋମବାର ସକାଳ ୮ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଯଜ୍ଞ ଏବଂ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ସାଢ଼େ ୧ଟାରେ ପ୍ରସାଦ ସେବନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗାୟତ୍ରୀ ପରିବାରର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସମେତ ଗୁରୁଚରଣ ସାହୁ, ସୁରେନ୍ଦ୍ର ସାହୁ, ଶିବ ନାରାୟଣ ସାହୁ, ମହେଶ୍ୱର ମିଶ୍ର, ସୁରେନ୍ଦ୍ର ମିଶ୍ର, ରବୀନ୍ଦ୍ର ସାହୁ, ବିଜୟ ଜେନା ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



ଯଜ୍ଞରେ ଉପସ୍ଥିତ ଶ୍ରଦ୍ଧାଳୁ।

# ସଂସ୍କୃତି ଆମ ସମ୍ପର୍କକୁ ଏକତା ସୂତ୍ରରେ ବାନ୍ଧି ରଖେ

ନୂଆଗାଁ,୧।୧(ବିଜୟ ତ୍ରିପାଠୀ)

ସଂସ୍କୃତି ଓ ପରମ୍ପରା ପ୍ରତ୍ୟେକ ସମାଜକୁ ଏକତା ସୂତ୍ରରେ ବାନ୍ଧିରଖେ। ତେଣୁ ନିଜ ସଂସ୍କୃତି ଓ ପରମ୍ପରାକୁ ସଦା ସର୍ବଦା ବଜାୟ ରଖିବା ଉଚିତ ବୋଲି ରବିବାର ନୂଆଗାଁ ବ୍ଲକ ରେଲାପୋଷ ଗ୍ରାମରେ ଆୟେଜିତ ସାରନା ପ୍ରାର୍ଥନା ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧର୍ମଗୁରୁ ବନ୍ଧନ ତିଗା ପ୍ରକାଶ କରିଥିଲେ। ରେଲାପୋଷ ରାଜି ପାଡା ସାରନା ପ୍ରାର୍ଥନା ସଭାକମିଟି ପକ୍ଷରୁ ଆୟୋଜିତ ପ୍ରାର୍ଥନାସଭାରେ ଶତାଧିକ ଓରାମ ସମ୍ପ୍ରଦାୟର ମହିଳା ଓ ପୁରୁଷ ଉପସ୍ଥିତ ରହି ଧର୍ମଗୁରୁଙ୍କ ବାଣୀ ଶୁଣିବା ସହ ସାରନାରେ ଜଳାଭିଷେକ କରିଥିଲେ। ମଧ୍ୟାହ୍ନରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଅପରାହ୍ନରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ସଂସ୍କୃତି ହିଁ ଆମ ସମ୍ପର୍କକୁ



ଏକତା ସୂତ୍ରରେ ବାନ୍ଧି ରଖି ପାରିବ ବୋଲି ଉଲ୍ଲେଖ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବିଜେଡି ଯୁବନେତା ମଖଲୁ ଏକ୍କା ଯୋଗଦେଇଥିଲେ। ଓରାମ ସମ୍ପ୍ରଦାୟ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ମଙ୍ଗରାଜ ଓରାମ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନେକ ବିଶିଷ୍ଟ ବ୍ୟକ୍ତି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସାହାଯ୍ୟ କରିଥିଲେ। ରାଜୀପାଡହା ସାରନା ପ୍ରାର୍ଥନା ସଭାର ସଭାପତି ମୋମତା ଓରାମ, ସମ୍ପାଦକ ଫଗନି ଓରାମ, ସହ ସମ୍ପାଦକ ଦୁଖନ ଓରାମ, ସମରା ଓରାମ ଉପ ସଭାପତି ଦୁର୍ଗା ଓରାମ, ମୁକେଶ ଓରାମ, ମଙ୍ଗଲ ତିର୍କୀ, ମିଥଲେସ ଖାଲଖୋ, ସୁରେଶ ଓରାମ, ରାଜେଶ ଓରାମ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ରାମାୟଣ ପାରାୟଣ ଉଦ୍‌ଯାପିତ

**ପଦ୍ମପୁର,୧।୧(ପ୍ରଦୀପ୍ତ ଦାଶ):** ପଦ୍ମପୁର ଶାନ୍ତି ନଗରରେ ଚାଲିଥିବା ରାମାୟଣ ପାରାୟଣ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଧେଶ୍ୟାମ ମହିଳା ମଣ୍ଡଳ ସଭାନେତ୍ରୀ ନୁରାବତୀ ପଣ୍ଡା, ସମ୍ପାଦିକା ସୌଦାମିନୀ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଆରତୀ ପ୍ରଧାନ, ମହିଳା ମଣ୍ଡଳର ସମସ୍ତ ସଭ୍ୟା, ଶାନ୍ତିନଗର, ବିଜୟ ନଗର, ମୈତ୍ରୀ ନଗର, ଜ୍ୟୋତି ନଗର, ଚନ୍ଦ୍ରଶେଖର ନଗର ଓ ଭେଡ଼ଁରିଆ ଗ୍ରାମର ଶ୍ରଦ୍ଧାଳୁମାନେ ସହଯୋଗ କରିଥିଲେ। ପ୍ରତ୍ୟହ ପାରାୟଣ କରାଯାଇଥିଲା। ରବିବାର ଠାକୁରଙ୍କ ପାଇଁ ୫୬ ଭୋଗ ବ୍ୟବସ୍ଥା ହୋଇଥିଲା।

### ବଉଦିଆପଡାରେ ସୁନ୍ଦରାକାଣ୍ଡ ପାରାୟଣ

**ବାଉଁଶୁଣୀ,୧।୧(ଦେବାଶିଷ ନେପାକ):** ବୌଦ୍ଧ ବ୍ଲକ ବାଉଁଶୁଣି ବଉଦିଆପଡ଼ା ଗ୍ରାମରେ ନୂତନ ବର୍ଷ ଉପଲକ୍ଷେ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ବଉଦିଆପଡ଼ା ରାମଲୀଳା ସାଂସ୍କୃତିକ ଉନ୍ନୟନ ପରିଷଦ ପକ୍ଷରୁ ଅନୁଷ୍ଠିତ ରାମାୟଣ ପାରାୟଣ କାର୍ଯ୍ୟକ୍ରମରେ ଗାୟିକା ନନ୍ଦିତା ସାହୁ ରାମାୟଣ ପାରାୟଣ ଗାନକରି ଭକ୍ତଙ୍କୁ ବିମୋହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ହଜାର ହଜାର ଭକ୍ତ ସାମିଲ୍ ହୋଇଥିଲେ। ପାରାୟଣ କାର୍ଯ୍ୟକ୍ରମରେ ରାମଲୀଳା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ଅବସରପ୍ରାପ୍ତ ସୈନିକଙ୍କୁ ସମ୍ବର୍ଦ୍ଧନା

**ପଦ୍ମପୁର,୧।୧(ପ୍ରଦୀପ୍ତ ଦାଶ):** ଦୀର୍ଘ ୧୭ ବର୍ଷ ଧରି ଭାରତୀୟ ସୈନ୍ୟ ବାହିନୀରେ ରହି ଦେଶର ସେବା କରିବା ପରେ ମହୁଲପାଲି ଗ୍ରାମର ଚନ୍ଦ୍ରକିଶୋର ସାହୁ ରବିବାର ଅବସର ଗ୍ରହଣ କରିଛନ୍ତି। ସେ ସୋମବାର ମହୁଲପାଲି ଗ୍ରାମକୁ ଆସୁଥିବା ବାଟରେ ପଦ୍ମପୁର ଭେଡ଼ଁରିଆ ଛକରେ ସୈନିକ କଲ୍ୟାଣ ସଂଘ ପଦ୍ମପୁର ତରଫରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସମାରୋହରେ ସଭାପତି ରାସ ବିହାରୀ ତ୍ରିପାଠୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନୀତ କରିଥିଲେ। ସଭ୍ୟ ଡ. ବାଞ୍ଛାନିଧି ପଣ୍ଡା ଆଶୀର୍ବଚନ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତାପ କେଶରୀ ସିଂ ବରିହା, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ସୁରେଶ କୁମାର ପତି, ପୁରନ୍ଦର ଦୋରା, ସମାଜସେବୀ ନିରୋଜ ଦୋରା, ଭାସ୍କର ଚନ୍ଦ୍ର ଦାଶ, ସୀତାନାଥ ସାହୁ, ବାବୁଲି ପଟ୍ଟନାୟକ, ଦୁର୍ବାଦଳ ସାହୁଙ୍କ ସମେତ ଅବସରପ୍ରାପ୍ତ ସୈନିକଙ୍କ ପରିବାର ଲୋକେ ଉପସ୍ଥିତ ଥିଲେ।

### ମୃତଦେହ ସତ୍କାର କଲା ରାମଲୀଳା ନାଟ୍ୟ ସଂସଦ

**ବୌଦ୍ଧ,୧।୧( ଅଜିତ କୁମାର ବାରିକ):** ବୌଦ୍ଧ ରାମଲିଳା ନାଟ୍ୟ ସଂସଦ ପକ୍ଷରୁ ସୋମବାର ଜଣେ ବୃଦ୍ଧଙ୍କ ମୃତଦେହ ସତ୍କାର ରାଜଘାଟ ଠାରେ କରାଯାଇଛି। ସୂଚନା ମୁତାବକ ଜିଲାର ହରଭଙ୍ଗା ବ୍ଲକ କୁସଙ୍ଗ ଗ୍ରାମର ଅସହାୟ ବୃଦ୍ଧ ମାଧବ ନାୟକ ଦୀର୍ଘ ଦିନ ଧରି ଖାଡରାଜିଙ୍ଗ ସ୍ଥିତ ବୃଦ୍ଧାଶ୍ରମରେ ରହିଆସୁଥିଲା। ସୋମବାର ବାର୍ଦ୍ଧକ୍ୟ ଜନିତ ଯୋଗୁ ୮୫ ବୟସରେ ତାଙ୍କର ମୃତ୍ୟୁ ଘଟିଥିଲା। ହେଲେ ମୃତଦେହ ସତ୍କାର କରିବାକୁ ତାଙ୍କର କେହି ନ ଥିବାରୁ ରାମଲିଳାନାଟ୍ୟ ସଂସଦ ପକ୍ଷରୁ ମାଧବଙ୍କ ମୃତଦେହ ସତ୍କାର ରାଜଘାଟଠାରେ ସଂପନ୍ନ ହୋଇଛି। ଏହି ସମୟରେ ରାମଲିଳା ନାଟ୍ୟ ସଂସଦ ସଭାପତି ତଥା ବୌଦ୍ଧଗଡ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, କାର୍ଯ୍ୟକାରୀ ସଭାପତି ଜୟନାରାୟଣ ମହାନ୍ତୀ, ସମ୍ପାଦକ ମନୋଜ ସାହୁ, ସନ୍ତୋଷ ସାହୁ, ବିଦ୍ୟାଧର ପ୍ରଧାନ, କାହ୍ନା ମହାପାତ୍ର, ଅମ୍ରିତ ମହାପାତ୍ର, ରିତେଶ ମହାପାତ୍ର ପ୍ରମୁଖ କର୍ମକର୍ତ୍ତା ସାମିଲ ଥିଲେ।

### ନୂଆବର୍ଷରେ ହରିଶଙ୍କରରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଖପ୍ରାଖୋଲ, ୧।୧(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପୁଣ୍ୟକ୍ଷେତ୍ର ତଥା ପର୍ଯ୍ୟଟନସ୍ଥଳୀ ହରିଶଙ୍କରରେ ନୂଆବର୍ଷ ଅବସରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଶ୍ରଦ୍ଧାଳୁମାନେ ଝରଣାରେ ସ୍ନାନ କରି ଲମ୍ବା ଧାଡ଼ିରେ ଯାଇ ଠାକୁର ଦର୍ଶନ କରିଥିଲେ। ନୂଆବର୍ଷ ପାଇଁ ସକାଳୁ ମନ୍ଦିର ଦ୍ୱାର ଖୋଲାଯାଇଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ ସିଆର୍‌ପିଏଫ ଓ ପୋଲିସ ମୁତୟନ ହୋଇଥିଲେ। ଝରଣା କୂଳରେ ବଣଭୋଜିର ଆସର୍ ଜମିଥିଲା।



ବରଗଡ଼ ଧନୁଯାତ୍ରା ପାଇଁ ସୋମବାର କଳାକାରଙ୍କ ପୂର୍ବାଭ୍ୟାସର ଶୁଭାରମ୍ଭ କରାଯାଉଛି ।



କଳାକାରମାନେ ପୂର୍ବାଭ୍ୟାସ କରୁଛନ୍ତି ।

# କଳାକାରଙ୍କ ରିହର୍ସାଲ ଆରମ୍ଭ

**ବରଗଡ଼ ଧନୁଯାତ୍ରା**

**ବରଗଡ଼,୧।୧(ପ୍ରେମାନନ୍ଦ ଖମାରୀ)**

ବୃହତ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ୧୫ତାରିଖରୁ ଆରମ୍ଭ ହେବ। ଏହା ୧୧ଦିନ ବ୍ୟାପୀ ଚଳିତ ମାସ ୨୫ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। କଳାକାରମାନେ ମଧ୍ୟ ସେଥିରୁ ବାଦ୍ ପଡ଼ିନାହାନ୍ତି। ସୋମବାରଠାରୁ ସ୍ଥାନୀୟ ଗାନ୍ଧୀ ଛକ ନିକଟ କଲ୍ୟାଣ ମଣ୍ଡପ ପରିସରରେ କଳାକାରଙ୍କ ପୂର୍ବାଭ୍ୟାସ ଆରମ୍ଭ ହୋଇଛି। ଧନୁଯାତ୍ରା ମହୋତ୍ସବ କଳାକାର ଉପଦେଷ୍ଟା କମିଟିର ଆବାହକ ତଥା ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା ଏହାର ଶୁଭାରମ୍ଭ କରିଥିଲେ। ଏହାପରେ କଳାକାର ଉପଦେଷ୍ଟା କମିଟିର ସହ ଆବାହକ ଅଶୋକ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଉଗ୍ରସେନ, କଂସଙ୍କଠାରୁ ଆରମ୍ଭ କରି ବିଭିନ୍ନ ଚରିତ୍ରର କଳାକାରମାନେ ରିହର୍ସାଲ କରିଥିଲେ। ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀଙ୍କ ସମେତ କଳାକାର ଉପଦେଷ୍ଟା କମିଟିର ସଭ୍ୟମାନେ ଉପସ୍ଥିତ ଥିଲେ।

## ନୂଆପାଲିରେ ସାଂସ୍କୃତିକ ସମାରୋହ

**ବରଗଡ଼,୧।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ନୂଆପାଲି ଗ୍ରାମରେ ସ୍ଥାନୀୟ ନବଜ୍ୟୋତି ଯୁବକ ସଂଘ ଆନୁକୂଲ୍ୟରେ ସାଂସ୍କୃତିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କହିଲେ, ରାଜ୍ୟ ସରକାର କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନଠାରୁ ଆରମ୍ଭ କରି ଗମନାଗମନ କ୍ଷେତ୍ରରେ ବିକାଶ କରିଛନ୍ତି। ଚଳିତବର୍ଷ ପାଇଁ ନବୀନ ସ୍ୱାସ୍ଥ୍ୟକାର୍ଡ ପ୍ରଚଳନ କରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଐତିହାସିକ ପଦକ୍ଷେପ ନେଇଛନ୍ତି। ଏହାସହିତ ସ୍କୁଲ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ପାଇଁ ସଂକଳ୍ପ ନେଇ ଜନସାଧାରଣଙ୍କ ସେବାକୁ ଅଗ୍ରାଧିକାର ଦେଉଥିବାରୁ ନବବର୍ଷ ବିକାଶର ବର୍ଷ ହେବ ବୋଲି ସେ କହିଥିଲେ। ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିକାଶର ଗାଥା ଉଲ୍ଲେଖ କରିଥିଲେ। ସରୋଜ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ଯୋଗେଶ୍ୱର ସାହୁ, ନାଏବ ସରପଞ୍ଚ ମିନୁ ସାହୁ, ବିରମାଲ ସରପଞ୍ଚ ସୁଷମା ଆଚାର୍ଯ୍ୟ, କ୍ଷୀରୋଦ ସାହୁ, ପଞ୍ଚୁ ପ୍ରଧାନ, ଅଶୋକ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।

## ଦେବଗଡ଼ ଜିଲା ପ୍ରତିଷ୍ଠା ଦିବସ




ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥିବୃନ୍ଦ।

**ଦେବଗଡ଼,୧।୧(ଶଶାଙ୍କ ଶେଖର ଝାଙ୍କର )**

ଦେବଗଡ ଜିଲା ପ୍ରଶାସନ ତଥା ଜିଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଟାଉନ ହଲଠାରେ ସୋମବାର ଜିଲାର ୩୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଦେବଗଡ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଈ, ବରିଷ୍ଠ ନାଗରିକ ସୁଧିର କୁମାର କପରଦାର, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଆଇନଜୀବୀ ସଚ୍ଚିକାନ୍ତ ଦାଶ ଯୋଗଦେଇ ଜିଲା ଗଠନ ସମୟର ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ଜଣାଅଜଣା, ଚିତ୍ରାଙ୍କନ ଓ କୌତୁକ ପୋଷାକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦର ଆମ୍ବୁଡ୍‌ସମ୍ୟାନ ଅତୁଲ୍ୟ କୁମାର ପୂଜାରୀ, ବରିଷ୍ଠ ନାଗରିକ ମାର୍କଣ୍ଡେଶ୍ୱର ଶତପଥି, ପ୍ରଫୁଲ୍ଲ କୁମାର ମହାପାତ୍ର, ଜାଗରଣ ଅନୁଷ୍ଠାନର ଉପ ସଭାପତି ପ୍ରକାଶ କୁମାର ଦେବତା, ଡ. ଭାରତ ଭୁଷଣ ନନ୍ଦ, ଅଧ୍ୟାପକ ଚିତ୍ତରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ଓଡିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଶେଷରେ ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ଧନ୍ୟବାଦ ଅର୍ପଣ କରିଥିଲେ।

## ପପଙ୍ଗା ପାହାଡ଼ରେ ପ୍ଲାଷ୍ଟିକମୁକ୍ତ ବଣଭୋଜି

**ଭେଡ଼େନ, ୧।୧ (ସୁଦନ ମହାକୁର)**




ବନ ବିଭାଗ ତରଫରୁ ଆୟୋଜିତ ପ୍ଲାଷ୍ଟିକମୁକ୍ତ ବଣଭୋଜି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଐତିହାସିକ ପର୍ଯ୍ୟଟନସ୍ଥଳୀ ପପଙ୍ଗା ପାହାଡ଼ ପାଦଦେଶରେ ମାଉଣ୍ଟ ଏକ୍ସପ୍ଲୋରର ତରଫରୁ ପ୍ଲାଷ୍ଟିକମୁକ୍ତ ବଣଭୋଜି ଓ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂସ୍ଥାର ଆଶୀର୍ବାଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ବନଖଣ୍ଡ ଅଧିକାରୀ ଆରତୀ ନେଗି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ଲାଷ୍ଟିକ ବ୍ୟବହାରର ଅପକାରିତା ଏବଂ ସଫେଇ ବିଷୟରେ ସଚେତନ କରାଇଥିଲେ। ସେହିପରି ପରିବେଶବିତ୍ ମୀନକେତନ ସାହୁ, ପ୍ରକୃତିବନ୍ଧୁ ସଞ୍ଜୀବ ସାହୁ, ଧର୍ମରାଜ ପଧାନ, ଫରେଷ୍ଟର ଲୋକେଶ କୁମାର ଭୋଇ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବିଶ୍ୱରାଜ ସାହୁ, ଗୁଲୁଠୁ ମିନ୍ ଯୋଗଦେଇ ସେଠାରେ ବଣଭୋଜି କରୁଥିବା ଲୋକଙ୍କୁ ସଫେଇ କାର୍ଯ୍ୟକ୍ରମ ଓ ପ୍ଲାଷ୍ଟିକ ବ୍ୟବହାର ଉପରେ ସଚେତନ କରାଇଥିଲେ। ଏହି ଅବସରରେ ସଂସ୍ଥାର ଫାଉଣ୍ଡର ରମେଶ ମେହେରଙ୍କୁ ବନ ବିଭାଗ ତରଫରୁ ସମ୍ମାନିତ କରାଯାଇଥିଲା। ବିନୋଦ କୁମାର କନ୍ଧେର, ତରଣୀସେନ ସେଠି, ମୁନା ନାଏକ, ମାନସ ବାଗ, କ୍ଷୀରସିନ୍ଧୁ ଭୋଇ, ତୁଳସୀରାମ ବରିହା ପ୍ରମୁଖ ସହଯୋଗ କରିଥିଲେ ।

## ଭୀମଡୁଙ୍ଗୁରୀରେ ପଞ୍ଚବଟ ସୁରକ୍ଷା ଅଭିଯାନ

**ଦେଓଗାଁ, ୧।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଭୀମଡୁଙ୍ଗୁରିଠାରେ ଟାଙ୍ଗିଆ ଜାମ୍ ସଂଗଠନ ତରଫରୁ ପଞ୍ଚବଟ ସୁରକ୍ଷା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ଉଦ୍ୟୋକ୍ତା ଗୋପାଳ ଚନ୍ଦ୍ର ହୋତାଙ୍କ ନେତୃତ୍ୱ ଓ ଆଦିବାସୀ ନେତା ମୟ ପ୍ରଧାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପଥରଚେପା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ କ୍ଷମାନିଧି ଝାଙ୍କର, ସମ୍ମାନୀତ ଅତିଥି ମୁକୁନ୍ଦପୁର ସରପଞ୍ଚ ଜାନକୀ ସାହୁ, ମହଲେଇ ସରପଞ୍ଚ ଚିତ୍ତରଞ୍ଜନ ସାହୁ, ସଦର ବ୍ଲକ ବରକାନୀ ସରପଞ୍ଚ ବଳଦେବ ସାହୁ, ଖୁଜେନପାଲି ସରପଞ୍ଚ ମିନାକ୍ଷୀ ପାଣିଗ୍ରାହୀ, ଆଇନଜୀବୀ ଭକ୍ତ ନାଏକ, କଂସାରି ସମାଜ ରାଜ୍ୟ ସଭାପତି ଅଶୋକ କୁମାର ସାହୁ, ପୂର୍ବତନ ପ୍ରଧାନଶିକ୍ଷକ ରାମଶଙ୍କର ପ୍ରସାଦ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ । ପୁରୁଣାପାଣି, ନୂଆପାଲି ଓ ଖୁଜେନପାଲିର ମହିଳାମାନେ ଭାଇ ଜିଉନ୍ତିଆ କରି ସଂଗଠନ କର୍ମକର୍ତ୍ତାଙ୍କୁ ବନ୍ଦାପନା କରିଥିଲେ। ଏହି ଅବସରରେ ୫୦ଗ୍ରାମର ୱାର୍ଡସଭ୍ୟ, ସମିତି ସଭ୍ୟ ସରପଞ୍ଚମାନଙ୍କୁ ପଞ୍ଚବଟ ସୁରକ୍ଷା ପାଇଁ ଆହ୍ୱାନ କରି ସମ୍ମାନୀତ କରାଯାଇଥିଲା। ପୃଥିବୀରେ ସୁସ୍ଥ ବାତାବରଣ ସମାଜ ପାଇଁ ୩୩ ପ୍ରତିଶତ ଜଙ୍ଗଲ ରହିବା କଥା। କିନ୍ତୁ ବର୍ତ୍ତମାନ ୧୪ ପ୍ରତିଶତ ଜଙ୍ଗଲ ରହିଥିବାବେଳେ ବିଗତ ୫ ବର୍ଷରେ ବଲାଙ୍ଗୀର ଜିଲାରେ କେବଳ ୧୭ପ୍ରତିଶତ ଜଙ୍ଗଲ ସୃଷ୍ଟି ହୋଇପାରିଛି। ଗଛ ବିନା ସୃଷ୍ଟି ଅସମ୍ଭବ। ଜଙ୍ଗଲ ନଷ୍ଟ ଯୋଗୁ ବିଭିନ୍ନ ପ୍ରକାରର ରୋଗ ମାନବ ସମାଜକୁ ଗ୍ରାସ କରୁଛି। ଏଣୁ ଜଙ୍ଗଲ ସୁରକ୍ଷା ଓ ବନୀକରଣ ଦିଗରେ ଗାଁ ମାନଙ୍କରେ ସଚେତନା କରି ଜଙ୍ଗଲକୁ ସୁଦୃଢ଼ କରିବା ପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ । ପ୍ରତ୍ୟେକ ୧ ତାରିଖ ଟାଙ୍ଗିଆ ଜାମ ଦିଗରେ ଉପସ୍ଥିତ ସଦସ୍ୟମାନେ ଶପଥ ନେଇଥିଲେ।

## ଯୁଗ୍ମ ଜନଶୁଣାଣି, ୧୧୨ ଅଭିଯୋଗ ପଞ୍ଜୀକୃତ



ଯୁଗ୍ମ ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀବୃନ୍ଦ ।

**ଅତାବିରା,୧।୧(ହୃଷୀକେଶ ଖମାରୀ)**

ବରଗଡ଼ ଜିଲା ଅତାବିରା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ପି.ଏସ୍ ମିନା ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ୧୧୨ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଜିଲାପାଳ ବାନାର୍ଜୀ ଲୋକଙ୍କ ଅଭିଯୋଗ ଶୁଣି ସେ ଦିଗରେ ତ୍ୱରିତ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦିତ୍ୟ ଗୋୟଲ, ଉପଜିଲାପାଳ କୁମାର ନାଗଭୂଷଣ, ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାଏକ, ବିଡ଼ିଓ ସୂର୍ଯ୍ୟକୁମାର ନାଏକ, ତହସିଲଦାର ବ୍ରଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ହକି ପ୍ରତିଯୋଗିତା ଉଦ୍‌ଯାପିତ



ବିଜୟୀ ଦଳକୁ ପୁରସ୍କୃତ କରୁଛନ୍ତି ଅତିଥି।

**ଦେବଗଡ଼,୧।୧(ଶଶାଙ୍କ ଶେଖର ଝାଙ୍କର)**

ତିଲେଇବଣି ବ୍ଲକ କରଡାପାଳ ଗ୍ରାମର ହକି ପଡିଆଠାରେ ନେହେରୁ କ୍ଲବ ଆନୁକୂଲ୍ୟରେ ଗତ ଗୁରୁବାରଠାରୁ ଆରମ୍ଭ ହୋଇଥିବା ହକି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବିଜାକୁଦର (ବି) ହକି ଦଳକୁ ୧–୦ ଗୋଲରେ ପରାସ୍ତ କରି ପ୍ରଭାଶୁଣିର ଜି.ଏମ୍. କ୍ଲବ ଚାମ୍ପିୟନ ହୋଇଥିଲା। ନେହେରୁ କ୍ଲବ ସଭାପତି ବେଲାସ ଏକ୍କାଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ 'ହାପି ଟୁ ହେଲ୍ପ ଫାଉଣ୍ଡେଶନ'ର ପ୍ରତିଷ୍ଠାତା ସଦସ୍ୟ ରାଜକିଶୋର ଦାଶ ମୁଖ୍ୟ ଅତିଥି ଓ ଦେବଗଡ ପୌର ପରିଷଦ ୫ ନମ୍ବର ୱାର୍ଡର କାଉନସିଲର ଯତୀନ କୁମାର ନାୟକ ସମ୍ମାନିୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଖାସି ଓ ରନର୍ସ ଅପ ଦଳକୁ ବୋଦା ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ କ୍ଲବର ସମ୍ପାଦକ ପ୍ରେମଦୀପ ଏକ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିଠୁ ବୌଦ୍ଧ ମହୋତ୍ସବ

**ପଲ୍ଲିଶ୍ରୀ ମେଳା, ବୟନିକା ହସ୍ତତନ୍ତ ପ୍ରଦର୍ଶନୀ**

**ବୌଦ୍ଧ,୧।୧( ଅଜିତ କୁମାର ବାରିକ)**

ସ୍ୱନକ୍ଷେତ୍ର ଦିବସ ଅବସରରେ ବୌଦ୍ଧ କଚେରୀ ପଡିଆରେ ଆରମ୍ଭ ହେବାକୁ ଯାଉଛି ସାଂସ୍କୃତିକ ଉତ୍ସବ,ପଲ୍ଲିଶ୍ରୀ ମେଳା ଓ ବୟନିକା ହସ୍ତତନ୍ତ ପ୍ରଦର୍ଶନୀ। ୬ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ମହୋତ୍ସବରେ ୧୬୦ ଷ୍ଟଲ ଖୋଲାଯାଇଥିବାବେଳେ ସେଥିମଧ୍ୟରେ ହସ୍ତଶିଳ୍ପ ୨୫,ପଲ୍ଲିଶ୍ରୀ ୭୫ , ବିଭିନ୍ନ ବିଭାଗୀୟ ଷ୍ଟଲ ୩୦, ଖାଦ୍ୟ ଷ୍ଟଲ ୨୦ ଓ ଅନ୍ୟ ଷ୍ଟଲ ମଧ ପ୍ରଦର୍ଶିତ ହେବ। ଏଥର ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ସାଂସ୍କୃତିକ ଦଳ ଅଂଶଗ୍ରହଣ କରୁଥିବା ବେଳେ ଜିଲାର ମଧ ସାଂସ୍କୃତିକ ଦଳ ଗୁଡିକ ଅଂଶ ଗ୍ରହଣ କରିବେ। ଆଜି ଏକ ବିରାଟ ସାଂସ୍କୃତିକ ଓ ମଶାଲ ଶୋଭାଯାତ୍ରା ସହରର ରାଜବାଟି ସ୍ଥିତ ବୁଦ୍ଧ ମନ୍ଦିରଠାରୁ ବାହାରି ମହୋତ୍ସବ ପଡିଆରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଏନେଇ ସୋମବାର ସନ୍ଧ୍ୟାରେ ଖବରଦାତା ସମ୍ମିଳନୀରେ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାପାଳ ନୃସିଂହ ଚରଣ ସ୍ୱାଇଁ, ଜିଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ, ଉପଜିଲାପାଳ ରବିନ୍ଦ୍ରନାଥ କହଁର, ବୌଦ୍ଧଗଡ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, କନ୍ଧମାଳ ସାଂସଦ ପ୍ରତିନିଧି ତାରେଣୀ କୁମାର ମହାପାତ୍ର, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ଓ ଜିଲାସ୍ତରୀୟ ଅଧିକାରୀ ସମ୍ମିଳନୀରେ ଉପସ୍ଥିତ ଥିଲେ।



ମହୋତ୍ସବ ପାଇଁ ପେଣ୍ଡାଲ ସଜେଇ ହେବାରେ ଲାଗିଛି ।

## ଘେଁସର ବଳିଦାନ ମୁକ୍ତି ସଂଗ୍ରାମ ଇତିହାସରେ ବିରଳ

**ରାଜ୍ୟସ୍ତରୀୟ ବୀରତା ଦିବସ ପାଳିତ**

**ସୋହେଲା,୧।୧(ଅଶ୍ୱିନୀ କୁମାର ପାତ୍ର)**



ସ୍ମୃତିସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼ ଜିଲା ସୋହେଲା ବ୍ଲକ ଘେଁସଠାରେ ରାଜ୍ୟସ୍ତରୀୟ ବୀରତା ଦିବସ ରବିବାର ପାଳିତ ହୋଇଯାଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଘେଁସ ଜମିଦାରଙ୍କ ଘର ସମ୍ମୁଖରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଥମେ ଶହୀଦ ସ୍ମୃତି ପୀଠରେ ମାଲ୍ୟାର୍ପଣ ପରେ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଜମିଦାରଙ୍କ ଭବନରେ ପହଞ୍ଚିଥିଲା। ସେଠାରେ ଅନୁଷ୍ଠିତ ସ୍ମୃତିସଭାକୁ ଭଟଲି ବିଧାୟକ ସୁଶାନ୍ତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶହୀଦ କୁଞ୍ଜେଲ ସିଂହ କ୍ଲବର ସଭାପତି ଅଶୋକ ପୂଜାହାରୀ ସଭାପତିତ୍ୱ କରିଥିଲେ। ସ୍ତମ୍ଭକାର ତଥା ଦହିତା ମହାବିଦ୍ୟାଳୟ ଅଧ୍ୟାପକ ସୁଶାନ୍ତ ମିଶ୍ର ମୁଖ୍ୟବକ୍ତା, ବରଗଡ ଜିଲାପାଳ ମୋନିଷା ବାନାର୍ଜୀ, ଉତ୍କଳ ପ୍ରସଙ୍ଗର ସମ୍ପାଦିକା କସ୍ତୁରୀ ମହାପାତ୍ର, ପଦ୍ମଶ୍ରୀ ହଳଧର ନାଗ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ, ବ୍ଲକ ଅଧ୍ୟକ୍ଷା ବବି ପଧାନ, ଜିଲା ପରିଷଦ ସଦସ୍ୟା ଜାଇଫୁଲ ସିଂ ବରିହା, ସରପଞ୍ଚ ଗୋକୁଳ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନିଜ ମାଟିକୁ ମୁକ୍ତ କରିବା ପାଇଁ ଅକଥନୀୟ ଯନ୍ତ୍ରଣା ଭୋଗ କରି ଜୀବନ ବ୍ୟାପୀ ସଂଘର୍ଷ କରିଥିବା ଘେଁସର ଜମିଦାର ମାଧୋ ସିଂହ ଓ ତାଙ୍କ ପରିବାରର ବଳିଦାନ ବିରଳ ଅଟେ। ସାଧାରଣ ଜନତା ମୁକ୍ତି ସଂଗ୍ରାମରେ ସାମିଲ ହେବା, ଜମିଦାର ପରିବାରଙ୍କ ପ୍ରତ୍ୟାଶା ବିହୀନ ବଳିଦାନ, ଏକମାତ୍ର ଓଡ଼ିଆ ଭାବେ ହଟ୍ଟେ ସିଂହଙ୍କ ଦୀପାନ୍ତର ଭଳି ବିରଳ ଘଟଣା ସୃଷ୍ଟି କରିଥିବା ଘେଁସର ବଳିଦାନ ଭାରତୀୟ ମୁକ୍ତି ସଂଗ୍ରାମ ଇତିହାସରେ ବିରଳ ଅଧ୍ୟାୟ। ତେଣୁ ଏହାକୁ ଅଧିକ ପ୍ରୋତ୍ସାହନ ମିଳିଲେ ଘେଁସ ଇତିହାସ ଜାତୀୟସ୍ତରରେ ସ୍ୱତନ୍ତ୍ର ଖ୍ୟାତି ଆଣିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। କ୍ଲବର ସମ୍ପାଦକ ସୁଦାମା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ବରଗଡ ଜିଲା ପ୍ରଶାସନ, ଘେଁସର ଶହୀଦ କୁଞ୍ଜେଲ୍ ସିଂହ କ୍ଲବ, ଶହୀଦ ମାଧୋ ସିଂ ଗ୍ରାମ୍ୟ ଉନ୍ନୟନ କମିଟି ସମେତ ଡୋଲାମଣି ପଟେଲ ସହଯୋଗ କରିଥିଲେ। କଣ୍ଠଶିଳ୍ପୀ ପଦ୍ମିନୀ ଦୋରା, ବରଗଡ ଲେଡି ଚଟନି ଡ୍ୟାନ୍ସ ଗ୍ରୁପ୍ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସ୍ଥାନୀୟ କଳାକାରଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଇଥିଲା।

# ଗନ୍ଧମାର୍ଦ୍ଧନ ସୁରକ୍ଷାକୁ ପ୍ରାଥମିକତା

## ଗନ୍ଧମାର୍ଦ୍ଧନ ଆନ୍ଦୋଳନର ୩୮ତମ ବାର୍ଷିକ ଉତ୍ସବ

ଖପ୍ରାଖୋଲ, ୧।୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ହାଇସ୍କୁଲ ପଡ଼ିଆ ପରିସରରେ ଗନ୍ଧମାର୍ଦ୍ଧନ ବଚାଅ ଆନ୍ଦୋଳନର ୩୮ତମ ବାର୍ଷିକ ଉତ୍ସବ ଆବାହକ ଅଭିଳାଷ ଭୋଇଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସ୍ୱାମୀ ସୋମବେଶ ଜୀ, ସମ୍ମାନିତ ଅତିଥି ଥବିର ଚରଣ ମେହେର, ଗିରୀଶ ଦଣ୍ଡସେନା, ରାଜକୁମାର ସେଠ, ଦେବରାଜ ଭୋଇ, ଶେଷଦେବ ଆର୍ଯ୍ୟ, ସସ୍ମିତା ସରାଫ, ଟେକେନ୍ଦ୍ର ଜାଲ, ରଘୁନାଥ ବରିହା ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ପ୍ରକୃତି ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ବିଗତ ଦିନରେ ଗନ୍ଧମାର୍ଦ୍ଧନରୁ ବାଲକୋ ବକ୍ସାଇଟ ଉତ୍ତୋଳନ ଆରମ୍ଭ କରିଥିବା ବେଳେ ଏହାକୁ ବିରୋଧ କରି ବାଲକୋ ହଟାଅ ଗନ୍ଧମାର୍ଦ୍ଧନ ବଚାଅ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଏହି ଆନ୍ଦୋଳନକୁ ସତେଜ ରଖିବାକୁ ପ୍ରତିବର୍ଷ ନୂଆବର୍ଷରେ ବାର୍ଷିକ ଉତ୍ସବ ପାଳନ କରାଯାଏ ବୋଲି ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ପ୍ରଧାନ, ବୁଲୁ ବେହେରା, ସନ୍ତୋଷ ପ୍ରଧାନ, ସୁଶିଲ ରଣା, ସୁଶିଲ ନାଏକ, ସୁବାସ ଆଚାର୍ଯ୍ୟ, ଶାନ୍ତନୁ ବୁଦ୍ଧିଆ ପ୍ରମୁଖ ଉପସ୍ଥିତ ଥିଲେ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।


ଇଂରାଜୀ ନବବର୍ଷର ପ୍ରଥମ ଦିନ ସୋମବାର ହରିଶଙ୍କରରେ ଠାକୁରଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଧାଡ଼ି ଲଗାଇଛନ୍ତି।

### ସଂକ୍ଷେପରେ

## ଜନ୍ମତିଥିରେ ବାଧିତ ଜନବନ୍ଧୁଙ୍କ ସ୍ମୃତିଚାରଣ



ବଲାଙ୍ଗୀର, ୧।୧(ବୀରେନ୍ଦ୍ର କୁମାର ଝାଙ୍କର)

ବାଧିତ ଜନବନ୍ଧୁ ପ୍ରଭାକର ରଥଙ୍କ ୧୦୪ତମ ଜୟନ୍ତୀ ସମାରୋହ ପାଳିତ ହୋଇଛି। ପ୍ରଭାକର ରଥ ସ୍ମୃତି ସମିତି କକ୍ଷରୁ ସୋମବାର ପୂର୍ବାହ୍ନରେ ବଲାଙ୍ଗୀର ଟାଉନ ବାଳିକା ବିଦ୍ୟାଳୟରେ ସଭାପତି ଜୟରାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଖିଳ ଚନ୍ଦ୍ର ହୋତା ମୁଖ୍ୟ ଅତିଥି, ମହିଳା ମହାବିଦ୍ୟାଳୟ ଓଡିଆ ଅଧ୍ୟାପକ ରତିକାନ୍ତ ନାଏକ ମୁଖ୍ୟବକ୍ତା ଓ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସଭା ପ୍ରାରମ୍ଭରେ ପ୍ରଭାକର ରଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ବେଦମନ୍ତ୍ର ପାଠ କରିଥିଲେ ସୃଜନୀ ଶୁଭଲକ୍ଷ୍ମୀ ନାୟକ ଓ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ପ୍ରିୟା ପରିମିତା ମିଶ୍ର । କବି ରତ୍ନମୟ ତ୍ରିପାଠୀ ଅତିଥି ପରିଚୟ କରିଥିବା ବେଳେ ସମ୍ପାଦକ ମଧୁ ସାହୁ ସମିତିର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ । ଏହି ପାର୍ବଣରେ ୫୪ ଥର ରକ୍ତଦାନ କରିଥିବା ଶଙ୍କର ଜୁଏଡଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମଦନ ମୋହନ ରଥ ସ୍ମୃତି ସମିତିର କାର୍ଯ୍ୟକ୍ରମ ଉପରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ହୃଷୀକେଶ ପୁରୋହିତ, ସୁନାଧନ ବନଛୋର, ଚୁଡେନ୍ଦ୍ର କୁମାର ବେହେରା, ରାଜେଶ ସାହୁ, ପ୍ରଶାନ୍ତ ଷଡଙ୍ଗୀ, ଧିରେନ୍ଦ୍ର ନାରାୟଣ ସିଂଦେଓ, ଡା. ଅଶୋକ କୁମାର ସେଠୀ, ଶୁଭେନ୍ଦ୍ର ନେପାକ, ପ୍ରଦୀପ ପଶାୟତ, ମାଳତି ଉଦ୍‌ଗାତା, ଜ୍ୟୋତିରାଣୀ ମିଶ୍ର, ଅନୁପ୍ରିୟା ମିଶ୍ର ସହଯୋଗ କରିଥିଲେ। କସ୍ତୁରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଗତୀ କପ୍ କ୍ରିକେଟ: ଯୋଗିମୁଣ୍ଡା ଚାମ୍ପିୟନ

ଖପ୍ରାଖୋଲ, ୧।୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଘୁନସର୍ ଖେଳ ପଡିଆରେ ୨୫ତମ ପ୍ରଗତୀ କପ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ଯୋଗିମୁଣ୍ଡା ଓ ଘୁନସର ମଧ୍ୟରେ ହୋଇଥିଲା। ଟସ୍ ଜିତି ଯୋଗୀମୁଣ୍ଡା ଦଳ ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ୧୮୮ ରନ କରିଥିଲା। ଜବାବରେ ଘୁନସର୍ ଦଳ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୧୦୯ରନ କରି ପରାଜିତ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ପାଟଣାଗଡ ବିଧାୟକ ତଥା ଉପମୁଖ୍ୟ ସଚେତକ ସରୋଜ କୁମାର ମେହେର, ସମ୍ମାନୀତ ଅତିଥି ପବିତ୍ର ପଟେଲ, ରମେଶ ପ୍ରଧାନ, ସରପଞ୍ଚ ଅନୁସୟା ସାହୁ, ଉମାକାନ୍ତ ମେହେର, ବଂଶୀଧର ବେହେରା, ପ୍ରଧାନଶିକ୍ଷକ ଐଶ୍ୱର୍ଯ୍ୟ ଶେଖର ଦେବତା ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ୧୫ ହଜାର ୨୩ ଟଙ୍କା ଓ ରନର ଅପ ଦଳକୁ ଟ୍ରଫି ସହ ନଗଦ ୧୦ ହଜାର ୨୩ ଟଙ୍କା ପ୍ରଦାନକରିଥିଲେ।

## ଅବ୍ୟବସ୍ଥାରେ ଚାଲିଛି ପ୍ରାଣୀଧନ ଚିକିତ୍ସାଳୟ

ଲାଠୋର, ୧।୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋରରେ ରହିଛି ଏକ ପ୍ରାଣୀଧନ ଚିକିତ୍ସା କେନ୍ଦ୍ର। ଏହି କେନ୍ଦ୍ର ଉପରେ ଲାଠୋର, ବେନ୍ଦେର, କରୁଆଝର, ମାଳପଡ଼ା, ସାହାଜପାଣି, ଟଙ୍କପାଣି, ଘୁନସର ଆଦି ୭ପଞ୍ଚାୟତ ଅନ୍ତର୍ଗତ ୫୦ଖଣ୍ଡ ଗ୍ରାମର ଅଧିବାସୀ ସେମାନଙ୍କ ଗୃହପାଳିତ ପଶୁପକ୍ଷୀଙ୍କର ସ୍ୱାସ୍ଥ୍ୟସେବା କରାଇଥାନ୍ତି। ହେଲେ ଗତ ୫ ମାସ ହେବ ଏହି ପ୍ରାଣୀ ଚିକିତ୍ସା କେନ୍ଦ୍ର ବନ୍ଦ ରହୁଥିବା ଦେଖିବାକୁ ମିଳୁଛି। ଏଠାରେ ନିଯୁକ୍ତ ପ୍ରାଣୀ ଚିକିତ୍ସକ ଖପ୍ରାଖୋଲରୁ ଯିବା ଆସିବା କରୁଛନ୍ତି। ଯେଉଁଦିନ ସେ ନ ଆସିଲେ ଚିକିତ୍ସା କେନ୍ଦ୍ରରେ ତାଲ ଝୁଲୁଛି। ସରକାରୀ କ୍ୱାର୍ଟର୍ସ ଥିଲେ ମଧ୍ୟ ସେ ଏଠାରେ ରହୁ ନାହାନ୍ତି। ଫଳରେ ଦୁର ଦୂରାନ୍ତ ଗ୍ରାମରୁ ଲୋକ ନିଜ ନିଜର ପଶୁ ପକ୍ଷୀଙ୍କୁ ଚିକିତ୍ସା ପାଇଁ ଆଣି ଡ଼ାକ୍ତରଙ୍କୁ ନପାଇ ଫେରୁଛନ୍ତି। ଅପରପକ୍ଷେ କେନ୍ଦ୍ରରେ କେବଳ ଜଣେ ଡ଼ାକ୍ତର ରହିଛନ୍ତି। ପିଅନ ଏବଂ ୱାଚର ପଦବୀ ଖାଲି ପଡ଼ିଛି। ଅବ୍ୟବସ୍ଥା ନେଇ ଖପ୍ରାଖୋଲ ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ଡ଼ା.ସ୍ୱପ୍ନେଶ୍ୱର ନାଏକଙ୍କୁ ଯୋଗଯୋଗ କଲେ ଏ ନେଇ ବଲାଙ୍ଗୀର ସିଡ଼ିଭିଓ ଯାହା କିଛି କରିବେ ବୋଲି କହିଛନ୍ତି।

## ନୂଆବର୍ଷରେ ହରିଶଙ୍କରରେ ଶ୍ରଦ୍ଧାଳୁଙ୍କ ଭିଡ

ଖପ୍ରାଖୋଲ, ୧।୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପୁଣ୍ୟକ୍ଷେତ୍ର ତଥା ପର୍ଯ୍ୟଟନସ୍ଥଳୀ ହରିଶଙ୍କରରେ ନୂଆବର୍ଷ ଅବସରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଶ୍ରଦ୍ଧାଳୁମାନେ ଝରଣାରେ ସ୍ନାନ କରି ଲମ୍ବା ଧାଡ଼ିରେ ଯାଇ ଠାକୁର ଦର୍ଶନ କରିଥିଲେ। ନୂଆବର୍ଷ ପାଇଁ ସକାଳୁ ମନ୍ଦିର ଦ୍ୱାର ଖୋଲାଯାଇଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ ସିଆର୍‌ପିଏଫ ଓ ପୋଲିସ ମୁତୟନ ହୋଇଥିଲେ। ଝରଣା କୂଳରେ ବଣଭୋଜିର ଆସର୍ ଜମିଥିଲା।

## ମୋ ଜଙ୍ଗଲ ଜମି ଯୋଜନା ତାଲିମ ଶିବିର

ଖପ୍ରାଖୋଲ, ୧।୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲ ଖପ୍ରାଖୋଲ ବ୍ଲକ ସଭାଗୃହରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି କଲ୍ୟାଣ ଓ ସଂଖ୍ୟାଲଘୁ ଓ ଅନ୍ୟାନ୍ୟ ପଛୁଆ ବର୍ଗ ଉନ୍ନୟନ ବିଭାଗ ତରଫରୁ ମୋ ଜଙ୍ଗଲ ଜମି ଯୋଜନା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଡ଼ିଓ ଆକାଶ ରଞ୍ଜନ ସାହୁ, ସମ୍ମାନୀତ ଅତିଥି ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର ଏଫଇଏସ ଓ ବଲାଙ୍ଗୀର ଆର୍‌ସିଡିସିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଅବସରରେ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଜଙ୍ଗଲ ଅଧିକାର ଆଇନର ବିଭିନ୍ନ ଦିଗ ସହ ମୋ ଜଙ୍ଗଲ ଜମି ଯୋଜନା ଉପରେ ତାଲିମ ପ୍ରଦାନ କରିଥିଲେ। ସେହିପରି ଏହି ଆଇନ ଓ ଯୋଜନା ଅନୁସାରେ ବ୍ୟକ୍ତିଗତ ଅଧିକାର, ଗୋଷ୍ଠିଗତ ଜଙ୍ଗଲ ଅଧିକାର ଓ ଗୋଷ୍ଠିଗତ ଜଙ୍ଗଲ ସମ୍ବଳ ପରିଚାଳନା ଅଧିକାର ସମ୍ପର୍କରେ ଆଲୋଚନା କରିବା ସହ କ, ଖ ଓ ଗ ଫର୍ମ କିଭଳି ପୂରଣ ହେବ ସେନେଇ ସ୍ୱେଚ୍ଛାସେବୀମାନଙ୍କୁ ବୁଝାଯାଇଥିଲା। ତାଲିମଦାତାଭାବେ କୁଳମଣି ସାହୁ, ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ ଯୋଗଦେଇଥିଲେ। ଉଦ୍‌ଯାପନୀ ଅବସରରେ ଜିଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ, ବଲାଙ୍ଗୀର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ପାଟଣାଗଡ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବଂଶୀଧର କିଶାନ ଯୋଗଦେଇ ଯୋଜନା ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ମଙ୍ଗଳ ବିଭାଗ ଡିଇଓ ସୁଶାନ୍ତ ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୀମଡୁଙ୍ଗୁରୀରେ ପଞ୍ଚବଟ ସୁରକ୍ଷା ଅଭିଯାନ

ଦେଓଗାଁ, ୧।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଭୀମଡୁଙ୍ଗୁରିଠାରେ ଟାଙ୍ଗିଆ ଜାମ୍ ସଂଗଠନ ତରଫରୁ ପଞ୍ଚବଟ ସୁରକ୍ଷା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ଉଦ୍ୟୋକ୍ତା ଗୋପାଳ ଚନ୍ଦ୍ର ହୋତାଙ୍କ ନେତୃତ୍ୱ ଓ ଆଦିବାସୀ ନେତା ମୟ ପ୍ରଧାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପଥରଚେପା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ କ୍ଷମାନିଧି ଝାଙ୍କର, ସମ୍ମାନୀତ ଅତିଥି ମୁକୁନ୍ଦପୁର ସରପଞ୍ଚ ଜାନକୀ ସାହୁ, ମହଲେଇ ସରପଞ୍ଚ ଚିତ୍ତରଞ୍ଜନ ସାହୁ, ସଦର ବ୍ଲକ ବରକାନୀ ସରପଞ୍ଚ ବଳଦେବ ସାହୁ, ଖୁଜେନପାଲି ସରପଞ୍ଚ ମିନାକ୍ଷୀ ପାଣିଗ୍ରାହୀ, ଆଇନଜୀବୀ ଭକ୍ତ ନାଏକ, କଂସାରି ସମାଜ ରାଜ୍ୟ ସଭାପତି ଅଶୋକ କୁମାର ସାହୁ, ପୂର୍ବତନ ପ୍ରଧାନଶିକ୍ଷକ ରାମଶଙ୍କର ପ୍ରସାଦ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ । ପୁରୁଣାପାଣି, ନୂଆପାଲି ଓ ଖୁଜେନପାଲିର ମହିଳାମାନେ ଭାଇ ଜିଉନ୍ତିଆ କରି ସଂଗଠନ କର୍ମକର୍ତ୍ତାଙ୍କୁ ବନ୍ଦାପନା କରିଥିଲେ। ଏହି ଅବସରରେ ୫୦ଗ୍ରାମର ୱାର୍ଡସଭ୍ୟ, ସମିତି ସଭ୍ୟ ସରପଞ୍ଚମାନଙ୍କୁ ପଞ୍ଚବଟ ସୁରକ୍ଷା ପାଇଁ ଆହ୍ୱାନ କରି ସମ୍ମାନୀତ କରାଯାଇଥିଲା। ପୃଥିବୀରେ ସୁସ୍ଥ ବାତାବରଣ ସମାଜ ପାଇଁ ୩୩ ପ୍ରତିଶତ ଜଙ୍ଗଲ ରହିବା କଥା । କିନ୍ତୁ ବର୍ତ୍ତମାନ ୧୪ ପ୍ରତିଶତ ଜଙ୍ଗଲ ରହିଥିବାବେଳେ ବିଗତ ୫ ବର୍ଷରେ ବଲାଙ୍ଗୀର ଜିଲାରେ କେବଳ ୧୭ପ୍ରତିଶତ ଜଙ୍ଗଲ ସୃଷ୍ଟି ହୋଇପାରିଛି। ଗଛ ବିନା ସୃଷ୍ଟି ଅସମ୍ଭବ । ଜଙ୍ଗଲ ନଷ୍ଟ ଯୋଗୁ ବିଭିନ୍ନ ପ୍ରକାରର ରୋଗ ମାନବ ସମାଜକୁ ଗ୍ରାସ କରୁଛି । ଏଣୁ ଜଙ୍ଗଲ ସୁରକ୍ଷା ଓ ବନୀକରଣ ଦିଗରେ ଗାଁ ମାନଙ୍କରେ ସଚେତନା କରି ଜଙ୍ଗଲକୁ ସୁଦୃଢ କରିବା ପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ । ପ୍ରତ୍ୟେକ ୧ ତାରିଖ ଟାଙ୍ଗିଆ ଜାମ ଦିଗରେ ଉପସ୍ଥିତ ସଦସ୍ୟମାନେ ଶପଥ ନେଇଥିଲେ। ଆଗାମୀ ଦିନରେ ଗାଁ ମାନଙ୍କରେ ଟଙ୍ଗିଆ ଜାମ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ସଂଗଠନ ଉଦ୍ୟୋକ୍ତା ହୋତା ସମସ୍ତଙ୍କ ସହଯୋଗ ଲୋଡିଥିଲେ। ପ୍ରଫୁଲ୍ଲଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଧ୍ୟାତ୍ମିକ ପରିବେଶରେ ନବବର୍ଷ ପାଳିତ

ଦେଓଗାଁ, ୧।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ବରକାନୀବାସୀ ଗତ ୧୬ ବର୍ଷ ହେଲା ଏକ ଅଧ୍ୟାତ୍ମିକ ପରିବେଶରେ ଇଂଲିଶ ନବବର୍ଷ ପାଳନ କରିଆସୁଛନ୍ତି। ଚଳିତ ବର୍ଷ ଗାଁମୁଣ୍ଡ ପ୍ରାଥମିକ ବିଦ୍ୟାଳୟରେ ସତ୍ୟସାଇ ଭଜନ ମଣ୍ଡଳୀ ତରଫରୁ ଭଜନ, ସତସଙ୍ଗ କରାଯାଇଥିଲା। ସକାଳେ ନଗର ସଂକୀର୍ତ୍ତନ ପରେ ବାବାଙ୍କଠାରେ ଷୋଡଶପଚାର ପୂଜାର୍ଚ୍ଚନା କରାଯାଇଥିଲା। ପ୍ରଦୀପ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରଜେନ୍ଦ୍ର ସାହୁ, ପ୍ରଧାନ ଆଚାର୍ଯ୍ୟ ରବିନ୍ଦ୍ର ମିଶ୍ର ଓ ଗୋବିନ୍ଦ ମେହେର ଯୋଗଦେଇ ବାବାଙ୍କର ଲୀଳା ଉପରେ ଆଲୋକପାତ କରିଥିଲେ। ଜନକ ମେହେର, ପ୍ରଶାନ୍ତ ମେହେର, ଲୋକେଶ ମେହେର, ବିମଳ ମେହେର, କୃଷ୍ଣ କୁମାର ସାହୁ, ବିନି ମେହେର, ଲୋପାମୁଦ୍ରା ମେହେର, ସୁନି ମେହେର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।


ବରକାନୀରେ ନବବର୍ଷ ପାଳନ ଅବସରରେ ଭଜନ ସନ୍ଧ୍ୟା।

## ଭଉଣୀଭାଇଙ୍କ ପାଠପଢ଼ା ବାଧାପ୍ରାପ୍ତ

- ମା'ଙ୍କ ମୃତ୍ୟୁ ପରେ ଅସହାୟ ଜୀବନ ଜିଉଛନ୍ତି
- ବାହାର ରାଜ୍ୟକୁ ବାପା ଯାଇଛନ୍ତି ଦାଦାନ ଖଟି

ଲାଠୋର, ୧।୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହଲନଭଟା ପଞ୍ଚାୟତ ଅନ୍ତର୍ଗତ ନକଟାବାହାଲ ଗ୍ରାମର ଧନସିଂ ମାଝି ଝିଅପୁଅଙ୍କୁ ଛାଡି ଦାଦାନ ଶ୍ରମିକଭାବେ କାମ କରିବାକୁ ରାଜ୍ୟ ବାହାରକୁ ଯାଇଛନ୍ତି। ଘରେ ମା' ଛେଉଣ୍ଡ ଝିଅ ପିଙ୍କି(୧୯) ଏବଂ ପୁଅ ଡ଼ିଙ୍କେଶ୍ୱର(୬)ରହିଛନ୍ତି। ସେମାନଙ୍କ ରକ୍ଷଣାବେକ୍ଷଣ ପାଇଁ କେହିନାହିଁ। କିଛିଦିନ ତଳେ ଧନସିଂଙ୍କ ସ୍ତ୍ରୀ ନେପୁରଙ୍କ ମୃତ୍ୟୁ ଘଟିଥିଲା। ନିକଟରେ ଶୁଦ୍ଧକ୍ରିୟା ସାରି ୪ଦିନ ତଳେ ଧନସିଂ କାମ କରିବାକୁ ଯାଇଛନ୍ତି। ଏପରିସ୍ଥିତିରେ ବେସାହାରା ଜୀବନ ସେମାନେ ଜିଉଁଛନ୍ତି ପିଙ୍କି ଓ ଡିଙ୍କେଶ୍ୱର। ପିଙ୍କି +୨ କଳା ପାସ କରି ଆଗକୁ ପାଠ ପଢିବାକୁ ଚାହୁଁଥିବାବେଳେ ଭାଇକୁ ମଧ୍ୟ ପାଠ ପଢେଇବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ହେଲେ ସେଥିପାଇଁ ଆବଶ୍ୟକ ଅର୍ଥ ଓ ସହଯୋଗ ତାଙ୍କୁ ମିଳୁନାହିଁ। ଏପରି ସ୍ଥିତିରେ ପିଙ୍କି ବର୍ତ୍ତମାନ କଣ କରିବେ ଚିନ୍ତାରେ ପଡିଛନ୍ତି। ଏ ନେଇ ତୁରେକେଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଙ୍କର୍ଷଣ ବେହେରାଙ୍କୁ ଯୋଗାଯୋଗ କରିବାରୁ ଡ଼ବ୍ଲ୍ୟୁଇଓଙ୍କୁ କହି ସମ୍ପୃକ୍ତ ଦୁଇ ପିଲାଙ୍କୁ କୌଣସି ଆବାସିକ ଛାତ୍ରାବାସରେ ରଖି ପାଠ ପଢିବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ତେବେ ଯଥାଶୀଘ୍ର ସମସ୍ୟାର ସମାଧାନ କରିବାକୁ ୱାର୍ଡ଼ସଭ୍ୟ ଫୁଲଚୁଲି ବାଗ ଓଗ୍ରାମବାସୀ ଦାବି କରିଛନ୍ତି।


ସାନଭାଇ ଡ଼ିଙ୍କେଶ୍ୱରଙ୍କ ସହ ପିଙ୍କି।

## ବନାଞ୍ଚଳ ରେଞ୍ଜ୍ ଅଫିସ କାମ ନିମ୍ନମାନର

### ଡିଏଫଓଙ୍କୁ ଚିଠି ଲେଖିଲେ ରେଞ୍ଜର

ଦେଓଗାଁ, ୧।୧ (କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବନାଞ୍ଚଳ ରେଞ୍ଜ ଅଫିସ ପରିସରରେ ନୂତନ କାର୍ଯ୍ୟାଳୟ କାମ ଚାଲିଛି। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ୨୩ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି। କାମ ପ୍ଲିନ୍ଥ ଲେବଲ ପର୍ଯ୍ୟନ୍ତ ହୋଇଛି। ତେବେ କାମ ନିମ୍ନମାନର ହୋଇଥିବା ବିଭାଗୀୟ କର୍ମଚାରୀ ଅଭିଯୋଗ କରିଛନ୍ତି। ନିମ୍ନମାନର ଲୁହା ଛଡ ଓ କମ୍ ପରିମାଣର ସିମେଣ୍ଟ ଦିଆଯାଇ କାମ କରାଯାଉଛି। ଯାହା ବି କାମ ହେଉଛି ସେଥିରେ ପାଣି ଦିଆଯାଉନାହିଁ। ନିର୍ମାଣ ହୋଇଥିବା ପିଲରଗୁଡିକ ସମାନ୍ତର ନାହିଁ। ରେଞ୍ଜର କାମ କରୁଥିବା ଠିକାଦାରଙ୍କୁ ଏସବୁ ଅନିୟମିତତା ନେଇ କହିଥିଲେ। ହେଲେ ସେ ଏଥିପ୍ରତି ଧ୍ୟାନ ନ ଦେଇ ମନଇଚ୍ଛା କାମ କରୁଥିବା ରେଞ୍ଜର କହିଛନ୍ତି। ଏଥିଯୋଗୁ ସେ ଡିଏଫଓଙ୍କୁ ଚିଠି କରି ଅବଗତ କରିଥିବା ରେଞ୍ଜର ଯୁଧିଷ୍ଠିର ଜାଲ କହିଛନ୍ତି । ଡିଏଫଓ ନୀତିଶ କୁମାରଙ୍କୁ ପଚାରିବାରୁ ଏକ ତଦନ୍ତକାରୀ ଟିମ୍‌କୁ କ୍ଷେତ୍ରକୁ ପଠାଯିବ। ତଦନ୍ତ ରିପୋର୍ଟ ମିଳିଲା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ଜନକଲ୍ୟାଣ ଯୁବ ସାମ୍ମୁଖ୍ୟର ଅଭିନନ୍ଦନ କାର୍ଯ୍ୟକ୍ରମ


ମୁଖ୍ୟ ଅତିଥି ବିଧାୟକ ନରସିଂହ ମିଶ୍ର ବକ୍ତବ୍ୟ ରଖୁଛନ୍ତି।

ଲୋଇସିଂହା,୧।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଜନ କଲ୍ୟାଣ ଯୁବ ସାମ୍ମୁଖ୍ୟ କ୍ଲବ ପକ୍ଷରୁ ୨୦୨୪ ନବ ବର୍ଷ ଅଭିନନ୍ଦନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ସଭାପତି ଦିଲୀପ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ । ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ, ବିଗତ ଦିନର ଲୋଇସିଂହା ଅଞ୍ଚଳରେ ଅନେକ ବିକାଶମୂଳକ କାମ ହୋଇଥିଲା। ହେଲେ ବିଗତ ଏକ ଦଶନ୍ଧିରୁ ଅଧିକ ସମୟ ହେଲା ବିକାଶ ଯେମିତି ଧିମେଇ ଯାଇଛି। ସେହି ବିକାଶ ଧାରାକୁ ଫେରିବାକୁ ହେଲେ ଏକତା ଆବଶ୍ୟକ। ଲୋଇସିଂହା ମାଟି ତାଙ୍କୁ ପରିଚୟ ଦେଇଛି । ବଞ୍ଚିଥିବା ଯାଏ ଲୋଇସିଂହା ବିକାଶ ପାଇଁ ସେ କାମ କରିଚାଲିବେ ବୋଲି କହିଥିଲେ। ସଭାରେ ଓମପ୍ରକାଶ କୁମ୍ଭାର, ସମ୍ପାଦକ ଉତ୍ତର ହେର୍ଣ୍ଣା, ପ୍ରଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀ ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଥିବା ଛାତ୍ରୀଛାତ୍ର ଓ ବ୍ୟକ୍ତିବିଶେଷଙ୍କୁ ସମ୍ମାନୀତ କରାଯାଇଥିଲା। ସଭା ପରେ ଶଙ୍କର ବେହେରା ଏବଂ ସାଥୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନୁଷ୍ଠାନ ପକ୍ଷରୁ ସକାଳେ ଲୋଇସିଂହା ଷ୍ଟାଡିୟମରୁ ଫାସଡ ପର୍ଯ୍ୟନ୍ତ ମାରାଥନ ଦୌଡ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା।

## ସ୍ୱାବଲମ୍ବୀ ପାଇଁ ସିଲେଇ ମେଶିନ ପ୍ରଦାନ



ବିଡିଓ ଜଣେ ମହିଳଙ୍କୁ ସିଲେଇ ମେଶିନ୍ ପ୍ରଦାନ କରୁଛନ୍ତି।

ଲୋଇସିଂହା,୧।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଝରଣୀପାଲି ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ୧୫ଜଣ ବିଧବାଙ୍କୁ ସ୍ୱାବଲମ୍ବୀ ପାଇଁ ସିଲେଇ ମେଶିନ ପ୍ରଦାନ କରାଯାଇଛି। ୨୦ବର୍ଷରୁ କମ୍ ବୟସର ସନ୍ତାନ ଥିବା ବିଧବାଙ୍କୁ ସରପଞ୍ଚଙ୍କ ପକ୍ଷରୁ ଏହି ସହାୟତା ପ୍ରଦାନ କରାଯାଇଛି। ସିଲେଇ କରି ରୋଜଗାର ଅର୍ଥରେ ସେମାନେ ପରିବାର ପରିପୋଷଣ ସହ ନିଜ ଝିଅପୁଅଙ୍କୁ ପାଠପଢିବା ଉଦ୍ଦେଶ୍ୟରେ ଏପରି ପଦକ୍ଷେପ ନିଆଯାଇଥିବା କୁହାଯାଇଛି। ସୋମବାର ସରପଞ୍ଚ ସୁନେତ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ କୁଳଦୀପ ମହାନ୍ତି, ସିଡିପିଓ ଜ୍ୟୋର୍ତିମୟୀ ନାୟକ, ବିଲଏସି ଜ୍ଞାନରଞ୍ଜନ ସା ଯୋଗଦେଇଥିଲେ। ସିଲେଇ ମେଶିନ ପାଇଥିବା ମହିଳାଙ୍କୁ ତାଲିମ ଯୋଗାଇ ଦେବା ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଡିଓ ମହାନ୍ତି କହିଥିଲେ ।

## ଅଞ୍ଚଳର ବିକାଶ ପାଇଁ ସମ୍ମିଳିତ ଉଦ୍ୟମ ଲୋଡ଼ା

### ଚାନ୍ଦିଲି ପାହାଡ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

- ମନ ମୋହୁଛି କଂସ ଦରବାର

ଦେଓଗାଁ, ୧।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)


ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ସୋମବାର ମଞ୍ଚରେ ମହାରାଜ କଂସଙ୍କ ସହ ଅତିଥି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଦେଷଣ୍ଡ ଚାନ୍ଦିଲି ପାହାଡରେ ଅନୁଷ୍ଠିତ ଚାନ୍ଦିଲି ମହୋତ୍ସବର ସୋମବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ସ୍ଥାନୀୟ ସରପଞ୍ଚ ଯଶୋଦା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ନରସିଂହ ମିଶ୍ର, ସମ୍ମାନୀତ ଅତିଥି ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସ୍ମାରକ ରଞ୍ଜନ ମିଶ୍ର, ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀ, ବନ୍ଧପଡା ସମିତି ସଭ୍ୟ କାନ୍ତେଶ୍ୱର ପଧାନ, ହାତୀସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର, ରାମଚନ୍ଦ୍ରପୁର ସରପଞ୍ଚ ପଦ୍ମିନୀ ମିଶ୍ର, ଡୁମେରପିଟା ସମିତି ସଭ୍ୟ ସଂକୀର୍ତ୍ତନ ବାଗ ଯୋଗଦେଇଥିଲେ। ମୁଖ୍ୟ ଅତିଥି ମିଶ୍ର ପର୍ଯ୍ୟଟନସ୍ଥଳୀ ଓ ଅଞ୍ଚଳର ବିଭିନ୍ନ ବିକାଶ କାର୍ଯ୍ୟକ୍ରମରେ ଦଳମତ ନିର୍ବିଶେଷରେ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ପରେ ନିର୍ମଳ କୁମାର ମେହେର ଓ ସାଥୀଙ୍କ ଦ୍ୱାରା କଂସ ଦରବାର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ମହୋତ୍ସବ କମିଟି ସଭାପତି ବନମାଳୀ ମେହେର, ସମ୍ପାଦକ ସ୍ୱୟମ୍ବର ମେହେର, ପିଙ୍କୁ ଷଡଙ୍ଗୀ, ରବିନ୍ଦ୍ର ସାଏ, ରଘୁମଣି ରଣା, ଦୀନବନ୍ଧୁ ମେହେର, ଇନ୍ଦ୍ରଜିତ ରାଉତ, ବିଦ୍ୟାଧର ନାଏକ, ରଙ୍କ ମେହେର, ରାଜେନ୍ଦ୍ର ସାଏ ସହଯୋଗ କରୁଛନ୍ତି। ପ୍ରଥମ ଦିବସରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ ।

## ସଂକ୍ଷେପରେ

### ରାମାୟଣ ପାରାୟଣ ଉଦ୍‌ଯାପିତ

**ପଦ୍ମପୁର,୧।୧(ପ୍ରଦୀପ୍ତ ଦାଶ):** ପଦ୍ମପୁର ଶାନ୍ତି ନଗରରେ ଚାଲିଥିବା ରାମାୟଣ ପାରାୟଣ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଧେଶ୍ୟାମ ମହିଳା ମଣ୍ଡଳ ସଭାନେତ୍ରୀ ନୁରାବତୀ ପଣ୍ଡା, ସମ୍ପାଦିକା ସୌଦାମିନୀ ପାଣିଗ୍ରାହୀ, କୋଷାଧକ୍ଷ ଆରତୀ ପ୍ରଧାନ, ମହିଳା ମଣ୍ଡଳର ସମସ୍ତ ସଭ୍ୟା, ଶାନ୍ତିନଗର, ବିଜୟ ନଗର, ମୈତ୍ରୀ ନଗର, ଜ୍ୟୋତି ନଗର, ଚନ୍ଦ୍ରଶେଖର ନଗର ଓ ଭେଉଁରିଆ ଗ୍ରାମର ଶ୍ରଦ୍ଧାଳୁମାନେ ସହଯୋଗ କରିଥିଲେ। ପ୍ରତ୍ୟହ ପାରାୟଣ କରାଯାଇଥିଲା। ରବିବାର ଠାକୁରଙ୍କ ପାଇଁ ୫୬ ଭୋଗ ବ୍ୟବସ୍ଥା ହୋଇଥିଲା।

### ବଉଦିଆପଡାରେ ସୁନ୍ଦରାକାଣ୍ଡ ପାରାୟଣ

**ବାଉଁଶୁଣୀ,୧।୧(ଦେବାଶିଷ ନେପାକ):** ବୌଦ୍ଧ ବ୍ଲକ ବାଉଁଶୁଣି ବଉଦିଆପଡ଼ା ଗ୍ରାମରେ ନୂତନ ବର୍ଷ ଉପଲକ୍ଷେ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ବଉଦିଆପଡ଼ା ରାମଲୀଳା ସାଂସ୍କୃତିକ ଉନ୍ନୟନ ପରିଷଦ ପକ୍ଷରୁ ଅନୁଷ୍ଠିତ ରାମାୟଣ ପାରାୟଣ କାର୍ଯ୍ୟକ୍ରମରେ ଗାୟିକା ନନିତା ସାହୁ ରାମାୟଣ ପାରାୟଣ ଗାନକରି ଭକ୍ତଙ୍କୁ ବିମୋହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ହଜାର ହଜାର ଭକ୍ତ ସାମିଲ୍ ହୋଇଥିଲେ। ପାରାୟଣ କାର୍ଯ୍ୟକ୍ରମରେ ରାମଲୀଳା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ଅବସରପ୍ରାପ୍ତ ସୈନିକଙ୍କୁ ସମ୍ବର୍ଦ୍ଧନା

**ପଦ୍ମପୁର,୧।୧(ପ୍ରଦୀପ୍ତ ଦାଶ):** ଦୀର୍ଘ ୧୭ ବର୍ଷ ଧରି ଭାରତୀୟ ସୈନ୍ୟ ବାହିନୀରେ ରହି ଦେଶର ସେବା କରିବା ପରେ ମହୁଲପାଲି ଗ୍ରାମର ଚନ୍ଦ୍ରକିଶୋର ସାହୁ ରବିବାର ଅବସର ଗ୍ରହଣ କରିଛନ୍ତି। ସେ ସୋମବାର ମହୁଲପାଲି ଗ୍ରାମକୁ ଆସୁଥିବା ବାଟରେ ପଦ୍ମପୁର ଭେଉଁରିଆ ଛକରେ ସୈନିକ କଲ୍ୟାଣ ସଂଘ ପଦ୍ମପୁର ତରଫରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସମାରୋହରେ ସଭାପତି ରାସ ବିହାରୀ ତ୍ରିପାଠୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ସଭ୍ୟ ଡ. ବାଞ୍ଛାନିଧି ପଣ୍ଡା ଆଶୀର୍ବଚନ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତାପ କେଶରୀ ସିଂ ବରିହା, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ସୁରେଶ କୁମାର ପତି, ପୁରନ୍ଦର ଦୋରା, ସମାଜସେବୀ ନିରୋଜ ଦୋରା, ଭାସ୍କର ଚନ୍ଦ୍ର ଦାଶ, ସୀତାନାଥ ସାହୁ, ବାବୁଲି ପଟ୍ଟନାୟକ, ଦୁର୍ବାଦଳ ସାହୁଙ୍କ ସମେତ ଅବସରପ୍ରାପ୍ତ ସୈନିକଙ୍କ ପରିବାର ଲୋକେ ଉପସ୍ଥିତ ଥିଲେ।

### ମୃତଦେହ ସତ୍କାର କଲା ରାମଲୀଳା ନାଟ୍ୟ ସଂସଦ

**ବୌଦ୍ଧ,୧।୧( ଅଜିତ କୁମାର ବାରିକ):** ବୌଦ୍ଧ ରାମଲିଳା ନାଟ୍ୟ ସଂସଦ ପକ୍ଷରୁ ସୋମବାର ଜଣେ ବୃଦ୍ଧଙ୍କ ମୃତଦେହ ସତ୍କାର ରାଜଘାଟ ଠାରେ କରାଯାଇଛି । ସୂଚନା ମୁତାବକ ଜିଲାର ହରଭଙ୍ଗା ବ୍ଲକ କୁସଙ୍ଗ ଗ୍ରାମର ଅସହାୟ ବୃଦ୍ଧ ମାଧବ ନାୟକ ଦୀର୍ଘ ଦିନ ଧରି ଝାଡରାଜିଙ୍ଗ ସ୍ଥିତ ବୃଦ୍ଧାଶ୍ରମରେ ରହିଆସୁଥିଲା। ସୋମବାର ବାର୍ଦ୍ଧକ୍ୟ ଜନିତ ଯୋଗୁ ୮୫ ବୟସରେ ତାଙ୍କର ମୃତ୍ୟୁ ଘଟିଥିଲା। ହେଲେ ମୃତଦେହ ସତ୍କାର କରିବାକୁ ତାଙ୍କର କେହି ନ ଥିବାରୁ ରାମଲିଳାନାଟ୍ୟ ସଂସଦ ପକ୍ଷରୁ ମାଧବଙ୍କ ମୃତଦେହ ସତ୍କାର ରାଜଘାଟଠାରେ ସଂପନ୍ନ ହୋଇଛି। ଏହି ସମୟରେ ରାମଲିଳା ନାଟ୍ୟ ସଂସଦ ସଭାପତି ତଥା ବୌଦ୍ଧଗଡ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, କାର୍ଯ୍ୟକାରୀ ସଭାପତି ଜୟନାରାୟଣ ମହାନ୍ତୀ, ସମ୍ପାଦକ ମନୋଜ ସାହୁ, ସନ୍ତୋଷ ସାହୁ, ବିଦ୍ୟାଧର ପ୍ରଧାନ, କାହ୍ନା ମହାପାତ୍ର, ଅମ୍ରିତ ମହାପାତ୍ର, ରିତେଶ ମହାପାତ୍ର ପ୍ରମୁଖ କର୍ମକର୍ତ୍ତା ସାମିଲ ଥିଲେ।

### ନୂଆବର୍ଷରେ ହରିଶଙ୍କରରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଖପ୍ରାଖୋଲ, ୧।୧(ଅଭୟ ତ୍ରିପାଠୀ)** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପୁଣ୍ୟକ୍ଷେତ୍ର ତଥା ପର୍ଯ୍ୟଟନସ୍ଥଳୀ ହରିଶଙ୍କରରେ ନୂଆବର୍ଷ ଅବସରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଶ୍ରଦ୍ଧାଳୁମାନେ ଝରଣାରେ ସ୍ନାନ କରି ଲମ୍ବା ଧାଡ଼ିରେ ଯାଇ ଠାକୁର ଦର୍ଶନ କରିଥିଲେ। ନୂଆବର୍ଷ ପାଇଁ ସକାଳୁ ମନ୍ଦିର ଦ୍ୱାର ଖୋଲାଯାଇଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ ସିଆର୍‌ପିଏଫ ଓ ପୋଲିସ ମୁତୟନ ହୋଇଥିଲେ। ଝରଣା କୂଳରେ ବଣଭୋଜିର ଆସର ଜମିଥିଲା।



ବରଗଡ଼ ଧନୁଯାତ୍ରା ପାଇଁ ସୋମବାର କଳାକାରଙ୍କ ପୂର୍ବାଭ୍ୟାସର ଶୁଭାରମ୍ଭ କରାଯାଉଛି ।



କଳାକାରମାନେ ପୂର୍ବାଭ୍ୟାସ କରୁଛନ୍ତି ।

# କଳାକାରଙ୍କ ରିହର୍ସାଲ ଆରମ୍ଭ

**ବରଗଡ଼ ଧନୁଯାତ୍ରା**

**ବରଗଡ଼,୧।୧(ପ୍ରେମାନନ୍ଦ ଖମାରୀ)**

ବୃହତ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ୧୫ତାରିଖରୁ ଆରମ୍ଭ ହେବ। ଏହା ୧୧ଦିନ ବ୍ୟାପୀ ଚଳିତ ମାସ ୨୫ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। କଳାକାରମାନେ ମଧ୍ୟ ସେଥିରୁ ବାଦ୍ ପଡ଼ିନାହାନ୍ତି। ସୋମବାରଠାରୁ ସ୍ଥାନୀୟ ଗାନ୍ଧୀ ଛକ ନିକଟ କଲ୍ୟାଣ ମଣ୍ଡପ ପରିସରରେ କଳାକାରଙ୍କ ପୂର୍ବାଭ୍ୟାସ ଆରମ୍ଭ ହୋଇଛି। ଧନୁଯାତ୍ରା ମହୋତ୍ସବ କଳାକାର ଉପଦେଷ୍ଟା କମିଟିର ଆବାହକ ତଥା ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା ଏହାର ଶୁଭାରମ୍ଭ କରିଥିଲେ। ଏହାପରେ କଳାକାର ଉପଦେଷ୍ଟା କମିଟିର ସହ ଆବାହକ ଅଶୋକ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଉଗ୍ରସେନ, କଂସଙ୍କଠାରୁ ଆରମ୍ଭ କରି ବିଭିନ୍ନ ଚରିତ୍ରର କଳାକାରମାନେ ରିହର୍ସାଲ କରିଥିଲେ। ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀଙ୍କ ସମେତ କଳାକାର ଉପଦେଷ୍ଟା କମିଟିର ସଭ୍ୟମାନେ ଉପସ୍ଥିତ ଥିଲେ।

## ନୂଆପାଲିରେ ସାଂସ୍କୃତିକ ସମାରୋହ

**ବରଗଡ଼,୧।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ନୂଆପାଲି ଗ୍ରାମରେ ସ୍ଥାନୀୟ ନବଜ୍ୟୋତି ଯୁବକ ସଂଘ ଆନୁକୂଲ୍ୟରେ ସାଂସ୍କୃତିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କହିଲେ, ରାଜ୍ୟ ସରକାର କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନଠାରୁ ଆରମ୍ଭ କରି ଗମନାଗମନ କ୍ଷେତ୍ରରେ ବିକାଶ କରିଛନ୍ତି। ଚଳିତବର୍ଷ ପାଇଁ ନବୀନ ସ୍ୱାସ୍ଥ୍ୟକାର୍ଡ ପ୍ରଚଳନ କରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଐତିହାସିକ ପଦକ୍ଷେପ ନେଇଛନ୍ତି। ଏହାସହିତ ସ୍କୁଲ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ପାଇଁ ସଂକଳ୍ପ ନେଇ ଜନସାଧାରଣଙ୍କ ସେବାକୁ ଅଗ୍ରାଧିକାର ଦେଉଥିବାରୁ ନବବର୍ଷ ବିକାଶର ବର୍ଷ ହେବ ବୋଲି ସେ କହିଥିଲେ। ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିକାଶର ଗାଥା ଉଲ୍ଲେଖ କରିଥିଲେ। ସରୋଜ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ଯୋଗେଶ୍ୱର ସାହୁ, ନାଏବ ସରପଞ୍ଚ ମିନୁ ସାହୁ, ବିରମାଲ ସରପଞ୍ଚ ସୁଷମା ଆଚାର୍ଯ୍ୟ, କ୍ଷୀରୋଦ ସାହୁ, ପଞ୍ଚୁ ପ୍ରଧାନ, ଅଶୋକ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।




ସାଂସ୍କୃତିକ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ ।

## ପପଙ୍ଗା ପାହାଡ଼ରେ ପ୍ଲାଷ୍ଟିକମୁକ୍ତ ବଣଭୋଜି

**ଭେଡ଼େନ, ୧।୧ (ସୁଦନ ମହାକୁର)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଐତିହାସିକ ପର୍ଯ୍ୟଟନସ୍ଥଳୀ ପପଙ୍ଗା ପାହାଡ଼ ପାଦଦେଶରେ ମାଉଣ୍ଟ ଏକ୍ସପ୍ଲୋରର ତରଫରୁ ପ୍ଲାଷ୍ଟିକମୁକ୍ତ ବଣଭୋଜି ଓ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂସ୍ଥାର ଆଶୀର୍ବାଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ବନଖଣ୍ଡ ଅଧିକାରୀ ଆରତୀ ନେଗି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ଲାଷ୍ଟିକ ବ୍ୟବହାରର ଅପକାରିତା ଏବଂ ସଫେଇ ବିଷୟରେ ସଚେତନ କରାଇଥିଲେ। ସେହିପରି ପରିବେଶବିତ୍ ମୀନକେତନ ସାହୁ, ପ୍ରକୃତିବନ୍ଧୁ ସଞ୍ଜୀବ ସାହୁ, ଧର୍ମରାଜ ପଧାନ, ଫରେଷ୍ଟର ଲୋକେଶ କୁମାର ଭୋଇ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବିଶ୍ୱରାଜ ସାହୁ, ଗୁଲୁଠୁ ମିନ୍ ଯୋଗଦେଇ ସେଠାରେ ବଣଭୋଜି କରୁଥିବା ଲୋକଙ୍କୁ ସଫେଇ କାର୍ଯ୍ୟକ୍ରମ ଓ ପ୍ଲାଷ୍ଟିକ ବ୍ୟବହାର ଉପରେ ସଚେତନ କରାଇଥିଲେ। ଏହି ଅବସରରେ ସଂସ୍ଥାର ଫାଉଣ୍ଡର ରମେଶ ମେହେରଙ୍କୁ ବନ ବିଭାଗ ତରଫରୁ ସମ୍ମାନିତ କରାଯାଇଥିଲା। ବିନୋଦ କୁମାର କନ୍ଧେର, ତରଣୀସେନ ସେଠି, ମୁନା ନାଏକ, ମାନସ ବାଗ, କ୍ଷୀରସିନ୍ଧୁ ଭୋଇ, ତୁଳସୀରାମ ବରିହା ପ୍ରମୁଖ ସହଯୋଗ କରିଥିଲେ ।




ବନ ବିଭାଗ ତରଫରୁ ଆୟୋଜିତ ପ୍ଲାଷ୍ଟିକମୁକ୍ତ ବଣଭୋଜି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

## ଭୀମଡୁଙ୍ଗୁରୀରେ ପଞ୍ଚବଟ ସୁରକ୍ଷା ଅଭିଯାନ

**ଦେଓଗାଁ, ୧।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଭୀମଡୁଙ୍ଗୁରିଠାରେ ଟାଙ୍ଗିଆ ଜାମ୍ ସଂଗଠନ ତରଫରୁ ପଞ୍ଚବଟ ସୁରକ୍ଷା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ଉଦ୍ୟୋକ୍ତା ଗୋପାଳ ଚନ୍ଦ୍ର ହୋତାଙ୍କ ନେତୃତ୍ୱ ଓ ଆଦିବାସୀ ନେତା ମୟ ପ୍ରଧାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପଥରଚେପା ଆଦର୍ଶ ବିଦ୍ୟାଳୟ ଅଧକ୍ଷ କ୍ଷମାନିଧି ଝାଙ୍କର, ସମ୍ମାନୀତ ଅତିଥି ମୁକୁନ୍ଦପୁର ସରପଞ୍ଚ ଜାନକୀ ସାହୁ, ମହଲେଇ ସରପଞ୍ଚ ଚିତ୍ତରଞ୍ଜନ ସାହୁ, ସଦର ବ୍ଲକ ବରକାନୀ ସରପଞ୍ଚ ବଳଦେବ ସାହୁ, ଖୁଜେନପାଲି ସରପଞ୍ଚ ମିନାକ୍ଷୀ ପାଣିଗ୍ରାହୀ, ଆଇନଜୀବୀ ଭକ୍ତ ନାଏକ, କଂସାରି ସମାଜ ରାଜ୍ୟ ସଭାପତି ଅଶୋକ କୁମାର ସାହୁ, ପୂର୍ବତନ ପ୍ରଧାନଶିକ୍ଷକ ରାମଶଙ୍କର ପ୍ରସାଦ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ । ପୁରୁଣାପାଣି, ନୂଆପାଲି ଓ ଖୁଜେନପାଲିର ମହିଳାମାନେ ଭାଇ ଜିଉନ୍ତିଆ କରି ସଂଗଠନ କର୍ମକର୍ତ୍ତାଙ୍କୁ ବନ୍ଦାପନା କରିଥିଲେ। ଏହି ଅବସରରେ ୫୦ଗ୍ରାମର ୱାର୍ଡସଭ୍ୟ, ସମିତି ସଭ୍ୟ ସରପଞ୍ଚମାନଙ୍କୁ ପଞ୍ଚବଟ ସୁରକ୍ଷା ପାଇଁ ଆହ୍ୱାନ କରି ସମ୍ମାନୀତ କରାଯାଇଥିଲା। ପୃଥିବୀରେ ସୁସ୍ଥ ବାତାବରଣ ସମାଜ ପାଇଁ ୩୩ ପ୍ରତିଶତ ଜଙ୍ଗଲ ରହିବା କଥା। କିନ୍ତୁ ବର୍ତ୍ତମାନ ୧୪ ପ୍ରତିଶତ ଜଙ୍ଗଲ ରହିଥିବାବେଳେ ବିଗତ ୫ ବର୍ଷରେ ବଲାଙ୍ଗୀର ଜିଲାରେ କେବଳ ୧୭ପ୍ରତିଶତ ଜଙ୍ଗଲ ସୃଷ୍ଟି ହୋଇପାରିଛି। ଗଛ ବିନା ସୃଷ୍ଟି ଅସମ୍ଭବ। ଜଙ୍ଗଲ ନଷ୍ଟ ଯୋଗୁ ବିଭିନ୍ନ ପ୍ରକାରର ରୋଗ ମାନବ ସମାଜକୁ ଗ୍ରାସ କରୁଛି। ଏଣୁ ଜଙ୍ଗଲ ସୁରକ୍ଷା ଓ ବନୀକରଣ ଦିଗରେ ଗାଁ ମାନଙ୍କରେ ସଚେତନା କରି ଜଙ୍ଗଲକୁ ସୁଦୃଢ କରିବା ପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ । ପ୍ରତ୍ୟେକ ୧ ତାରିଖ ଟାଙ୍ଗିଆ ଜାମ ଦିଗରେ ଉପସ୍ଥିତ ସଦସ୍ୟମାନେ ଶପଥ ନେଇଥିଲେ।

## ଦୁର୍ଘଟଣାରେ ୨ ଭାଇ ମୃତ

**ଘନ କୁହୁଡ଼ି ହେଲା କାଳ**

**ଭେଡ଼େନ, ୧।୧ (ସୁଦନ ମହାକୁର)**

ବରଗଡ଼ ଜିଲା ଭେଡ଼େନ ଥାନା ରଷୁଡ଼ା ଫାଣ୍ଡି ଅଧୀନ ଗୋଡ଼ଭଗା-ସୋନପୁର ୫୪ ନମ୍ବର ରାଜ୍ୟ ରାଜପଥର ପାନବରଜ ପୋଲ ନିକଟରେ ରବିବାର ଅଜଣା ଗାଡ଼ି ଧକ୍କାରେ ୨ଭାଇଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସିଆଲଖଣ୍ଡହଥା ଗ୍ରାମର ଜଗନ୍ନାଥ ବାଗ(୨୬) ଏବଂ ତାଙ୍କ ସାନଭାଇ ପୀତବାସ ବାଗ(୧୯)। ସୂଚନା ଅନୁସାରେ, ଜଗନ୍ନାଥ ଓ ପୀତବାସ ବୁର୍ଲାରେ ରହି ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। ନୂଆବର୍ଷ ପାଳନ କରିବା ପାଇଁ ସେମାନେ ଏକ ସ୍କୁଟି (ନଂ.ଓଡ଼ିପି/୨୪୯୦) ଯୋଗେ ନିଜ ଗାଁକୁ ରବିବାର ସନ୍ଧ୍ୟାରେ ବାହାରିଥିଲେ। ଉଭୟଙ୍କ ସହିତ ବୁର୍ଲାରେ ରହୁଥିବା ସାଙ୍ଗ ମାନସ ଭୋସାଗର (୨୨) ମଧ୍ୟ ଆସୁଥିଲେ। ଘନ କୁହୁଡ଼ି ଯୋଗୁ ରାସ୍ତା ଦେଖାଯାଉ ନ ଥିବାରୁ ରାତି ପ୍ରାୟ ୧ଟା ବେଳେ ପାନବରଜ ପୋଲ ନିକଟରେ ସେମାନଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଖବର ପାଇ ଫାଣ୍ଡି ପୋଲିସ ଘଟଣାସ୍ଥଳରୁ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବୁର୍ଲା ଭିମ୍‌ସାରକୁ ପଠାଇଥିଲା। ସେଠାରେ ଡାକ୍ତର ଦୁଇଭାଇଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମାନସ ଗୁରୁତର ଅବସ୍ଥାରେ ସେଠାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି । ଏ ନେଇ ବୁର୍ଲା ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଯୁଗ୍ମ ଜନଶୁଣାଣି, ୧୧୨ ଅଭିଯୋଗ ପଞ୍ଜୀକୃତ



ଯୁଗ୍ମ ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀବୃନ୍ଦ ।

**ଅତାବିରା,୧।୧(ହୃଷୀକେଶ ଖମାରୀ)**

ବରଗଡ଼ ଜିଲା ଅତାବିରା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ପି.ଏସ୍ ମିନା ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ୧୧୨ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଜିଲାପାଳ ବାନାର୍ଜୀ ଲୋକଙ୍କ ଅଭିଯୋଗ ଶୁଣି ସେ ଦିଗରେ ତ୍ୱରିତ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦିତ୍ୟ ଗୋୟଲ, ଉପଜିଲାପାଳ କୁମାର ନାଗଭୂଷଣ, ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାଏକ, ବିଡ଼ିଓ ସୂର୍ଯ୍ୟକୁମାର ନାଏକ, ତହସିଲଦାର ବ୍ରଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ନୂଆବର୍ଷ ପାଳିଲେ ମଲିକପଡ଼ାବାସୀ



ଗ୍ରାମବାସୀ ଏକାଠି ହୋଇ ପ୍ରସାଦ ସେବନ କରୁଛନ୍ତି।

**ବୌଦ୍ଧ,୧।୧( ଅଜିତ ବାରିକ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଶଙ୍କୁଲୋଇ ପଞ୍ଚାୟତ ମଲିକପଡା ଗ୍ରାମବାସୀ ନିଆରା ଢଙ୍ଗରେ ନୂଆବର୍ଷ ପାଳନ କରିଛନ୍ତି। ଗ୍ରାମବାସୀମାନେ ଏକତ୍ର ହୋଇ ନାମ ସଂକୀର୍ତ୍ତନ କରି ନବବର୍ଷ ପାଳନ କରିଥିଲେ। ଦୀର୍ଘ ୨୪ ବର୍ଷ ଧରି ଗ୍ରାମବାସୀମାନେ ଏହିଭଳି ନବବର୍ଷ ପାଳନ କରୁଛନ୍ତି। ସକାଳେ ଗ୍ରାମବାସୀ ଭେଜିଗୋରା ଗ୍ରାମରେ ଥିବା ବାବା ପେଟାଶ୍ୱର ଶିବ ମନ୍ଦିରରୁ ପୂଜାପାଠ କରି ଅଞ୍ଚଳର ୭ ଖଣ୍ଡ ଗ୍ରାମରେ ନାମ ସଂକୀର୍ତ୍ତନ କରିଥିଲେ। ପରେ ସମସ୍ତେ ଏକାଠି ହୋଇ ଗାଁ ଦାଣ୍ଡରେ ନାମ ସଂକୀର୍ତ୍ତନ କରି ପ୍ରସାଦ ସେବନ କରିଥିଲେ। ଏଥିରେ ପଡୋଶୀ ଗାଁ ବୃହସ୍ପତିପୁର, ମାଝୀସାହୀ, ରାଉତପଡା, ପାଣିଘରା, ବୁଲୁରା ଓ ଭେଜିଗୋରା ଗ୍ରାମର କିଛି ଲୋକ ସାମିଲ ହୋଇଥିଲେ।

## ଆଜିଠୁ ବୌଦ୍ଧ ମହୋତ୍ସବ

**ପଲ୍ଲିଶ୍ରୀ ମେଳା, ବୟନିକା ହସ୍ତତନ୍ତ ପ୍ରଦର୍ଶନୀ**

**ବୌଦ୍ଧ,୧।୧( ଅଜିତ କୁମାର ବାରିକ)**

ସ୍ୱନକ୍ଷେତ୍ର ଦିବସ ଅବସରରେ ବୌଦ୍ଧ କଚେରୀ ପଡିଆରେ ଆରମ୍ଭ ହେବାକୁ ଯାଉଛି ସାଂସ୍କୃତିକ ଉତ୍ସବ,ପଲ୍ଲିଶ୍ରୀ ମେଳା ଓ ବୟନିକା ହସ୍ତତନ୍ତ ପ୍ରଦର୍ଶନୀ। ୬ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ମହୋତ୍ସବରେ ୧୬୦ ଷ୍ଟଲ ଖୋଲାଯାଇଥିବାବେଳେ ସେଥିମଧ୍ୟରେ ହସ୍ତଶିଳ୍ପ ୨୫,ପଲ୍ଲିଶ୍ରୀ ୭୫ , ବିଭିନ୍ନ ବିଭାଗୀୟ ଷ୍ଟଲ ୩୦, ଖାଦ୍ୟ ଷ୍ଟଲ ୨୦ ଓ ଅନ୍ୟ ଷ୍ଟଲ ମଧ ପ୍ରଦର୍ଶିତ ହେବ। ଏଥର ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ସାଂସ୍କୃତିକ ଦଳ ଅଂଶଗ୍ରହଣ କରୁଥିବା ବେଳେ ଜିଲାର ମଧ ସାଂସ୍କୃତିକ ଦଳ ଗୁଡିକ ଅଂଶ ଗ୍ରହଣ କରିବେ। ଆଜି ଏକ ବିରାଟ ସାଂସ୍କୃତିକ ଓ ମଶାଲ ଶୋଭାଯାତ୍ରା ସହରର ରାଜବାଟି ସ୍ଥିତ ବୁଦ୍ଧ ମନ୍ଦିରଠାରୁ ବାହାରି ମହୋତ୍ସବ ପଡିଆରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଏନେଇ ସୋମବାର ସନ୍ଧ୍ୟାରେ ଖବରଦାତା ସମ୍ମିଳନୀରେ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଜିଲାପାଳ ନୃସିଂହ ଚରଣ ସ୍ୱାଇଁ, ଜିଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ, ଉପଜିଲାପାଳ ରବିନ୍ଦ୍ରନାଥ କହଁର, ବୌଦ୍ଧଗଡ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, କନ୍ଧମାଳ ସାଂସଦ ପ୍ରତିନିଧି ତାରେଣୀ କୁମାର ମହାପାତ୍ର, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ଓ ଜିଲାସ୍ତରୀୟ ଅଧିକାରୀ ସମ୍ମିଳନୀରେ ଉପସ୍ଥିତ ଥିଲେ।



ମହୋତ୍ସବ ପାଇଁ ପେଣ୍ଡାଲ ସଜେଇ ହେବାରେ ଲାଗିଛି ।

## ଘେଁସର ବଳିଦାନ ମୁକ୍ତି ସଂଗ୍ରାମ ଇତିହାସରେ ବିରଳ

**ରାଜ୍ୟସ୍ତରୀୟ ବୀରତା ଦିବସ ପାଳିତ**

**ସୋହେଲା,୧।୧(ଅଶ୍ୱିନୀ କୁମାର ପାତ୍ର)**

ବରଗଡ଼ ଜିଲା ସୋହେଲା ବ୍ଲକ ଘେଁସଠାରେ ରାଜ୍ୟସ୍ତରୀୟ ବୀରତା ଦିବସ ରବିବାର ପାଳିତ ହୋଇଯାଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଘେଁସ ଜମିଦାରଙ୍କ ଘର ସମ୍ମୁଖରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଥମେ ଶହୀଦ ସ୍ମୃତି ପୀଠରେ ମାଲ୍ୟାର୍ପଣ ପରେ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଜମିଦାରଙ୍କ ଭବନରେ ପହଞ୍ଚିଥିଲା। ସେଠାରେ ଅନୁଷ୍ଠିତ ସ୍ମୃତିସଭାକୁ ଭଟଲି ବିଧାୟକ ସୁଶାନ୍ତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶହୀଦ କୁଞ୍ଜେଲ ସିଂହ କ୍ଲବର ସଭାପତି ଅଶୋକ ପୂଜାହାରୀ ସଭାପତିତ୍ୱ କରିଥିଲେ। ସ୍ତମ୍ଭକାର ତଥା ଦହିତା ମହାବିଦ୍ୟାଳୟ ଅଧାପକ ସୁଶାନ୍ତ ମିଶ୍ର ମୁଖ୍ୟବକ୍ତା, ବରଗଡ ଜିଲାପାଳ ମୋନିଷା ବାନାର୍ଜୀ, ଉତ୍କଳ ପ୍ରସଙ୍ଗର ସମ୍ପାଦିକା କସ୍ତୁରୀ ମହାପାତ୍ର, ପଦ୍ମଶ୍ରୀ ହଳଧର ନାଗ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ, ବ୍ଲକ ଅଧକ୍ଷା ବବି ପଧାନ, ଜିଲା ପରିଷଦ ସଦସ୍ୟା ଜାଇଫୁଲ ସିଂ ବରିହା, ସରପଞ୍ଚ ଗୋକୁଳ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନିଜ ମାଟିକୁ ମୁକ୍ତ କରିବା ପାଇଁ ଅକଥନୀୟ ଯନ୍ତ୍ରଣା ଭୋଗ କରି ଜୀବନ ବ୍ୟାପୀ ସଂଘର୍ଷ କରିଥିବା ଘେଁସର ଜମିଦାର ମାଧୋ ସିଂହ ଓ ତାଙ୍କ ପରିବାରର ବଳିଦାନ ବିରଳ ଅଟେ। ସାଧାରଣ ଜନତା ମୁକ୍ତି ସଂଗ୍ରାମରେ ସାମିଲ ହେବା, ଜମିଦାର ପରିବାରଙ୍କ ପ୍ରତ୍ୟାଶା ବିହୀନ ବଳିଦାନ, ଏକମାତ୍ର ଓଡ଼ିଆ ଭାବେ ହଟ୍ଟେ ସିଂହଙ୍କ ଦୀପାନ୍ତର ଭଳି ବିରଳ ଘଟଣା ସୃଷ୍ଟି କରିଥିବା ଘେଁସର ବଳିଦାନ ଭାରତୀୟ ମୁକ୍ତି ସଂଗ୍ରାମ ଇତିହାସରେ ବିରଳ ଅଧ୍ୟାୟ। ତେଣୁ ଏହାକୁ ଅଧିକ ପ୍ରୋତ୍ସାହନ ମିଳିଲେ ଘେଁସ ଇତିହାସ ଜାତୀୟସ୍ତରରେ ସ୍ୱତନ୍ତ୍ର ଖ୍ୟାତି ଆଣିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। କ୍ଲବର ସମ୍ପାଦକ ସୁଦାମା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ବରଗଡ ଜିଲା ପ୍ରଶାସନ, ଘେଁସର ଶହୀଦ କୁଞ୍ଜେଲ୍ ସିଂହ କ୍ଲବ, ଶହୀଦ ମାଧୋ ସିଂ ଗ୍ରାମ୍ୟ ଉନ୍ନୟନ କମିଟି ସମେତ ଡୋଲାମଣି ପଟେଲ ସହଯୋଗ କରିଥିଲେ। କଣ୍ଠଶିଳ୍ପୀ ପଦ୍ମିନୀ ଦୋରା, ବରଗଡ ଲେଡି ଚଟନି ଡ୍ୟାନ୍ସ ଗ୍ରୁପ୍ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସ୍ଥାନୀୟ କଳାକାରଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଇଥିଲା।




ସ୍ମୃତିସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

## ସଂକ୍ଷେପରେ

### ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଲହୁଣୀପଡ଼ା,୩୧।୧୨(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ପଡ଼ିଆଠାରେ ରବିବାର ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର, ସମ୍ମାନିତ ଅତିଥି ଏବିଡିଓ ଟୁକା ଓରାମ, ଖୁଣ୍ଟୁଗାଁ ସରପଞ୍ଚ ସୁମିତ୍ରା ଚାରଡିଆ, ଫୁଲଝର ସରପଞ୍ଚ ରଇବାରି ମୁଣ୍ଡା, ରାଜାମୁଣ୍ଡା ସରପଞ୍ଚ ମାଳତୀ କିଷାନ, ଦର୍ଜୀଂ ସରପଞ୍ଚ ସିଂ ରାୟ ମୁଣ୍ଡା, ସମିତି ସଭ୍ୟ ଶୁଶାନ୍ତ ମୁଣ୍ଡାରୀ ଯୋଗ ଦେଇଥିଲେ। ଲହୁଣୀପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁରାଗ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ଖେଳ ଶିକ୍ଷକ ନେତ୍ରାନନ୍ଦ ମାହାନ୍ତ ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଡିସେମ୍ବର ୯ରୁ ୨୪ ପର୍ଯ୍ୟନ୍ତ ଚାଲିଥିବା ପ୍ରତିଯୋଗୀତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମକୁ ଦେବରାଜ ମାହାନ୍ତ, ବିଷ୍ଣୁ ମୋହନ ନାୟକ ଓ ବ୍ଲକ କର୍ମଚାରୀ ପରିଚାଳନା କରିଥିବା ବେଳେ ଚିତ୍ତ ରଞ୍ଜନ ମାହାନ୍ତ, ଦୁର୍ଯ୍ୟୋଧନ ମାହାନ୍ତ, ଭବାନୀ ଶଙ୍କର ରଣା ଉପସ୍ଥିତ ଥିଲେ।

### ରାମାୟଣ ପାରାୟଣ ଉଦ୍‌ଯାପିତ

**ପଦ୍ମପୁର,୧।୧(ପ୍ରଦୀପ୍ତ ଦାଶ):** ପଦ୍ମପୁର ଶାନ୍ତି ନଗରରେ ଚାଲିଥିବା ରାମାୟଣ ପାରାୟଣ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଧେଶ୍ୟାମ ମହିଳା ମଣ୍ଡଳ ସଭାନେତ୍ରୀ ନୁରାବତୀ ପଣ୍ଡା, ସମ୍ପାଦିକା ସୌଦାମିନୀ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଆରତୀ ପ୍ରଧାନ, ମହିଳା ମଣ୍ଡଳର ସମସ୍ତ ସଭ୍ୟା, ଶାନ୍ତିନଗର, ବିଜୟ ନଗର, ମୈତ୍ରୀ ନଗର, ଜ୍ୟୋତି ନଗର, ଚନ୍ଦ୍ରଶେଖର ନଗର ଓ ଭେଡ଼ଁରିଆ ଗ୍ରାମର ଶ୍ରଦ୍ଧାଳୁମାନେ ସହଯୋଗ କରିଥିଲେ। ପ୍ରତ୍ୟହ ପାରାୟଣ କରାଯାଇଥିଲା। ରବିବାର ଠାକୁରଙ୍କ ପାଇଁ ୫୬ ଭୋଗ ବ୍ୟବସ୍ଥା ହୋଇଥିଲା।

### ବଉଦିଆପଡାରେ ସୁନ୍ଦରାକାଣ୍ଡ ପାରାୟଣ

**ବାଉଁଶୁଣୀ,୧।୧(ଦେବାଶିଷ ନେପାକ):** ବୌଦ୍ଧ ବ୍ଲକ ବାଉଁଶୁଣି ବଉଦିଆପଡ଼ା ଗ୍ରାମରେ ନୂତନ ବର୍ଷ ଉପଲକ୍ଷେ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ବଉଦିଆପଡ଼ା ରାମଲୀଳା ସାଂସ୍କୃତିକ ଉନ୍ନୟନ ପରିଷଦ ପକ୍ଷରୁ ଅନୁଷ୍ଠିତ ରାମାୟଣ ପାରାୟଣ କାର୍ଯ୍ୟକ୍ରମରେ ଗାୟିକା ନନିତା ସାହୁ ରାମାୟଣ ପାରାୟଣ ଗାନକରି ଭକ୍ତଙ୍କୁ ବିମୋହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ହଜାର ହଜାର ଭକ୍ତ ସାମିଲ୍ ହୋଇଥିଲେ। ପାରାୟଣ କାର୍ଯ୍ୟକ୍ରମରେ ରାମଲୀଳା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ହରିଶଙ୍କରରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଖପ୍ରାଖୋଲ, ୧।୧(ଅଭୟ ତ୍ରିପାଠୀ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପୁଣ୍ୟକ୍ଷେତ୍ର ତଥା ପର୍ଯ୍ୟଟନସ୍ଥଳୀ ହରିଶଙ୍କରରେ ନୂଆବର୍ଷ ଅବସରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଶ୍ରଦ୍ଧାଳୁମାନେ ଝରଣାରେ ସ୍ନାନ କରି ଲମ୍ବା ଧାଡ଼ିରେ ଯାଇ ଠାକୁର ଦର୍ଶନ କରିଥିଲେ। ନୂଆବର୍ଷ ପାଇଁ ସକାଳୁ ମନ୍ଦିର ଦ୍ୱାର ଖୋଲାଯାଇଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ ସିଆର୍‌ପିଏଫ ଓ ପୋଲିସ ମୁତୟନ ହୋଇଥିଲେ। ଝରଣା କୂଳରେ ବଣଭୋଜିର ଆସର୍ ଜମିଥିଲା।

# ନୂଆବର୍ଷରେ ଖଣ୍ଡାଧାରରେ ପର୍ଯ୍ୟଟକଙ୍କ ଗହଳି


ପର୍ଯ୍ୟଟକମାନେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରୁଛନ୍ତି।


ପର୍ଯ୍ୟଟକମାନେ ବଣଭୋଜି କରୁଛନ୍ତି।

**ଲହୁଣୀପଡା,୧।୧(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ତାଲବାହାଲି ପଞ୍ଚାୟତ ବୁଢାଭୁଇଁ ଗ୍ରାମସ୍ଥିତ ଖଣ୍ଡାଧାର ଜଳ ପ୍ରପାତର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ନୂଆବର୍ଷରେ ପର୍ଯ୍ୟଟକଙ୍କ ପ୍ରବଳ ଗହଳି ହୋଇଥିଲା। ଏହି ଜଳ ପ୍ରପାତକୁ ଅଧିକ ଆକୃଷ୍ଟ କରିବା ପାଇଁ ବନ ବିଭାଗ ତଥା ଇକୋ ଟୁରିଜିମ ପକ୍ଷରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ରାତ୍ରି ଯାପନ ପାଇଁ ପର୍ଯ୍ୟଟକଙ୍କ ପାଇଁ ଉନ୍ନତ ମାନର କଟେଜ ନିର୍ମାଣ କରାଯାଇଥିବା ବେଳେ ରାତ୍ରି ଭୋଜନ ପାଇଁ ବ୍ୟବସ୍ଥା କରାଯାଇଛି। ଭିନ୍ନ ଭିନ୍ନ ଧରଣର ବିଶ୍ରାମ ଗୃହ ମଧ୍ୟ ନିର୍ମାଣ କରାଯାଇଛି। ବଣଭୋଜି ପାଇଁ ୫୧ଟି ପିଣ୍ଡି ନିର୍ମାଣ କରାଯାଇଛି। ବଣଭୋଜି ଋତୁରେ ପ୍ରାୟ ୪୫ ସ୍ଥାନୀୟ ମହିଳା ପୁରୁଷ ରକ୍ଷଣ ବେକ୍ଷଣ ପାଇଁ କାର୍ଯ୍ୟରତ ଥିବା ବେଳେ ପୋଲିସ ଓ ବନ ବିଭାଗ କର୍ମଚାରୀମାନେ ତଦାରଖ ଦାୟିତ୍ୱ ତୁଲାଉଥିବାଜଣାପଡିଛି। ଚଳିତ ବର୍ଷ ଯାନବାହନ ଓ ଆସିଥିବା ଲୋକଙ୍କ ଠାରୁ ପ୍ରାୟ ଏକ ଲକ୍ଷ ୩୧ ହଜାର ୫୦୫ ଟଙ୍କା ଆଦାୟ ହୋଇଥିବା ବନବିଭାଗ ତରଫରୁ ସୂଚନା ମିଳିଛି।


ଖଣ୍ଡାଧାର ଜଳପ୍ରପାତ।

### ଧାମରା ସଂଘର ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତା

**ରାଉରକେଲା,୧।୧(ଦିନେଶ ମିଶ୍ର)**

ଛେଣ୍ଡ ସ୍ଥିତ ଧାମରା ସଂଘ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ରବିବାର ଆୟୋଜିତ ହୋଇଯାଇଛି। ଏଥିରେ ପୂର୍ବତନ ଶିକ୍ଷାବିତ୍ ବିଜୟ କୁମାର ସାହୁ ଓ ରମେଶ ଚନ୍ଦ୍ର ବାରିକ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ସଙ୍ଗୀତ ବିଭାଗରେ ୬୬ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ନୃତ୍ୟ ବିଭାଗରେ ୧୭୨ ଜଣ ବିଭିନ୍ନ ବର୍ଗର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସଙ୍ଗୀତରେ ବିଚାରକ ମଣ୍ଡଳୀରେ ଗୁରୁ କ୍ଷଣପ୍ରଭା ବିଶୋଇ, ତପସ୍ୱିନୀ ଆଚାର୍ଯ୍ୟ, ଜ୍ୟୋତିର୍ମୟୀ ଆଚାର୍ଯ୍ୟ ଯୋଗ ଦେଇଥିଲେ। ନୃତ୍ୟରେ ବିଚାରକ ଭାବେ ଗୁରୁ ସୁଦେଷ୍ଣା ରାଣୀ ରାଉତ, ସାଗରିକା ବଳ, ଦୀପକ କୁମାର, ସଚିନ ନାରାୟଣ ପ୍ରମୁଖ ମୂଲ୍ୟାଙ୍କନ କରିଥିଲେ। ସଂଘର ସାଂସ୍କୃତିକ ସମ୍ପାଦକ ଶୁଶାନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସମ୍ପାଦିକା ନିରୁପମା ପତି ମଞ୍ଚ ପରିଚାଳନା କରିଥିଲେ। ଗୌତମ ଦାସ, ଗୀତାରାଣୀ ବେହେରା, ରମାକାନ୍ତ ପରିଡା, ନିତ୍ୟାନନ୍ଦ ବିଶ୍ୱାଳ, ସସ୍ମିତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ସଦସ୍ୟ ଜ୍ଞାନରଞ୍ଜନ କର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରତିଯୋଗିତାର ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ମକର ସଂକ୍ରାନ୍ତିରେ ପୁରସ୍କୃତ କରାଯିବ ବୋଲି ସଭାପତି ନାୟକ ସୂଚନା ଦେଇଛନ୍ତି।

## ସେକ୍ଟର-୧୯ ଥାନାରେ ଆମ ପୋଲିସ ବୈଠକ

**ରାଉରକେଲା,୧।୧(ଦିନେଶ ମିଶ୍ର)**

ରାଉରକେଲା ସେକ୍ଟର-୧୯ ଥାନା ପରିସରରେ ସୋମବାର ଆମ ପୋଲିସର ବୈଠକ ଡ. ସୁମନ ଦତ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଥାନାଧିକାରୀ ସାଇପ୍ରଭା ରାଉତ ଯୋଗ ଦେଇଥିଲେ। ସେକ୍ଟର-୧୯ ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ କିଭଳି ଶାନ୍ତିଶୃଙ୍ଖଳା ବଜାଇ ରହିବ ସେ ନେଇ ଆଲୋଚନା କରାଯାଇଥିଲା। ଇସ୍ପାତ ହାଟଠାରେ ଆଲୋକୀକରଣ, ନୋ ପାର୍କିଂ ସ୍ଥାନରେ ଗାଡି ପାର୍କିଂ ନ କରିବା, ନାଇଟ୍ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା ଆଦି ଉପରେ ପ୍ରସ୍ତାବ ଦିଆଯାଇଥିଲା। ଥାନାଧିକାରୀ ରାଉତ ଆଗାମୀ ଦିନରେ ଉକ୍ତ ଅଞ୍ଚଳରେ କିଭଳି ଶାନ୍ତିଶୃଙ୍ଖଳା ଓ ଅପରାଧମୂଳକ କାର୍ଯ୍ୟକୁ ରୋକାଯାଇପାରିବ ସେ ନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଏଏସ୍‌ଆଇ ସୁଷମା ସାହୁ, ବରୁଣ କୁମାର ନାୟକ, ଆମ ପୋଲିସ ସଦସ୍ୟ ଗଣେଶ ଜୟସିଂ, ନାରାୟଣ ସିଂ, ସଞ୍ଜୀବ ନାୟକ, ସୁବାଷ ଗୁପ୍ତା, ଶ୍ୟାମଲାଲ ବଡାଇକ, ମନୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କୁଞ୍ଜବିହାରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।


ବୈଠକରେ ଉପସ୍ଥିତ ଥାନାଧିକାରୀ ଏବଂ ଅନ୍ୟମାନେ।

## ଯୁଗ୍ମ ଜନଶୁଣାଣି, ୧୧୨ ଅଭିଯୋଗ ପଞ୍ଜୀକୃତ

**ଅତାବିରା,୧।୧(ହୃଷୀକେଶ ଖମାରୀ)**

ବରଗଡ଼ ଜିଲା ଅତାବିରା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ପି.ଏସ୍ ମିନା ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ୧୧୨ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଜିଲାପାଳ ବାନାର୍ଜୀ ଲୋକଙ୍କ ଅଭିଯୋଗ ଶୁଣି ସେ ଦିଗରେ ତ୍ୱରିତ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦିତ୍ୟ ଗୋୟଲ, ଉପଜିଲାପାଳ କୁମାର ନାଗଭୂଷଣ, ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାଏକ, ବିଡ଼ିଓ ସୂର୍ଯ୍ୟକୁମାର ନାଏକ, ତହସିଲଦାର ବ୍ରଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ନୂଆବର୍ଷରେ ମଠ, ମନ୍ଦିର, ପାର୍କ ଚଳଚଞ୍ଚଳ

**ରାଉରକେଲା,୧।୧(ଦିନେଶ ମିଶ୍ର)**

ରାଉରକେଲା ସହରରେ ଇଂରାଜୀ ନୂତନ ବର୍ଷ ପାଳନକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି କ୍ରମରେ ସହରର ବିଭିନ୍ନ ମଠ, ମନ୍ଦିର ଓ ପାର୍କରେ ଭିଡ଼ ଜମିଥିଲା। ସକାଳେ ଲୋକେ ବାସନ୍ତୀ କଲୋନି ଜଗନ୍ନାଥ ମନ୍ଦିର, ହନୁମାନ ବାଟିକା, ବେଦବ୍ୟାସ ପୀଠ, ତାରାତାରିଣୀ ମନ୍ଦିର, ବୈଷ୍ଣୋଦେବୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ସେହିପରି ଘରେ ଘରେ ପିଠାପଣା ସାଙ୍ଗକୁ ସମସ୍ତେ ପରସ୍ପରକୁ ନୂଆବର୍ଷର ଅଭିନନ୍ଦନ ଜଣାଇଥିଲେ। ପାୱାରହାଉସ୍ ରୋଡ ସ୍ଥିତ ନ୍ୟାଶନାଲ କ୍ଲବ, ମଙ୍ଗଳା ମନ୍ଦିର, ବାସନ୍ତୀ କଲୋନି ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଭକ୍ତମାନଙ୍କ ପାଇଁ ଅଭଡା ଭୋଗ ସାଙ୍ଗକୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜନସାଧାରଣ ନିଜ ପରିବାର ସହିତ ଇନ୍ଦିରାଗାନ୍ଧୀ ପାର୍କ, ନେହେରୁ ପାର୍କ, ସିଭିଲଟାଉନଶିପ୍ ସ୍ଥିତ ସଞ୍ଜିବନୀ ପାର୍କରେ ବୁଲଶବୁଲି କରି ମଜା ନେଇଥିଲେ। ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।






ସୋମବାର ସେକ୍ଟର-୨ ଓ ରାଉରକେଲା ହକର୍ସ ପଏଣ୍ଟରେ କାଗଜ ବିକ୍ରେତାଙ୍କ ପକ୍ଷରୁ ନୂଆବର୍ଷ ପାଳନ କରାଯାଉଛି।

## ନୂଆବର୍ଷ ଆରମ୍ଭରୁ ବ୍ୟାନର ଚିରିଲେ


ସେକ୍ଟର ୭ ଓ ୧୫ ଛକରେ ବ୍ୟାନର ଚିରାଯାଇଛି।

**ରାଉରକେଲା,୧।୧(ସଙ୍ଗୀତା ଜେନା)**

ଆସନ୍ତା ନିର୍ବାଚନକୁ ନେଇ ରାଉରକେଲାରେ ରାଜନୈତିକ ଉଷ୍ମତା ଦେଖାଯାଇଛି। ନବବର୍ଷ ଓ ମକର ସଂକ୍ରାନ୍ତି ଉପଲକ୍ଷେ ସୋଶିଆଲ ମିଡ଼ିଆରେ ମାଳ ମାଳ ଶୁଭେଚ୍ଛା ବାର୍ତ୍ତା ପରେ ରିଂରୋଡ୍ ଓ ମେନ୍ ରୋଡ୍‌ରେ ବିଭିନ୍ନ ଦଳର ନେତାଙ୍କ ଶହେରୁ ଉର୍ଦ୍ଧ୍ୱ ବ୍ୟାନର ଲଗାଯାଇଛି। ତେବେ ସେକ୍ଟର ୭, ୧୫, ସେକ୍ଟର-୬ ଟେଲିଫୋନ୍ ପଡ଼ିଆ ଛକ ଓ ସେକ୍ଟର-୪ ମଧୁବନ ଛକରେ ଲଗାଯାଇଥିବା ପ୍ରାକ୍ତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀଙ୍କ ବ୍ୟାନରକୁ ସୋମବାର ଚିରିଦିଆଯାଇଛି। ଫଳରେ ସେଠୀଙ୍କ ସମର୍ଥକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ନୂଆପାଲିରେ ସାଂସ୍କୃତିକ ସମାରୋହ

**ବରଗଡ଼,୧।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ନୂଆପାଲି ଗ୍ରାମରେ ସ୍ଥାନୀୟ ନବଜ୍ୟୋତି ଯୁବକ ସଂଘ ଆନୁକୂଲ୍ୟରେ ସାଂସ୍କୃତିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କହିଲେ, ରାଜ୍ୟ ସରକାର କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନଠାରୁ ଆରମ୍ଭ କରି ଗମନାଗମନ କ୍ଷେତ୍ରରେ ବିକାଶ କରିଛନ୍ତି। ଚଳିତବର୍ଷ ପାଇଁ ନବୀନ ସ୍ୱାସ୍ଥ୍ୟକାର୍ଡ ପ୍ରଚଳନ କରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଐତିହାସିକ ପଦକ୍ଷେପ ନେଇଛନ୍ତି। ଏହାସହିତ ସ୍କୁଲ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ପାଇଁ ସଂକଳ୍ପ ନେଇ ଜନସାଧାରଣଙ୍କ ସେବାକୁ ଅଗ୍ରାଧିକାର ଦେଉଥିବାରୁ ନବବର୍ଷ ବିକାଶର ବର୍ଷ ହେବ ବୋଲି ସେ କହିଥିଲେ। ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିକାଶର ଗାଥା ଉଲ୍ଲେଖ କରିଥିଲେ। ସରୋଜ ସାହୁ ସ୍ୱାଗତ ଭାଷଣ ଦେଇଥିଲେ।

## ମିନିଟ୍ରକ୍ ମହାସଂଘର ବନ୍ଧୁମିଳନ

**ରାଉରକେଲା,୧।୧(ଦିନେଶ ମିଶ୍ର)**

ରାଉରକେଲା ମିନିଟ୍ରକ୍ ମହାସଂଘର ବନ୍ଧୁମିଳନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଂଘ ସଭାପତି ସନ୍ୟାସୀ ନାୟକ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ କାଳନ୍ଦୀ ପ୍ରଧାନଙ୍କ ଆବାହକତ୍ୱରେ ମହାସଂଘର ସମସ୍ତ କର୍ମକର୍ତ୍ତା ଯୋଗଦେଇ ପରସ୍ପର ଭାବ ବିନିମୟ କରିଥିଲେ। ପ୍ରାରମ୍ଭରେ ସଭାପତି ନାୟକ ତାଙ୍କ ଅଭିଭାଷଣରେ ସମସ୍ତଙ୍କ ମଧ୍ୟରେ ଐକ୍ୟବଦ୍ଧ ଓ ଭାଇଚାରା ବଜାଇ ରଖିବା ପାଇଁ ପରାମର୍ଶ ଦେଇଥିଲେ। ପରେ ସମସ୍ତଙ୍କ ଉପସ୍ଥିତିରେ କେକ୍‌କାଟି ନୂତନବର୍ଷ ପାଳନ କରାଯାଇଥିଲା। ଗଣେଶ ରାଉତ, ରାଜୁ ଯାଦବ, ଶ୍ରୀନିବାସ ପଣ୍ଡା, ଧନଞ୍ଜୟ ତିୱାରୀ, ଦିଲୀପ ଦାସ, ପ୍ରକାଶ ସାହୁ, ରାଜକୁମାର ଭୋଇ, ନୃସିଂହ ଚରଣ ଶତପଥୀ, ଆୟୁବ ଖାନ, ରାମପ୍ରବେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ବନ୍ଧୁମିଳନ କାର୍ଯ୍ୟକ୍ରମରେ ମହାସଂଘର ସଦସ୍ୟଗଣ।

## କ୍ରିକେଟ୍ : ରାଉରକେଲା ଜିମ୍‌ଖାନା ଚାମ୍ପିୟନ

**ରାଉରକେଲା,୧।୧(ଦିନେଶ ମିଶ୍ର)**

ରାଉରକେଲା ବାସନ୍ତୀ କଲୋନିସ୍ଥିତ ଡିଏଭି ଖେଳ ପଡିଆରେ ୟୁଥ୍ କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ଅଲ୍ ଓଡିଶା ଅଣ୍ଡର-୧୭ କ୍ରିକେଟ୍ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ଝାରସୁଗୁଡା, ସମ୍ବଲପୁର ଭଳି ଜିଲାରୁ ସମୁଦାୟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଝାରସୁଗୁଡା ଶିକ୍ଷା କ୍ରିକେଟ ଏକାଡେମୀ ଓ ଜିମ୍‌ଖାନା ରାଉରକେଲା ମଧ୍ୟରେ ଖେଳାଯାଇଥିଲା। ଏଥିରେ ଜିମ୍‌ଖାନା ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୩୫ ଓଭରରେ ୧୯୮ ରନ କରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ କିଷନ କୁମାର ଅହିର ୯୯ଟି ବଲ ଖେଳି ସର୍ବାଧିକ ୮୬ ରନ ସଂଗ୍ରହ କରିଥିଲେ। ଏହି ରନ୍‌ର ଲକ୍ଷ୍ୟ ନେଇ ଝାରସୁଗୁଡା ଶିକ୍ଷା କ୍ରିକେଟ ଏକାଡେମୀ ଦଳ ୩୫ ଓଭରରେ ୧୬୨ ରନ କରି ମ୍ୟାଚ୍‌ରେ ପରାଜିତ ହୋଇଥିଲା। ଦଳ ପକ୍ଷରୁ ଅଭିଷେକ ସାହୁ ୮୩ ବଲ ଖେଳି ସର୍ବାଧିକ ୮୧ ରନ ସଂଗ୍ରହ କରିଥିଲେ। କିଷନ କୁମାର ଅହିରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସାଇନିଂ ଷ୍ଟାର ଝାରସୁଗୁଡା ଦଳର ଅଶ୍ୱିନୀ କୁମାର ୨ଟି ମ୍ୟାଚରେ ୧୫୫ ରନ କରିଥିବାରୁ ତାଙ୍କୁ ବେଷ୍ଟ ବ୍ୟାଟ୍‌ସମ୍ୟାନ ଓ ରାଉରକେଲା ସିଭିଲଚାର୍ଜର ଦଳର ଗୋବିନ୍ଦ ପଟ୍ଟନାୟକ ୨ଟି ମ୍ୟାଚରେ ସର୍ବାଧିକ ୯ଟି ଉଇକେଟ ନେଇଥିବାରୁ ତାଙ୍କୁ ବେଷ୍ଟ ବୋଲର ଭାବେ ପୁରସ୍କୃତ କରାଯାଇଥିଲା। ବେଷ୍ଟ ଏମର୍ଜିଙ୍ଗ ପ୍ଲେୟାର ଭାବେ ଆରିୟନ ପାଲ ଓ ବେଷ୍ଟ ଫିଲଡର ଭାବେ ସାର୍ଥକଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ମ୍ୟାଚରେ ସରୋଜ ପଟ୍ଟନାୟକ ଓ ବିଶ୍ୱଜିତ ସାହୁ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ବାସନ୍ତୀ କଲୋନି ୱାଇସିସି କ୍ରିକେଟ କ୍ଲବର କର୍ମକର୍ତ୍ତା ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ କୃତୀ ଖେଳାଳିବୃନ୍ଦ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ଶ୍ରାଦ୍ଧବାର୍ଷିକୀରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ମନ୍ଦଲିଆ ମୁହାଣସ୍ଥିତ ପ୍ରତିମୂର୍ତ୍ତି, ପୂର୍ବାହ୍ନ ୯ଟା।
- ମହିମା ଧର୍ମ : ଭୀମଭୋଇ ଓ ଉପେକ୍ଷିତ ମଣିଷ ସାହିତ୍ୟ ଶୀର୍ଷକ ଜାତୀୟ ଆଲୋଚନା ଚକ୍ର, ଜିଏମ୍ୟୁ ଅଧ୍ୟାପନା ପ୍ରକୋଷ୍ଠ-୧, ପୂର୍ବାହ୍ନ ୧୦ଟା।
- ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ, ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ଅପରାହ୍ନ ୪ଟା।

# ରୋଗୀ ଅଭିଭାବକଙ୍କୁ ଡାକ୍ତରଙ୍କ ଦୁର୍ବ୍ୟବହାର

ସମ୍ବଲପୁର,୧।୧(ପ୍ରମୋଦ ବହିଦାର)




ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ଲୋକେ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରିଥାନ୍ତି। ହେଲେ ସ୍ୱାସ୍ଥ୍ୟସେବା ପାଇଁ ଏଠାକୁ ଆସୁଥିବା ରୋଗୀଙ୍କୁ କେତେଜଣ ଡାକ୍ତରଙ୍କ ଦୁର୍ବ୍ୟବହାର ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଛି। ଏପରକି ବିନା ପରୀକ୍ଷଣରେ ରୋଗୀଙ୍କୁ କେବଳ ପ୍ରେସକ୍ରିପ୍ସନ ଲେଖି ନିଜ ଦାୟିତ୍ୱ ସମ୍ପନ୍ନ କରୁଛନ୍ତି। ଏହାକୁ ନେଇ ବିଭିନ୍ନ ସମୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିବା ନଜିର ରହିଛି।

ରବିବାର ରାତିରେ ଏଭଳି ଏକ ଘଟଣାରେ ସମ୍ପର୍କରେ ମିଳିଥିବା ଅଭିଯୋଗ ଅନୁସାରେ ରାତି ପ୍ରାୟ ସାଢ଼େ ୯ଟା ସମୟରେ ଛାତି ଯନ୍ତ୍ରଣାରେ ପୀଡ଼ିତା ଜଣେ ଯୁବତୀଙ୍କ ଚିକିତ୍ସା ପାଇଁ ତାଙ୍କ ବାପା ଡାକ୍ତରଖାନାକୁ ଆସିଥିଲେ। ଏହି ସମୟରେ ଏଠାରେ ଥିବା ଜରୁରିକାଳୀନ ବିଭାଗରେ ଜଣେ ମହିଳା ଡାକ୍ତରଙ୍କ ସହିତ ଦୁଇଜଣ ଡାକ୍ତର ଦାୟିତ୍ୱରେ ଥିଲେ। ତେବେ ଆବଶ୍ୟକ ଟିକେଟ୍ ନେଇ ଯୁବତୀଙ୍କୁ ଧରି ତାଙ୍କ ବାପା ଡାକ୍ତରଙ୍କ ଚାମ୍ବରକୁ ଯାଇଥିଲେ। ଏହି ସମୟରେ ଦାୟିତ୍ୱରେ ଥିବା ମହିଳା ଡାକ୍ତର ଜଣକ ମୋବାଇଲ୍‌ରେ ବ୍ୟସ୍ତ ଥିଲେ। କିଛି ସମୟ ପରେ ପୀଡ଼ିତା ଯବତୀଙ୍କୁ ବସିବା ପାଇଁ ନ କହି ସମ୍ପୃକ୍ତ ମହିଳା ଡାକ୍ତର କଣ ହୋଇଛି ବୋଲି ପଚାରିଥିଲେ। ଯୁବତୀ ଜଣକ ଛାତିରେ ଯନ୍ତ୍ରଣା ଅନୁଭବ କରୁଛନ୍ତି ବୋଲି ଜଣାଇଥିଲେ। ଏହା ଶୁଣି ମହିଳା ଡାକ୍ତର ଜଣକ ପ୍ରେସକ୍ରିପ୍ସନରେ ଦୁଇଟି ଔଷଧ ଲେଖି ଯାଅ ବୋଲି କହିଥିଲେ। ତେବେ ଯୁବତୀଙ୍କ ଅବସ୍ଥା ଦେଖି ଆଶଙ୍କାରେ ଥିବା ତାଙ୍କ ବାପା ମହିଳା ଡାକ୍ତରଙ୍କୁ ଏଥିପାଇଁ କୌଣସି ପରୀକ୍ଷଣର ଆବଶ୍ୟକତା ନାହିଁ କି ବୋଲି ପଚାରିଥିଲେ। ଏଥିରେ ସମ୍ପୃକ୍ତ ମହିଳା ଡାକ୍ତର ଉତ୍ତେଜିତ ହୋଇ ପ୍ରେସକ୍ରିପ୍ସନ ନେଇ ନିରାମୟ ଔଷଧ ବିତରଣ କେନ୍ଦ୍ରକୁ ଯାଇ ପଚାରନ୍ତୁ ବୋଲି କହିଥିଲେ। ଯୁବତୀଙ୍କ ପିତା ଗୁରୁତର କି ନୁହେଁ ଜାଣିବା ପାଇଁ ଡାକ୍ତରଙ୍କୁ ମୌଖିକ ପରାମର୍ଶ ମାଗିଥିଲେ। ଏଥିରେ ଉତ୍ତେଜିତ ହେବାର କାରଣ କ'ଣ ବୋଲି ପଚାରିଥିଲେ। ଏହାଦେଖି ଅନ୍ୟ କେତେକ ରୋଗୀଙ୍କ ଆଟେଣ୍ଡାଣ୍ଟ, ଏଠାରେ ନିୟୋଜିତ ସୁରକ୍ଷାକର୍ମୀଙ୍କ ସହ ପୂର୍ବରୁ ନିୟୋଜିତ

### ଜିଲା ମୁଖ୍ୟ ଚିକିତ୍ସାଳୟ

### ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସିଡିଏମ୍‌ଓଙ୍କ ପ୍ରତିଶ୍ରୁତି

ଅନ୍ୟ ପୁରୁଷ ଡାକ୍ତର ପହଞ୍ଚିଥିଲେ। ଉକ୍ତ ପୁରୁଷ ଡାକ୍ତର ଉତ୍ତେଜନାକୁ ପ୍ରଶମିତ କରିବାକୁ ଚେଷ୍ଟା କରିଥିଲେ। ଏହା ଦେଖି ଏଠାରେ ନିୟୋଜିତ ସୁରକ୍ଷା କର୍ମୀଙ୍କ ସହ ଆଟେଣ୍ଡାଣ୍ଟମାନେ ଡାକ୍ତରଙ୍କ ଏଭଳି ଆଚରଣକୁ ନିନ୍ଦା କରିଥିଲେ। ଏଭଳି ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ ବୋଲି ସେମାନେ କହିଥିଲେ। ସୋମବାର ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଦାୟିତ୍ୱରେ ଥିବା ଡାକ୍ତରଙ୍କ ଏଭଳି ଆଚରଣ ଆଦୌ ଗ୍ରହଣୀୟ ନୁହେଁ। ଘଟଣାର ତଦନ୍ତ ପୂର୍ବକ ଡ୍ୟୁଟି ଚାଟ ଦେଖି ରବିବାର ରାତିରେ ଦାୟିତ୍ୱରେ ଥିବା ମହିଳା ଡାକ୍ତରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନଗ୍ରେହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

# ସଡ଼କ ସୁରକ୍ଷା ସଚେତନତା




ସଡକ ସୁରକ୍ଷା ସଚେତନତା ରଥ ଶୁଭାରମ୍ଭ କରାଯାଉଛି।

ସମ୍ବଲପୁର,୧।୧
(ଭବାନୀ ଶଙ୍କର ଭୋଇ)

ସଡ଼କ ସୁରକ୍ଷା ସପ୍ତାହ ଜାନୁୟାରୀ ୧ରୁ ୭ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ସଡ଼କ ସୁରକ୍ଷା ସମ୍ବନ୍ଧରେ ଲୋକଙ୍କୁ ସଚେତନ କରିବା ପାଇଁ ୪୨ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରୁଥିବା ଏକ ବାହନକୁ ସୋମବାର ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ଓ ଶିକ୍ଷାନବୀସ ସ୍ନେହା ଆରୁଗୁଲା ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ବାହନରେ ପ୍ରଦର୍ଶିତ ଭିଡିଓ ସୁରକ୍ଷିତ ଯାତ୍ରା ସମ୍ପର୍କରେ ସଚେତନତା ସୃଷ୍ଟି କରିବ। ଏହି ଅବସରରେ ସୋମବାର କଚେରି ରୋଡରେ ଏକ ସ୍ୱାକ୍ଷର ଶିବିର ଆୟୋଜିତ ହୋଇଥିଲା। ସଡକ ନିୟମ ମାନି ଗାଡି ଚଳାଇବା ପାଇଁ ରାସ୍ତାରେ ଯାଉଥିବା ଯାତ୍ରୀମାନେ ସାମିଲ ହୋଇ ଏଥିରେ ସ୍ୱାକ୍ଷର କରିଥିଲେ। ଏହା ସହିତ ଆସନ୍ତା ୩ ତାରିଖରେ ବୁଢାରଜା ସ୍କୁଲରେ ବିଦ୍ୟାଳୟ ଓ ଅନ୍ୟାନ୍ୟ ଶିକ୍ଷା ପ୍ରତିଷ୍ଠାନର ପେଣ୍ଟିଂ ଏବଂ ସ୍ଲୋଗାନ୍ ପ୍ରତିଯୋଗିତା ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ପ୍ରତିଯୋଗିତାର ଶ୍ରେଷ୍ଠ ତିନୋଟି ପେଣ୍ଟିଂ ଓ ତିନୋଟି ସ୍ଲୋଗାନ୍ ଚୟନ କରାଯାଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ପଠାଯିବ ବୋଲି ଜିଲା ସୂଚନା ଅଧିକାରୀ ସଂଯୁକ୍ତା କୁଲୁ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ସମ୍ବଲପୁର ଆର୍‌ଟିଓ ରାମଦାସ ଟୁଡୁ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ଟ୍ରାକ୍ଟର ଧକ୍କାରେ ରେଳ ଫାଟକ ଭାଙ୍ଗିଲା

**କୁଚିଣ୍ଡା,୧।୧(ବିରଞ୍ଚି ଦର୍ଶୀ):** ରବିବାର ରାତି ପ୍ରାୟ ସାଢେ ୮ଟା ସମୟରେ ଏକ ଟ୍ରାକ୍ଟର ଧକ୍କାରେ ବାମରା ରେଳଷ୍ଟେଶନ ଫାଟକ ଭାଙ୍ଗି ଯାଇଥିଲା। ଫଳରେ ୪ଘଣ୍ଟା ଧରି ଟ୍ରେନ୍ ଚଳାଚଳ ବ୍ୟାହତ ହୋଇଥିଲା। ଯୁଦ୍ଧକାଳୀନ ଭିତ୍ତିରେ ଏହାର ମରାମତି ପରେ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିଲା। ସୂଚନା ଅନୁଯାୟୀ, ବାମରା ରେଳ ଷ୍ଟେଶନ ୱେଷ୍ଟ କ୍ୟାବିନରେ କାର୍ଯ୍ୟରତ ଅପରେଟର ସାଇରନ ଦେଇ ଫାଟକ ଖୋଲିଥିଲେ। ଉଭୟ ପାର୍ଶ୍ୱରେ ଦୀର୍ଘ ସମୟ ଧରି ଅଟକି ରହିଥିବା ଦୁଇ ଓ ଚାରି ଚକିଆ ଯାନ ପାରି ହେଉଥିବା ବେଳେ ହଠାତ୍ ଟ୍ରେନ ଆଗମନର ସୂଚନା ମିଳିଥିଲା। ଷ୍ଟାଫ ଜଣକ ସାଇରନ ଦେଇ ତରବରିଆ ଭାବେ ପୁଣି ଫାଟକ ବନ୍ଦ କରୁଥିବା ସମୟରେ ଏକ ଟ୍ରାକ୍ଟର ପଶିଯିବାରୁ ଫାଟକ ସହ ଜୋରରେ ଧକ୍କା ହୋଇଥିଲା। ଏଥିରେ ଫାଟକଟି ଖଣ୍ଡ ଖଣ୍ଡ ହୋଇଯାଇଥିଲା। ସୂଚନାଯୋଗ୍ୟ ୪/୫ଦିନ ତଳେ ଏକ ୧୦ ଚକିଆ ଟ୍ରକ ଫାଟକ ଭିତରେ ଅଚଳ ହୋଇପଡିବାରୁ କିଛି ଘଣ୍ଟା ଧରି ଟ୍ରେନ ଚଳାଚଳ ଠପ ହୋଇଯାଇଥିଲା।

# ମିଳିତ ଅଭିଯୋଗ ଶୁଣାଣି

**ସମ୍ବଲପୁର,୧।୧ (ଭବାନୀ ଶଙ୍କର ଭୋଇ):** ଚଳିତ ବର୍ଷର ପ୍ରଥମ ମିଳିତ ଅଭିଯୋଗ ଶୁଣାଣି ସୋମବାର ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୋଟ ୯ଟି ଅଭିଯୋଗ ଆସିଥିଲା। ଏହା ମଧ୍ୟରୁ ୮ଟି ବ୍ୟକ୍ତିଗତ ଓ ଗୋଟିଏ ଗାଁର ସମସ୍ୟା ଆଧାରିତ ଥିଲା। ଆଇଏଏସ୍ ଶିକ୍ଷାନବିସ ସ୍ନେହା ଅରୁଗୁଲା, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଓ ଅନ୍ୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିଲେ।

# ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

**ନାକଟିଦେଉଳ,୧।୧(ବୈକୁଣ୍ଠ ନାଥ ସାହୁ):** ନୂଆବର୍ଷ ଉପଲକ୍ଷେ ସୋମବାର ନାକଟିଦେଉଳ ବ୍ଲକ ଅଞ୍ଚଳରେ ଥିବା ଶୈବ ପୀଠଗୁଡିକରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଶ୍ରଦ୍ଧାଳୁମାନେ ନିକଟସ୍ଥ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ସହ ନିଜ ପରିବାର ପାଇଁ ମଙ୍ଗଳକାମନା କରିଥିଲେ । ନାକଟିଦେଉଳର ବାବା କନକେଶ୍ୱର, ବିନ୍ଧେଶ୍ୱର ମନ୍ଦିର, କୁଞ୍ଜମୁରା ବାବା ବିନଝେଶ୍ୱର ମନ୍ଦିର, ପାଣ୍ଡୁଅଖୋଲର ଝାଡେଶ୍ୱର, ସରାପାଲି, ଘୋଷରାମାଳ, ଡଇଁଚା, ଶିମିଳିପାଳ, ଗିରିଶ୍ଚନ୍ଦ୍ରପୁର, ଯାମୁଯୋରୀ, ଖୋଲଗଡ଼, ସାହେବୀ, ଅଙ୍ଗବିରା ଆଦି ଗ୍ରାମରେ ଥିବା ଶିବ ମନ୍ଦିରରେ ଭକ୍ତଙ୍କ ଭିଡ଼ ହୋଇଥିଲା। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



ନବ ବର୍ଷ ଉପଲକ୍ଷେ ସୋମବାର ସମ୍ବଲପୁରର ମା' ସମଲେଶ୍ୱରୀ ମନ୍ଦିରରେ ଭିଡ ଲାଗିରହି ଥିବାରୁ ଭକ୍ତମାନେ ବାହାରେ ପୂଜାର୍ଚ୍ଚନା କରୁଛନ୍ତି।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ରାଏଡିହି ଚାମ୍ପିୟନ

କୁଚିଣ୍ଡା,୧।୧(ବିରଞ୍ଚି ଦର୍ଶୀ)

ବାମରା ବ୍ଲକ ବାଦପଡ଼ା ଗ୍ରାମରେ ଚାଲିଥିବା ତ୍ରିଦିବସୀୟ ଉଦୟନାଥ ସାହୁ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ବାଦପଡ଼ା ଆଦିବାସୀ ନବଜ୍ୟୋତି କ୍ଲବ ଦ୍ୱାରା ଆୟୋଜିତ ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ସୁନ୍ଦରଗଡ ରାଏଡିହି ଓ ଝାରସୁଗୁଡା ଦେଓପାଣି ମଧ୍ୟରେ ହୋଇଥିଲା। ଏଥିରେ ଦେଓପାଣିକୁ ୧-୦ଗୋଲରେ ପରାସ୍ତ କରି ରାଏଡିହି ଚାମ୍ପିୟନ ହୋଇଥିଲା। ରେଫରି ଭାବେ ହୁତାସନ ବାଘ, ପଟେଲ ଏକ୍କା, ବିକ୍ରମ ସିଂ ନାଏକ, ଆକାଶ କିଷାନ, ଅମିତ କିଷାନ ଓ ନରେଶ କିଷାନ ପରିଚାଳନା କରିଥିଲେ। କ୍ଲବ ସଭାପତି ସନ୍ତୋଷ ଛତ୍ରିଆଙ୍କ ସଭାପତିତ୍ୱରେ ହୋଇଥିବା ଉଦ୍‌ଯାପନୀ ଉତ୍ସବରେ



ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି ଅତିଥି।

କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ଜିଲା ପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଟପ୍ପୋ, ପୂର୍ଣ୍ଣଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ଦିଲିପ ଛତ୍ରିଆ, ସମିତିସଭ୍ୟା ସୌଦାମିନୀ ନାଏକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ଅତିଥିଗଣ ବିଜେତା ଦଳକୁ ଚାମ୍ପିୟନ ଟ୍ରଫି ସହ ନଗଦ ୩୦ହଜାର ଟଙ୍କା ଏବଂ ଉପବିଜେତା ଦଳକୁ ରନର୍ସଅପ ଟ୍ରଫି ସହ ନଗଦ ୨୦ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରିଥିଲେ। ସେମିଫାଇନାଲରେ ପରାଜିତ ଗର୍ଭଣା ଓ ତେତେଲାମାଳ ଦଳକୁ ୫ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ଲବ ସମ୍ପାଦକ ଲଳିତ ମିଞ୍ଜ, ସଭ୍ୟ ଧନଞ୍ଜୟ ବାଘ, ଦୀପକ ବାଘ, ଲବଣୀ ଛତ୍ରିଆ, ଜଗଦିଶ ମିଞ୍ଜ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

# ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟରେ ହିନ୍ଦୀ କର୍ମଶାଳା

ସମ୍ବଲପୁର,୧।୧(ବି.ଶଙ୍କର)

ସମ୍ବଲପୁର ଜାତୀୟ ପରିସଂଖ୍ୟାନ ଆଞ୍ଚଳିକ କାର୍ଯ୍ୟାଳୟଠାରେ ହିନ୍ଦୀ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହାକୁ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ତଥା ରାଜଭାଷା କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ରାହୁଲ କୁମାର ପଟେଲ ଉଦ୍‌ଘାଟନ କରି ବକ୍ତବ୍ୟ ରଖିଥିଲେ। ସହକାରୀ ନିର୍ଦ୍ଦେଶକ ସତ୍ୟ ପ୍ରସନ୍ନ ମିଶ୍ର କାର୍ଯ୍ୟାଳୟରେ ଅଧିକରୁ ଅଧିକ ହିନ୍ଦୀରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସଦସ୍ୟ ସଚିବ ନୀରଜ କୁମାର ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏଥିରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗର ଅଧ୍ୟାପକ ଡ. ଦାଶରଥୀ ବେହେରା ଯୋଗଦେଇ କାର୍ଯ୍ୟାଳୟରେ କିଭଳି ହିନ୍ଦୀରେ ସର୍ବାଧିକ କାର୍ଯ୍ୟ କରିବା, ରାଜଭାଷା ଅଧିନିୟମ ୧୯୬୩ର ଧାରା ୩ (୩) ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଅଭ୍ୟାସ ଅଧିବେଶନରେ କର୍ମଚାରୀଙ୍କୁ କାର୍ଯ୍ୟାଳୟ ସମ୍ବନ୍ଧୀୟ ବିଷୟ, ନୋଟ ଏବଂ ଚିଠି ଲେଖିବା, କମ୍ପ୍ୟୁଟରରେ ହିନ୍ଦୀରେ କାର୍ଯ୍ୟ କରିବା ଅଭ୍ୟାସ କରାଯାଇଥିଲା।

# ଅପ୍ସରାର ଅଭିଶାପ ଓ ସୁଖଦା ପୁସ୍ତକ ଉନ୍ମୋଚିତ

ସମ୍ବଲପୁର,୧।୧(ବି.ଶଙ୍କର)

ରାଜବୈଦ୍ୟ ଗୋପୀନାଥ ଷଡ଼ଙ୍ଗୀ ସ୍ମୃତି ସମିତି ପକ୍ଷରୁ ପୁସ୍ତକ ଉନ୍ମୋଚନ ଉତ୍ସବ ରବିବାର ରାତିରେ ସମ୍ବଲପୁର ଚିତ୍ରଗୁପ୍ତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ରଘୁନାଥ ମିଶ୍ର ସଭାପତିତ୍ୱ କରିଥିଲେ। ସାହିତ୍ୟିକ ଜନ୍ମେଜୟ ବାବୁଙ୍କ ଅନୁଦିତ ଉପନ୍ୟାସ ଅପ୍ସରାର ଅଭିଶାପ ଓ ସୁଖଦା ପୁସ୍ତକ ଉନ୍ମୋଚିତ ହୋଇଥିଲା। ସ୍ୱୀକାର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ମୁଖ୍ୟଅତିଥି ଓ ଶିକ୍ଷାବିତ୍ ଡ. କାମଦେବ ସାହୁ ସମ୍ମାନିତ ଅତିଥି, ଅଧ୍ୟାପକ ସୋମନାଥ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ସଭା ଆରମ୍ଭରେ ସମ୍ବଲପୁରୀ ସାହିତ୍ୟିକ ତଥା ପ୍ରଚାରକ ସତ୍ୟନାରାୟଣ ବହିଦାରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

# ସମ୍ବଲପୁରୀ ହପ୍ତା ଉଦ୍‌ଯାପିତ

ସମ୍ବଲପୁର,୧।୧
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁରୀ ସଂସ୍କୃତିର ପରିଚୟ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପୁଣ୍ୟତିଥିରେ ଧନକଉଡା ବ୍ଲକର ବିଶାଳଖିଣ୍ଡାଠାରେ ସମ୍ବଲପୁରୀ ହପ୍ତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ ମୁଖ୍ୟଅତିଥି, ମାନେଶ୍ୱର ବ୍ଲକ ଉପାଧ୍ୟକ୍ଷ ନରେନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଓ ପ୍ରକାଶ ପଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ବଲପୁରୀ ଭାଷା ଏକାଡେମୀର ଅଧ୍ୟକ୍ଷ ହେମକାନ୍ତ ସାହୁଙ୍କ ସଭାପତିତ୍ୱ କରି ସମଲପୁରୀ ହପ୍ତା ପାଳନ ଓ ସମଲପୁରୀ ଭାଷା ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଅବଦାନ ବିଷୟରେ ସୂଚନା ଦେଇଥିଲେ। ବିଧାୟକ ନାୟକ ସମ୍ବଲପୁରୀ ଭାଷା ଏକାଡ଼େମୀ ଦ୍ୱାରା ସମ୍ବଲପୁରୀ ହପ୍ତା ଆୟୋଜନ ପାଇଁ ପ୍ରଶଂସା କରିଥିଲେ। ଏହସହ ସମ୍ବଲପୁରୀ ଲିପିର ଗ୍ରହଣୀୟତା ବଢୁଥିବା ବେଳେ କେନ୍ଦ୍ର ସରକାରଙ୍କ ନୂଆ ଶିକ୍ଷାନୀତି ସମଲପୁରୀ ଭାଷାରେ ଶିକ୍ଷାର୍ଥୀଙ୍କ ଶିକ୍ଷା ଗ୍ରହଣର ସୁଯୋଗ ସୃଷ୍ଟି କରିବ ବୋଲି କହିଥିଲେ। ସମଲପୁରୀ ଭାଷାର ସଂରକ୍ଷଣ ଓ ପ୍ରଚାର ପ୍ରସାର ଉପରେ ନାଟ୍ୟକାର ଅମିନ ଚନ୍ଦ୍ର ଖଣ୍ଡାଙ୍କ ରଚିତ ଓ ନିର୍ଦ୍ଦେଶିତ ଜୟ ସମଲପୁରୀ ନାଟକ ଏବଂ ଅନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଭାଷା ଏକାଡେମୀର ସମ୍ପାଦକ ଦେବାଶିଷ ସାହୁ ପରିଚାଳନା କରିଥଲେ।



ସମ୍ବଲପୁରୀ ହପ୍ତା ପାଳନ ଅବସରରେ ଅତିଥି ଓ କର୍ମକର୍ତ୍ତା।

# ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଶ୍ରାଦ୍ଧ ଦିବସ

ସମ୍ବଲପୁର,୧।୧(ବି.ଶଙ୍କର)

ସମ୍ବଲପୁର ଜିଲା ପ୍ରଶାସନ ଓ ଓଡିଶା ସାଂସ୍କୃତିକ ସମାଜ ପକ୍ଷରୁ ରବିବାର ରାତିରେ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ବୀରତା ଦିବସ ଓ କବି ସତ୍ୟନାରାୟଣ ବହିଦାରଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ସାଂସ୍କୃତିକ ସମାଜ ସଭାପତି ଅଶୋକ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଗୋପରଞ୍ଜନ ଦୁବେ କହିଥିଲେ, ବୀର ସୁରେନ୍ଦ୍ର ସାଏଙ୍କ ଉଲଗୁଲାନରେ ମାଧୋ ସିଂଙ୍କ ବଳିଷ୍ଠ ସହଯୋଗ ରହିଥିଲା । ତେଣୁ ବୀର ସୁରେନ୍ଦ୍ର ସାଏଙ୍କ ଭଳି ସେ ମଧ୍ୟ ଆମର ଚିରସ୍ମରଣୀୟ। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ବକ୍ତବ୍ୟ ରଖି କହିଲେ, ଯେଉଁମାନେ ଆମ ମାଟି ଓ ଭାଷା ପାଇଁ ତ୍ୟାଗ କରିଛନ୍ତି ସେମାନଙ୍କୁ ସ୍ମରଣ ରଖିବା ଆମର କର୍ତ୍ତବ୍ୟ। ଆଲୋଚକ ବରିଷ୍ଠ ଖବରଦାତା ଲକ୍ଷ୍ମୀନାରାୟଣ ହୋତା ମାଧୋ ସିଂଙ୍କ ଭଳି ଦେଶ ପାଇଁ ପ୍ରାଣ ବିସର୍ଜନ କରିଥିବା ପରିବାରର ଦୃଷ୍ଟାନ୍ତ ଭାରତ ଇତିହାସରେ ବିରଳବୋଲି କହିଥିଲେ। ଅନ୍ୟତମ ଆଲୋଚକ କବି ଡ. ପ୍ରଦୀପ କୁମାର ପଣ୍ଡା ସତ୍ୟନାରାୟଣ ବହିଦାରଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ଶେଷରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୋଡ଼ଭଗା କ୍ରିକେଟ ଉଦ୍‌ଯାପିତ: ଦକ୍ଷସ ୱାରିୟର ବିଜୟୀ

ସମ୍ବଲପୁର,୧।୧
(ଭବାନୀ ଶଙ୍କର ଭୋଇ)

ଗୋଡଭଗା କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ୧୦ମ ଗୋଡଭଗା କ୍ରିକେଟ ଲିଗ ଉଦ୍‌ଯାପିତ ହୋଇଯାଇଛି। ଗୋଡଭଗା ଖେଳ ପଡିଆଠାରେ ଗତ ୨୧ତାରିଖରୁ ଖେଳ ଆରମ୍ଭ ହୋଇଥିବା ବେଳେ ଏଥିରେ ମୋଟ ପାଞ୍ଚଟି ଦଳ ଭାଗ ନେଇଥିଲେ। ଫାଇନାଲ ଖେଳ ଦକ୍ଷସ ୱାରିୟର ଓ ଆଲିଆ ଷ୍ଟାର ଏକାଦଶ ମଧ୍ୟରେ ହୋଇଥିଲା। ଦକ୍ଷସ ୱାରିୟର ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୧୯୮ ରନ କରିଥିଲା। ଜବାବରେ ଆଲିଆ ଷ୍ଟାର ଏକାଦଶ ୨୦ ଓଭରରେ ୧୫୪ ରନ କରି ଅଲଆଉଟ ହୋଇଯାଇଥିଲା। ବିଜୟୀ ଦଳର ପ୍ରଭୁରଞ୍ଜନ ସାହୁ ୩୫ ବଲରେ ୫୧ ରନ କରିବା ସହ ଦୁଇଟି ଉଇକେଟ ହାସଲ କରି ମ୍ୟାନ ଅଫ ଦି ମ୍ୟାଚ ଓ ଆଲୋକ ଭୋଇ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଗୋଡଭଗା କ୍ରିକେଟ କ୍ଲବ ସଭାପତି ଖେଳ ପରିଚାଳନା କରିଥିଲେ। ବିଜେତା ଦଳକୁ ଅତିଥି କୈଳାସ ଅଗ୍ରୱାଲ ଟ୍ରଫି ସହ ଚେକ୍ ପ୍ରଦାନ କରିଥିଲେ।




ଟ୍ରଫି ସହ ବିଜୟୀ ଦଳ।

# ଜିଏମ୍‌ୟୁ ଇତିହାସ ବିଭାଗ ସମ୍ପ୍ରସାରଣ କାର୍ଯ୍ୟ

### ଭୁବନେଶ୍ୱର ମେୟର ଓ ମନ୍ତ୍ରୀଙ୍କ ପ୍ରଶଂସା

ସମ୍ବଲପୁର,୧।୧(ପ୍ରମୋଦ ବହିଦାର)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଇତିହାସ ବିଭାଗ ପକ୍ଷରୁ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିରେ ଇତିହାସ ବିଭାଗର ଛାତ୍ରୀଛାତ୍ର ଶ୍ରେଣୀକକ୍ଷର ଚାରିକାନ୍ଥ ମଧ୍ୟରେ ଆବଦ୍ଧ ନ ରହି ସମାଜ ସହ ଯୋଡ଼ିହେବା ଦିଗରେ ଅଭିଯାନ ଆରମ୍ଭ କରିଛନ୍ତି। ଗତ ସପ୍ତାହରେ ଛାତ୍ରୀଛାତ୍ର ଭୁବନେଶ୍ୱରରେ ଏକ ସମ୍ପ୍ରସାରଣ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଇତିହାସ ବିଭାଗର ମୁଖ୍ୟ ଡ. ଅତୁଲ କୁମାର ପ୍ରଧାନ ଓ ସହାୟକ ପ୍ରାଧ୍ୟାପକ ଡ. ସନ୍ତୋଷ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୪୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନେ ଏକାମ୍ରକ୍ଷେତ୍ର ଭୁବନେଶ୍ୱରସ୍ଥିତ ଧଉଳିରେ ଥିବା ମୌର୍ଯ୍ୟ ସମ୍ରାଟ ଅଶୋକଙ୍କ ଶିଳାଲେଖ ଓ ଗୁମ୍ଫା ଆଦିରେ ସେ ସମୟର ସ୍ଥାପତ୍ୟ କଳା ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ଏହାସହିତ ଏହି ଐତିହ୍ୟ ପରିସର ସଫେଇ କରି ଆଗକୁ କିଭଳି ସ୍ୱଚ୍ଛତା ବଜାୟ ରହିବ ସେ ଦିଗରେ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କୁ ସଚେତନ କରିଥିଲେ। ପରେ ଭୁବନେଶ୍ୱରରେ ସମସ୍ତ ମନ୍ଦିର ପରିଦର୍ଶନ କରି ମନ୍ଦିର ପରିସର ସଫେଇ କରିଥିଲେ। ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତ୍ନତତ୍ତ୍ୱ ବିଭାଗର ପ୍ରାକ୍ତନ ମୁଖ୍ୟ ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ ଛାତ୍ରୀଛାତ୍ରଙ୍କୁ ସ୍ଥାପତ୍ୟ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ବିନ୍ଦୁସାଗରଠାରେ ଅନୁଷ୍ଠିତ ଛାୟାଚିତ୍ର କାର୍ଯ୍ୟକ୍ରମରେ ଜିଏମ୍‌ୟୁ ଇତିହାସ ବିଭାଗର ଏହି ଅଭିନବ କାର୍ଯ୍ୟକ୍ରମକୁ ରାଜ୍ୟ ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଭୂୟସୀ ପ୍ରଶଂସା କରିଥିଲେ। ଛାତ୍ରୀଛାତ୍ର ଖଣ୍ଡଗିରି, ଉଦୟଗିରି, ମହାତ୍ମା ଗାନ୍ଧୀଙ୍କ ଅହିଂସା ସଂଗ୍ରହାଳୟ ଓ ଲିଙ୍ଗରାଜ ମନ୍ଦିର ପରିସର ପ୍ରାଚୀନ ଅବଶେଷକୁ ପରିଦର୍ଶନ କରିଥିଲେ।



ମନ୍ତ୍ରୀ ଅଶୋକ ପଣ୍ଡା ଓ ଭୁବନେଶ୍ୱର ମେୟର ସୁଲୋଚନା ଦାସଙ୍କ ସହ ଛାତ୍ରୀଛାତ୍ର।

**ସଂକ୍ଷେପରେ**

## ଅନ୍ତର୍ଜାତୀୟ କର୍ମଶାଳାରେ ନୂଆପଡ଼ା ଜିଲାର ୪ଶିକ୍ଷକ

ନୂଆପଡ଼ା,୧।୧ (ମକାରୁ ବେମାଲ)

ଆନ୍ଧ୍ରପ୍ରଦେଶର କୁପମଠାରେ ଥିବା ଅଗସ୍ତ୍ୟା ଆନ୍ତର୍ଜାତିକ ପ୍ରତିଷ୍ଠାନରେ ୨୭ରୁ ୩୦ ପର୍ଯ୍ୟନ୍ତ ତିନି ଦିନ ଧରି ଆୟୋଜିତ ହୋଇଥିବା ଗଣିତ ଓ ବିଜ୍ଞାନ ଆବାସିକ କର୍ମଶାଳାରେ ନୂଆପଡ଼ା ଜିଲାର ୪ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ଉତ୍କର୍ଷତା ପ୍ରଦର୍ଶନ କରିଛନ୍ତି। ଓସେପାର ପ୍ରକଳ୍ପ ନିର୍ଦ୍ଦେଶକ ଓ ନୂଆପଡ଼ା ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ଓ ଡିଏସଏସ ଗିରିଧାରୀ ସାଙ୍କ ନିର୍ଦ୍ଦେଶ କ୍ରମେ ଗଣିତ ବିଭାଗରେ ଜିତାମିତ୍ର ସରକାରୀ ଉଚ୍ଚ ବିଦ୍ୟାଳୟ କୋମନା ସଞ୍ଜୟ କୁମାର୍ ତାଣ୍ଡି, ବିଜ୍ଞାନ ବିଭାଗରେ ସରକାରୀ ଉଚ୍ଚ ବିଦ୍ୟାଳୟ ଲର୍କା ଫାଲଗୁନୀ ଦୀପ, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାଲେଶ୍ୱର ହିମାଞ୍ଜଳି ୟାଦ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ତୁକୁଲା ଦିଗେଶ୍ୱରି ଗୌଡ ଯୋଗଦେଇ ଗଣିତ ଓ ବିଜ୍ଞାନର ନୂତନ କୌଶଳ ତଥା ବିଭିନ୍ନ ପ୍ରକାର ମଡେଲ ପ୍ରସ୍ତୁତି ସମ୍ବନ୍ଧରେ ଶିକ୍ଷା ଲାଭ କରିଥିଲେ। ଉକ୍ତ କର୍ମଶାଳାରେ ରମଣ ଗବେଷଣା ପ୍ରତିଷ୍ଠାନର ବିଶିଷ୍ଟ ବ୍ରହ୍ମାଣ୍ଡ ବିଜ୍ଞାନୀ ଏନ. ଉଦୟ ନାରାୟଣ ଯୋଗଦେଇ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ସହ ନିଜର ଗବେଷଣା ଅନୁଭୂତି ବର୍ଣ୍ଣନା କରିଥିଲେ। ଛାତ୍ରୀଛାତ୍ରଙ୍କ ମନରେ କିପରି ବୈଜ୍ଞାନିକ ମନୋଭାବ ବୃଦ୍ଧି ହୋଇ ପାରିବ ସେ ବିଷୟରେ ଆଲୋଚନା କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା ରଥ ଶୁଭାରମ୍ଭ

ଦେବଗଡ,୧।୧(ଶଶାଙ୍କ ଶେଖର ଝାଙ୍କର): ଜାନୁୟାରୀ ପହିଲାରୁ ୭ ତାରିଖ ପର୍ଯ୍ୟନ୍ତ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳିତ ହେଉଛି। ଏହି ପରିପ୍ରେକ୍ଷୀରେ ଆଞ୍ଚଳିକ ପରିବହନ ବିଭାଗ ଆନୁକୂଲ୍ୟରେ ଦେବଗଡ ଜିଲାରେ ସଡକ ସୁରକ୍ଷା ସଚେତନତା ରଥ ଶୁଭାରମ୍ଭ ହୋଇଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ କେଶବ ନାୟକଙ୍କ ତତ୍ତ୍ୱାବଧାନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ସୋମେଶ ଉପାଧ୍ୟାୟ ମୁଖ୍ୟ ଅତିଥି ଓ ଦେବଗଡ ବନଖଣ୍ଡ ଅଧିକାରୀ ମଗର ଧାନାଜୀ ରାଓସୋ, ଦେବଗଡ ପୌର ପରିଷଦ ଅଧକ୍ଷା ଶାନ୍ତି ମଞ୍ଜରୀ ଦେଇ ଓ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ସଚେତନତା ଶୋଭାଯାତ୍ରା ଓ ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲାର ବିଭିନ୍ନ ସ୍ଥାନ ପରିକ୍ରମା କରି ସଡକ ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବ। ସଚେତନତା ନିମନ୍ତେ ଆଗାମୀ ୩ ତାରିଖରେ ସ୍ଥାନୀୟ ସଂସ୍କୃତି ଭବନଠାରେ କନିଷ୍ଠ ବର୍ଗ (୫ମରୁ ୭ମ ଶ୍ରେଣୀ) ଓ ବରିଷ୍ଠ ବର୍ଗ (୮ମରୁ ୧୦ମ ଶ୍ରେଣୀ) ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତଯୋଗିତା ଅନୁଷ୍ଠିତ ହେବ ବୋଲି ଆଞ୍ଚଳିକ ପରିବହନ ବିଭାଗ ସୂତ୍ରରୁ ସୂଚନା ମିଳିଛି।

## କବାଡି ପ୍ରତିଯୋଗିତା ଉଦ୍‌ଯାପିତ

### ସମ୍ବଲପୁର ରାଜପୁତ ୱାରିୟର ଚାମ୍ପିୟନ

ଦେବଗଡ ୧।୧(ଶଶାଙ୍କ ଶେଖର ଝାଙ୍କର)

ରିଆମାଳ ବ୍ଲକ ଅନ୍ତର୍ଗତ ବାବରାକୋଟ ଗ୍ରାମରେ ବଜରଙ୍ଗୀ କବାଡି ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କବାଡି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଆୟୋଜକ ବଜରଙ୍ଗୀ କବାଡି ଆସୋସିଏଶନକୁ ପରାସ୍ତ କରି ସମ୍ବଲପୁରର ରାଜପୁତ ୱାରିୟର ଚାମ୍ପିୟନ ହୋଇଛି। ସଭାପତି ଝସକେତନ ସ୍ୱାଇଁଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ଦେବଗଡ ପୌର ପରିଷଦ ଅଧକ୍ଷା ଶାନ୍ତି ମଞ୍ଜରୀ ଦେଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଦେବଗଡ ଜିଲା ବିଜେଡି ସଭାପତି ଚିତ୍ତରଞ୍ଜନ ପ୍ରଧାନ, ରିଆମାଳ ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ କୁମାର ସ୍ୱାଇଁ ଓ ପଶ୍ଚିମ ଓଡିଶା ବିକାଶ ପରିଷଦର ପୂର୍ବତନ ସଦସ୍ୟ ଭୁପେନ୍ଦ୍ର ପ୍ରସାଦ ନାୟକ ଯୋଗ ଦେଇଥିଲେ। ଶେଷରେ ଆସୋସିଏଶନ ସମ୍ପାଦକ ଦୀନେଶ କୁମାର ସହୁ ଧନ୍ୟବାଦ ଅର୍ପଣ କରିଥିଲେ। ଫାଇନାଲ ମ୍ୟାଚକୁ ରେଫରି ଭାବେ ଆଲୋକ ସାହୁ ଓ ଦିନେଶ ସାହୁ ପରିଚାଳନା କରିଥିଲେ।

# ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ କରେ ଉତ୍ସବ

ସୋନପୁର,୧।୧(ମୃତ୍ୟୁଞ୍ଜୟ ଶତପଥୀ)



ସୁବର୍ଣ୍ଣପୁର ନୂତନ ଟାଉନ ହଲଠାରେ ଅନୁଷ୍ଠିତ ସାଂସ୍କୃତିକ ସନ୍ଧ୍ୟାରେ ଜିଲାପାଳ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

ପଏଁରୀ ତିହାର କେବଳ ଏକ ଉତ୍ସବ ନୁହେଁ ବରଂ ସଂସ୍କୃତି, ପାରମ୍ପରିକ ଲୋକକଳାକୁ ଉଜ୍ଜୀବିତ କରିବା ଏହାର ଲକ୍ଷ୍ୟ ବୋଲି ଉଦ୍‌ଘାଟନୀ ସାନ୍ଧ୍ୟ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସୁବର୍ଣ୍ଣପୁର ନୂତନ ଟାଉନ ହଲଠାରେ ଜାତୀୟ ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତ ଉତ୍ସବ ୨୪ତମ ପଏଁରୀ ତିହାର-୨୦୨୪ ସୋମବାର ଉଦ୍‌ଘାଟିତ ହୋଇଛି। କଳା, ସଂସ୍କୃତି ଅନୁଷ୍ଠାନ ପଁଏରୀ ପକ୍ଷରୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲା ସଂସ୍କୃତି ପରିଷଦର ମିଳିତ ସହଯୋଗରେ ଏହି ଉତ୍ସବ ଆୟୋଜନ ହୋଇଛି। ଏହା ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଚାଲିବ। ପୂର୍ବାହ୍ନରେ ଅନୁଷ୍ଠାନର କର୍ମକର୍ତ୍ତା, ଜିଲାର ପାରମ୍ପରିକ କଳାକାରଙ୍କୁ ନେଇ ମା' ସୁରେଶ୍ୱରୀଙ୍କ ଠାରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଏକ ମଶାଲ ଶୋଭାଯାତ୍ରା ତଥା ସାଂସ୍କୃତିକ

**ପଏଁରୀ ତିହାର ଉଦ୍‌ଘାଟିତ**

ଶୋଭାଯାତ୍ରା ମନ୍ଦିରରୁ ବାହାରି ସହର ପରିକ୍ରମା କରିବା ପରେ ଉତ୍ସବ ସ୍ଥଳରେ ପହଞ୍ଚିଥିଲା। ଏହି ଉତ୍ସବକୁ ବରିଷ୍ଠ କଳାକାର ଯୁଧିଷ୍ଠିର ବାରିକ ଉଦ୍‌ଘାଟନ କରିଥିଲେ।

ପଏଁରୀ ସଭାପତି ଲଡୁକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ସାନ୍ଧ୍ୟ ଉତ୍ସବରେ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲାର ଭାଷା, ପୋଷାକ, କଳା ଓ ସଂସ୍କୃତି ଅନନ୍ୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକ୍, ଅବସରପ୍ରାପ୍ତ ପ୍ରାଧାପକ ନୀଳାମ୍ବର ଶତପଥୀ, ନାଟ୍ୟଶ୍ରୀ ଗଦାଧର ବାରିକ୍, ଉପଦଷ୍ଟା ଅଭିମନ୍ୟୁ କୁଶଳ ଓ ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ ଯୋଗଦେଇ ଜିଲାରେ ପାରମ୍ପରିକ ଲୋକକଳାର ବିକାଶରେ ପଏଁରୀର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ପଏଁରୀର ସମ୍ପାଦକ ଚୌଧୁରୀ ବିଭାର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମମତା ଦାସ, ଗୁଣନିଧି ମେହେର ଓ ପ୍ଲାବନ ମହାପାତ୍ରଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ମମତା ଫେଶନ ଶୋ ପକ୍ଷରୁ କୁନି କୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ର୍ୟାମ୍ପ ଶୋ ଆୟୋଜିତ ହୋଇଥିଲା। ପରେ ଆସାମର କଳାକାରମାନେ ବିହୁ ନୃତ୍ୟ, ମଧ୍ୟପ୍ରଦେଶ କଳାକାରଙ୍କ ବଧାଇ ଲୋକନୃତ୍ୟ, ବଲାଙ୍ଗୀର ସାତକୁଆଁରୀ ସାଂସ୍କୃତିକ ପରିଷଦର କଳାକାର ରସରକେଲି ଓ ପଏଁରୀ ଅନୁଷ୍ଠାନର କଳାକାର ନଚନିଆଁ ନୃତ୍ୟ ପରିବେଷଣ କରିଥିଲେ। ନବବର୍ଷରେ ସହରବାସୀଙ୍କ ଭରପୁର ମନୋରଞ୍ଜନ ହୋଇଥିଲା। ପଏଁରୀ ଅନୁଷ୍ଠାନ ଉପସଭାପତି ପ୍ରଫୁଲ୍ଲ ନାଏକ ଧନ୍ୟବାଦ ପ୍ରଦାନ କରିଥିଲେ। ହରିଓଁ କୁଶଳ, ନବୀନ ମେହେର, ବିବେକାନନ୍ଦ ପଣ୍ଡା ଓ ପଦ୍ମଲୋଚନ ସାହୁ ଲୋକସଙ୍ଗୀତ ପରିବେଷଣ କରିଥିଲେ। ସନ୍ତୋଷ ମିଶ୍ର, ସନ୍ତୋଷ ପାଢୀ, ସୌମ୍ୟରଞ୍ଜନ ସେଠୀ, ସଞ୍ଜୟ ସାହୁ ଓ ସୁଶାନ୍ତ ସାହୁ ପ୍ରମୁଖ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ।




ସୁବର୍ଣ୍ଣପୁର ନୂତନ ଟାଉନ ହଲରେ ପଏଁରୀ ତିହାର ଉଦ୍‌ଘାଟନ ସନ୍ଧ୍ୟାରେ ଆସାମ କଳାକାରଙ୍କ ବିହୁ ନୃତ୍ୟ ପରିବେଷଣ କରୁଛନ୍ତି।

## ଭବାନୀପାଟଣାରେ ପୃଥକ ଘଟଣାରେ ୨ ଯୁବକ ମୃତ

ଭବାନୀପାଟଣା,୧।୧(ଉତ୍ତମ କୁମାର ଦାଶ)

ଭବାନୀପାଟଣା ସହରରେ ୨ପୃଥକ ଘଟଣାରେ ୨ ଯୁବକଙ୍କ ମୃତ୍ୟୁ ହୋଇଛି। ପରଦେଶୀ ପଡ଼ାରେ ଦୁର୍ଘଟଣା ହୋଇ ବବ୍ରୁବାହାନ ତାଣ୍ଡି (୪୫)ଙ୍କ ମୃତ୍ୟୁ ଘଟିଛି। ଅନ୍ୟପଟେ ବିଷ ପିଇ କାଳୀମନ୍ଦିର ପଡାର ହେମନ୍ତ ରାଉତ (୨୭)ଙ୍କ ମୃତ୍ୟୁ ହୋଇଛି। ଟାଉନ ଥାନା ପୋଲିସ ୨ଟି ପୃଥକ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରିଛି।

## ସୁଇଚ୍ ଭାଲ୍‌ବ ଚୋରି, ଜଳ ଯୋଗାଣ ଠପ୍

ଚମ୍ପୁଆ,୧।୧(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ସୁଇଚ୍ ଭାଲବ୍ ଚୋରି ଯୋଗୁ ଲୋକମାନେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ନିଶାଗଡ଼ିଆ, ବାଲେଶ୍ୱର, ଭୁଇଁପୁର ଓ ବାଲିପୋଶି ଅଞ୍ଚଳରେ ଭାଲବ୍ ଚୋରି ହୋଇଯାଇଥିବା ସୂଚନା ମିଳିଛି। ଚମ୍ପୁଆ ମିରିଗିଶିଙ୍ଗାଠାରେ ନିର୍ମାଣ କରାଯାଇଥିବା ଜଳ ପ୍ରକଳ୍ପରୁ ପାଇପ ଯୋଗେ ବିଶୁଦ୍ଧ ପାନୀୟଜଳ ପ୍ରତ୍ୟେକ ଗ୍ରାମକୁ ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି। କାର୍ଯ୍ୟ ତ୍ୱରାନିତ କରାଯାଉଥିବା ବେଳେ ସୁଇସ ଭାଲବ୍ ଓ ଏୟାର ଭାଲବ୍ ବାରମ୍ବାର ଚୋରି ହେଉଥିବା କନିଷ୍ଠ ଯନ୍ତ୍ରୀ କରନ ସୋରେନ ସୂଚନା ଦେଇଛନ୍ତି। ଚୋରି ବାବଦକୁ ବିଭିନ୍ନ ଥାନାରେ ମାମଲା ଦାୟର କରାଯାଇଛି। ସୋରେନଙ୍କ କହିବା ଅନୁଯାୟୀ, ଗ୍ରାମ ଗୁଡିକୁ ପାଣି ସମୟ ଅନୁସାରେ ଯୋଗାଇ ଦେବା ଏହି ଭାଲବ୍ ଗୁଡ଼ିକର କାମ। ଚୋରି ହୋଇଯିବାରୁ ପାନୀୟ ଜଳ ଯୋଗାଣରେ ସମସ୍ୟା ସୃଷ୍ଟି ହୋଇଛି। ଭାଲବ୍ ପ୍ରାୟ ୧୨ ହାଜାରରୁ ୧୫ ହଜାର ଟଙ୍କା ମଧ୍ୟରେ ପଡୁଥିବା ବେଳେ ଚୋରି ପରେ କିଣିବା ପାଇଁ ଅନେକ ସମୟ ଲାଗିଯାଉଛି। ଚୋରି ହେଉଥିବାରୁ ଜଳ ଯୋଗାଣ ହୋଇପାରୁ ନାହିଁ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅଷନ୍ତୋଷ ବଢ଼ିଚାଲିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ବିନାୟକ ଭୋଇ



@ ଭାସ୍କର

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିଲା ବ୍ରାହ୍ମଣ ମହାସଭା ସାଙ୍ଗଠନିକ ବୈଠକ

ବଲାଙ୍ଗୀର, ୧।୧ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ତୁଳସୀ ନଗର ସ୍ଥିତ ଟାଙ୍ଗ୍ରେଶ୍ୱର ମନ୍ଦିର ପରିସରରେ ଜିଲା ବ୍ରାହ୍ମଣ ମହାସଭାର ଏକ ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଛି। ସଭାପତି ଧନଞ୍ଜୟ ମିଶ୍ର, ସମ୍ପାଦକ ଜୟରାମ ମିଶ୍ର, ନଗର ସଙ୍ଗଠନ ସଭାପତି ନରେନ୍ଦ୍ର ଆଚାର୍ଯ୍ୟ, ସମ୍ପାଦକ ସଂକୀର୍ତ୍ତନ ତ୍ରିପାଠୀ ଏବଂ ସମାଜକର୍ମୀ ଶ୍ରୀକର ମିଶ୍ର ମଞ୍ଚାସୀନ ଥିଲେ। ବରିଷ୍ଠ ସଦସ୍ୟ ଶ୍ୟାମ ସୁନ୍ଦର ଦାଶ ମଙ୍ଗଳା ଚରଣ ପାଠ କରିଥିଲେ। ନଗର ସଭାପତି ଓ ସମ୍ପାଦକ ସଭାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏଥିରେ ତୁଳସୀ ନଗର, ରାଜୀବ ନଗର, ସାଲେପାଲି ତଥା ନିକଟବର୍ତ୍ତୀ ଅଞ୍ଚଳର ଶତାଧିକ ବ୍ରାହ୍ମଣ ଉପସ୍ଥିତ ଥିଲେ। କିଶୋର କୁମାର ରଥ, ବାଞ୍ଛାନିଧି ମିଶ୍ର, ବିରଞ୍ଚି ନାରାୟଣ ତ୍ରିପାଠୀ, ଶରତ ଚନ୍ଦ୍ର ଶତପଥୀ, ବଦ୍ରୀ ନାରାୟଣ ମିଶ୍ର, ବାଲାଜୀ ପଣ୍ଡା, ଡ଼ା ବିପିନ ବିହାରୀ ମିଶ୍ର ମହାସଭାରେ ମତ ରଖିଥିଲେ। ଶ୍ରୀକର ମିଶ୍ର ମହାସଭାର ପୂର୍ବ ଇତିହାସ ତଥା ବର୍ତ୍ତମାନର ଆବଶ୍ୟକତା ଉପରେ କହିଥିଲେ। କୋଷାଧ୍ୟକ୍ଷ ପର୍ଶୁରାମ ନାୟକ ନୂତନ ସଭ୍ୟ ଗ୍ରହଣ କାମ ସମ୍ପାଦନ କରିଥିଲେ । ଉପସଭାପତି ଗୋପବନ୍ଧୁ ପୁରୋହିତ ତାଙ୍କୁ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ତ୍ରିପାଠୀ, ସର୍ଜନ ଆଚାର୍ଯ୍ୟ, ଦାମୋଦର ଓତା, ପଣ୍ଡିତ କିଶୋର ମିଶ୍ର, ପଣ୍ଡିତ ସନ୍ତୋଷ ଶତପଥୀ, ଲୋକନାଥ ନେପାକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏକ ଅସ୍ଥାୟୀ କମିଟି ଗଠନ କରାଯାଇଥିଲା।



ବ୍ରାହ୍ମଣ ମହାସଭା ବୈଠକରେ ଉପସ୍ଥିତ ସଦସ୍ୟମାନେ।

# ଲାଠୋର ଧନୁଯାତ୍ରା ଉଦ୍‌ଯାପିତ



ଧନୁଯାତ୍ରାର ଉଦ୍‌ଯାପନୀ ସନ୍ଧ୍ୟାରେ କଂସ ବଧର ଏକ ଦୃଶ୍ୟ।

ଲାଠୋର,୧।୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋରରେ ଚାଲିଥିବା ୧୪ତମ ଧନୁଯାତ୍ରା ମହୋତ୍ସବ ରବିବାର ରାତିରେ କଂସ ବଧ ସହ ଉଦ୍‌ଯାପିତ ହୋଇଯାଇଛି। ମା' ବସ୍ତ୍ରେନ ଧନୁଯାତ୍ରା କମିଟି ସଭାପତି ହରି ବାରିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମାପନ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଳରାମ ସିଂ ଯାଦବ, ସମ୍ମାନୀତ ଅତିଥି ଭାବେ ଶଙ୍କରଲାଲ ଅଗ୍ରୱାଲ, ଜଗନ୍ନାଥ ଅଗ୍ରୱାଲ, ଇନ୍ଦ୍ରମଣୀ ପାଣିଗ୍ରାହୀ ଯୋଗ ଦେଇଥିଲେ। ମଞ୍ଚରେ କେକ୍ କାଟି ୨୦୨୩ ବର୍ଷକୁ ବିଦାୟ ଦେଇ ୨୦୨୪କୁ ସ୍ୱାଗତ କରାଯାଇଥିଲା। ନାଟ୍ୟାଭିନୟରେ ମଥୁରା ନଗରରେ ମହାରାଜ କଂସ ଆୟୋଜନ କରିଥିବା ଧନୁଯାତ୍ରାରେ ଭଣଜା କୃଷ୍ଣ ବଳରାମ ପହଞ୍ଚନ୍ତ ଆଉ ମାମଙ୍କ ବଧ କରନ୍ତି। ଲୀଳା ନାଟକରେ ଏହି ଦୃଶ୍ୟ ଦେଖିବାକୁ ଦର୍ଶକଙ୍କ ପବଳ ଭିଡ ଜମିଥିଲା। ଶେଷରେ ଲାଠୋର ଧନୁଯାତ୍ରାରେ ଅଭିନୟ କରିଥିବା କଳାକାରମାନଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ମାନୀତ କରିଥିଲେ। ସୁଶୀଲ ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କମିଟି ଉପସଭାପତି ବିଦ୍ୟାଧର ଗୁର୍ଲା, ସମ୍ପାଦକ ସଚ୍ଚିକାନ୍ତ ଦାସ, ଯୁଗ୍ମ ସମ୍ପାଦକ ନୀଳମଣି ବେହେରା, ସଦସ୍ୟ ପ୍ରକାଶ ବେହେରା, ଜୟଦେବ ଷାଣ୍ଢେ, ରମାକାନ୍ତ ମହାନ୍ତି, ସୁଶୀଲ ସାହୁଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଦେବଗଡ,୧।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ମୋଟ ୧୧ ଅଭିଯୋଗର ଶୁଣାଣି କରିବା ସହ ତୁରନ୍ତ ଏଗୁଡିକର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପଞ୍ଜିକୃତ ୧୧ ଅଭିଯୋଗ ମଧ୍ୟରେ ୭ ବ୍ୟକ୍ତିଗତ ଓ ୪ ଟି ସାମୂହିକ ରହିଥିଲା। ବିଶେଷ କରି ଡ୍ରେନେଜ ସମସ୍ୟା, ବିଦ୍ୟୁତ ସମସ୍ୟା, ଘରଡିହ ପଟ୍ଟା ପ୍ରଦାନ, ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ ଆଧାରିତ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ଦେବଗଡ ବନଖଣ୍ଡ ଅଧିକାରୀ ମଗର ଧାନାଜୀ ରାଓସୋ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରକ୍ଷୀତ ସାହୁ ଓ ଡେପୁଟି କଲକ୍ଟେର ଅଞ୍ଜନୀ କୁଜୁରଙ୍କ ସମେତ ସମସ୍ତ ବିଭାଗର ଅଧିକାରୀମାନେ ସାମିଲ ଥିଲେ।



ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି ଅଧିକାରୀ।

# ଧନୁଯାତ୍ରାରେ ଉଠିଲା ଆଞ୍ଚଳିକ ବୈଷମ୍ୟ ପ୍ରସଙ୍ଗ

ବଲାଙ୍ଗୀର, ୧।୧ (ବୀରେନ୍ଦ୍ର କୁମାର ଝାଙ୍କର)

**ନାରୀ ନିର୍ଯାତନାକୁ ନେଇ ସରକାରଙ୍କ କୋହଳ ନୀତି ନିନ୍ଦନୀୟ: ନରସିଂହ**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଅନ୍ତର୍ଗତ ନଅଗାଁ (କ)ଠାରେ ଆୟୋଜିତ ଆଞ୍ଚଳିକ ଧନୁଯାତ୍ରା କଂସ ଦରବାରରେ ରବିବାର ସନ୍ଧ୍ୟାରେ ରାଜଅତିଥି ଭାବେ ବିଧାୟକ ନରସିଂହ ମିଶ୍ର ଯୋଗ ଦେଇଥିଲେ। କଂସ ଦରବାରରେ ଅତିଥି ହୋଇ ବିଧାୟକ ମିଶ୍ର ପଶ୍ଚିମ ଓଡ଼ିଶା ପ୍ରତି ଆଞ୍ଚଳିକ ବୈଷମ୍ୟ କିଭଳି ହେଉଛି ତାହା କହିଥିଲେ। ସେ ଆହୁରି କହିଥିଲେ ଯେ, ସରକାରଙ୍କ ପଶ୍ଚିମ ଓଡିଶା ପ୍ରତି କ୍ରମାଗତ ଅବହେଳା ଓ ବୈମାତୃକ ମନୋଭାବ ଏତେ ପରିମାଣରେ ବଢିଚାଲିଛି ଯେ ଲୋକଙ୍କ ଭିତରେ ଅସନ୍ତୋଷ କୁହୁଳିବାରେ ଲାଗିଲାଣି। ଏହି ମନୋଭାବକୁ ପ୍ରଶମିତ କରା ନ ଗଲେ ଆଗକୁ ପରିସ୍ଥିତି ଯାହା ହେବ ସରକାର ଦାୟୀ ରହିବେ ବୋଲି ସେ କହିଥିଲେ। ରାଜ୍ୟରେ ନାରୀମାନଙ୍କ ପ୍ରତି ଅତ୍ୟାଚାର ବଢୁଛି। ରାଜ୍ୟ ସରକାର ଅପରାଧିଙ୍କ ପ୍ରତି ଶକ୍ତ ଆଭିମୁଖ୍ୟ ଗ୍ରହଣ କରିବା ଛାଡି କୋହଳ ଆଭିମୁଖ୍ୟ ଗ୍ରହଣ କରୁଛନ୍ତି। ସଭାରେ ସେ ଆହୁରି କହିଥିଲେ ଯେ, ରାଜ୍ୟରେ ଗୋଟିଏ ବର୍ଗର ଲୋକେ ଖୁସିରେ ନାହାନ୍ତି। କୃଷି କ୍ଷେତ୍ରରେ ଜଳସେଚନର ଅଭାବ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଡାକ୍ତର ଅଭାବ, ଶିକ୍ଷା କ୍ଷେତ୍ରରେ ଶିକ୍ଷକ, ଅଧାପକଙ୍କ ମରୁଡି, ରୋଜଗାର ପାଇବାରେ ପାଠୁଆ ଯୁବକ ବିଫଳ ହେବା ରାଜ୍ୟର ନୈରାଶ୍ୟଜନକ ପରିସ୍ଥିତିକୁ ବଖାଣୁଛି। ନାରୀ ନିର୍ଯାତନାରେ ରାଜ୍ୟ ସରକାରଙ୍କ ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ ଜଡିତ । କିନ୍ତୁ କଥାରେ ଆଇନ ତା ବାଟରେ ଯିବ କୁହାଯାଉଛି। ଏହି ଧନୁଯାତ୍ରାର ନାଟ୍ୟ ଅଭିନୟ କାହିଁକି ନିଜ ମାତୃଭାଷା କୋଶଲୀରେ ହେଉ ନାହିଁ ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ । ବିଧାୟକଙ୍କ ଭାଷଣ ଶୁଣି କଂସ ମହାରାଜ ଦରବାରରେ ତତ୍‌କ୍ଷଣାତ୍ କୋଶଲି ଭାଷାରେ ହିଁ ବାକିଥିବା ନାଟ୍ୟ ଅଭିନୟକୁ ଆଗେଇ ନେବାକୁ କହିଥିଲେ। ଦରବାରରେ ସମ୍ମାନୀତ ଅତିଥି ଭାବେ ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା, ପୂର୍ବତନ ଆଗଲପୁର ବ୍ଲକ ଚେୟାରମେନ ମନମୋହନ ପଟେଲ ଯୋଗ ଦେଇଥିଲେ ।



ବିଧାୟକ ନରସିଂହ ମିଶ୍ର କଂସ ଦରବାରରେ ଅତିଥିଭାବେ ବକ୍ତବ୍ୟ ରଖୁଛନ୍ତି।

**ସଂକ୍ଷେପରେ**

## ଭାରତ-ପାକ୍ ଆଣବିକ ପ୍ରତିଷ୍ଠାନ ତାଲିକା ବିନିମୟ

**ନୂଆଦିଲ୍ଲୀ,୧।୧(ପି.ଟି.):** ନୂଆବର୍ଷ ଅବସରରେ ଭାରତ ଓ ପାକିସ୍ତାନ ସେମାନଙ୍କର ଆଣବିକ ପ୍ରତିଷ୍ଠାନଗୁଡ଼ିକର ତାଲିକା ସୋମବାର ଅଦଳବଦଳ କରିଛନ୍ତି। ଉଭୟ ରାଷ୍ଟ୍ର ପରସ୍ପରର ଆଣବିକ ପ୍ଲାଣ୍ଟ ଉପରେ ଆକ୍ରମଣ ନ କରିବା ପାଇଁ ଦ୍ୱିପାକ୍ଷିକ ଚୁକ୍ତି ବଳରେ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେଲା ପ୍ରତିବର୍ଷ ବର୍ଷ ଆରମ୍ଭରେ ଏଭଳି ତାଲିକା ବିନିମୟ ହୋଇଆସୁଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ନୂଆଦିଲ୍ଲୀ ଏବଂ ଇସ୍‌ଲାମାବାଦରେ ଏକସଙ୍ଗେ କୂଟନୈତିକ ଚ୍ୟାନେଲ ମାଧ୍ୟମରେ ଆଣବିକ ପ୍ରତିଷ୍ଠାନ ତାଲିକା ବିନିମୟ କରାଯାଇଥିଲା। ଏଥିପାଇଁ ଦୁଇଦେଶ ମଧ୍ୟରେ ୧୯୮୮ ଡିସେମ୍ବର ୩୧ରେ ଚୁକ୍ତି ସ୍ୱାକ୍ଷର ହୋଇଥିବାବେଳେ ୧୯୯୧ ଜାନୁୟାରୀ ୨୭ରେ ଏହାକୁ କାର୍ଯ୍ୟକାରୀ କରାଯାଇଥିଲା।

## ୨୨ ତାରିଖ ମଧ୍ୟାହ୍ନ ୧୨ଟା ୨୦ରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା

**ଅଯୋଧ୍ୟା,୧।୧(ପି.ଟି.):** ଜାନୁୟାରୀ ୨୨ ତାରିଖ ମଧ୍ୟାହ୍ନ ୧୨ଟା ୨୦ ମିନିଟ୍ ସମୟରେ ଅଯୋଧ୍ୟାର ନବନିର୍ମିତ ରାମମନ୍ଦିରରେ ଭଗବାନ ରାମ ଲାଲାଙ୍କ ପ୍ରାଣପ୍ରତିଷ୍ଠା କରାଯିବ। ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ରର ସାଧାରଣ ସମ୍ପାଦକ ଚମ୍ପତ ରାୟ ସୋମବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ପ୍ରାଣପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହେବା ପରେ ଶ୍ରଦ୍ଧାଳୁମାନେ ସେମାନଙ୍କ ଅଞ୍ଚଳରେ ଆରତି କରିବା ସହ ମିଷ୍ଟାନ୍ନ ବଣ୍ଟନ କରିବେ ଓ ସନ୍ଧ୍ୟା ପରେ ଘରେ ଦୀପ ଜାଳିବେ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ସମଗ୍ର ବିଶ୍ୱକୁ ଏଭଳି ନିବେଦନ କରିଥିଲେ। ସୋମବାର ଅଯୋଧ୍ୟାରେ 'ଅକ୍ଷତ' ବଣ୍ଟନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିବାବେଳେ ଚମ୍ପତ ସେଥିରେ ଯୋଗଦେଇଥିଲେ।

# ପ୍ରଯୁକ୍ତିକୁ ଅସ୍ତ୍ର କରିବା ବନ୍ଦ ହେଉ

## ଏମ୍‌ଜିଏନ୍‌ଆର୍‌ଇଜିଏ ମଜୁରି ପୈଠରେ ଆଧାରଭିତ୍ତିକ ବ୍ୟବସ୍ଥାକୁ କଂଗ୍ରେସର ନିନ୍ଦା

**ନୂଆଦିଲ୍ଲୀ,୧।୧(ପି.ଟି.)**





ଜୟରାମ ରମେଶ

ଅତ୍ୟାବଶ୍ୟକ ସରକାରୀ ସେବାରେ ଆଧାର ନମ୍ବର ବ୍ୟବହାର ଜରୁରୀ ନୁହେଁ ବୋଲି ସୁପ୍ରିମକୋର୍ଟ ଗତବର୍ଷ ମାର୍ଚ୍ଚରେ ରାୟ ଦେଇଥିଲେ। ଏହା ସତ୍ତ୍ୱେ କେନ୍ଦ୍ର ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଅଧିନିୟମ (ଏମ୍‌ଜିଏନ୍‌ଆର୍‌ଇଜିଏ)ରେ ମଜୁରି ପୈଠ ପାଇଁ ଆଧାରଭିତ୍ତିକ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରିଛନ୍ତି। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧୀ ଦଳ କଂଗ୍ରେସ ନିନ୍ଦା କରିବା ସହ ପ୍ରଯୁକ୍ତି ବିଶେଷକରି ଆଧାରକୁ ଅସ୍ତ୍ର କରାଯିବା ବନ୍ଦ ହେଉ ବୋଲି କହିଛି। ଏହାଦ୍ୱାରା ବହୁ ଗରିବ ଭାରତୀୟ ସାମାଜିକ କଲ୍ୟାଣ ସୁବିଧାରୁ ବଞ୍ଚିତ ହେବେ ବୋଲି ବିରୋଧୀ ଦଳ କହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏମ୍‌ଜିଏନ୍‌ଆର୍‌ଇଜିଏକୁ ଅବହେଳା କରିଆସୁଥିବାବେଳେ ଏଥିରୁ ହିତାଧିକାରୀମାନଙ୍କୁ ବାଦ୍ ଦେବା ପାଇଁ ପ୍ରଯୁକ୍ତିକୁ ଅସ୍ତ୍ର ଭାବେ ବ୍ୟବହାର କରିବାରେ ଏକାଧିକ ଡିଜାଇନ୍‌ର ପ୍ରୟୋଗ କରିଛନ୍ତି।

କଂଗ୍ରେସର ଯୋଗାଯୋଗ ଦାୟିତ୍ୱରେ ଥିବା ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ଆଧାର ଭିତ୍ତିକ ପେମେଣ୍ଟ ବ୍ୟବସ୍ଥା (ଏବିପିଏସ୍) ଜରିଆରେ ଏମ୍‌ଜିଏନ୍‌ଆର୍‌ଇଜିଏ ମଜୁରି ପ୍ରଦାନକୁ ବାଧ୍ୟତାମୂଳକ କରିବା ଲାଗି ଥିବା ସମୟସୀମାକୁ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ପଞ୍ଚମ ଥରରେ ୨୦୨୩ ଡିସେମ୍ବର ୩୧ ପର୍ଯ୍ୟନ୍ତ ବଢ଼ାଇଥିଲେ। ଦେଶରେ ମୋଟ ୨୫.୬୯ କୋଟି ଏମ୍‌ଜିଏନ୍‌ଆର୍‌ଇଜିଏ ଶ୍ରମିକ ଥିବାବେଳେ ସେମାନଙ୍କ ମଧ୍ୟରୁ ୧୪.୩୩ କୋଟିଙ୍କୁ ସକ୍ରିୟ ବିବେଚନା କରାଯାଉଛି। ଡିସେମ୍ବର ୨୭ ସୁଦ୍ଧା ମୋଟ ପଞ୍ଜୀକୃତ ଶ୍ରମିକଙ୍କ ମଧ୍ୟରୁ ୩୪.୮ ପ୍ରତିଶତ (୮.୯ କୋଟି) ଏବଂ ସକ୍ରିୟ ଶ୍ରମିକଙ୍କ ମଧ୍ୟରୁ ୧୨.୭ ପ୍ରତିଶତ (୧.୮ କୋଟି ) ଏବିପିଏସ୍‌ରେ ମଜୁରି ପାଇବାକୁ ଯୋଗ୍ୟ ବିବେଚିତ ହୋଇ ନ ଥିବା ଜୟରାମ କହିଛନ୍ତି।

ଏମ୍‌ଜିଏନ୍‌ଆର୍‌ଇଜିଏ ମଜୁରି ପୈଠ ପାଇଁ ଏବିପିଏସ୍ ବ୍ୟବହାରରେ ବହୁ ଚ୍ୟାଲେଞ୍ଜ ରହିଥିବା ଶ୍ରମିକଙ୍କଠାରୁ ଆରମ୍ଭ କରି ଆଇନଜୀବୀ ଓ ଗବେଷକ ଅଭିଯୋଗ କରିବା ସତ୍ତ୍ୱେ କେନ୍ଦ୍ର ସରକାର ପ୍ରଯୁକ୍ତିକୁ ନେଇ ଧ୍ୱଂସାତ୍ମକ ପ୍ରୟୋଗ ଜାରି ରଖିଛନ୍ତି। ଦେଶର କୋଟି କୋଟି ଗରିବଙ୍କୁ ମୌଳିକ ଆୟରୁ ବଞ୍ଚିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଏହା ନିଷ୍ଠୁର ନବବର୍ଷ ଉପହାର ବୋଲି ଜୟରାମ ଅଭିଯୋଗ କରିଛନ୍ତି।

ଗତ ଅଗଷ୍ଟ ୩୦ରେ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ଏକ ବିବୃତିରେ କହିଥିଲା, ଏବିପିଏସ୍ ପାଇଁ ଅଯୋଗ୍ୟ ବିବେଚିତ ହେଉଥିବା ଶ୍ରମିକଙ୍କ ଜବ୍ କାର୍ଡକୁ କାଟିଦିଆଯିବ ନାହିଁ। ମଜୁରି ପୈଠ କରିବାରେ ଏବିପିଏସ୍ ସବୁଠୁ ଭଲ ଉପାୟ ବୋଲି ବିଭିନ୍ନ ଷ୍ଟେକ୍‌ହୋଲ୍ଡର ପରାମର୍ଶ ଦେଇଥିବା ମନ୍ତ୍ରଣାଳୟ କହିଥିଲା। ଏହାଦ୍ୱାରା ଶ୍ରମିକମାନେ ଠିକ୍ ସମୟରେ ସେମାନଙ୍କ ମଜୁରି ପାଇବେ ବୋଲି କୁହାଯାଇଥିଲା। କିନ୍ତୁ ୨୦୨୨ ଏପ୍ରିଲରୁ ଇତିମଧ୍ୟରେ ସିଷ୍ଟମରୁ ୭.୬ କୋଟି ପଞ୍ଜୀକୃତ ଶ୍ରମିକଙ୍କ ନାଁ କାଟିଦିଆଗଲାଣି। ଚଳିତ ଆର୍ଥିକ ବର୍ଷର ପ୍ରଥମ ୯ ମାସରେ ୧.୯ କୋଟି ପଞ୍ଜୀକୃତ ଶ୍ରମିକ ବାଦ୍ ପଡ଼ିଛନ୍ତି। ମୋଦି ସରକାର ତରବରିଆ ଭାବେ ଆଧାର ପ୍ରମାଣୀକରଣ ଏବଂ ଏବିପିଏସ୍ ଲାଗୁ କରିବା ଫଳରେ ଭୁଲ୍‌କ୍ରମେ ଏତେସଂଖ୍ୟାରେ ଶ୍ରମିକଙ୍କ ନାଁ କଟାଯାଇଥିବା ତଳସ୍ତରରୁ ହୋଇଥିବା ଯାଞ୍ଚରୁ ଜଣାପଡ଼ିଛି ବୋଲି କଂଗ୍ରେସ ନେତା କହିଛନ୍ତି। ଏବିପିଏସ୍ ଏବଂ ଅନ୍ୟାନ୍ୟ ପ୍ରଯୁକ୍ତିଗତ ହସ୍ତକ୍ଷେପ କାର୍ଯ୍ୟକାରୀ କରିବା ଉପରେ ବହୁସଂଖ୍ୟାରେ ପ୍ରତିନିଧି ଚିନ୍ତାବ୍ୟକ୍ତ କରିଥିଲେ ମଧ୍ୟ ମୋଦି ସରକାର ସେଥିପ୍ରତି କର୍ଣ୍ଣପାତ କରୁନାହାନ୍ତି।

ଏବିପିଏସ୍‌ରେ ମଜୁରି ପୈଠ ସାମର୍ଥ୍ୟ ବଢ଼ିବ ବୋଲି ମନ୍ତ୍ରଣାଳୟ ଦାବି କରୁଥିବାବେଳେ ତାହା ନିରାଧାର ବୋଲି ଜଣାପଡ଼ିଛି। ଲିବ୍‌ଟେକ୍ ଇଣ୍ଡିଆ ତଥ୍ୟରେ ଏହାକୁ ସମ୍ପୂର୍ଣ୍ଣ ଖାରଜ କରିଦିଆଯାଇଛି। ଆକାଉଣ୍ଟ ପ୍ରକ୍ରିୟା ଏବଂ ଆଧାର ଭିତ୍ତିକ ପୈଠ ବ୍ୟବସ୍ଥାରେ ସମୟ ବ୍ୟୟରେ ବିଶେଷ କିଛି ପ୍ରାର୍ଥକ୍ୟ ନ ଥିବା ୩.୨ କୋଟି ମଜୁରି କାରବାରକୁ ଅନୁଧ୍ୟାନ କରାଯିବା ପରେ ଜଣାପଡ଼ିଥିବା ଜୟରାମ କହିଛନ୍ତି।

**ମାଓବାଦୀ-ଯବାନ ଗୁଳି ବିନିମୟ**

## ଶିଶୁ ମୃତ, ମାଆ ଗୁରୁତର

**ରାୟପୁର,୧।୧(ପି.ଟି.)**

ଛତିଶଗଡ଼ର ବିଜାପୁରରେ ସୋମବାର ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ବେଳେ ଜଣେ ୬ ମାସର ଶିଶୁ ପ୍ରାଣ ହରାଇବା ସହ ତାଙ୍କ ମାଆ ଗୁରୁତର ହୋଇଛନ୍ତି। ଏନ୍‌କାଉଣ୍ଟରରେ ଜିଲା ରିଜର୍ଭ ଗାର୍ଡ (ଡିଆର୍‌ଜି)ର ଦୁଇଜଣ ଯବାନ ଆହତ ହୋଇଥିବା ଜଣାପଡ଼ିଛି। ଡିଆର୍‌ଜି ଟିମ୍ ମାଓବାଦୀ ବିରୋଧୀ ଅଭିଯାନରେ ଥିବାବେଳେ ଗଙ୍ଗଲୁର ଥାନା ଅନ୍ତର୍ଗତ ମୁଟ୍‌ଭଣ୍ଡି ଗ୍ରାମ ନିକଟ ଜଙ୍ଗଲରେ ଅପରାହ୍ନ ୫ଟାରେ ଗୁଳିବିନିମୟ ହୋଇଥିଲା। ଆହତ ମହିଳା ଓ ୨ ଯବାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଡିଆର୍‌ଜି ଏବଂ ସିଆର୍‌ପିଏଫ୍ ଯବାନମାନେ ଏନ୍‌କାଉଣ୍ଟର ସ୍ଥଳରେ ତଲାସି ଜାରି ରଖିଛନ୍ତି।

## ଗ୍ୟାଙ୍ଗଷ୍ଟର ଗୋଲ୍ଡି ବ୍ରାର୍ ଆତଙ୍କବାଦୀ ଘୋଷିତ



**ନୂଆଦିଲ୍ଲୀ,୧।୧**

ବେଆଇନ ଖଲିସ୍ତାନୀ ସଂଗଠନ ବାବର ଖାଲ୍‌ସା ଇଣ୍ଟରନ୍ୟାଶନାଲ ସହ ସମ୍ପୃକ୍ତ ଥିବା ଗ୍ୟାଙ୍ଗଷ୍ଟର ଗୋଲ୍ଡି ବ୍ରାରଙ୍କୁ କେନ୍ଦ୍ର ସରକାର ଆତଙ୍କବାଦୀ ଘୋଷଣା କରିଛନ୍ତି। ବେଆଇନ କାର୍ଯ୍ୟକଳାପ (ପ୍ରତିକାର) ଆଇନ ଅନୁଯାୟୀ ବ୍ରାରଙ୍କୁ ଆତଙ୍କବାଦୀ ଘୋଷଣା କରାଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବିଜ୍ଞପ୍ତିରୁ ଜଣାପଡ଼ିଛି। ସୋମବାର ଜାରି ବିଜ୍ଞପ୍ତିରେ କୁହାଯାଇଛି, ବ୍ରାରଙ୍କ ପଛରେ ବହୁ ବିଦେଶୀ ଆତଙ୍କବାଦୀ ସଂଗଠନର ସମର୍ଥନ ରହିଛି। ୨୦୨୨ରେ ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲା ହତ୍ୟାକାଣ୍ଡର ସେ ମାଷ୍ଟରମାଇଣ୍ଡ ଥିବା ପୋଲିସ କହିଥିଲା।


ନୂଆବର୍ଷରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀର ହଜଖାସ୍ ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରୁଛନ୍ତି।

## ନୋବେଲ ବିଜୟୀ ଅର୍ଥନୀତିଜ୍ଞଙ୍କୁ ଜେଲ

**ଢାକା,୧।୧(ପି.ଟି.)**


ଡ. ମହମ୍ମଦ ୟୁନୁସ୍

ବାଂଲାଦେଶର ନୋବେଲ ବିଜୟୀ ଅର୍ଥନୀତିଜ୍ଞ ଡ. ମହମ୍ମଦ ୟୁନୁସ୍‌ଙ୍କୁ ଶ୍ରମ ଆଇନ ଉଲ୍ଲଂଘନ ଅଭିଯୋଗରେ ସ୍ଥାନୀୟ ଅଦାଲତ ସୋମବାର ଦୋଷୀସାବ୍ୟସ୍ତ କରିବା ସହ ୬ ମାସ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ସାଧାରଣ ନିର୍ବାଚନ ପୂର୍ବରୁ ରାଜନୈତିକ ଉଦ୍ଦେଶ୍ୟରେ ୟୁନୁସ୍‌ଙ୍କୁ ଜେଲ ପଠାଯାଇଥିବା ତାଙ୍କ ସମର୍ଥକମାନେ କହିଛନ୍ତି। ଦାରିଦ୍ର୍ୟ ନିରାକରଣ ଅଭିଯାନ ଏବଂ ନିଜର ଗ୍ରାମୀଣ ବ୍ୟାଙ୍କ ଜରିଆରେ ବାଂଲାଦେଶକୁ ମାଇକ୍ରୋକ୍ରେଡିଟ୍‌ର ଜନ୍ମସ୍ଥାନର ପରିଚୟ ଦେଇଥିବାରୁ ୮୩ ବର୍ଷୀୟ ଅର୍ଥନୀତିଜ୍ଞ ୨୦୦୬ରେ ନୋବେଲ ପୁରସ୍କାର ପାଇଥିଲେ। ସେ ୧୯୮୩ରେ ଉକ୍ତ ବ୍ୟାଙ୍କ ପ୍ରତିଷ୍ଠା କରିଥିଲେ। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଗ୍ରାମୀଣ ଟେଲିକମ୍‌ରେ ଶ୍ରମିକ କଲ୍ୟାଣ ପାଣ୍ଠି ଗଠନ କରାଯାଇ ନ ଥିବାରୁ ୟୁନୁସ୍ ଓ ତାଙ୍କର ୩ ସହକର୍ମୀଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଗ୍ରାମୀଣ ଟେଲିକମ୍‌ର ଅଧ୍ୟକ୍ଷ ଭାବେ ଶ୍ରମ ଆଇନର ଉଲ୍ଲଂଘନ ନିମନ୍ତେ ତୃତୀୟ ଶ୍ରମ ଅଦାଲତର ବିଚାରପତି ଶେଖ୍ ମେରିନା ସୁଲ୍‌ତାନା ୟୁନୁସ୍‌ଙ୍କ ସମେତ ୪ ଜଣଙ୍କୁ ୬ ମାସ ଲେଖାଏ ଜେଲଦଣ୍ଡ ଓ ୨୫ ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି।

## ଆଜି ମୋଦିଙ୍କ ବାରାଣସୀ କାର୍ଯ୍ୟାଳୟ ଘେରିବ କଂଗ୍ରେସ

**ଶାହଜାହାନପୁର,୧।୧(ପି.ଟି.)**

**ଆଇଆଇଟି ଛାତ୍ରୀ ଗଣବଳାତ୍କାର ମାମଲା**

ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍‌ୟୁ) ଆଇଆଇଟି କ୍ୟାମ୍ପସ୍ ମଧ୍ୟରେ ଜଣେ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାରେ ଭାଜପାର ସ୍ଥାନୀୟ ନେତା ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାରାଣସୀ ନିର୍ବାଚନମଣ୍ଡଳୀ କାର୍ଯ୍ୟାଳୟକୁ ଘେରାଉ କରିବ ବୋଲି କଂଗ୍ରେସ କହିଛି। ଉତ୍ତରପ୍ରଦେଶ କଂଗ୍ରେସ ସଭାପତି ଅଜୟ ରାୟ ଏହା ଘୋଷଣା କରିଛନ୍ତି। ଦୁଇମାସ ତଳେ ଛାତ୍ରୀଜଣକ ଗଣବଳାତ୍କାରର ଶିକାର ହୋଇଥିଲେ। ରବିବାର ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି, ଯେଉଁମାନେ ଭାଜପା ଆଇଟି ସେଲ୍ ସଦସ୍ୟ। ମୋଦିଙ୍କ ନିର୍ବାଚନମଣ୍ଡଳୀରେ ମହିଳା ଓ ନାବାଳିକା ବଳାତ୍କାରର ଶିକାର ହେଉଛନ୍ତି। କିପରି ଶାସକ ଦଳର ଛତ୍ରଛାୟା ତଳେ ରହି ଅପରାଧୀମାନେ ବଳାତ୍କାର ଭଳି ଘଟଣା ଘଟାଉଛନ୍ତି, ତାହା ଜନସାଧାରଣଙ୍କୁ ଜଣାଇବା ପାଇଁ କଂଗ୍ରେସର ବାରାଣସୀ ଜିଲା ଓ ସହର ଶାଖାର କର୍ମୀମାନେ ମୋଦିଙ୍କ ବାରାଣସୀ କାର୍ଯ୍ୟାଳୟକୁ ମଙ୍ଗଳବାର ଘେରାଉ କରିବେ ବୋଲି ଅଜୟ କହିଛନ୍ତି।

## ଦେଶରେ ୧୯୬ ଜେଏନ୍.୧ ମାମଲା

**ନୂଆଦିଲ୍ଲୀ,୧।୧(ପି.ଟି.)**



**ସକ୍ରିୟ ମାମଲା ସଂଖ୍ୟା ୪,୩୯୪କୁ ବୃଦ୍ଧି**

ଭାରତରେ ବର୍ତ୍ତମାନ ସୁଦ୍ଧା କୋଭିଡ୍-୧୯ର ସବ୍‌ଭାରିଆଣ୍ଟ ଜେଏନ୍.୧ ସଂକ୍ରମଣ ୧୯୬ରେ ପହଞ୍ଚିଛି। ଆଇଏନ୍‌ଏସ୍‌ଏସିଓଜି ତଥ୍ୟରୁ ଏହା ଜଣାପଡ଼ିଛି। ବର୍ତ୍ତମାନ ସୁଦ୍ଧା ଓଡ଼ିଶା ସମେତ ଦେଶର ୧୦ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ଉକ୍ତ ଭାରିଆଣ୍ଟ ସଂକ୍ରମଣ କଲାଣି। କେରଳରେ ସର୍ବାଧିକ ୮୩ ମାମଲା ଚିହ୍ନଟ ହୋଇଥିବାବେଳେ ଗୋଆରେ ୫୧, ଗୁଜରାଟ ୩୪, କର୍ନାଟକ ୮, ମହାରାଷ୍ଟ୍ର ୭, ରାଜସ୍ଥାନରେ ୫, ତାମିଲନାଡୁ ୪, ତେଲଙ୍ଗାନା ୨ ଏବଂ ଓଡ଼ିଶା ଓ ଦିଲ୍ଲୀରେ ଜଣେ ଲେଖାଏ ଜେଏନ୍.୧ ଭାରିଆଣ୍ଟ ଚିହ୍ନଟ ହୋଇଛନ୍ତି। ନଭେମ୍ବରରେ ୧୭ ମାମଲା ଚିହ୍ନଟ ହୋଇଥିବାବେଳେ ଡିସେମ୍ବରରେ ୧୭୯ ମାମଲା ଠାବ ହୋଇଛି।

ସୋମବାର ସକାଳ ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ଦେଶରେ ୬୩୬ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ସକ୍ରିୟ ମାମଲା ସଂଖ୍ୟା ୪,୩୯୪ରେ ପହଞ୍ଚିଛି। ଏଥିସହ ଦିନକରେ କୋଭିଡ୍‌ରେ ୩ ଜଣ ପ୍ରାଣ ହରାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି।

**ଫୁରସତ୍**

## ପାଣି ଭିତରେ ବିଶ୍ୱର ସବୁଠୁ ବଡ଼ ଶ୍ମଶାନ

**ପାଲିକିର୍**



ଚୁଉକ ଦ୍ୱୀପର ପାଣି ତଳେ ଥିବା ଏକ ଫଟୋ ନିକଟରେ ସାମ୍ନାକୁ ଆସିଛି। ଯାହାକୁ ଦେଖି ଲୋକେ ଏହି ପାଣି ଭିତରେ ବିଶ୍ୱର ସବୁଠୁ ବଡ଼ ଶ୍ମଶାନ ବୋଲି କୁହାଯାଉଛି। ମଣିଷ କଙ୍କାଳ, ଜାହାଜରେ ଲଦା ହୋଇଥିବା ଜିନିଷ ଏବଂ ଅନ୍ୟ ଜିନିଷ ପଡ଼ିଥିବା ଫଟୋରେ ଦେଖିବାକୁ ମିଳିଛି। ଏପରି ଏକ ଶ୍ମଶାନ ଚୁଉକ ଦ୍ୱୀପ ସମୂହରେ କରାଯାଇଛି। ବହୁତ ବଡ଼ ସଂଖ୍ୟାରେ ପାଣି ତଳେ ଜାହାଜର ଖଣ୍ଡ ପଡ଼ିଛି। ଏହି ପାଣିରେ ନୌସେନାର ଜାହାଜ, ଜାପାନର ଟ୍ରକ ଏବଂ କେତେଗୁଡ଼ିଏ ପୁରୁଣା ସୁଇମିଂ ଶୁଟ୍ ପଡ଼ିଛି। ଏହି ସବୁ ଜିନିଷ ଇତିହାସରେ ହୋଇଥିବା ଧ୍ୱଂସର ପ୍ରମାଣ ; ଯେଉଁଥିରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ମଧ୍ୟ ସାମିଲ ରହିଛି। କିଛି ଖଣ୍ଡ ଅପରେଶନ ହେଲଷ୍ଟୋନରେ ବୁଡ଼ିଥିବା ଜାହାଜର ମଧ୍ୟ ରହିଛି ; ଯାହା ଦ୍ୱିତୀୟ ବିଶ୍ୱଯୁଦ୍ଧର ଏକ ସୈନ୍ୟ ସଂଘର୍ଷ ଥିଲା। ଏଥିରେ ୪ହଜାର ୫ଶହ ଜାପାନୀ ସୈନିକଙ୍କ ମୃତ୍ୟୁ ହୋଇଥିଲା। ରିପୋର୍ଟ ମୁତାବକ, ଏହି ଅପରେଶନରେ ଅନେକ ବିମାନ ଏବଂ ଜାହାଜ ବୁଡ଼ିଯାଇଥିଲା। ଏଥିସହ ୪୦ ଆମେରିକା ସୈନ୍ୟଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା। ପାଣିରେ ମିଳିଥିବା ଜାହାଜ ଖଣ୍ଡ ସବୁ ଯୁଦ୍ଧ ସମୟର। ଏପରି କିଛି ଜାହାଜ ଖଣ୍ଡ ମଧ୍ୟ ପାପୁଆନ୍ୟୁଗିନି, ଫିଲିପିନ୍ସ କୂଳ ଏବଂ ଇଣ୍ଡୋନେସିଆର ପାଣିରେ ମଧ୍ୟ ମିଳିଛି। ହୋକି ମାରୁ ଜାହାଜର ଖଣ୍ଡ ମଧ୍ୟ ଏଠାରେ ପଡ଼ିଛି। ପାଣିରେ ମଣିଷଙ୍କ କଙ୍କାଳ ମଧ୍ୟ ପଡ଼ିଛି, ହେଲେ ଏହି ସ୍ଥାନ ପାଣି ବୁଡ଼ାଳିଙ୍କ ପାଇଁ ଅଧିକ ପ୍ରସିଦ୍ଧ। ୨ ଦିନ ଧରି ଚାଲିଥିବା ଅପରେଶନ ହେଲଷ୍ଟୋନରେ ମୋଟ ୨୫୦ ଜାପାନୀ ବିମାନ ନଷ୍ଟ ହୋଇଥିଲା। ୧୯୪୪ ମସିହାରେ ଆମେରିକାର ସୈନିକଙ୍କ ଦ୍ୱାରା ଏହି ଯୁଦ୍ଧ ହୋଇଥିଲା ; ଯେଉଁଥିରେ ବହୁତ ସଂଖ୍ୟାରେ ଆମେରିକା ସୈନ୍ୟଙ୍କ ମୃତ୍ୟୁ ହୋଇଥିଲା। ଏଥିସହ ୧୭ ହଜାର ଟନ୍‌ର ଇନ୍ଧନ ମଧ୍ୟ ନଷ୍ଟ ହୋଇଥିଲା।

## ୭୦ କୋଟି ଟଙ୍କାର ବଙ୍ଗଳା କିଣିଲେ ଜନ୍

**ମୁମ୍ବାଇ**




ବଲିଉଡ୍‌ର ଆକ୍ସନ ହିରୋ ଜନ୍ ଆବ୍ରାହମ୍ ନିକଟରେ ଏକ ଘର କିଣିଛନ୍ତି। ଯାହାକୁ ନେଇ ସେ ଏବେ ଚର୍ଚ୍ଚାରେ ରହିଛନ୍ତି। ଜନ୍ ମୁମ୍ବାଇରେ କିଣିଥିବା ଏକ ବଙ୍ଗଳାର ମୂଲ୍ୟ ୭୦.୮୩ କୋଟି ; ଯାହା ୭ ହଜାର ୭୨୨ ଫିଟ୍ ଜାଗାରେ ଥିବା ୫ ହଜାର ୪୧୬ ସ୍କୋୟାର ଫିଟ୍‌ର ଅଟେ। ଜନ୍ ମୁମ୍ବାଇର ଖାରର ଲିଙ୍କିଙ୍ଗ ରୋଡ୍‌ରେ ତାଙ୍କର ଏହି ବଙ୍ଗଳା କିଣିଛନ୍ତି। ଜନ୍‌ଙ୍କ ଏହି ବଙ୍ଗଳା ସମୁଦ୍ର ପାଖରେ ରହିଛି। ଯେଉଁଠାରୁ ସମୁଦ୍ରର ଦୃଶ୍ୟ ଅତ୍ୟନ୍ତ ସୁନ୍ଦର ରହିବ। ତେବେ ଜନ୍ ଗତବର୍ଷ ଶାହରୁଖ୍ ଖାନ୍‌ଙ୍କ ଫିଲ୍ମ 'ପଠାନ'ରେ ନଜରକୁ ଆସିଥିଲେ। ଏହି ଫିଲ୍ମ ବକ୍ସ ଅଫିସରେ ଧମାଲ କରିଥିଲା। ଜନ୍ ୨୦୦୨ରେ ତାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିବାବେଳେ ଚଳିତବର୍ଷ ତାଙ୍କ ପାଖରେ ଆଉ ୪ଟି ମୁଭି ରହିଛି।




## ଛୋଟବେଳେ ପାଳିଥିବା ଝିଅକୁ ବାହାହେଲେ

**ନୂଆଦିଲ୍ଲୀ:** ଅନେକ ବୟସ ଅନ୍ତର ଥାଇ ମଧ୍ୟ ଲୋକେ ବିବାହ କରୁଥିବା କିଛି ଖବର ଅତୀତରେ ଦେଖିବାକୁ ମିଳିଛି। ହେଲେ ଛୋଟବେଳୁ ପାଳି ଆସୁଥିବା ଜଣେ ଝିଅକୁ ବିବାହ କରିବା ଅତ୍ୟନ୍ତ ଅଜବ କଥା। ରିପୋର୍ଟ ମୁତାବକ, ୨୯ ବର୍ଷୀୟା ସମାନ୍ଥା ଗିଜଲ ୪୪ ବର୍ଷୀୟ ଯୁବକଙ୍କୁ ବିବାହ କରିଛନ୍ତି। ସମାନ୍ଥା ଏନେଇ ଏବେର ଏବଂ ତାଙ୍କ ଛୋଟ ବେଳର ଏକ ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି ; ଯାହାକୁ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଅତୀତର ଫଟୋରେ ତାଙ୍କୁ ୪ ବର୍ଷ ବୟସ ହୋଇଥିବାବେଳେ ସେ ଜଣେ ୧୯ ବର୍ଷୀୟ ଯୁବକଙ୍କ ସହ ଥିବା ଦେଖିବାକୁ ମିଳିଛି। ଏଥିରେ ସମାନ୍ଥା ଲେଖିଛନ୍ତି, ତୁମେ ସବୁଠୁ ଭଲ ବେବି ସେଟର ଥିଲ। ସେ ଖୁସିରେ ନିଜର ବୟସ ଅନ୍ତର ଭୁଲି ଜୀବନର ନୂଆ ଅଧ୍ୟାୟ ଆରମ୍ଭ କରିବାକୁ ଯାଉଛନ୍ତି। କିଛି ଲୋକ ସମାନ୍ଥାଙ୍କ ଏପରି ପୋଷ୍ଟକୁ ତାଙ୍କ ବୋକାମି ବୋଲି କହିଛନ୍ତି। ତେବେ ସମାନ୍ଥାଙ୍କୁ ଲୋକଙ୍କ ଏପରି କଥାରେ କିଛି ଫରକ ପଡୁ ନ ଥିବା ସେ କହିଛନ୍ତି। ସେ କେବଳ ତାଙ୍କ ସ୍ୱାମୀଙ୍କ ସହିତ ଖୁସି ରହିବାକୁ ଚାହାନ୍ତି।

# ବଦଳାନ୍ତୁ ଲୁକ୍

ଘରର ଇଣ୍ଟେରିୟର ଲୁକ୍ ବଦଳାଇବା ପାଇଁ ଜାଣିରଖନ୍ତୁ କିଛି ଟିପ୍ସ।



- ଘରର ବଖରାଗୁଡ଼ିକ ଛୋଟ ଥିଲେ ହାଲ୍କା ରଙ୍ଗ ଦିଅନ୍ତୁ ନାହିଁ, ଗାଢ଼ ରଙ୍ଗ ଦିଅନ୍ତୁ। ଏଭଳିଭାବେ ଘର ଭିତରର ଲୁକ୍ ଅଧିକ କ୍ରେଜି ଲାଗିବ।
- ଘର ଭିତରେ ଗୋଟିଏ ରଙ୍ଗରେ ଅଲଗା ଅଲଗା ଡିଜାଇନରେ ରଙ୍ଗ କଲେ ତାହା ଅଧିକ ସୁନ୍ଦର ଏବଂ ଆକର୍ଷଣୀୟ ମନେହେବ। କିନ୍ତୁ ଗୋଟିଏ ରୁମ୍‌ରେ ଭିନ୍ନ ଭିନ୍ନ ରଙ୍ଗ ଦିଅନ୍ତୁ ନାହିଁ।
- ରୁମ୍ ଭିତରର ପ୍ରିଣ୍ଟ ସହିତ ଆସବାବପତ୍ରକୁ ମଧ୍ୟ ଠିକ୍ ଭାବେ ମ୍ୟାଚ୍ କରିବା ଭଳି ରଖନ୍ତୁ। କିନ୍ତୁ ସବୁ ଜିନିଷ ଏକା ପ୍ରକାର ହେବ ତା' ନୁହେଁ। ଗୋଟିଏ ରୁମ୍‌ରେ ଅଲଗା ରଙ୍ଗର କାନ୍ଥ, ଟ୍ରାଡିଶନାଲ ଲୁକ୍‌ର ପାରମ୍ପରିକ ଆସବାବପତ୍ର ଘରର ଲୁକ୍ ବଦଳାଇ ଏକ ଭିନ୍ନ ରୂପ ଦେଇପାରିବ।
- ବାଥ୍‌ରୁମ୍‌ରେ ୱାଲ୍‌ପେପର କିମ୍ବା କାଠ ଜିନିଷ ମଧ୍ୟ ବ୍ୟବହାର କରିପାରିବେ। ବାଥ୍‌ରୁମ୍‌ରେ ଏହି ଦୁଇ ପ୍ରକାର ଜିନିଷ ଟ୍ରାଡିଶନାଲ ଲୁକ୍ ଦେଇଥାଏ, କିନ୍ତୁ ଆର୍ଦ୍ରତା ପ୍ରଭାବରୁ ଏହାକୁ ରକ୍ଷା କରିବା ପାଇଁ ବ୍ୟବସ୍ଥା କରନ୍ତୁ।
- ରୋଷେଇଘରେ କୌଣସି ପ୍ରକାର ୱାଲ୍ ହ୍ୟାଙ୍ଗିଙ୍ଗ୍ କିମ୍ବା କାର୍ପେଟ ପକାନ୍ତୁ ନାହିଁ। କିନ୍ତୁ ରୋଷେଇଘରେ ଆପଣଙ୍କର ବହୁତ ସମୟ କଟୁଥିଲେ ସେଠାରେ ବିଭିନ୍ନ କଲରଫୁଲ୍ ପ୍ରିଣ୍ଟର କାର୍ପେଟ ପକାନ୍ତୁ। ଘରକୁ ଏକ ଭିନ୍ନ ଲୁକ୍ ଦେବ।
- ଯେକୌଣସି ରୁମ୍‌କୁ ଅଧିକ ଆକର୍ଷଣୀୟ କରିବା ପାଇଁ ଚାହୁଁଥିଲେ ସିଲିଂ କରି ଦିଅନ୍ତୁ। କିନ୍ତୁ ସିଲିଂ ସବୁବେଳେ ଯେ ଧଳାରଙ୍ଗର ହେଲେ ଆକର୍ଷଣୀୟ ଲାଗିବ ତାହା ଭାବିବା ଭୁଲ୍। ଡାର୍କ ଶେଡ୍‌ର ସିଲିଂ ମଧ୍ୟ ଘରକୁ ବୋଲ୍ଡ ଲୁକ୍ ଦେଇପାରିବ।

# ଶୀତରେ ଖାଆନ୍ତୁ ଦହି



**ଶୀତଦିନେ ଦହି ଖାଇଲେ ଅଧିକ ଥଣ୍ଡା ହେବ ବୋଲି ପ୍ରାୟତଃ ଲୋକଙ୍କର ଧାରଣା ରହିଥାଏ। କିନ୍ତୁ ଆୟୁର୍ବେଦ ଅନୁସାରେ ଶୀତଦିନେ ଦହି ଖାଇବା ଫଳରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ମିଳିଥାଏ...**

- ସବୁବେଳେ ଫ୍ରେଶ୍ ଦହି ଖାଇବା ହିଁ ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ। ଦହିକୁ ଫ୍ରିଜରେ ରଖି ଖାଆନ୍ତୁ ନାହିଁ, ଏପରି କଲେ ବହୁ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥାଏ।
- ଦହି ଖାଇଲେ ପାଚନ ସମସ୍ୟା ଦୂର ହୋଇଥାଏ। ଏଥିରେ ହେଲ୍‌ଦୀ ପ୍ରୋବାୟୋଟିକ୍ ଥାଏ ଯାହା ପେଟର ବିଭିନ୍ନ ସମସ୍ୟା ମଧ୍ୟ ଭଲ କରିଥାଏ।
- ଦହିରେ ଗୋଲମରିଚ ମିଶାଇ ଖାଇଲେ ଗଳା ଦରଜ ହୋଇ ନ ଥାଏ।
- ପ୍ରତିଦିନ ଏକ କପ୍ ଦହି ଖାଇଲେ କ୍ୟାଲସିୟମ୍ ବୃଦ୍ଧି ହୋଇଥାଏ। ଓଜନ କମ୍ କରିବାକୁ ଚାହୁଁଥିଲେ ପ୍ରତିଦିନ ଦହି ଖାଇଲେ ଉପକାର ମିଳିଥାଏ।
- ଦହିରେ ପ୍ରୋବାୟୋଟିକ୍ ଥିବାରୁ ଏହା କୋଲେଷ୍ଟେରଲ୍ ସ୍ତରକୁ ନିୟନ୍ତ୍ରିତ କରିଥାଏ। ଏହା ମଧ୍ୟ ରକ୍ତ ଚାପକୁ ନିୟନ୍ତ୍ରଣ କରିଥାଏ, ଫଳରେ ହାର୍ଟ ସୁସ୍ଥ ରହେ।
- ଶୀତଦିନେ ଦହି ବସାଇବା ପାଇଁ ଅଳ୍ପ ଉଷୁମ କ୍ଷୀର ବ୍ୟବହାର କରନ୍ତୁ। ଦହି ହୋଇଯିବା ପରେ ଖାଆନ୍ତୁ। ଯଦି ଦହି ବଳକା ରହେ ତାକୁ କୌଣସି ଥଣ୍ଡା ସ୍ଥାନ କିମ୍ବା ଫ୍ରିଜରେ ରଖନ୍ତୁ। ଖାଇବାର କିଛି ଘଣ୍ଟା ପୂର୍ବରୁ ଫ୍ରିଜରୁ ଦହି ବାହାର କରି ଆଣନ୍ତୁ।
- ଖଟା ଫଳ ସହିତ ଦହି ଖାଆନ୍ତୁ ନାହିଁ। ପରଟା, ପୁରି କିମ୍ବା କୌଣସି ପ୍ରକାରର ତେଲ ଛଣା ସହିତ ଦହି ଖାଆନ୍ତୁ ନାହିଁ। ପେଟ ସମସ୍ୟା ଓ ବାନ୍ତି ହେବାର ଆଶଙ୍କା ବୃଦ୍ଧିପାଏ।
- ମାଛ ସହିତ ମଧ୍ୟ ଦହି ଖାଇବା ଠିକ୍ ନୁହେଁ।

# ସମସ୍ତଙ୍କ ଖୁସି ପାଇଁ

**ଭିଡ଼ ଭିତରେ ଏକୁଟିଆ ରହିବା ଭଳି ଅନେକ ସମୟରେ ଶାଶୁଘରେ ଏମିତି ଅନୁଭବ କରନ୍ତି ମହିଳା। ବିଶେଷକରି ଉତ୍ସବ ସମୟରେ ସମସ୍ତଙ୍କ ଗହଣରେ ନିଜର ସ୍ଥିତିକୁ ଜାହିର କରିପାରନ୍ତି ନାହିଁ କି ସମସ୍ତଙ୍କ ଖୁସିରେ ସାମିଲ ହୋଇପାରନ୍ତି ନାହିଁ ମାତ୍ର ସମସ୍ତଙ୍କୁ ନିଜର କରିବା ପାଇଁ ହେଲେ ଏସବୁ ଭାବନାଠୁ ଦୂରେଇ ସମସ୍ତଙ୍କ ସହ ସାମିଲ ହୁଅନ୍ତୁ...**





ବେଳେବେଳେ ପରିବାରରେ ସମସ୍ତେ ଖୁସି ମନାଉଥିବାବେଳେ ନିଜକୁ ଅସ୍ୱସ୍ତିବୋଧ ହୁଏ। ଅଧିକ ଲୋକଙ୍କ ଉପସ୍ଥିତି ଭଲ ଲାଗେନି। ବିଶେଷକରି କୌଣସି ଉତ୍ସବ ସମୟରେ ଘରେ ବନ୍ଧୁବାନ୍ଧବଙ୍କ ଭିଡ଼ ହେଲେ ଏହି ଭାବନା ଅଧିକ ହୋଇଥାଏ। ସମସ୍ତେ ଏକାଠି ବସି ଖୁସି ଗପ କରୁଥିବାବେଳେ ନିଜକୁ ଭାରି ଏକା ଏକା ଲାଗେ। କିନ୍ତୁ ଏ ଭାବନା ଦୂରକରିବା ନିମନ୍ତେ ନିଜ ସହ ବିଭିନ୍ନ ଭାବରେ ବୁଝାମଣା କରିବାକୁ ହେବ। ଆଉ ସମସ୍ତଙ୍କ ସହିତ ନିଜକୁ ସାମିଲକରି ସେମାନଙ୍କ ହସଖୁସି ବାଣ୍ଟିପାରିଲେ ଆପଣ ବି ହୋଇପାରିବେ ସୁଗୃହିଣୀ।

**ଭାବନା ବଦଳାନ୍ତୁ**

ଶାଶୁଘରେ ସମସ୍ତଙ୍କୁ ଏକାଠି ଦେଖିଲେ ନିଜକୁ ଅସୁରକ୍ଷିତ ମନେହୁଏ। ଏମିତି ମନେହୁଏ ଯେପରି ସ୍ୱାମୀ ତଥା ସେମାନଙ୍କ ପରିବାରର ସବୁ ଲୋକ ଏକାଠି ହୋଇ ବୋହୂ ବିଷୟରେ କଥା ହୋଇ ମଜା କରୁଛନ୍ତି। ତାଙ୍କୁ ଛୋଟ ଦେଖାଇବାକୁ ଚାହୁଁଛନ୍ତି। କିନ୍ତୁ ଏପରି ଭାବନା ଆଣିବା ଆଦୌ ଠିକ୍ ନୁହେଁ। କାରଣ ଏହି ଭାବନା ମନ ଭିତରେ ଅନ୍ୟମାନଙ୍କ ପାଇଁ ଈର୍ଷା ଓ ଘୃଣା ସୃଷ୍ଟି କରିଥାଏ, ଫଳରେ ସମ୍ପର୍କରେ ମାଧୁର୍ଯ୍ୟକୁ ଅନୁଭବ କରି ହୁଏନାହିଁ। ବରଂ ଧୀରେ ଧୀରେ ସମ୍ପର୍କ ବିଗିଡ଼ିବାରେ ଲାଗେ। ତେଣୁ ଏଭଳି ସ୍ଥିତିରେ ସକାରାତ୍ମକ ବିଚାର ଆଣି ସମସ୍ତଙ୍କୁ ଆପଣାର କରିବାକୁ ଚେଷ୍ଟା କରନ୍ତୁ।

**ସମସ୍ତଙ୍କ ସହ କଥା ହୁଅନ୍ତୁ**

ପରିବାରରେ କୌଣସି ଉତ୍ସବ ହେଲେ ସମସ୍ତେ ଏକାଠି ହେବା ସ୍ୱାଭାବିକ କଥା। ତେଣୁ ସମସ୍ତେ ଏକାଠି ହୋଇ ଖୁସି ଗପ କରୁଥିବା ସମୟରେ ଗୃହିଣୀମାନେ ନିଜକୁ ସେମାନଙ୍କ ସହ ସାମିଲ କରିନେବା ଦରକାର। ସେମାନଙ୍କ ସହ କଥାବାର୍ତ୍ତା ହୁଅନ୍ତୁ ଏବଂ ପ୍ରତି କଥାରେ ନିଜକୁ ସାମିଲ କରନ୍ତୁ। ଏଭଳି ସ୍ଥିତିରେ ଯଦି ସମସ୍ତଙ୍କଠାରୁ ଦୂରେଇ ରହି ଅନ୍ୟ କେଉଁ ସ୍ଥାନରେ ଚୁପ୍‌ଚାପ୍ ମନଦୁଃଖ କରି ରହିବେ ତେବେ କାହାକୁ ବି ଭଲ ଲାଗିବ ନାହିଁ। ତେଣୁ ସମସ୍ତଙ୍କ ସହ କଥାବାର୍ତ୍ତା ହୋଇ ସମ୍ପର୍କ ମଧୁର କରିହେବ।

**କାମରେ ସହଯୋଗ କରନ୍ତୁ**

ଘରେ ସମସ୍ତେ ଏକାଠି ବିଭିନ୍ନ ପ୍ରକାରର କାମ କରୁଥିବାବେଳେ ସେମାନଙ୍କୁ ସବୁ କାମରେ ସହଯୋଗ କରନ୍ତୁ। ଯଦି କୌଣସି ନିର୍ଦ୍ଦିଷ୍ଟ କାମ ଜାଣି ନ ଥାନ୍ତି ତେବେ ସେମାନଙ୍କ ପାଖରେ ଛିଡାହୋଇ କଥାବାର୍ତ୍ତା ହୁଅନ୍ତୁ। ଫଳରେ ନିଜକୁ ସେମାନଙ୍କଠାରୁ ଭିନ୍ନ ଭଳି ମନେହେବ ନାହିଁ। ବରଂ ସେମାନଙ୍କ ସହ ଅଧିକ ସମୟ କଟାଇବାର ସୁଯୋଗ ପାଇବେ ଓ ସମସ୍ତଙ୍କୁ ଆପଣାର କରିବାର ବି ସୁଯୋଗ ମିଳିପାରିବ। ଆବଶ୍ୟକ ହେଲେ ନିଜେ ଅଧିକ କାମ କରି ଅନ୍ୟ ସମସ୍ତଙ୍କୁ ଖୁସି ଦେଇପାରିବେ।

**କଥା ଧରନ୍ତୁ ନାହିଁ**

ଅଧିକ ଲୋକ ଏକାଠି ହେଲେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୁଏ। କିନ୍ତୁ ହସମଜାରେ କିଏ କଣ କହିଛନ୍ତି ସେସବୁ କଥାକୁ ଧରନ୍ତୁ ନାହିଁ। ସେହି କଥାକୁ ବାରମ୍ବାର କହିଲେ ତାହା ସମ୍ପର୍କକୁ ଖରାପ କରିଥାଏ। ବେଳେବେଳେ କେତେଜଣ ମହିଳା ଏକାଠି ହେଲେ ପୁରୁଣା ଦିନର କଥାକୁ ନେଇ ପରିସ୍ଥିତି ଖରାପ କରିବାକୁ ଚେଷ୍ଟା କରିଥାନ୍ତି। କିନ୍ତୁ ସେପରି ସ୍ଥଳେ ପ୍ରସଙ୍ଗ ପରିବର୍ତ୍ତନ କରି କଥାର ମୋଡ଼ ବଦଳାଇଦେବା ହିଁ ସୁଗୃହିଣୀଙ୍କ କର୍ତ୍ତବ୍ୟ।

## ଏମାନେ କ'ଣ କରନ୍ତି

### ବିଳମ୍ବରେ ମିଶିପାରିଲି



ବାହାଘର ପରେ ପରେ ସମସ୍ତେ ଏକାଠି ହୋଇ କଥାବାର୍ତ୍ତା ହେବାବେଳେ ମତେ ଭାରି ଏକା ଲାଗୁଥିଲା। ମନେହେଉଥିଲା ଯେମିତି ଏଇ ପରିବେଶରେ ମୁଁ ସମସ୍ତଙ୍କଠାରୁ ଅଲଗା। କିନ୍ତୁ ପରେ ନିଜକୁ ବୁଝାଇ ସମସ୍ତଙ୍କ ସହ ଧୀରେ ଧୀରେ ମିଶିଲି। ଏବେ ସମସ୍ତଙ୍କ ସାଙ୍ଗେ ବେଶ୍ ଭଲଭାବେ ମିଶିଯାଇଛି। କାହା ସହ କିଛି ବି କଥାବାର୍ତ୍ତା ହେବାକୁ ମତେ ଆଦୌ ଭୟ ଲାଗୁନାହିଁ। ବରଂ ଘରର କୌଣସି ସମସ୍ୟା ଆସିଲେ ନଣନ୍ଦ ଓ ଅନ୍ୟ ଗୁରୁଜନଙ୍କ ସହ କଥା ହୋଇ ପରାମର୍ଶ ନେଉଛି। ସେଥିପାଇଁ ଘରେ ସମସ୍ତେ ମତେ ବହୁତ ଭଲ ପାଉଛନ୍ତି।

*-ଲିଜିଲକ୍ଷ୍ମୀ, ଗୃହିଣୀ, ଚକେଇସିହାଣୀ, ଭୁବନେଶ୍ୱର*

### ଆରମ୍ଭରୁ ବହୁତ ଗପେ



ଆରମ୍ଭରୁ ମୋର ଗପୁଡ଼ି ସ୍ୱଭାବ। ସେଥିପାଇଁ ସମସ୍ତଙ୍କ ସହ ମିଶିବାରେ ମତେ ଆଦୌ ଅସୁବିଧା ହୁଏନି। ଏମିତିକି ଘରେ ଅଧିକ ଲୋକ ରହିଲେ ମତେ ବହୁତ ଭଲ ଲାଗେ। ସେଥିପାଇଁ ଶାଶୁଘରେ ବିବାହ ପରେ ମତେ ଏନେଇ କେବେ ଅସୁବିଧା ହୋଇନାହିଁ। ବରଂ ଅଧିକ ଗପେ ବୋଲି ନିଜେ ବେଳେବେଳେ ସଚେତନ ହୁଏ। କିନ୍ତୁ ଏହି ଗୁଣ ପାଇଁ ମତେ ସମସ୍ତେ ଶାଶୁଘରେ ଭଲପାନ୍ତି। ଏମିତିକି ମୁଁ ନ ଥିଲେ ଶାଶୁ ଓ ଅନ୍ୟମାନଙ୍କୁ ଭଲ ଲାଗେନି ବୋଲି ସମସ୍ତେ କହନ୍ତି।

*-ସୁରଶ୍ରୀ ପ୍ରିୟଦର୍ଶିନୀ, ଗୃହିଣୀ, ମହାନଦୀ ବିହାର, କଟକ*

### ସମସ୍ତଙ୍କ ସହ ସମ୍ପର୍କ ଭଲ



ବିବାହ ପରେ ପ୍ରଥମେ ଶାଶୁଘରେ କାହା ସହ କେମିତି କଥା ହେବାକୁ ପଡ଼ିବ ଜାଣି ପାରୁ ନ ଥିଲି। ସେଥିପାଇଁ ଆରମ୍ଭରୁ ବେଳେବେଳେ ଅସ୍ୱାଭାବିକ ପରିସ୍ଥିତିର ସମ୍ମୁଖୀନ ହେଉଥିଲି। କିଛିଦିନ ପରେ ସେମାନଙ୍କ ଚାଲିଚଳଣ ଅନୁସାରେ ନିଜକୁ ବଦଳାଇ ସମସ୍ତଙ୍କ ସହ ମିଶିବାକୁ ଚେଷ୍ଟାକଲି। ଏବେ ଆଉ କାହା ସାଙ୍ଗେ କଥାବାର୍ତ୍ତା ହେବାକୁ ଆଦୌ ଭୟ ଲାଗୁନାହିଁ। ବରଂ କାହା ସହ ଥଟ୍ଟାମଜା କରିହେବ କାହା ସହ ସାଙ୍ଗ ଭଳି କଥା କହିହେବ ଜାଣିପାରିଛି। ତେଣୁ ସମସ୍ତଙ୍କ ସହ ମୋର ସମ୍ପର୍କ ବହୁତ ଭଲ। *-ଜ୍ୟୋତି ମିଶ୍ର, ଭିଏସ୍‌ଏସ୍‌ନଗର, ଗୃହିଣୀ, ଭୁବନେଶ୍ୱର*





## ସୌନ୍ଦର୍ଯ୍ୟ

# ସୁନ୍ଦରତା ବଢ଼ାଇବ କମଳା

**ଶୀତଦିନେ ତ୍ୱଚାର ବିଭିନ୍ନ ସମସ୍ୟା ଦେଖାଯାଇଥାଏ। ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇଁ କମଳାକୁ ବିଭିନ୍ନ ଭାବେ ବ୍ୟବହାର କରାଯାଇ ପାରିବ।**



- କମଳା ଚୋପାକୁ କ୍ଲିଞ୍ଜର ଭଳି ବ୍ୟବହାର କରିହେବ। ଏଥିପାଇଁ ୧ ଚାମଚ କମଳା ରସରେ ୧ ଚାମଚ ମହୁ ମିଶାଇ ମୁହଁରେ ଲଗାଇ ୧୫ ମିନିଟ୍ ଛାଡ଼ି ଦିଅନ୍ତୁ। ଏହାପରେ ମୁହଁକୁ ଧୋଇଦିଅନ୍ତୁ। ଏପରି କରିବା ଫଳରେ ତ୍ୱଚାରେ ଥିବା ସମସ୍ତ ମଇଳା ସଫା ହୋଇ ଉଜ୍ଜ୍ୱଳତା ବୃଦ୍ଧି ପାଇଥାଏ।
- କମଳା ରସକୁ ସ୍କ୍ରବ୍ ଭଳି ମଧ୍ୟ ବ୍ୟବହାର କରାଯାଇପାରିବ। ଏଥିପାଇଁ ଏକ ବଡ଼ ଚାମଚ କମଳାରସ ସହ ୧ ଛୋଟ ଚାମଚ ଚିନି ଓ ୧ ଛୋଟ ଚାମଚ ନଡ଼ିଆତେଲ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହାପରେ ମୁହଁରେ ପ୍ରଥମେ



ଗୋଲାପଜଳ ତା' ପରେ ଏହି ପେଷ୍ଟକୁ ଲଗାଇ ଗୋଲାକାରଭାବେ ମୁହଁରେ ୫ ରୁ ୧୦ ମିନିଟ୍ ପାଇଁ ମସାଜ୍ କରନ୍ତୁ। ଶେଷରେ ମୁହଁ ଧୋଇ ଦିଅନ୍ତୁ।

- ସ୍କ୍ରବ୍ କରିବା ପରେ କମଳାରସକୁ ଘରୋଇଭାବେ କ୍ରିମ୍ ଭଳି ବ୍ୟବହାର କରିହେବ। ଏଥିପାଇଁ ୧ ଚାମଚ କମଳାରସରେ ୧ ଚାମଚ ଆଲୋଭେରା ଜେଲ୍ ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ୨ ମିନିଟ୍ ମସାଜ୍ କରନ୍ତୁ। ଏହା କ୍ରିମ୍ ଭଳି କାମ ଦେବ ଏବଂ ମୁହଁର ଉଜ୍ଜ୍ୱଳତା ବୃଦ୍ଧି କରିବ।
- ୧ ଚାମଚ କମଳା ଚୋପାର ଗୁଣ୍ଡରେ ୨ ଚାମଚ ଦହି କିମ୍ବା ଟମାଟୋ ରସ ମିଶାଇ ଭଲଭାବେ ପେଷ୍ଟ ତିଆରି କରି ୧୫ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ଲଗାନ୍ତୁ। ଏହାପରେ ଧୋଇ ଦିଅନ୍ତୁ। ସପ୍ତାହକୁ ୨/୩ ଥର ଏପରି କଲେ ତ୍ୱଚା ମୁଲାୟମ ହେବା ସହ ଉଜ୍ଜ୍ୱଳ ହୋଇଥାଏ।
- ୧ ଚାମଚ କମଳା ଚୋପାର ଗୁଣ୍ଡ ସହ ୧ ଚାମଚ ନିମ୍ବ ପାଉଡର ଓ ଗୋଲାପ ଜଳ ମିଶାଇ ପେଷ୍ଟ ତିଆରି କରନ୍ତୁ। ଏହି ପେଷ୍ଟକୁ ମୁହଁରେ ଲଗାଇ ଶୁଖିବା ପରେ ଧୋଇ ଦିଅନ୍ତୁ। ଲଗାତର ଏପରି କରିବା ଫଳରେ ମୁହଁରେ ବ୍ରଣ ସମସ୍ୟା ରହିବ ନାହିଁ।
- ୧ ଚାମଚ କମଳା ଚୋପାର ଗୁଣ୍ଡରେ ଲେମ୍ବୁରସ ଓ ବେସନ ମିଶାଇ ମୁହଁରେ ଲଗାନ୍ତୁ। ୧୦ ମିନିଟ୍ ପରେ ଧୋଇଦିଅନ୍ତୁ। ଏପରି କରିବା ଫଳରେ ମୁହଁରେ ଥିବା ଦାଗ ଦୂର ହୋଇଯିବ।

## ଖାଦ୍ୟରୁଚି

# ଚୁଡ଼ା ଉତ୍ତପମ୍

**ଆବଶ୍ୟକ ସାମଗ୍ରୀ**

ଚୁଡ଼ା– ଅଧା କପ୍, ସୁଜି– ଅଧା କପ୍, ଦହି– ଅଧା କପ୍, ଆବଶ୍ୟକ ଅନୁସାରେ ଲୁଣ, ପାଣି ଓ ତେଲ,

**ଷ୍ଟଫିଂ ନିମନ୍ତେ**– ପିଆଜ– ଅଧାକପ୍, ଛୋଟ ଛୋଟ ଆକାରରେ କଟାହୋଇଥିବା ବିନ୍ସ, ଗାଜର ଓ କ୍ୟାପ୍ସିକମ।

**ପ୍ରସ୍ତୁତି ପ୍ରଣାଳୀ**– ପ୍ରଥମେ ଚୁଡ଼ାକୁ ୨–୩ ମିନିଟ୍ ପର୍ଯ୍ୟନ୍ତ ପାଣିରେ ଭିଜାଇ ଦିଅନ୍ତୁ। ଏହାପରେ ପାଣିରୁ ଛାଣି ଚୁଡ଼ା ସହ ସୁଜି, ଦହି, ଲୁଣ ଓ ଅଳ୍ପ ପାଣି ମିଶାଇ ଭଲଭାବେ ଗ୍ରାଇଣ୍ଡିଂକରି ଦିଅନ୍ତୁ। ମିଶ୍ରଣକୁ ଅଧଘଣ୍ଟା ରଖି ଦିଅନ୍ତୁ। ଷ୍ଟଫିଂ ତିଆରି କରିବା ପାଇଁ ପିଆଜ, ବିନ୍ସ, ଗାଜର, କ୍ୟାପ୍ସିକମ୍‌କୁ ଛୋଟ ଛୋଟ କାଟି ଏକାଠି ମିଶାଇ ଦିଅନ୍ତୁ। କଟା ପରିବାରୁ ଅଧା ନେଇ ବଟା ହୋଇଥିବା ମିଶ୍ରଣରେ ମିଶାଇ ଦିଅନ୍ତୁ। ଏହାପରେ ତାୱା ଗରମ କରି ସେଥିରେ ଅଳ୍ପ ତେଲ ପକାନ୍ତୁ। ତିଆରି କରିଥିବା ମିଶ୍ରଣକୁ ସେଥିରେ



ଅଳ୍ପ କରି ଢାଳନ୍ତୁ ଓ କଟା ହୋଇଥିବା ପରିବା ଅଳ୍ପ ପକାଇ ଧୀରେ ଧୀରେ ଚାପି ଦିଅନ୍ତୁ। ଏହାପରେ ଦୁଇପଟ ଓଲଟାଇ ବାହାରକରି ଦିଅନ୍ତୁ। ଏହାକୁ ଚଟଣି କିମ୍ବା ଶସ୍ ସହ ଖାଆନ୍ତୁ।

# ଚର୍ଚ୍ଚାରେ ଏମ୍‌ବାପେ

**ପ୍ୟାରିସ୍, ୧୧ (ପି.ଟି)**

ନୂତନ ବର୍ଷ ଆରମ୍ଭ ହୋଇଥିବା ବେଳେ ପ୍ୟାରିସ୍ ସେଣ୍ଟ ଜର୍ମେନ(ପିଏସ୍‌ଜି) ଫରୱାର୍ଡ କିଲିଆନ୍ ଏମ୍‌ବାପେଙ୍କ ଭବିଷ୍ୟତକୁ ନେଇ କାଉଣ୍ଟ ଡାଉନ୍(ଅବଗଣନା) ଆରମ୍ଭ ହୋଇଛି। ୨୦୨୪ ପିଏସ୍‌ଜିରେ ଏମ୍‌ବାପେଙ୍କ ଶେଷ ବର୍ଷ ହୋଇଥିବା ବେଳେ ସେ କେଉଁ କ୍ଲବରେ ଯୋଗଦେବେ ତାହାକୁ ନେଇ ପୂର୍ବାନୁମାନ ଜାରି ହୋଇଛି। ପିଏସ୍‌ଜି ପକ୍ଷରୁ ତାଙ୍କୁ ୧ ବର୍ଷର ଚୁକ୍ତି ନବୀକରଣ ପ୍ରସ୍ତାବ ଦିଆଯାଇଥିଲା। ତେବେ ଏମ୍‌ବାପେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଆସନ୍ତା ଜୁନ୍ ୨୦୨୪ରେ ଏମ୍‌ବାପେଙ୍କ ଚୁକ୍ତି ଶେଷ ହେଉଥିବା ବେଳେ ସେ ଅନ୍ୟ କ୍ଲବମାନଙ୍କ ସହ ଆଲୋଚନା କରିପାରନ୍ତି। ସେ ଲିଭରପୁଲ୍ କିମ୍ବା ବାର୍ସିଲୋନା ଯିବାର ସମ୍ଭାବନା ଅଧିକ ରହିଛି। ୨୦୧୭ରେ ମୋନାକୋରୁ ଲୋନ୍‌ରେ ଆସି ପିଏସ୍‌ଜି ସହିତ ସାମିଲ ହୋଇଥିଲେ ଏମ୍‌ବାପେ। ସେ ସମୟରେ ତାଙ୍କ ମୂଲ୍ୟ ୧୮୦ ମିଲିୟନ୍ ୟୁରୋ ରହିଥିବା ବେଳେ ବର୍ତ୍ତମାନ ଏହା ବୃଦ୍ଧି ପାଇ ୧୯୯ ମିଲିୟନ୍ ଡଲାରରେ ପହଞ୍ଚିଛି। ୨୫ ବର୍ଷୀୟ ଏମ୍‌ବାପେ ପିଏସ୍‌ଜି ଇତିହାସର ସର୍ବକାଳୀନ ଶ୍ରେଷ୍ଠ ଗୋଲ ସ୍କୋରର ରହିବା ସହିତ ୨୩୩ ଗୋଲ କରିଛନ୍ତି। ଏହା ବ୍ୟତୀତ ଫ୍ରାନ୍ସ ପାଇଁ ସେ ୪୬ ଗୋଲ ଦେଇଛନ୍ତି। ଚଳିତ ସିଜନରେ ଏମ୍‌ବାପେ ୨୨ ମ୍ୟାଚ୍‌ରୁ ୨୧ ଗୋଲ ଦେଇଥିଲେ ମଧ୍ୟ ପିଏସ୍‌ଜି ୧-୪ରେ ନ୍ୟୁ କ୍ୟାସେଲ୍ ଓ ୧-୨ରେ ଏସି ମିଲାନ୍ ନିକଟରୁ ହାରି ଯାଇଥିଲା। ଦଳର ଡିଫେନ୍ସ ଅତ୍ୟନ୍ତ ଦୁର୍ବଳ ରହିଥିବା ନେଇ ମଧ୍ୟ ଏମ୍‌ବାପେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ବାଲନ୍ ଡି ଅର ଓ ଇଂଲିଶ ପ୍ରିମିୟର ଲିଗ୍ ଟାଇଟଲ ଜିତିବା ଏମ୍‌ବାପେଙ୍କ ସ୍ୱପ୍ନ ରହିଥିବା ବେଳେ ତାଙ୍କୁ କ୍ଲବ୍ ସୁଇଚ୍ କରିବାକୁ ପଡ଼ିବ।




# ବର୍ଗରଙ୍କ ପାଇଁ କୋହଲିଙ୍କ ପ୍ରସ୍ତୁତି

**କେପ୍ ଟାଉନ୍, ୧୧**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ଏଠାରେ ବୁଧବାରଠାରୁ ଆରମ୍ଭ ହେବ। ସେଞ୍ଚୁରିଅନଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟକୁ ଏକ ଇନିଂସ ଓ ୩୨ ରନରେ ଜିତି ଦକ୍ଷିଣ ଆଫ୍ରିକା ୨ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରି ସାରିଛି। ତେଣୁ ଆଗାମୀ ଟେଷ୍ଟ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ଦଳର ଖେଳାଳିମାନେ ଅଭ୍ୟାସକୁ ଜୋରଦାର କରିଛନ୍ତି। ପ୍ରଥମ ଟେଷ୍ଟରେ ଦକ୍ଷିଣ ଆଫ୍ରିକାର ବାମହାତୀ ଦ୍ରୁତ ବୋଲର ନନ୍ଦ୍ରେ ବର୍ଗର ଉଭୟ ଇନିଂସରେ ଚମତ୍କାର ବୋଲିଂ କରି ଭାରତୀୟ ଦଳକୁ କ୍ଷତି ପହଞ୍ଚାଇଥିଲେ। ତେଣୁ ସୋମବାର ଅନୁଷ୍ଠିତ ଅଭ୍ୟାସ ସେସନରେ ତାରକା ବ୍ୟାଟର ବିରାଟ କୋହଲି ନେଟ୍ସରେ ଏବଂ ନେଟ୍ସ ବାହାରେ ଦ୍ରୁତ ବୋଲରଙ୍କୁ ଅଧିକ ସମୟ ଖେଳିଥିଲେ। ସେ ଜଣେ ବାମହାତୀ ଦ୍ରୁତ ବୋଲରଙ୍କୁ ସମ୍ମୁଖୀନ ହେବାକୁ ଇଚ୍ଛା କରିଥିଲେ। ବର୍ତ୍ତମାନର ଭାରତୀୟ ଦଳରେ କେହି ବାମହାତୀ ଦ୍ରୁତ ବୋଲର ନ ଥିବାରୁ ଦକ୍ଷିଣ ଆଫ୍ରିକା ବୋର୍ଡ ପକ୍ଷରୁ ଜଣେ ନେଟ୍ ବୋଲର ଯୋଗାଇ ଦିଆ ଯାଇଥିଲା। ଏହି ବୋଲରଙ୍କ ବିପକ୍ଷରେ କୋହଲି ୨୫ରୁ ୩୦ ବଲ୍ ଖେଳିଥିଲେ। ତେବେ ସବୁଠାରୁ କୌତୁହଳପ୍ରଦ କଥା ହେଲା ଦକ୍ଷିଣ ଆଫ୍ରିକା ବୋର୍ଡ ପକ୍ଷରୁ ଯେଉଁ ଯୁବ ବୋଲରଙ୍କୁ ଯୋଗାଇ ଦିଆ ଯାଇଥିଲା ତାଙ୍କ ସ୍ପିଡ୍ ନନ୍ଦ୍ରେ ବର୍ଗରଙ୍କ ସ୍ପିଡ୍‌ଠାରୁ ଅତିକମ୍‌ରେ ୧୫ ଭାଗ କମ୍। ନେଟ୍ ବୋଲରଙ୍କ ସ୍ପିଡ୍ କମ୍


ବିରାଟ କୋହଲି

ଥିବାରୁ କୋହଲି ତାଙ୍କ ଇନ୍ ସୁଇଂ ବଲ୍‌କୁ ମିଡ୍ ଉଇକେଟ ଉପରେ ମାରି ଅଭ୍ୟାସ କରିଥିଲେ। ଏହା ବ୍ୟତୀତ ସେ ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ, ରବିଚନ୍ଦ୍ରନ ଅଶ୍ୱିନ ଓ ଆଭେଶ ଖାଁଙ୍କ ବଲ୍ ମଧ୍ୟ ଖେଳିଥିଲେ।

### ଆୟରଙ୍କ ଶର୍ଟବଲ୍ ଚିନ୍ତା

ଶର୍ଟବଲ୍‌କୁ ଖେଳିବାରେ ଶ୍ରେୟସ ଆୟରଙ୍କ ଦୁର୍ବଳତା ଜାରି ରହିଛି। ମାତ୍ର ଗତ ଦିନିକିଆ କ୍ରିକେଟ ବିଶ୍ୱକପ ଅବସରରେ ଏ ସମ୍ପର୍କିତ ପ୍ରଶ୍ନରେ ସେ ଅସନ୍ତୁଷ୍ଟ ହୋଇଥିଲେ। ମାତ୍ର ସେଞ୍ଚୁରିଅନ ଟେଷ୍ଟରେ ବାଉନ୍ସ ଶର୍ଟ ବଲ୍ ବିପକ୍ଷରେ ତାଙ୍କ ଦୁର୍ବଳତା ପୁଣି ପଦାକୁ ଆସିଛି। ଏଠାରେ ଅଭ୍ୟାସ ସମୟରେ ମଧ୍ୟ ସେ ଶର୍ଟ ବଲ୍‌କୁ ଖେଳିବାରେ ସହଜ ଅନୁଭବ କରି ନ ଥିଲେ।

**ଦ୍ୱିତୀୟ ଟେଷ୍ଟ ପାଇଁ ଭାରତର ପ୍ରସ୍ତୁତି**

ତେଣୁ ଆଗାମୀ ମ୍ୟାଚ ପାଇଁ ସେ ପ୍ଲେଇଂ ଇଲେଭେନରେ ରହିବା ସମ୍ଭାବନା କମ୍।

### ଶାର୍ଦ୍ଦୁଳଙ୍କ ଅଭ୍ୟାସ

ସେଞ୍ଚୁରିଅନରେ ଶନିବାର ଥ୍ରୋଡାଉନ୍ ସେସନରେ ବାମ କାନ୍ଧରେ ଆଘାତ ପାଇଥିବା ଶାର୍ଦ୍ଦୁଳ ଠାକୁର ସୋମବାର ପୁଣି ଅଭ୍ୟାସକୁ ଓହ୍ଲାଇଛନ୍ତି। ତେବେ ସେ ବୋଲିଂ ନ କରି ସେଣ୍ଟର ନେଟ୍‌ରେ ଦୀର୍ଘ ସମୟ ବ୍ୟାଟିଂ କରିଥିଲେ। ବ୍ୟାଟିଂ ସମୟରେ ସେ ଅସହଜ ମନେ ହୋଇ ନ ଥିଲେ। ଶର୍ଟ ବଲ୍‌କୁ ଦକ୍ଷତାର ସହ ସମ୍ମୁଖୀନ ହୋଇଥିଲେ।

# ବରାହୀପୁର ଫୁଟବଲ: ୟୁନାଇଟେଡ୍ କ୍ଲବ ଚାମ୍ପିୟନ

**କଣ୍ଟାପଡା, ୧୧**
**(ସୁରନାରାୟଣ ସାହୁ)**

ଗୋପୀନାଥ ଆଥ୍‌ଲେଟିକ ଆସୋସିଏଶନ୍ ବରାହୀପୁର ପକ୍ଷରୁ ସ୍ଥାନୀୟ ଗୁପ୍ତମାଣିକା-ବରାହୀପୁର ଖେଳ ପଡିଆରେ ସୋମବାର ଆୟୋଜିତ ଦିନିକିଆ ବରାହୀପୁର କପ୍ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ


ଚାମ୍ପିୟନ ୟୁନାଇଟେଡ୍ କ୍ଲବ ଦଳର ଖେଳାଳିମାନେ ଟ୍ରଫି ସହ।

ରକି ଫୁଟବଲ କ୍ଲବକୁ ୨-୦ଗୋଲରେ ହରାଇ ୟୁନାଇଟେଡ ଫୁଟବଲ କ୍ଲବ ଗଣ୍ଡରପୁର ଚଳିତବର୍ଷର ଚାମ୍ପିୟନ ଟ୍ରଫି ହାସଲ କରିଛି। ପ୍ରଥମ କ୍ୱାର୍ଟରରେ ଦେଉଳୀ ଫୁଟବଲ ଟିମ୍ ବୟାଳିଶ ମୌଜାକୁ ହରାଇ ଗଣ୍ଡରପୁର ସେମିରେ ପ୍ରବେଶ କରିଥିବା ବେଳେ ୨ୟ କ୍ୱାର୍ଟରରେ ବାରଦାକୁ ହରାଇ ଦହି ଗାଁ, ୩ୟ କ୍ୱାର୍ଟରରେ ଆଠଗଡ ଫୁଟବଲ ଟିମ୍‌କୁ ହରାଇ ମାରୁ ଫୁଟବଲ ଟିମ୍ କଟକ ଓ ୪ର୍ଥ କ୍ୱାର୍ଟରରେ ଇନ୍ଦିରା ୟୁଥ୍ କ୍ଲବକୁ ହରାଇ ରକି ଫୁଟବଲ ଟିମ୍ ସେମିରେ ପ୍ରବେଶ କରିଥିଲା। ପ୍ରଥମ ସେମିରେ ଦହି ଗାଁକୁ ହରାଇ ଗଣ୍ଡରପୁର ଓ ଦ୍ୱିତୀୟ ସେମିରେ ମାରୁ ଫୁଟବଲ ଟିମ୍‌କୁ ହରାଇ ରକି ଫୁଟବଲ କ୍ଲବ ଫାଇନାଲରେ ପ୍ରବେଶ କରିଥିଲା। ସାମାଜିକ କର୍ମୀ ସୁବାସ ଚନ୍ଦ୍ର ମଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ସହ ୧୦,୦୦୦ ଓ ରନରଅପ୍ ଦଳକୁ ଟ୍ରଫି ସହ ୭,୦୦୦ ଟଙ୍କା ପ୍ରଦାନ କରିଥିଲେ। ଚାମ୍ପିୟନ ଦଳର ଖେଳାଳି ଚିଣ୍ଟୁଙ୍କୁ ପ୍ଲେୟର ଅଫ ଦ ଟୁର୍ନାମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। ବ୍ରହ୍ମାନନ୍ଦ ଦାଶ, ସଞ୍ଜୀବ ଦାସ ଓ ଚିତ୍ତରଞ୍ଜନ ପ୍ରଧାନ ଟୁର୍ନାମେଣ୍ଟରେ ରେଫରି ଭାବେ ଦାୟିତ୍ୱ ତୁଲାଇଥିଲେ।







# ଦକ୍ଷିଣ ଆଫ୍ରିକା ବୋର୍ଡକୁ ୱ'ଙ୍କ ସମାଲୋଚନା

**ସିଡ୍‌ନୀ, ୧୧ (ପି.ଟି)**

ଟେଷ୍ଟ କ୍ରିକେଟ ଅପେକ୍ଷା ଟି୨୦ ଲିଗ୍‌କୁ ପ୍ରାଧାନ୍ୟ ଦେଉଥିବା କାରଣରୁ ଦକ୍ଷିଣ ଆଫ୍ରିକା କ୍ରିକେଟ ବୋର୍ଡ(ସିଏସ୍‌ଏ)କୁ ସମାଲୋଚନା କରିଛନ୍ତି ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ ଷ୍ଟିଭ୍ ୱ। ଦକ୍ଷିଣ ଆଫ୍ରିକାରେ ଟି୨୦ ଲିଗ୍ କାରଣରୁ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ପାଇଁ ଦ୍ୱିତୀୟ ପସନ୍ଦର ଦଳ ପଠାଉଛି ଦକ୍ଷିଣ ଆଫ୍ରିକା। ଏହି ଦଳର ଜଣେ ବି ଖେଳାଳି ଟେଷ୍ଟ ମ୍ୟାଚ୍ ଖେଳି ନ ଥିବା ବେଳେ ଅଧିନାୟକ ପ୍ରଥମ ଥର ଅନ୍ତର୍ଜାତୀୟ ପଦାର୍ପଣ କରିବେ। ଆଇସିସି ଏପରି ଘଟଣାକୁ ନେଇ କୌଣସି ପ୍ରତିକ୍ରିୟା ପ୍ରକାଶ ନ କରିବା ମଧ୍ୟ ଚିନ୍ତାଜନକ ବୋଲି କହିଛନ୍ତି ୱ।







# ଏଆଇୟୁ ତାଲିକାରେ କିଶୋର ଜେନା

**ନୂଆଦିଲ୍ଲୀ, ୧୧ (ପି.ଟି.)**

ଏସିଆନ ଗେମ୍ସ ରୌପ୍ୟ ବିଜେତା ଜାଭେଲିନ୍ ଥ୍ରୋୟର କିଶୋର ଜେନା ଓ ଡି. ପି. ମନୁ ଗ୍ଲୋବାଲ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଣ୍ଟି-ଡୋପିଙ୍ଗ ୱାଚ୍‌ଡଗ୍ ଏଆଇୟୁ (ଆଥ୍‌ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍)ର ରେଜିଷ୍ଟର୍ଡ ଟେଷ୍ଟିଂ ପୁଲ୍ (ଆରଟିପି)ରେ ଅଲିମ୍ପିକ ଚାମ୍ପିୟନ ନୀରଜ ଚୋପ୍ରାଙ୍କ ସହ ଯୋଗଦେଇଛନ୍ତି। ଚୋପ୍ରା ହେଉଛନ୍ତି ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ଏବଂ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା। ସେ କିଛି ସମୟ ହେଲା ଆରଟିଏଫ୍‌ରେ ସ୍ଥାନ ପାଇଛନ୍ତି। ଏହି ତାଲିକାରେ ବର୍ତ୍ତମାନ ୨୦୨୪ ପ୍ରଥମ କ୍ୱାର୍ଟର ପାଇଁ ନୂତନ ଭାବେ ଜେନା ଓ ମନୁଙ୍କ ନାମ ସ୍ଥାନ ପାଇଛି। ବିଶ୍ୱ ମଞ୍ଚରେ ଭାରତୀୟ ଜାଭେଲିନ୍ ଥ୍ରୋୟରଙ୍କ ଅଭ୍ୟୁଥାନ ସୂଚାଇ ଦେଉଛି। ହଙ୍ଗେରୀର ବୁଦାପେଷ୍ଟଠାରେ ଅନୁଷ୍ଠିତ ୨୦୨୩ ବିଶ୍ୱ ଚାମ୍ପିୟନଶିପ୍‌ରେ ଚୋପ୍ରା ସ୍ୱର୍ଣ୍ଣ ଜିତିଥିବା ବେଳେ ଜେନା ୫ମ ଏବଂ ମନୁ ୬ଷ୍ଠ ସ୍ଥାନରେ ରହିଥିଲେ। ୨୦୨୩ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଜାଭେଲିନ୍ ଥ୍ରୋ ଫାଇନାଲରେ ଶ୍ରେଷ୍ଠ ୬ଜଣଙ୍କ ମଧ୍ୟରେ ଭାରତର ୩ଜଣ ରହିଥିଲେ, ଯାହା କି ଏକ ରେକର୍ଡ। ବର୍ତ୍ତମାନ ଏଆଇୟୁର ଆରଟିପି ତାଲିକାରେ ୭ ଭାରତୀୟ ରହିଛନ୍ତି। ଅନ୍ୟମାନେ ହେଲେ ଷ୍ଟାର ଷ୍ଟିପଲଚେଜର ଅଭିନାଶ ସାବ୍‌ଲେ, ମହିଳା ଜାଭେଲିନ ଥ୍ରୋୟର ଅନୁ ରାଣୀ ଏବଂ ଲଙ୍ଗ ଜମ୍ପର ମୁରଲୀ ଶ୍ରୀଶଙ୍କର ଓ ଜେସ୍ୱୀନ ଆଲଡ୍ରିନ୍। ଆରଟିପି ତାଲିକାରେ ସ୍ଥାନ ପାଇଥିବା ଆଥ୍‌ଲେଟମାନଙ୍କୁ ପ୍ରତି ୩ ମାସରେ ଥରେ ସେମାନେ କେଉଁଠାରେ ଅଛନ୍ତି ତାହାର ଠିକଣା ଦେବାକୁ ପଡ଼ିଥାଏ। ଏଥିରେ ସେମାନଙ୍କ ରହଣି ସ୍ଥାନ ସହ, ଇମେଲ ଠିକଣା, ଫୋନ୍ ନମ୍ବର, ପ୍ରତିଯୋଗିତା କାର୍ଯ୍ୟସୂଚୀ ଓ ଟ୍ରେନିଂ ସ୍ଥାନ ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବାକୁ ହୋଇଥାଏ। ଆଥ୍‌ଲେଟମାନଙ୍କୁ ଆହୁରି ମଧ୍ୟ ଆବଶ୍ୟକ ଅନୁସାରେ ପ୍ରତି ଦିନ ଡୋପ୍ ଟେଷ୍ଟ ପାଇଁ କେଉଁଠାରେ ୬୦ ମିନିଟ ସମୟ ଦେଇପାରିବେ ତାହା ଲେଖି ଜଣାଇବାକୁ ପଡ଼ିବ। ପୂର୍ବରୁ ଦେଇଥିବା ସୂଚନା ଅନୁସାରେ ସେ ଯଦି ଠିକଣା ସମୟରେ ଉପଲବ୍ଧ ନ ହୁଅନ୍ତି ତେବେ ସେ ଡୋପ୍ ଟେଷ୍ଟକୁ ଏଡ଼ାଇଲେ ବୋଲି ବିଚାର କରାଯିବ। ୧୨ମାସ ମଧ୍ୟରେ ଯଦି ୩ ଥର ଏପରି ଘଟେ ତେବେ ଆଥ୍‌ଲେଟ ଜଣକ ଆଣ୍ଟି-ଡୋପିଙ୍ଗ ନିୟମ ଉଲ୍ଲଂଘନ କରିଛନ୍ତି ବୋଲି ମନେକରାଯିବ। ଏଥିପାଇଁ ତାଙ୍କୁ ୨ ବର୍ଷ ସସ୍‌ପେଣ୍ଡ ହେବାକୁ ପଡ଼ିପାରେ।













ଜାତୀୟ ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଆରମ୍ଭ ପୂର୍ବରୁ କଳିଙ୍ଗ ଷ୍ଟାଡିୟମର ଜିମ୍ନାଷ୍ଟିକ୍ସ ସେଣ୍ଟରରେ ସୋମବାର ଦୁଇ ପ୍ରତିଯୋଗୀ ଅଭ୍ୟାସ କରୁଛନ୍ତି।

# ଜାତୀୟ ଟୁର୍ନାମେଣ୍ଟ ହେବ: ସଞ୍ଜୟ

**ନୂଆଦିଲ୍ଲୀ, ୧।୧ (ପି.ଟି)**

ଭାରତୀୟ ରେସ୍‌ଲିଂ ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ସଞ୍ଜୟ ସିଂ ଜାତୀୟ ଟୁର୍ନାମେଣ୍ଟ ଆୟୋଜନ କରିବା ନେଇ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏଭଳି ନିଷ୍ପତ୍ତି ଫଳରେ ଡବ୍ଲ୍ୟୁଏଫ୍‌ଆଇର ଭବିଷ୍ୟତ ବର୍ତ୍ତମାନ ସଙ୍କଟ ମଧ୍ୟରେ ନଜର ଆସିଛି। ସେ କ୍ରୀଡା ମନ୍ତ୍ରାଳୟ ଓ ଆଡ୍ ହକ୍ ପ୍ୟାନେଲକୁ ମାନୁ ନାହାନ୍ତି ବୋଲି ସୋମବାର କହିବା ସହିତ ଜାତୀୟ ଚାମ୍ପିୟନଶିପ୍ ଆୟୋଜନ କରିବେ ବୋଲି କହିଛନ୍ତି। ଏହା ସହ କ୍ରୀଡା ମନ୍ତ୍ରାଳୟ ପକ୍ଷରୁ ଲାଗୁ କରାଯାଇଥିବା ବାସନ୍ଦାଦେଶକୁ ମଧ୍ୟ ସେ ମାନୁ ନ ଥିବା କହିଛନ୍ତି। ଦୀର୍ଘ ଦିନର ବିବାଦ ପରେ ଡିସେମ୍ବର ୨୧ ତାରିଖରେ ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ହୋଇଥିଲା। ସଭାପତି ନିର୍ବାଚିତ ହେବା ଦିନ ହିଁ ସଞ୍ଜୟ ସିଂ ୧୫ ଓ ୨୦ ବର୍ଷରୁ କମ୍ ଜାତୀୟ ଟୁର୍ନାମେଣ୍ଟ ପାଇଁ ଘୋଷଣା କରିଥିଲେ। ବର୍ଷ ଶେଷ ହେବା ପୂର୍ବରୁ ଗୋଣ୍ଡାସ୍ଥିତ ନନ୍ଦିନୀ ନଗରରେ ଏହି ଟୁର୍ନାମେଣ୍ଟ ପାଇଁ ଏଭଳି ତରବରିଆ ନିଷ୍ପତ୍ତିକୁ ବିରୋଧ କରାଯାଇଥିଲା। ଡବ୍ଲ୍ୟୁଏଫ୍‌ଆଇ ସମ୍ବିଧାନର ଅନୁଚ୍ଛେଦ-୩ ଅନୁସାରେ ଜାତୀୟ ସିନିୟର, ଜୁନିୟର, ସବ୍‌ଜୁନିୟର ଟୁର୍ନାମେଣ୍ଟ ଆୟୋଜନ ସମ୍ପର୍କିତ ନିଷ୍ପତ୍ତି କେବଳ କାର୍ଯ୍ୟକାରୀ କମିଟି ଗ୍ରହଣ କରିଥାଏ। ଏହାକୁ ଉଲ୍ଲଂଘନ କରି ସଞ୍ଜୟ ନିଜେ ଟୁର୍ନାମେଣ୍ଟ ସମ୍ପର୍କରେ ଘୋଷଣା କରିଥିଲେ। ସେହିପରି ଅନ୍ୟୂନ ୧୫ ଦିନ ପୂର୍ବରୁ କାର୍ଯ୍ୟକାରୀ କମିଟିର ବୈଠକରେ ଏହା ପାରିତ ହୋଇଥାଏ। ଜରୁରିକାଳୀନ ପରିସ୍ଥିତି ରହିଥିଲେ ସର୍ବନିମ୍ନ ୭ ଦିନ ପୂର୍ବରୁ ଏହି ନିଷ୍ପତ୍ତିକୁ ପାରିତ କରାଯାଏ। ଉପସ୍ଥିତ ସଦସ୍ୟଙ୍କ ମଧ୍ୟରୁ ଏକ ତୃତୀୟାଂଶ ସମର୍ଥନ ମିଳିବା ପରେ ହିଁ ଏହା ପାରିତ ହୋଇଥାଏ। ସଞ୍ଜୟ ସିଂ ଏକପାଖିଆ ଭାବରେ ଏଭଳି ନିଷ୍ପତ୍ତି ନେଇ ନିଜ ପଦ ମର୍ଯ୍ୟାଦାର ଗରିମା କ୍ଷୁଣ୍ଣ କରିଥିବାରୁ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ତାଙ୍କୁ ଡିସେମ୍ବର ୨୪ ତାରିଖରେ ନିଲମ୍ବନ କରାଯାଇଥିଲା।

**କ୍ରୀଡା ମନ୍ତ୍ରାଳୟ ଓ ଆଡ୍‌ହକ୍ ପ୍ୟାନେଲକୁ ଜାଣିନୁ**

ପରେ କ୍ରୀଡା ମନ୍ତ୍ରାଳୟର ଅନୁରୋଧ କ୍ରମେ ଭାରତୀୟ ଅଲିମ୍ପିକ୍ସ ମହାସଂଘ(ଆଇଓଏ) ପକ୍ଷରୁ ଏକ ୩ ଜଣିଆ ଆଡ ହକ୍ କମିଟି ଗଠନ କରାଯାଇଥିଲା। ଭୂପିନ୍ଦର ସିଂ ବାଜୱାଙ୍କ ସମେତ ହକି ଅଲିମ୍ପିଆନ୍ ଏମ୍ ଏମ୍ ସୋମାୟା ଓ ଓ ମଞ୍ଜୁଷା କଓ୍ୱଁର ଏହି ପ୍ୟାନେଲର ସଦସ୍ୟ ରହିଥିଲେ। ଆଡ୍ ହକ୍ ପ୍ୟାନେଲ ଫେବୃୟାରୀ ୨-୫ ମଧ୍ୟରେ କେବଳ ଜାତୀୟ ଚାମ୍ପିୟନଶିପ୍ ଆୟୋଜନ କରିବା ନେଇ ମଧ୍ୟ ଘୋଷଣା କରିଥିଲା। ତେବେ ଏହି ପ୍ୟାନେଲକୁ କାର୍ଯ୍ୟଭାର ହସ୍ତାନ୍ତର କରିବେ ନାହିଁ ବୋଲି ସଞ୍ଜୟ ସିଂ ସୋମବାର ଘୋଷଣା କରିଛନ୍ତି। ଆମେ ନିର୍ବାଚିତ ହୋଇ ଆସିଛୁ। ଏପରିକି ରିଟର୍ଣ୍ଣିଂ ଅଫିସର ସମସ୍ତ କାଗଜ ପତ୍ର ସ୍ୱାକ୍ଷର କରିଛନ୍ତି। ଆମ ଫେଡେରେଶନ କାର୍ଯ୍ୟ ସୁରଖୁରୁରେ ଚାଲିଥିବା ବେଳେ କୌଣସି ପ୍ୟାନେଲକୁ ଆମେ ଗ୍ରହଣ କରିବୁ ନାହିଁ। ଖୁବ୍ ଶୀଘ୍ର ଆମେ କାର୍ଯ୍ୟନିର୍ବାହୀ ପରିଷଦର ବୈଠକ ଡକାଯାଇଥିବା ବେଳେ ଆମେ ଆଗୁଆ ଜାତୀୟ ଟୁର୍ନାମେଣ୍ଟ ଆୟୋଜନ କରିବୁ। କ୍ରୀଡା ମନ୍ତ୍ରାଳୟର ବାସନ୍ଦାଦେଶ ଉପରେ ଆମେ ଜବାବ ରଖି ସାରିଛୁ। ଏହା ଉପରେ ସେମାନଙ୍କ ଉତ୍ତର ଏଯାଏ ମିଳି ପାରି ନାହିଁ। ଯଦି କ୍ରୀଡା ମନ୍ତ୍ରାଳୟ ଆମକୁ ଉତ୍ତର ଦେବା ଯଥାର୍ଥ ମନେ କରୁନି ତେବେ ଆମ ମହସଂଘ ମଧ୍ୟ ଏହି ବାସନ୍ଦାଦେଶକୁ ମାନିବ ନାହିଁ ବୋଲି କହିଛନ୍ତି ସଞ୍ଜୟ।

# ଦିନିକିଆରୁ ୱାର୍ନରଙ୍କ ଅବସର

**ସିଡ୍‌ନୀ, ୧।୧ (ପି.ଟି)**

ସିଡ୍‌ନୀରେ ପାକିସ୍ତାନ ବିପକ୍ଷ ତୃତୀୟ ଟେଷ୍ଟ ମ୍ୟାଚ୍ ପୂର୍ବରୁ ଦିନିକିଆ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି ଓପନର ଡେଭିଡ୍ ୱାର୍ନର। ତେବେ ଆଗାମୀ ଦିନରେ ସେ ଅଷ୍ଟ୍ରେଲିଆ ପାଇଁ ଟି୨୦ ଖେଳିବା ଜାରି ରଖିବେ ବୋଲି ଘୋଷଣା କରିଛନ୍ତି। ଏହା ସହିତ ଯଦି ଠିକ୍ ନିଷ୍ପତ୍ତି ବୋଲି ଖବରଦାତା ସମ୍ମିଳନୀରେ ପ୍ରକାଶ କରିଥିଲେ ୱାର୍ନର। ୨୦୨୫ରେ ଚାମ୍ପିୟନ୍ସ ଟ୍ରଫି ରହିଛି। ୨ ବର୍ଷର ସମୟ ମଧ୍ୟରେ ଯଦି ମୋର ଫର୍ମ ଠିକ୍ ରୁହେ ଓ ଜାତୀୟ ଦଳର ଆବଶ୍ୟକତା ରୁହେ ତେବେ ପ୍ରତ୍ୟାବର୍ତ୍ତନ ପାଇଁ ଚେଷ୍ଟା କରିବି। ୨୦୦୯ରେ ପଦାର୍ପଣ କରିଥିବା ୱାର୍ନର ଅଷ୍ଟ୍ରେଲିଆ ପାଇଁ




ପରିବାର ସହ ଡେଭିଡ୍ ୱାର୍ନର।

ମ୍ୟାନେଜମେଣ୍ଟ ଆବଶ୍ୟକ କରିବ ତେବେ ସେ ୨୦୨୫ ଚାମ୍ପିୟନ୍ସ ଟ୍ରଫି ପାଇଁ ଉପଲବ୍ଧ ରହିବେ ବୋଲି ମଧ୍ୟ କହିଛନ୍ତି। ଭାରତରେ ଖେଳାଯାଇଥିବା ଦିନିକିଆ କ୍ରିକେଟ ବିଶ୍ୱକପ ଫାଇନାଲ ତାଙ୍କ ଦିନିକିଆ କ୍ୟାରିୟରର ଅନ୍ତିମ ମ୍ୟାଚ୍ ଥିଲା ବୋଲି ମଧ୍ୟ ୱାର୍ନର କହିଛନ୍ତି। ବିଶ୍ୱକପ୍ ଜିତିବା ଏକ ବଡ଼ ଉପଲବ୍ଧି ତେଣୁ ଏହା ପରେ ଅବସର ନେବା ୧୬୧ ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ୨୨ ଶତକ ଓ ୩୩ ଅର୍ଦ୍ଧଶତକ ସହିତ ୪୫.୩୦ ଆଭରେଜରେ ସେ ୬୯୩୨ ରନ୍ କରିଛନ୍ତି। ସେ ଅଷ୍ଟ୍ରେଲିଆର ଷଷ୍ଠ ସର୍ବାଧିକ ରନ୍ ସ୍କୋରର ଓ ଦ୍ୱିତୀୟ ସର୍ବାଧିକ ଶତକ ହାସଲକାରୀ ବ୍ୟାଟର ଅଟନ୍ତି। ସେହିପରି ୧୧୧ ଟେଷ୍ଟ ମ୍ୟାଚରୁ ୨୬ ଶତକ ଓ ୩୬ ଅର୍ଦ୍ଧଶତକ ସହିତ ସେ ୮୬୯୫ ରନ୍ କରିଛନ୍ତି।

# କଳିଙ୍ଗରେ ତାରକା ଜିମ୍ନାଷ୍ଟଙ୍କ ସମାଗମ

**ଭୁବନେଶ୍ୱର, ୧।୧ (ତପନ ସ୍ୱାଇଁ)**

ଜାତୀୟ ଜୁନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍‌ର ସଫଳ ସମାପନ ପରେ କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି ଏହାର ସିନିୟର ବର୍ଗ ପ୍ରତିଯୋଗିତା। ଏଥିପାଇଁ ଦେଶର ଅନେକ ତାରକା ଖେଳାଳିଙ୍କ ସମାଗମ ହୋଇଛି କଳିଙ୍ଗ ଷ୍ଟାଡିୟମରେ। ଦେଶର ବିଭିନ୍ନ ଭାଗରୁ ପାଖାପାଖି ୩୦୦ ପ୍ରତିଯୋଗୀ ଏଥିରେ ଭାଗ ନେବାକୁ ଯାଉଛନ୍ତି। ବିଶେଷ କରି ଅଲିମ୍ପିଆନ ପ୍ରଣତି ନାୟକ, ଦୀପା କର୍ମକାର, ଜାତୀୟ ଜିମ୍ନାଷ୍ଟ ଯେଗେଶ୍ୱର ସିଂ, ରାକେଶ ପାତ୍ର, ତପନ ମହାନ୍ତି, ସୈଫ୍ ତାମ୍ବୋଲି, ଗୌରବ କୁମାର ପ୍ରମୁଖ ଆକର୍ଷଣରେ ରହିଛନ୍ତି। ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ, ଜିମ୍ନାଷ୍ଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ ଓ ଯୁବ ବ୍ୟାପାର ବିଭାଗ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମର ଜିମ୍ନାଷ୍ଟିକ୍ସ ସେଣ୍ଟରରେ ହେବାକୁ ଯାଉଛି। ଏହା ୨ରୁ ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

“ଜାତୀୟ ଜୁନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍ ଅତ୍ୟନ୍ତ ସଫଳତାର ସହ ସମ୍ପନ୍ନ ହୋଇଛି। ଆମେ ଏବେ ସିନିୟର ଚାମ୍ପିୟନଶିପ୍ ଆୟୋଜନ କରିବାକୁ ଯାଉଛୁ। ଏହି ପ୍ରତିଯୋଗିତାରେ ଦୀପା, ପ୍ରଣତିଙ୍କ ସମେତ ଅନେକ ଜାତୀୟ ସ୍ତରୀୟ ଜିମ୍ନାଷ୍ଟଙ୍କୁ ଆକ୍ସନରେ ଦେଖିବାକୁ ମିଳିବ। ତେଣୁ ପ୍ରତିଯୋଗିତା ନିଶ୍ଚିତ ରୋମାଞ୍ଚକ ହେବ” ବୋଲି ଓଡ଼ିଶା

**ଆଜିଠୁ ଜାତୀୟ ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ**

ଏଏମ୍/ଏନ୍ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର ମୁଖ୍ୟ କୋଚ୍ ଅଶୋକ ମିଶ୍ର ପ୍ରକାଶ କରିଛନ୍ତି। ଭାରତର ତାରକା ଜିମ୍ନାଷ୍ଟ ଦୀପା କର୍ମକାରଙ୍କ କୋଚ୍ ବିଶ୍ୱେଶ୍ୱର ନନ୍ଦି ମଧ୍ୟ ଆଗାମୀ ପ୍ରତିଯୋଗିତାକୁ ନେଇ ଖୁବ୍ ଖୁସି ଜାହିର କରିଛନ୍ତି। “ଏଠାକୁ ପୁନର୍ବାର ଆସି ବହୁତ ଖୁସି ଲାଗୁଛି। ଏଠାକାର ଭିତ୍ତିଭୂମୀ ଅଲିମ୍ପିକ୍ ଷ୍ଟାଣ୍ଡାର୍ଡର। ଦୀପା ପାଖାପାଖି ୮ ବର୍ଷ ପରେ ଜାତୀୟ ଚାମ୍ପିୟନଶିପ୍‌ରେ ଭାଗ ନେଉଛନ୍ତି। ଏଠାରେ ପ୍ରଣତି ନାୟକ, ପ୍ରଣତି ଦାସ, ଅରୁଣ ରେଡ୍ଡୀ ଏବଂ ଅନ୍ୟ କେତେକ ନାମୀ ଜିମ୍ନାଷ୍ଟ ଭାଗ ନେଉଛନ୍ତି। ଜୁନିୟର ଚାମ୍ପିୟନଶିପ୍‌ରେ ମଧ୍ୟ ପିଲାମାନେ ବହୁତ ଭଲ ପ୍ରଦର୍ଶନ କରିଥିଲେ। ତେଣୁ ଆସନ୍ତା ୨ ବର୍ଷ ମଧ୍ୟରେ ଏସିଆନ ଗେମ୍ସ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଅଲିମ୍ପିକ୍ସ ପାଇଁ ଭାରତର ଏକ ଶକ୍ତିଶାଳୀ ପ୍ରତିନିଧି ଦଳ ପ୍ରସ୍ତୁତ ହୋଇ ସାରିଥିବା ନେଇ ଆଶା ରହିଛି” ବୋଲି ବିଶ୍ୱେଶ୍ୱର କହିଛନ୍ତି। ଓଡ଼ିଶା ଏଚ୍‌ପିସିରେ ଟ୍ରେନିଂ ନେଉଥିବା ପ୍ରଣତି ନାୟକ ଆଗାମୀ ପ୍ରତିଯୋଗିତାକୁ ନେଇ ଖୁବ୍ ଉତ୍ସାହିତ ଅଛନ୍ତି। “ମୁଁ ଭାରତୀୟ ରେଲୱେରୁ ପ୍ରତିନିଧିତ୍ୱ କରିବାକୁ ଯାଉଛି। ମୁଁ ଯେଉଁଠାରେ ଟ୍ରେନିଂ ନେଉଛି ସେଠାରେ ପ୍ରତିଯୋଗିତା ହେବାକୁ ଯାଉଥିବାରୁ ନିଜର ପ୍ରଦର୍ଶନକୁ ନେଇ ବେଶ୍ ଆଶାବାଦୀ ଅଛି” ବୋଲି ପ୍ରଣତି କହିଛନ୍ତି।

# ସ୍ପୋର୍ଟ୍ସ ଓଡ଼ିଶା ଚାମ୍ପିୟନ

**ଭୁବନେଶ୍ୱର, ୧।୧ (ତପନ ସ୍ୱାଇଁ)**

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କିଟ୍ ଇନ୍‌ଡୋର ଷ୍ଟାଡିୟମରେ ୮ ଦଳକୁ ନେଇ ଅନୁଷ୍ଠିତ କ୍ଲବ ଫୁଟ୍‌ସାଲ ଚାମ୍ପିୟନଶିପ୍‌ରେ ସ୍ପୋର୍ଟ୍ସ ଓଡ଼ିଶା ଚାମ୍ପିୟନ ହୋଇଛି। ସୋମବାର ଅନୁଷ୍ଠିତ ଫାଇନାଲରେ ସ୍ପୋର୍ଟ୍ସ ଓଡ଼ିଶା ୫-୪ ଗୋଲରେ ଓଜିପି କ୍ଲବକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ ୨-୨ ଗୋଲରେ ଡ୍ର ରହିଥିଲା। ଫୁଟ୍‌ସାଲ ନିୟମ ଅନୁସାରେ ଫଳାଫଳ ନିର୍ଣ୍ଣୟ ପାଇଁ



ଅତିରିକ୍ତ ୧୦ ମିନିଟର ଖେଳ ହୋଇଥିଲା। ଏଥିରେ ସ୍ପୋର୍ଟ୍ସ ଓଡ଼ିଶା ୩ଟି ଓ ଓଜିପି କ୍ଲବ ୨ଟି ଗୋଲ ଦେଇଥିଲା। ପୂର୍ବରୁ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଓଜିପି କ୍ଲବ ୮-୦ରେ ବିଡାନାସୀ କ୍ଲବକୁ ଏବଂ ଦ୍ୱିତୀୟ ସେମିରେ ସ୍ପୋର୍ଟ୍ସ ଓଡ଼ିଶା ୧୦-୬ରେ ଜୁନିୟର ଗାଲାଣ୍ଟ କ୍ଲବକୁ ହରାଇ ଦେଇଥିଲା। ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ନିକଟ ଭବିଷ୍ୟତରେ ଅନୁଷ୍ଠିତ ହେବ।

# ପ୍ରୀତିଙ୍କ ବିଶ୍ୱ ରେକର୍ଡ

**ଲଣ୍ଡନ, ୧।୧ (ପି.ଟି.):** ପୋଲାର ପ୍ରୀତ ରୂପେ ପରିଚିତ ବ୍ରିଟିଶ ଶିଖ୍ ଆର୍ମି ଅଫିସର ଓ ଫିଜିଓଥେରାପିଷ୍ଟ କ୍ୟାପଟେନ ହରପ୍ରୀତ ଚାନ୍ଦି ତାଙ୍କ ଆଣ୍ଟାର୍କଟିକ୍ ଅଭିଯାନ ପାଇଁ ନୂଆ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ସେ ବିଶ୍ୱର ଦ୍ରୁତତମ ମହିଳା ହିସାବରେ ଏକ ସୋଲୋ ସାଉଥ ପୋଲ୍ ସ୍କି ଅଭିଯାନ ଶେଷ କରି ଏହି କୀର୍ତ୍ତିମାନ ଅର୍ଜନ କରିଛନ୍ତି। ଏହି ୩୩ ବର୍ଷୀୟା ତାଙ୍କର ୧,୧୩୦ କିଲୋମିଟର ବିଶିଷ୍ଟ ଅଭିଯାନକୁ ମାତ୍ର ୩୧ ଦିନ ,୧୩ ଘଣ୍ଟା ୧୯ ମିନିଟ୍‌ରେ ଶେଷ କରିଥିଲେ। ତାଙ୍କର ଦୈନିକ ସ୍କିଂ ପ୍ରାୟ ୧୨ରୁ ୧୩ ଘଣ୍ଟା ରହିଥିଲା।

# ମା’ ହେବେ କ୍ୱିଟୋଭା

**ପ୍ରେଗ୍, ୧।୧ (ଏପି)**

ଦୁଇଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ପେଟ୍ରା କ୍ୱିଟୋଭା ପ୍ରଥମ ସନ୍ତାନର ମା’ ହେବାକୁ ଯାଉଛନ୍ତି ବୋଲି ବର୍ଷ ଆରମ୍ଭରେ ଘୋଷଣା କରିଛନ୍ତି। ସୋସିଆଲ ମିଡିଆରେ ଚେକ୍ ରିପବ୍ଲିକର ଏହି ଖେଳାଳି ଓ ତାଙ୍କ ସ୍ୱାମୀ ନୂଆ ବର୍ଷ ଅଭିନନ୍ଦନ ଜଣାଇବା ସହ ଏହି ଖବରକୁ ଶେୟାର କରିଛନ୍ତି। ତାଙ୍କ ପରିବାର ଗ୍ରୀଷ୍ମଋତୁରେ ନୂଆ ସନ୍ତାନକୁ ସ୍ୱାଗତ କରିବେ ବୋଲି କହିଛନ୍ତି। କ୍ୱିଟୋଭା ୨୦୨୩ ଜୁଲାଇରେ ତାଙ୍କ ଦୀର୍ଘଦିନର କୋଚ୍ ଜିରି ଭାନେକଙ୍କୁ ବିବାହ କରିଥିଲେ। ୩୩ ବର୍ଷୀୟା ଟେନିସ ଷ୍ଟାର ୨୦୧୧ ଓ ୨୦୧୪ରେ ୱିମ୍ବେଲଡନ ଜିତିଛନ୍ତି। ବର୍ତ୍ତମାନ ର୍‍ୟାଙ୍କିଙ୍ଗ ତାଲିକାରେ ସେ ୧୭ତମ ସ୍ଥାନରେ ଅଛନ୍ତି। ଡିସେମ୍ବର ପ୍ରଥମ ଭାଗରେ ଅଷ୍ଟ୍ରେଲିଆନ ଓପନ ଏଣ୍ଟ୍ରି




ସ୍ୱାମୀ ଜିରି ଭାନେକଙ୍କ ସହ ପେଟ୍ରା କ୍ୱିଟୋଭା।

ଲିଷ୍ଟରେ କ୍ୱିଟୋଭାଙ୍କ ନାମ ସ୍ଥାନ ପାଇଥିଲା। ତେବେ ଜାନୁୟାରୀ ୧୪ରୁ ଆରମ୍ଭ ହେବାକୁଥିବା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ସେ ଭାଗ ନେବେ କି ନା ତାହା ସ୍ପଷ୍ଟ ହୋଇନାହିଁ।

# ତନ୍ମୟୀ, ଆଶୀର୍ବାଦ ଶ୍ରେଷ୍ଠ ଉଦୀୟମାନ ଖେଳାଳି

**ଭୁବନେଶ୍ୱର, ୧।୧ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନର ବାର୍ଷିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କଟକର ବାରବାଟୀ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି, ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜା, ବିଧାୟକ ରାଜେନ୍ଦ୍ର କୁମାର ସାହୁ, କଟକ ଡିସିପି ପିନାକ ମିଶ୍ର ଓ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଓସିଏ ଉପସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ତନ୍ମୟୀ ବେହେରା ଓ ଆଶୀର୍ବାଦ ସ୍ୱାଇଁଙ୍କୁ ଯଥାକ୍ରମେ ମହିଳା ଓ ପୁରୁଷ ବିଭାଗରେ ଶ୍ରେଷ୍ଠ ଉଦୀୟମାନ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ତନ୍ମୟୀ ଅନୁପସ୍ଥିତ ଥିବାରୁ ତାଙ୍କ ବାପା ପୁରସ୍କାର ଗ୍ରହଣ କରିଥିଲେ। ସ୍ୱର୍ଗତ ପି.ଭି.ଆର. ମୂର୍ତ୍ତିଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଛି। ତାଙ୍କ ନାତି ପି. ବିକ୍ରମ ପୁରସ୍କାର ଗ୍ରହଣ କରିଥିଲେ। ସେହିପରି କ୍ରିକେଟ ଗୁରୁ ପୁରସ୍କାର ପାଇଥିଲେ ସ୍ୱର୍ଗତ କମଳ ଗାଙ୍ଗୁଲି। ଶହୀଦ ସ୍ପୋର୍ଟିଂ କ୍ଲବ କୋଷାଧ୍ୟକ୍ଷ ନିକୁଞ୍ଜ ମହାନ୍ତି ଏହି ପୁରସ୍କାର ନେଇଥିଲେ। ଏହି ଅବସରରେ ଓସିଏ କ୍ଲବ ଫେଷ୍ଟର ବିଭିନ୍ନ କାର୍ଯ୍ୟକ୍ରମ ଓ ଇଭେଣ୍ଟର ବିଜେତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

**ଓସିଏର ବାର୍ଷିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ**



ଆଶୀର୍ବାଦ ସ୍ୱାଇଁଙ୍କୁ ଅତିଥିମାନେ ଶ୍ରେଷ୍ଠ ଉଦୀୟମାନ ଖେଳାଳି ପୁରସ୍କାର ପ୍ରଦାନ କରୁଛନ୍ତି।

# ଗୁଜରାଟର ପ୍ରଥମ ପରାଜୟ

**ଭୁବନେଶ୍ୱର, ୧।୧ (ସରୋଜ ଜେନା)**

**ଅଲ୍‌ଟିମେଟ୍ ଖୋ ଖୋ ଲିଗ୍**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଅଲ୍‌ଟିମେଟ୍ ଖୋ ଖୋ ଲିଗ୍‌ର ଦ୍ୱିତୀୟ ସିଜନରେ ପ୍ରଥମ ପରାଜୟ ବରଣ କରିଛି ଗୁଜରାଟ ଜାଏଣ୍ଟ୍ସ। ଚେନ୍ନାଇ କୁଇକ୍ ଗନ୍ସ ପକ୍ଷରୁ ରାମଜୀ କଶ୍ୟପ ଚମତ୍କାର ପ୍ରଦର୍ଶନ କରିଥିବା ବେଳେ ଦଳ ଗୁଜରାଟକୁ ୩୫-୨୯ରେ ପରାସ୍ତ କରିଛି। ରାମଜୀ ଆଟାକ୍ କରି ୧୦ ପଏଣ୍ଟ ଅର୍ଜନ କରିଥିବା ବେଳେ ଡିଫେଣ୍ଡ କରି ୪ ମିନିଟରୁ ଅଧିକ ସମୟ ମ୍ୟାଟ ଉପରେ ବିତାଇଥିଲେ। ଏହ ମଧ୍ୟରେ ସେ ଡ୍ରିମ୍ ରନ୍ ପୂରଣ କରି ଏକ ବୋନସ ପଏଣ୍ଟ ମଧ୍ୟ ହାତେଇଥିଲେ। ପ୍ରଥମ ଟର୍ନରେ ଗୁଜରାଟ ୧୪ ପଏଣ୍ଟ ଅର୍ଜନ କରିଥିଲା। ଚେନ୍ନାଇ ଦୁଇଟି ଡ୍ରିମ୍ ରନ୍ ସହ ୨ ପଏଣ୍ଟ ଅର୍ଜନ କରିଥିଲା। ତେବେ ଚେନ୍ନାଇ ନିଜ ଆଟାକ୍‌ରେ ମାତ୍ର ୮ ପଏଣ୍ଟ ଅର୍ଜନ କରିଥିବା ବେଳେ ଗୁଜରାଟ ୩ ଡ୍ରିମ୍ ରନ୍ ସମ୍ପୂର୍ଣ୍ଣ କରିଥିଲା। ପ୍ରଥମାର୍ଦ୍ଧ ସୁଦ୍ଧା ଗୁଜରାଟ ୯ ପଏଣ୍ଟରେ ଆଗୁଆ ରହିଥିଲା। ତୃତୀୟ ଟର୍ନରେ ରାମଜୀ କଶ୍ୟପ ଚମତ୍କାର ପ୍ରଦର୍ଶନ କରିଥିଲେ। ୫ ଡ୍ରିମ୍ ରନ୍ ଓ ବୋନସ ପଏଣ୍ଟ ହାସଲ କରିବା ସହିତ ସେ ଗୁଜରାଟକୁ ମାତ୍ର ୧୨ ପଏଣ୍ଟ ସ୍କୋର କରିବାକୁ ଦେଇଥିଲ। ଅନ୍ତିମ ଟର୍ନରେ ବିଜୟ ପାଇଁ ୧୬ ପଏଣ୍ଟ ଆବଶ୍ୟକ ଥିବା ବେଳେ ଚେନ୍ନାଇ ୨୦ ପଏଣ୍ଟ ଅର୍ଜନ କରି ବିଜୟୀ ହୋଇଛି। ଏହି ବିଜୟ ସହିତ ଚେନ୍ନାଇ କୁଇକ୍ ଗନ୍ସ ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଛି।



ଗୁଜରାଟ ଜାଏଣ୍ଟ୍ସ ଓ ଚେନ୍ନାଇ କୁଇକ୍ ଗନ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ରୋମାଞ୍ଚକ ମୁହୂର୍ତ୍ତ।

## ଯୋଦ୍ଧାସ୍‌ର ଚତୁର୍ଥ ବିଜୟ

ଅଲ୍‌ଟିମେଟ୍ ଖୋ ଖୋ ଲିଗ୍‌ରେ ସୋମବାର ନିଜର ଚତୁର୍ଥ ବିଜୟ ହାସଲ କରିଛି ତେଲୁଗୁ ଯୋଦ୍ଧାସ। ସୋମବାର ସନ୍ଧ୍ୟାର ଦ୍ୱିତୀୟ ମ୍ୟାଚ୍‌ରେ ଦଳ ରାଜସ୍ଥାନ ୱାରିୟର୍ସଙ୍କୁ ୩୪-୨୭ ପଏଣ୍ଟରେ ପରାସ୍ତ କରିଛି। ଷଷ୍ଠ ମ୍ୟାଚ୍‌ରୁ ଚତୁର୍ଥ ବିଜୟ ସହିତ ତେଲୁଗୁ ଯୋଦ୍ଧାସ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟ ପକ୍ଷରେ ରାଜସ୍ଥାନ ଏହାର ପଏଣ୍ଟ ଖାତା ଖୋଲିବାରେ ସମର୍ଥ ହୋଇନାହିଁ। ତେଲୁଗୁ ଯୋଦ୍ଧାସ ପକ୍ଷରୁ ପ୍ରତୀକ ୱାଇକାର ଆଟାକ୍‌ରେ ୮ ପଏଣ୍ଟ ଅର୍ଜନ କରିଥିବା ବେଳେ ଆଦିତ୍ୟ ଗଣପୁଲେ ୨.୪୮ ସେକେଣ୍ଡର ଡିଫେଣ୍ଡ କରିଥିଲେ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ